

ରାମପ୍ରସାଦ ସିଂହ

# କଲ୍ଲୋଳ



# କଲ୍ଲୋଳ

(ଗଳ୍ପ ସମାହାର)

ରାମପ୍ରସାଦ ସିଂହ

ଓଡ଼ିଶା ବୁକ୍ ଷ୍ଟୋର

# କଲ୍ଲୋଳ

ଲେଖକ :
ଶ୍ରୀ ରାମପ୍ରସାଦ ସିଂହ
ବରପାଲି
ସମ୍ବଲପୁର

ପ୍ରକାଶକ :
ଗୋବିନ୍ଦ ଚରଣ ପାତ୍ର
**ଓଡ଼ିଶା ବୁକ୍ ଷ୍ଟୋର**
ବିନୋଦବିହାରୀ-କଟକ-୨

ପ୍ରଥମ ପ୍ରକାଶ :
୧୯୮୩

ପ୍ରଚ୍ଛଦ :
ଅସିତ୍ ମୁଖାର୍ଜି

ମୁଦ୍ରଣ :
**ଊର୍ମିଳା ପ୍ରିଣ୍ଟର୍ସ** କଟକ-୨

ମୂଲ୍ୟ : ଷୋହଳ ଟଙ୍କା (ଶୋଭନ ମୂଲ୍ୟ ଅଠର ଟଙ୍କା)

**KALLOLA**
by
Sri Rama prasad Singh

published by
G. C. Patra
**ORISSA BOOK STORE**
Binodbihari, Cuttack-2

First Edition
1983

Printed by
**URMILA PRINTERS**
Cuttack-2

Price Rs.-18/-

# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| ୧। ଜଗୁଆ ମାଆ | ୧ |
| ୨। ଗୁପ୍‌ଚୁପ୍ | ୫ |
| ୩। କବିଙ୍କ ନାତି | ୧୨ |
| ୪। ଶିଉ କୁମାଣ୍ଡ | ୨୨ |
| ୫। ସତ ଆଉ ମିଛ | ୨୮ |
| ୬। ଜଓହର-ଜ୍ୟାକେଟ | ୩୭ |
| ୭। ଅଷ୍ଟାଚର ମୋହ | ୪୭ |
| ୮। ଜାକବ୍ ମହମ୍ମଦ ପ୍ରଶାନ୍ତ ପ୍ରଧାନ | ୫୭ |
| ୯। ୱାଇଫ୍ | ୬୭ |
| ୧୦। ପ୍ରେମ | ୮୧ |
| ୧୧। ଘୋଡ଼ାମାର୍କା ସମାଜବାଦ | ୧୦୫ |
| ୧୨। ଟିକସ ମଉସା | ୧୩୪ |
| ୧୩। ଭିକା ମା | ୧୪୧ |
| ୧୪। ବ୍ରଜଧାମର ରଜପଥ | ୧୪୮ |
| ୧୫। ସ୍ନେହବାଲି | ୧୬୪ |

# ଯତ୍‌କିଂଚିତ

‘କଲ୍ଲୋଳ’ରେ ପନ୍ଦରଟି ଗଳ୍ପ ଦିଆଯାଇଛି । ଏଗୁଡ଼ିକ ୧୯୭୩ ଓ ୧୯୭୯ ମଧ୍ୟରେ ଲିଖିତ । ଏହି ଛଅବର୍ଷ ମଧ୍ୟରେ ଦୁନିଆରେ ବହୁତ କିଛି ବଦଳି ଯାଇଛି । କିନ୍ତୁ ହସ ଓ କାନ୍ଦ ଏ ଦୁଇଟା ବଦଳି ନାହିଁ । ମଣିଷ କାନ୍ଦି କାନ୍ଦି ଜନ୍ମ ହେଉଛି—ଆଉ ବିନା କାରଣରେ କାନ୍ଦି କାନ୍ଦି ମରୁଛି । ୮୦ବର୍ଷ ବୟସରେ ଦେଖୁଛି, ଏ ଦେଶଟା ଉପରେ କ୍ରନ୍ଦନ-ସ୍ରୋତ ମାଡ଼ି-ବସିଛି । ହସିବା ହସାଇବା ପାଇଁ ଟିକିଏ ଫାଙ୍କ ମଧ୍ୟ ଦିଶୁ ନାହିଁ । ଏହାକୁ ଜୀବନର ସଂଘର୍ଷ ବୋଲି କୁହାଯାଉଛି । କିନ୍ତୁ ଏହା ଏକପ୍ରକାର ଆତ୍ମହତ୍ୟା—ଜାତୀୟ ଆତ୍ମହତ୍ୟା । ପରିସ୍ଥିତିଟାକୁ ଟିକିଏ ହାଲୁକା କରିବା ଲକ୍ଷ୍ୟରେ ଏ ଗଳ୍ପଗୁଡ଼ିକ ଉଦ୍ଦିଷ୍ଟ । ସଫଳତା ଓ ବିଫଳତା ସାଧୁବର୍ଗଙ୍କ ବିଚାର୍ଯ୍ୟ ।

ଏ ପାଣ୍ଡୁଲିପି ଖଣ୍ଡିକ ହୁଏତ ବିସ୍ମୃତିର ଅତଳ ଗର୍ଭରେ ବିଲୁପ୍ତ ହୋଇ ଯାଇଥାନ୍ତା; କିନ୍ତୁ ବନ୍ଧୁବର ଶ୍ରୀ ଗୋବିନ୍ଦଚରଣ ପାଢ଼ୀଙ୍କ ଉଦ୍ୟମରେ ଏହା ଲୋକଲୋଚନକୁ ଆସିଛି । ଏଥିପାଇଁ ମୁଁ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି ।

ରାମପ୍ରସାଦ ସିଂହ

ବରପାଲି

ମହାସପ୍ତମୀ ତା ୨୪-୧୦-୮୨

# ଜଗୁଆ ମାଆ

"ଜଗୁଆ ମାଆର ବାଳିଆ ପାଟି ।"

ଆଠ ଦଶବର୍ଷର ଦଳେ ପିଲା ଗାଆଁ ଦାଣ୍ଡରେ ଡେଉଁଛନ୍ତି, ଆଜି ନିର୍ବାଚନ ଆଗରୁ ରାଜନୈତିକ ଦଳର କର୍ମୀମାନେ ଯେପରି ଅଙ୍ଗଭଙ୍ଗୀ କରି ଡେଇଁ, କୁଦି, ହାତମୁଠା ଉପରକୁ ଟେକି, ତର୍ଣ୍ଣି ଫଟା ସ୍ୱରରେ ଧ୍ୱନିମାନ ଦିଅନ୍ତି, ସେମାନେ ସେହି ଢଙ୍ଗରେ ଏହି କଥା ସମବେତ କଣ୍ଠରେ ଡେଇଁ କୁଦି ରଡ଼ି କରୁଛନ୍ତି ।

ଗୋଟିଏ ବୁଢ଼ୀ—ମୁଣ୍ଡର ବାଳ ଝୋଟ ପରି । ମୁହଁରେ ଗୁମୁ ଦାନ୍ତ ଆଠଟା ନାହିଁ, ସେହି ବାଟେ ଗଲା । ତାକୁ ଦେଖି ପିଲାଏ ମାତି ଉଠିଲେ ।

ସେ ନଶର ପସର ହୋଇ ଆଗକୁ ଚାଲିଛି, ପିଲାମାନଙ୍କ ଉଦ୍ଦେଶ୍ୟରେ ମୁହଁରୁ ବାହାରୁଛି—ସାପଖିଆ, ରଇଜଲା, ଗାତପଶା, ବାଡ଼ିଖିଆ । ସମ୍ବୋଧନ ଶ୍ରେଣୀ ଉପରେ ଅଧିକ ଗୁରୁତ୍ୱ ଆରୋପ କରିବା ପାଇଁ ପଛକୁ ଫେରି ପଞ୍ଝ ହାତ ହଲାଇ ଥରେ ଥରେ କହୁଛି— ହାରେ ବାଡ଼ପଡ଼ା, ହାରେ ଅଟଲୁଇଷ, ହାରେ ଗଜାବଯୁସିଆ—ଆଉ ଆଗକୁ ଚାଲିଛି ।

ଜଗୁଆ ମାଆର ବାଳିଆ ପାଟି । ଏହି ଉକ୍ତି ଆଜି ପିଲାମାନେ ରଡ଼ି କରୁଛନ୍ତି । ତିରିଶ ଚାଳିଶ ବର୍ଷ ପୂର୍ବେ ତାଙ୍କର ବାପାମାନେ କହିଥିବେ, ତାଙ୍କ ଗୋସାଇଁ ବାପାମାନେ କହିଥିବେ କି ନା, ତାହା କହିବା ଗବେଷଣା ସାପେକ୍ଷ; କିନ୍ତୁ ଜଗୁଆ ମାଆର ପାଟିଟାକୁ ବାଳିଆ ମାଛର ପାଟି ସହିତ ତୁଳନା କଲେ ସେ ଯେ ଚିଡ଼ିଯାଏ, ତାହା ଆଜି ଯେପରି ସତ୍ୟ, ତିରିଶ ଚାଳିଶ ବର୍ଷ ପୂର୍ବେ ସେହିପରି ସତ୍ୟ ଥିଲା ।

ଗାଆଁ ମୁଣ୍ଡରେ ଥିବା ଦରଭଙ୍ଗା ମନ୍ଦିରଟା ଯେପରି ପ୍ରାଚୀନ, ଗାଆଁ ଭିତରେ ଜଗୁଆ ମାଆ ସେହି ଧରଣର ଗୋଟାଏ ପ୍ରାଚୀନ ଅନୁଷ୍ଠାନ । ସମୟର ସ୍ରୋତରେ ତା'ର ବ୍ୟକ୍ତିତ୍ୱ ବୁଡ଼ି ଯାଇଛି, ରହିଛି କେବଳ ବ୍ୟକ୍ତିତ୍ୱବିହୀନ ନାଆଁଟା—ଜଗୁଆ ମାଆ ।

କୌଣସି କାଳେ ତାର ସ୍ୱାମୀ ବା ଜଗୁଆ ଓରଫ୍ ଜଗନ୍ନାଥ ବୋଲି ପୁଅ ଥିଲା କି ନା, ଏ କଥା ହଲପ୍ କରି କହିବା ଲୋକ ଗାଆଁରେ କେହି ନାହାନ୍ତି । କହିବା ଲୋକ ଥିଲା ରାମ ସାହୁ ଗୁଡ଼ିଆ । ଦୁଇବର୍ଷ ହେବ ସେ ଆରପାରିକୁ ଗଲାଣି ।

ତା'ଠାରୁ ଶୁଣାଯାଇଛି ଯେ, ଜଗୁଆ ମାଆ କୁଆଡ଼େ ନିପଟ କଳହକୁଡ଼ି, ତା ତୁଣ୍ଡ ଜ୍ୱାଳାରେ କୁଆଡ଼େ ତା ପତି ମଲା, ଜଗୁଆ ଘର ଛାଡ଼ି ଯେ ପଳାଇଲା ଆଉ ଫେରିଲା ନାହିଁ ।

ରାମ ସାହୁ କହିବାରୁ ଶୁଣାଯାଇଛି ଯେ. ଜଗୁଆ ମାଆର ଶାଶୁ ଜଗୁଆ ମାଆର ତିନିଗୁଣ । ସେ ତିନିଦିନ ତିନିରାତି ପାଣିପିଇ କଳି କରି ପାରୁଥିଲା । ସେତେବେଳେ ଗୋରାଙ୍କ ଅମଳ । ସାଇକେଲ ଖଣ୍ଡେ ଦେଖିବା ସ୍ୱପ୍ନ, ମଟର ଗାଡ଼ି କଥା ପଚାରେ କିଏ ? ଥାନାବାବୁମାନଙ୍କର ଘୋଡ଼ା ଥିଲା, ସେମାନେ ଘୋଡ଼ାରେ ଚଢ଼ି ଗାଆଁ ଗସ୍ତକୁ ଆସୁଥିଲେ । ମହାଜନ ବାରିରୁ କାନ୍ଦିଏ କଦଳୀ ଚୋରି ହେବାରୁ ସେ ଥାନାରେ ଗୁହାରି କଲା । ତଦନ୍ତ କରିବା ପାଇଁ ଘୋଡ଼ାରେ ଚଢ଼ି ଦାରୋଗା ବାବୁ ଗାଆଁକୁ ଆସି ଜଗୁଆ ମାଆ ଶାଶୁକୁ ଯେମିତି ପଦେ କଅଣ ପଚାରିଛନ୍ତି ବୁଢ଼ୀ ମୁହଁରୁ ଏପରି ବାକ୍ୟବାଣ ସବୁ ବାହାରିଲା ଯେ, ଘୋଡ଼ାଟା ଠକ୍ ପରି ମରିପଡ଼ିଲା ! ଆଉ ଆଠଦିନ ନ ପୂରୁଣୁ ଦାରୋଗା ବାବୁ ଥାନା ଛାଡ଼ି ପଳାଇଲେ ।

ଜଗୁଆ ମାଆର ହୁଏତ କିଛି ଗୋଟାଏ ନାଆଁ ଥିଲା, ଏବେ ତାହା ବିଲୁପ୍ତ । ତିନି ପୁରୁଷ ଧରି ସେ ଗାଆଁର ଏ ମୁଣ୍ଡ ସେ ମୁଣ୍ଡ ଜଗୁଆ ମାଆ ରୂପେ ପରିଚିତ । ସେ ଯେ କେବେ ବାଳିକା ଥିଲା, ଯୁବତୀ ଥିଲା ଏ ଧାରଣା କାହାରି ନ ଥିଲା ।

ଜଗୁଆ ମାଆର ତୁଣ୍ଡଟା ଯେତେ ଖଟା ମନଟା ସେତେ ମିଠା । ଗାଆଁର ଝିଅବୋହୂମାନଙ୍କ ପାଖରେ ସେ ଜଗୁଆ ମାଆ ଆଈ, ତାଙ୍କ

ମାଆ ବା ଶାଶୁଙ୍କ ପାଖରେ ସେ ଜଗୁଆ ମାଆ ମାଉସୀ । କାହାର ଘରେ ଜ୍ୱର ବାଧକା ହେଲେ ଜଗୁଆ ମାଆ ଦିନହିନ ରାତିନରାତି ତାଙ୍କୁ ଜଗି ବସେ । କାହାର କିଛି ସୁବିଧା ଅସୁବିଧା ହେଲେ ସେ ଆଗଭର ହୋଇ ବାହାର ପଡ଼େ । ତା ପାଖରେ ସାନ ବଡ଼ ବିଚାର ନାହିଁ, ତା ଆଗରେ ସମସ୍ତେ ସମାନ—ସମସ୍ତେ ମଣିଷ ।

ବେଳ ବଦଳି ଯାଇଛି । ଗୋରାଙ୍କ ଅମଳ ଯାଇ କଳାଙ୍କ ଅମଳ ଆସିଛି । ଗାଆଁ ପାଖରେ ଗୋଟାଏ ଡାକ୍ତରଖାନା ହୋଇଛି, ଗାଆଁକୁ ଜଣେ ଗ୍ରାମସେବିକା ଆସିଛି । ଏ ସବୁ ତାକୁ ସୁଖ ଲାଗେ ନାହିଁ ।

ତା ରାଗ ବେଶି ଗ୍ରାମସେବିକା ଉପରେ । ତାକୁ ଦେଖିଲେ ତା ପାଟିରୁ ବାହାରି ପଡ଼େ—"ଭୁଣ୍ଡାକୁ ଏତେ, ମୁଣ୍ଡ ନାହିଁ ଗୋଡ଼ କଉଡ଼ୁ କେତେ ?"

ତାକୁ ଦିନେ ବାଟରେ ଦେଖି କହିଲା— 'ହଇଲୋ ଝିଅ, ତୋ ଗାଆଁ କେଉଁଠି, ଗଣ୍ଡା କେଉଁଠି, ଅଜଣା ମଣିଷଙ୍କ ଆଗରେ ରୂପ ଦେଖାଉଛୁ, ଲାଜ ଲାଗୁ ନାହିଁ ?'

ବିଚାରୀ ଗ୍ରାମସେବିକା ହଠାତ୍ ଦାଣ୍ଡରେ ଏପରି ଆକ୍ରମଣର କି ଜବାବ ଦେବ ? କହି ପକାଇଲା—"ମୁଁ ଚାକିରି କରୁଛି ।"

ଜଗୁଆ ମାଆର ସ୍ୱର ଆହୁରି ବଢ଼ିଗଲା, କହିଲା, "ଶୁଣ ହୋ, ମାଇପେ ପୁଣି ଚାକିରି କରିବେ । ନ ଘଟିଲା କଥା ଦେଖ, କଳିଯୁଗ କାଟିଛି ବେକ । ହଇଲୋ ଝିଅ, ତୋତେ ବର ମିଳିଲେ ନାହିଁ ? ନା ବାଛନ୍ଦ ପଡ଼ିଲା ? ହୋଇଥିବ,ନ ହେଲେ ଏଠି ଟୋ-ଟୋ ହୋଇ ମଣିଷଙ୍କ ଭିତରେ ବୁଲୁ, ଥାଆନ୍ତୁ କାହିଁକି ? ତୋ ବାପ ମାଆ ଅଛନ୍ତି ତ ? ତୋ ମାଆ ଏ ପଦକ ଶୁଣି ନାହିଁ କି— "ସ୍ତ୍ରୀ ନାଶଯାଏ ହାଟକୁ ଯାଇ, ପୁରୁଷ ନାଶଯାଏ ଉପାସ ଶୋଇ ।"

ଗ୍ରାମସେବିକା ତ; ହାରି ଗଲେ ଚଳିବ ? ପୁଣି ଗାଆଁ ମଝିଟା, ସମସ୍ତେ ଶୁଣୁଛନ୍ତି । କହିଲା— "ସମସ୍ତ ବଦଳି ଯାଇଛି ।"

ଜଗୁଆ ମାଆର ସ୍ୱର ଆଉ ଟିକଏ ଚଢ଼ିଗଲା, "ହୁଁ, ତୋ' ଠେଇଁ, ଶିଖିଗଲାଏ । ଶୁଣ ହୋ ! ଏ ଟୋକୀ ଟଣ୍ଡକ କହୁଛି, ସମସ୍ତ ବଦଳିଗଲା ।"

ସାବି ମରଣ ଦଶାରେ ପଡ଼ିଛି । ଜଗୁଆ ମାଆ ସେଇଠିକି ଚାଲିଛି । ତାର ବେଳ କାହିଁ ଯେ ଏ ଟୋକାକୁ ଅସଲ ଦି’ ପଦ ଶୁଣାଇବ ?

ସାବି ପଡ଼ିଛି ଘରର ଗୋଟିଏ କଣରେ, ଖଣ୍ଡେ ଛିଣ୍ଡା ମୁନ୍ଦୁରା ଉପରେ । ଛଅମାସ ହେଲା ଜ୍ୱର, କାଶ ଛାଡ଼ୁ ନାହିଁ । ଗାଆଁ ବଇଦ କସ୍ତୁରୀ ବଟିକା ଦେଲେ, କିଛି ହେଲା ନାହିଁ । ଡାକ୍ତର ଆସିଲେ, ଚୁଞ୍ଚି, ଫୋଡ଼ିଲେ, ଔଷଧ ଦେଲେ, କାହିଁରେ କିଛି ହେଲା ନାହିଁ । ସାବିର ପୁଅ ବୋହୂ ରାଉରକେଲାରେ । ଖବର ପାଇଲେ— ମାଆକୁ ଯକ୍ଷ୍ମା । କେହି ଆସିଲେ ନାହିଁ ।

ସାବିର ହାତ ଗୋଡ଼ ଯେତେ ଦିନ ଚଳୁଥିଲା, ସେ ନିଜେ ମୁଠାଏ ଫୁଟାଉଥିଲା, ଖାଉଥିଲା । ଏବେ ସାଇ ପଡ଼ିଶା ଆଶ୍ରା ।

ଜଗୁଆ ମାଆ ନିତି ଆସେ, ଘର ଝାଡ଼ିଦିଏ, ପାଣି ମାଠିଆଏ ରଖି ଦିଏ, ତା’ ଦେହରେ ହାତ ବୁଲାଇ ଦେଇଯାଏ ।

ଜଣେ କହିଲା, “ଆଈ, ସାବି ମାଇଁକୁ ଛୁଆଁ ରୋଗ—ଟି.ବି. ।”

ଜଗୁଆ ମାଆ ଉତ୍ତର ଦେଲା, “ହଉ ଠିପି ରୋଗ ! ମଣିଷ ରୋଗରେ ପଡ଼ିଛି, ତାକୁ ପଚାରିବ ନାହିଁ ? ଭଲ କଥା କହିଲୁ ।”

ବେଳ ରତରତ, ସାବିର ଚେତା ନାହିଁ । ତା’ ପାଇଁ ଜଗୁଆ ମାଆ ଚାରିଅଣାର ଗଜା କାନିରେ ବାନ୍ଧି ଆଣିଛି । କାଳେ ସାବିର ଆଶା ଥିବ ।

ବିଛଣା ପାଖରେ ଯାଇ ଜଗୁଆ ମାଆ ବସିପଡ଼ି କହିଲା,—“ସାବି, ଏ ସାବି ତୋ ପାଇଁ ଗଜା ଆଣିଛି ।”

ସାବି ଆଖି ମେଲାଇ ଚାହିଁଲା, ଦୁଇଟା ହିକା । ସବୁ ଶେଷ ।

ଜଗୁଆ ମାଆ ପାଟିରୁ ବାହାରି ପଡ଼ିଲା, ‘ଚାଲିଗଲା ।’

—*—

# ଗୁପ୍‌ଚୁପ୍

ଗୁପ୍‌ଚୁପ୍—କଥା ନୁହେଁ, ଖାଦ୍ୟ ।

ଜାଣନ୍ତି ? ଶୁଣିଛନ୍ତି ? ବୁଢ଼ା କାଳରେ ନୁହେଁ, ଟୋକା ବୟସରେ ନୁହେଁ—ପିଲା ଦିନେ ? କହିବା ଦରକାର ନାହିଁ ।

ଜାଣି ନାହାନ୍ତି ? ଶୁଣି ନାହାନ୍ତି ? ଦେଖି ନାହାନ୍ତି ? କହୁଛି ।

ହାଇସ୍କୁଲ୍ ଫାଟକ ପାଖ । ଖେଳ ଛୁଟି । ଦୁଇ ତିନିଟା ଗୁପଚୁପଆ ଠେଲା ଗାଡ଼ି ଉପରେ ଥୁଆ । ଗାଡ଼ି ମଝିରେ ଗୋଟାଏ ମାଠିଆ । ତା କଡ଼ରେ ଗୁଡ଼ାଏ ଶାଳପତ୍ର ଦନା । ଆଗରେ ଟୋକେଇଏ ଖଣ୍ଡେ ବେଙ୍ଗ ପେଟ ପରି ଫୁଲା ଫୁଲା ଧଳା ରଙ୍ଗର ଅଖଣ୍ଡ ମଣ୍ଡଳକାର ଜିନିଷ । ଆକାରରେ ଆମର ପୁରୁଣାକାଳିଆ ସଧବା ଆଈମାନେ କପାଳରେ ନାଉଥିବା ଅଭ୍ର ଟିକିଲିଠାରୁ ବଡ଼, ଇଂରେଜ ମହାରାଣୀ ଭାରତେଶ୍ୱରୀଙ୍କ ଅମଳରେ ଯେଉଁ ବେଣୀମାର୍କା ଭରିକିଆ ରୁପା ଟଙ୍କା ଚଳୁଥିଲା, ତହିଁର ଦେଢ଼ୀ ଗୁଣଠାରୁ ଦୁଇଗୁଣ ପର୍ଯ୍ୟନ୍ତ । ତିଆରି କରିବା ଲୋକ ଭେଦରେ ଟିକିଏ ସାନ ବା ଟିକିଏ ବଡ଼ । ଦୁନିଆର ସବୁ କଥା ସେମିତି ସାନ ବଡ଼ । ପାଞ୍ଚ ଅଙ୍ଗୁଠି କଅଣ ସମାନ ?

ଏହାକୁ ଗୁପ୍‌ଚୁପ୍ କୁହାଯାଏ । ମୁଖରୋଚକ ନାଆଁ, ମୁଖରୋଚକ ଜଳପାନ ।

ପୁରୁଣା କଥା ? ନାକ ଟେକୁଛ ? ଏ ଦୁନିଆଟା ତ ପୁରୁଣା, ଆମେ ସମସ୍ତେ ପୁରୁଣା ବା ପୁରୁଣାର ଅଂଶ । ମୁଁ ମୋ ବାପା, ଗୋସେଇଁ ବାପା, ପଣଗୋସେଇଁ ବାପା, ତା ବାପା, ତା ବାପା, ତା ବାପା,—୭ ଲକ୍ଷ ତା ବାପା, ତା ବାପାଙ୍କ ଅଂଶ । ତୁମେ ମଧ୍ୟ ।

ନୂଆ କେଉଁଟା ? ନଆଟାକୁ ନୂଆ କହୁ କହୁ ତ ପୁରୁଣା-ଆଡକୁ ଧାଉଁଛୁ । ଛଅ ମାସର ପିଲା ଆଜ କାଲି ଷାଠିଏ ବର୍ଷର ବୁଢ଼ା । ସମୟର କଣ୍ଟ ମାପ ଅଛୁ ? ଏହା କେଉଁଠି ଆରମ୍ଭ, କେଉଁଠି ଶେଷ ?

ମଣିଷ ଦିନବାର କରିଛି, ତିଥି ନକ୍ଷତ୍ର, ପ୍ରହର ଘଡ଼ି, ଲଗ୍ନ, ବଳନ୍ତା କରିଛି, ଶେଷରେ ଘଡ଼ି ଯନ୍ତ୍ର ତିଆରି କରି କାନ୍ଥରେ ଟାଙ୍ଗୁଛି, ହାତରେ ବାନ୍ଧୁଛି ।

ଗାଈ ତ ତାରିଖ ଦେଖେ ନାହିଁ, ଘଡ଼ି ବାନ୍ଧେ ନାହିଁ । ଗୋଠକୁ ଚରିଯିବା ବେଳେ ପାଞ୍ଚି ପିଟାଇ ଉତ୍ତରରେ ଯୋଗିନୀ କି ପଶ୍ଚିମେ ଯୋଗିନୀ ଦେଖେ ନାହିଁ ।

ପକ୍ଷୀ ତ କେତେ ଘଣ୍ଟା, କେତେ ମିନଟ୍ , କେତେ ସେକେଣ୍ଡରେ ନେଳୀ ଆକାଶରେ ଡେଣା ମେଲାଇ ଉଡ଼ିବ, କେଉଁ ତାରିଖରେ କେଉଁ ଆଡ଼କୁ ଯିବ, ତାହା ଠିକଣା କରେ ନାହିଁ । ସକାଳ ହୁଏ, ମନ ଖୁସିରେ ଗୀତ ଗାଏ, ମନ ଖୁସିରେ ଉଡ଼େ, ଯେଉଁଠି ଯାହା ମିଳେ ଖାଏ; ଦିନର ଆଲୁଅ ଲିଭି ଲିଭି ଆସେ, ବସାକୁ ଫେରି ଆସେ ।

ମଣିଷର ଦିନ ନାହିଁ କି ରାତି ନାହିଁ । ପେଟକୁ ମୁଠାଏ ଦାନା, ପିଠିକୁ ଖଣ୍ଡେ କନା, ମୁଣ୍ଡ ଗୁଞ୍ଜିବା ପାଇଁ ଟିକିଏ ଘର ପାଇଁ ସବୁବେଳେ ଲାଗିଥାଏ ।

ସଭ୍ୟତା ? ନା ଅସଭ୍ୟତା ? ଦର୍ଶନ ? ହଁ । ଦେଖିବା—ପଢ଼ିବା ନୁହେଁ । ଆଖିରେ—ପୋଥିରେ ନୁହେଁ ।

ହଁ, ଗୁପ୍‌ଚୁପ୍ ।

ଅନେକ ଦିନ ଏ ଆଡ଼କୁ ଆସି ନ ଥିଲି । ମୋ ପିଲାଦିନର ପୁରୁଣା ସ୍କୁଲ । ତା ଆଗରେ ଥିବା ପୁରୁଣା ଆମ୍ବ ଗଛ ଦୁଇଟା ଦେଖିବା ପାଇଁ ମନ ହେଲା ।

ବୟସ ହେଲେ ସେମିତି ହୁଏ । ପୁଣି ପିଲାଦିନକୁ ଫେରିଯିବା ପାଇଁ ଚଗଲା ମନଟା ବେଳେ ବେଳେ ଚଞ୍ଚଳ ହୋଇ ଉଠେ । ହଜି ଯାଇଥିବା

ଦିନଗୁଡ଼ାକ ସୁନେଲି ରଙ୍ଗରେ ରଙ୍ଗେଇ ହୋଇଯାଏ । ବେଳେ ବେଳେ ମନ ସେ ଆଡ଼କୁ ଝୁଙ୍କି ହୁଏ । ପୁରୁଣା ଧୂଳିଆ ବାଟ, ପୁରୁଣା ଗଛ, ତା କଡ଼ରେ ପୁରୁଣା କୁଡିଆ ନୂଆ ହୋଇ ହଠେ—ଟାଣେ ।

ହଁ, ଗୁପ୍‌ଚୁପ୍ ।

ବସନ୍ତ । ବେଗ ନୁହେଁ କାଳ ।

ଦୁଇ ପ୍ରହର । ଦୋରସା ଖରା । ବାଟ କଡ଼ରେ ନିମ୍ବ ଗଛ । ସେଥିରେ କଅଁଳିଆ ପତ୍ର, କଡ଼ ଆଉ ଫୁଲ । ଆମ୍ବଗଛ ଦୁଇଟା । ସେଥିରେ ବଉଳ ।

ସ୍କୁଲ୍ ଫାଟକ । ଗଛ ଗୁଳରେ ଦୁଇଟା ଗୁପ୍‌ଚୁପ୍ ଗାଡ଼ି—ସେହି ମାଠିଆ, ସେହି ଗୁପ୍‌ଚୁପ୍ ଗଦା, ସେହି ଦନା । ଗାଡ଼ି ପଛରେ ସେହି ଦୋକାନୀ ।

ଭୁଲ କହିଲି । ସେହିପରି ଦୋକାନୀ ।

ମନ ଭିତରେ ପୁରୁଣା କଥା । ହଜି ଥିବା ଦିନଗୁଡ଼ାକ ଧାଇଁ ଆସୁଛି । ସେହି ରଙ୍ଗ ସେହି ରସ, ସେହି ସ୍ୱାଦ । କେଉଁ ଆଡ଼କୁ ନଜର ନାହିଁ । ନଜର ଦେବାକୁ ବେଳ ନାହିଁ, ଇଚ୍ଛା ନାହିଁ ।

ଗ୍ରୁତଜଣ ପିଲା । ସ୍କୁଲର ବୋଧହୁଏ । ଗୁପ୍‌ଚୁପ୍ ଲୋଭ । କ୍ଲାସ୍‌ରୁ ଖସି ଆସିଛନ୍ତି ।

ହାତରେ ଦନା । ଗୁପ୍‌ଚୁପ୍‌ବାଲା ଦାତା—ପଇସା ବଦଳରେ । ଏମାନେ ଗ୍ରହୀତା—ପଇସା ଦେଇ ।

ବେପାର । ଦେବ—ଆଉ ନେବ । ଦେଣ ଆଉ ନେଣ । ବିନା ପଇସାରେ ମଥୁରା ଗମନ ନିଷେଧ । ମିଶନାରୀ କହିଥିଲେ—ଆଲୋ ମଉସା ଜଡ଼ ପଇସା ।

ହଁ, ପିଲାଙ୍କ ହାତରେ ଦନା । ଗୁପ୍‌ଚୁପ୍‌ବାଲା ଗୋଟାଏ ଗୋଟାଏ ଗୁପ୍‌ଚୁପ୍ ଫୁଟାଇ ମାଠିଆରେ ଥିବା ତେନ୍ତୁଳି ପାଣିରେ ବୁଡ଼ାଉଛି ଆଉ ଦନାରେ ଦେଉଛି । ଏକା ଥରକେ ପାଟିକୁ ଯାଉଛି । ଦୋକାନୀର ଲୁହଁ—ପିଲାଙ୍କର । ଗୁଡ଼ିଆ ପୁଅ ଗୁଡ଼ ଖାଏ ; ତେଲି ପୁଅ ତେଲ ଲଗାଏ ନାହିଁ । ସେହି ପୁରୁଣା କଥା ।

ସିନେମା ଛବି । ସତ ନୁହେଁ, ବାସ୍ତବ ନୁହେଁ । ଦେଖିବା ଆଉ ଭୁଲିବା ପାଇଁ ।

ପିଲା, ଗୁପ୍‌ଚୁପ୍‌, ଦୋକାନୀ, ଠେଲାଗାଡ଼ି, ସ୍କୁଲ ସିନେମା ଛବି ପରି—ମୋ ଆଖିରେ ।

ଏ ସ୍କୁଲ ମୋ ସ୍କୁଲ—ଆଜି ଯେମିତି ପିଲାଙ୍କର । ତାଙ୍କର ମା'ଆ ବାପା ଅଛନ୍ତି, ମୋର ଥିଲେ । ଏହିପରି ଗୁପ୍‌ଚୁପ୍‌ ଖାଉଥିଲି । ଏହିପରି ଗାଡ଼ି, ଏହିପରି ଦନା, ଏହିପରି ଗୁପ୍‌ଚୁପ୍‌ବାଲା । ଗାଡ଼ି ମଝିରେ ଏହିପରି ମାଠିଆ ଆଉ ବୋଧହୁଏ ମାଠିଆ ଭିତରେ ସେହିପରି ତେନ୍ତୁଳି ପାଣି ।

ଆଗକୁ ଚାଲିଛି, ଚାଲିଛି । କିଛି ଦୂରରେ ପଡ଼ିଆ । ମଝିରେ ବିରାଟ ପକ୍‌କା ଘର—ଆକାଶକୁ ମୁଣ୍ଡ ଟେକିଛି ।

ଏହା ତ ନ ଥିଲା । ଏବେ ହୋଇଛି । ନଥିଲା ଜାଗାରେ ହେବ । ବଦଳିବ । ବଦଳିଛି । ଭଲ କି ମନ୍ଦ ? କିଏ କହିବ ?

ବଦଳିଲା ମୋର ଭାବିବା ଢଙ୍ଗ । ସାହିତ୍ୟିକମାନଙ୍କ ଭାଷାରେ, ଚିନ୍ତାଧାରା—ଯେପରି ଜଳଧାରା । ଯେପରି ରସଗୋଲାର ରସଧାରା—ମିଠା—ହାତରୁ କହୁଣୀକୁ ଗଡ଼ିଯାଏ । ଗଡ଼ିଗଲେ ଫେରେ ନାହିଁ ।

ନ ଫେରୁ । ମୁଁ ଫେରିଲି ସେହି ବାଟରେ ।

ଖେଳ ଛୁଟି । ଗୁପ୍‌ଚୁପ୍‌ ଗାଡ଼ି ପାଖରେ ପିଲାଙ୍କ ଭିଡ଼ । ଦେବା, ଖାଇବା, ପଇସା ଦେବା, ପଇସା ନେବା ବ୍ୟାପାର । ଆଉ ଥରେ ପିଲା ହୁଅନ୍ତି, ମନେ ହେଲା । ଖାଇ ପାରନ୍ତି ଏମିତି ନିଃସଙ୍କୋଚରେ ଗୁପ୍‌ଚୁପ୍‌ ।

ନିର୍ଜୀବତା ଭିତରେ ବି ସଜୀବତା । ଯେପରି କାଠ ଭିତରେ ନିଆଁ ।

ଗୁପ୍‌ଚୁପ୍‌ ଗାଡ଼ି ଦୁଇଚାରିଟା ହଠାତ୍‌ ଆକର୍ଷଣ ଶକ୍ତିର ଆବିର୍ଭାବ ମୋ ପାଇଁ । ଆକର୍ଷଣ ଗୁପ୍‌ଚୁପ୍‌ ନୁହେଁ—ଗାଡ଼ିର । ଚାଲିଛି, ଚାହୁଁଛି ।

ଗୋଟିଏ ଗାଡ଼ି ପଛରେ ଗୋଟାଏ ଟୋକା ଆଜିକାଲି ଯାହାକୁ କୁହାଯାଉଛି ଯୁବକ । କାହିଁକି କେଜାଣେ ?

ତା ହାତରେ ଘଡ଼ି । ଗାଲରେ ଗାଲମୋଛ । ଓଠରେ ବିଡ଼ି ଟିପା ନିଶ । ଦେହରେ ଟେରେଲିନ୍ ଜାମା, କଳା ପ୍ୟାଣ୍ଟ, ଅଣ୍ଟାରେ ଇଂରାଜୀ ଅକ୍ଷର ଲେଖା ପଟି । କଅଣ ଲେଖା, ଗୁଳୁ ଗୁଳୁ ପଢ଼ି ହେଲାନାହିଁ— ବୋଧହୁଏ, ହରେକୃଷ୍ଣ ହରେରାମ । ଧର୍ମ ? ନାମାବଳୀ ଚଦରରେ ସେହି ଲେଖା— ଶହ ଶହ ହଜାର ହଜାର । ଧାର୍ମିକ ଲୋକ ପୁରୁଷମାନେ ସ୍ୱର୍ଗକୁ ଟିକଟ କାଟିବା ପାଇଁ ଗାଧୋଇ ପାଧୋଇ ଏହାକୁ ମୁଣ୍ଡରେ ଲଗାଇ ଦେହରେ ଓଢ଼ୁ ଥିଲେ । ପଟିରେ ନାମାବଳୀ । ମନ୍ଦ କଅଣ ?

ଆରେ ଗୁପ୍‌ଚୁପ୍ ଗାଡ଼ି ପଛରେ ଜଣେ ବୁଢ଼ା । ମୁଣ୍ଡରେ ମୁଣ୍ଡେ ଧଳା କେଶ । ଦେହରେ ଦଉଡ଼ିମଇଳା କାନ୍ଧଛିଣ୍ଡା ଜାମା— ବୋଧହୁଏ ଦୁଇତିନି ବର୍ଷ ପୂର୍ବେ ଧଳା ପଞ୍ଜାବୀ ନାମକ ପଦାର୍ଥ ଥିଲା ।

ଦରଭୁଲା ସ୍ମୃତିପର ବୁଢ଼ାଟି ଭିତରୁ ଜଣେ ଯୁବକର ଚହଲା ଚହଲା ଛବି । ବୋଧହୁଏ ମୁଁ ତାର ପୁରୁଣା ଗ୍ରାହକ—କେଉଁ ଗୋଟାଏ ସୁଦୂର ଅତୀତରେ ।

ଲୋକଟି ସେହି ତ ? ପଚାରିବି ? ପିଲାଙ୍କ ଗହଳି । ଥାଉ ।

ଆଗକୁ ଚାଲିଛି ।

ନା, ତା ସହିତ କଥାବାର୍ତ୍ତା କରିବାକୁ ହେବ । ତୀର୍ଥକୁ ଯାଇ ଅଧିଷ୍ଠାତ୍ରୀ ଦେବୀଙ୍କ ଦର୍ଶନ ନ କଲେ ଯାତ୍ରା ଅସମ୍ପୂର୍ଣ୍ଣ । ଝାପ୍‌ସା ସ୍ମୃତିର କୁହୁଡ଼ି ଘେରା ତୀର୍ଥକୁ ଆଜି ଏ ମୋର ଯାତ୍ରା । ଜୀବନ୍ତ ଦେବତା । ତା ଦର୍ଶନ ଛାଡ଼ିବି କାହିଁକି ?

ଆଗରେ ଗୋଟାଏ ଗଛ—ମହୁଲ । ଗଛରେ । ଫୁଲ । ମତାଣିଆ ସୁଗନ୍ଧ । ମହୁଲ ମଦ ପରି । ଗନ୍ଧ ନୁହେଁ—ମତାଣିଆ ।

ଗୁପ ଗୁପକଅଣା ଗୁଇ । ଛୁଟିଡ଼ା ହେଲି । ଗହଳି ଭାଙ୍ଗାକୁ ଅପେକ୍ଷା ।

ଠନ୍ ଠନ୍ ଘଣ୍ଟା ବାଜିଲା ଇସ୍କୁଲରେ । ଦୋକାନ ଖୋଲ । ଭଲ୍ ଦୋକାନୀ, ଗାଡ଼ି, ଅଳ୍ପ କିଛି ଗୁପ୍‌ଚୁପ୍, ଦନା, ମାଠିଆ, ଗୋଟାଏ ଟିଣ ଡବା—ସାନ ନୁହେଁ କି ବଡ଼ ନୁହେଁ, ସେଥିରେ ବୋଧହୁଏ ପଇସା ।

ଚାଲି ବୁଢ଼ା ପାଖକୁ । ପଇସା ଗଣୁଥିଲା । ହାତ ଥରୁଥିଲା ।

'ଗୁପ୍‌ଚୁପ୍ ?' ଉତ୍ତରକୁ ନ ଚାହିଁ କହିଲା ।

କହିଲି 'ନା ।'

ଦୋକାନ ଆଗରେ ଛିଡ଼ାହୋଇ ଦନାରେ ଗୁପ୍‌ଚୁପ୍ ଖାଇବା ବୟସ ଅନେକ ଦିନରୁ ପଛରେ ରହିଯାଇଛି ।

'ନା, ତେବେ ?'

ବୁଢ଼ା ଉପରକୁ ଚାହିଁଲା ମୋ ମୁହଁ ଆଡ଼କୁ, ମୋ ବେଶ ଭୂଷାକୁ । ଧୂଆଁଳିଆ ଆଖି ଦୁଇଟାରେ ଶଙ୍କା ଅଚିହ୍ନାର ହିଙ୍କା । ପିଲା ଦିନର ଗ୍ରାହକ ?

କହିଲି, 'ଚିହ୍ନି ପାରୁଛ ?'

କହିଲା, 'ନା ।'

'ତମ ଠେଲାରୁ ଯିଏ ନିତି ଗୁପ୍‌ଚୁପ୍ ଖାଉଥିଲା ? ଖେଳ ଛୁଟୀ, ଗ୍ଲାଡ ଦାଢ଼ିଆ ପଣ୍ଡିତ, ତମ ଦୋକାନ ଆଗରେ କାନମୋଡ଼ା ?

ଓଃ, ହଁ, ହଁ ତମେ ! ଆଜ୍ଞଣ ? ସେଇ ?

କହିବା ଢଙ୍ଗ ସେଇଆ । ସେଇ ପୁରୁଣା ଗୁପ୍‌ଚୁପ୍‌ବାଲା ।

କୁଣ୍ଢାଇ ପକାଇବ ? ହାତ ଦୁଇଟା ଉଠିଲା । ଲୋକଟି ଆଗକୁ ଝୁଙ୍କିଲା । ନାଁ । ମୁଁ ବାବୁ କନା ।

ସେ ମୋର ଅଧାତକୁ ପାଇଲା— ମୁଁ ତାର ।

କହିଲି, 'ଭଲ ଅଛ ?'

ଭଦ୍ର ଲୋକର ସମ୍ଭାଷଣ ।

କହିଲି, 'ଈଶ୍ୱର ଯେମିତି ରଖିଛନ୍ତି ?'

ଏଥର ତା ପାଳି । ପଚାରିଲା; 'କେଇଟି ପୁଅ ଝିଅ ?'

କହିଲି, ''ଗୋଟିଏ ପୁଅ, ଗୋଟିଏ ଝିଅ ।''

ଥକା ହୋଇ ଟିକଏ ରହିଲି ।

ପଚାରିଲି; "କେତେ ହେଲେଣି ?"

"ପୁଅ ଚାକରି କରୁଛି । ଝିଅର ଗୋଟିଏ ପୁଅ ।"

ପୁଣି ଚୁପ ।

ପଚାରିଲି, "ତମର ?"

ବୁଢ଼ାର ଆଖି ଦୁଇଟାରେ କୁହୁଡ଼ି କିଛି କହିଲା ନାହିଁ । ଓଠ ଦୁଇଟା ଥରି ଉଠିଲା ।

ଅଙ୍ଗୁଳି ଦେଖାଇଲା— ଗୋଟାଏ ।

ହାତଟେକି ଆକାଶକୁ ପୁଣି ଆଙ୍ଗୁଳି ଦେଖାଇଲା— ସ୍ୱର୍ଗରେ ।

ପଚାରିଲି, 'ବୁଢ଼ୀ ?'

ପୁଣି ଆକାଶକୁ ଆଙ୍ଗୁଳି ଦେଖାଇଲା ।

କହିଲି, "ଘରେ ?"

ଜାଣିବା ପାଇଁ ନୁହେଁ, ସହାନୁଭୂତିରେ ।

ନିଜ ଛାତି ଆଡ଼କୁ ଆଙ୍ଗୁଳି ଦେଖାଇଲା— ଏକା ।

ମୁଁ ଚୁପ୍ । ସେ ଚୁପ୍ ।

ଆଗରେ ଗୁପ୍‌ଚୁପ୍— ଠେଲା, ଆଉ ମାଠିଆ ।

ଗୁପ୍‌ଚୁପ୍ କମିଛି, ମାଠିଆରେ ତେନ୍ତୁଳି ପାଣି କମି ଆସିଛି ।

ଡାକିଲା, 'ମୁକୁନ୍ଦ ।'

ପିଲାଟିଏ । କେଉଁଠି ଛାଇରେ ବସିଥିଲା । ଆସିଲା ।

ବୁଢ଼ା କହିଲା, 'ଯିବା ।'

ପିଲାଟି ଆଗକୁ ନଇଁପଡ଼ି ଦୁଇ ହାତରେ ଗାଡ଼ି ଠେଲିଲା । ବୁଢ଼ା ପଛେ ପଛେ ଚାଲିଲା ।

ଚାରିଆଡେ ନିମ ଫୁଲର ଗନ୍ଧ । ମୁଁ ଛିଡ଼ାହୋଇ ଚାହିଁ ରହିଲି ସେ ଆଡ଼କୁ ।

—❋—

# କବିଙ୍କ ନାତି

ଶୋଭନ୍ ଓରଫ୍ ନିଲିମା ମିଶ୍ର (ଫୁ) କବିଙ୍କ ନାତି । ଅନ୍ତଃତ ସେହି ଭାବରେ ସେ ନିଜକୁ ପରିଚୟ ଦିଅନ୍ତି । ବସ୍‌ରେ, ଚାହାଦୋକାନରେ ହୋଟେଲରେ ଯେଉଁଠି ସବୁବେଳେ ଶୁଣିବାକୁ ଲୋକ ମିଳନ୍ତି, ସେ ସେଠାରେ କାରଣ ଅକାରଣରେ ନିଜକୁ କବିଙ୍କ ନାତି ବୋଲି ପ୍ରଚାର ଆରମ୍ଭ କରନ୍ତି । ଏହି ସୂତ୍ରରେ ବସ୍ କଣ୍ଡକ୍ଟର, ଚାହାଦୋକାନୀ, ହୋଟେଲ ମାଲିକଙ୍କଠାରୁ ପୂଜାରୀ ବ୍ଲକର ପର୍ଯ୍ୟନ୍ତ ସମସ୍ତଙ୍କ ସହିତ ପରିଚୟ— ଏପରିକି ଗୋଟାଏ ପ୍ରକାର ଘନିଷ୍ଠତା । ଏ ଘନିଷ୍ଠତାର ପରିପ୍ରକାଶ ସେମାନଙ୍କଆଡୁ ନହେଲେ ମଧ୍ୟ ଶୋଭନ ମିଶ୍ରଙ୍କ ଆଡୁ ବେଳେ ବେଳେ ଉତ୍କଟ ଆକାରରେ ହୋଇଥାଏ ପାଇଥାଏ ।

ଶୋଭନ୍ ମିଶ୍ର ସବୁବେଳେ ନିଜକୁ କବିଙ୍କ ନାତି ଆକାରରେ ଜସାଇ ରଖନ୍ତି ମୁଣ୍ଡରେ ମୁଣ୍ଡେ ଝିଲପି କେଶ—ତୈଳ ବିବର୍ଜିତ, ଅବିନ୍ୟସ୍ତ ଆକାରରେ ବିନ୍ୟସ୍ତ, ଗାଲରେ ଗହଳିଆ ଗାଲ ମୋଚ୍ଛ; ଓଠରେ ମାଗୁର ନିଶପରି ନିଶ, ଦପଟ ଆଖିରେ ନୀଳ କାଚର ସୁନେଲି ଚଷମା, ଦେହରେ ଫିଟାଥିବା ଧଳା ଡିଲା ପଞ୍ଜାବୀ; ତା ତଳକୁ କଳାରଙ୍ଗର ଗୋଡ଼ ଚିପା ନଳୀ ପ୍ୟାଣ୍ଟ, ମୁହଁରେ ସବୁବେଳେ ଖଣ୍ଡେ ସିଗାରେଟ୍—କେତେବେଳେ ସେଥିରେ ନିଆଁ ଲାଗିଥାଏ ତ କେତେବେଳେ ନାହିଁ । ହାତରେ ଖଣ୍ଡେ କ୍ଳିପ୍ ଲଗା କଳାରଙ୍ଗର ପ୍ଲାଷ୍ଟିକ୍ ମୁଣି ।

କବିଙ୍କ ନାତି ତ କବିଙ୍କ ନାତି । ସେ କେଉଁଠି ରହନ୍ତି, କଅଣ କରନ୍ତି, କେମିତି ଚଳନ୍ତି, ଏସବୁର ଖୋଜ ଖବର ନେବାର କାହାର କି ଦରକାର ? ସମସ୍ତେ ନିଜ ଧନ୍ଦାରେ ବ୍ୟସ୍ତ । ସମୟ ବା କାହିଁ ? ଲାଭ ବା କଅଣ ?

କବିଙ୍କ ନାତି ଖାସକରେ ବଡ଼ ବଡ ଲୋକଙ୍କ ସହିତ ତାଙ୍କର ଘନିଷ୍ଠତା ବୋଲି ମଧ୍ୟ ସେ ପ୍ରଚାର କରନ୍ତି । ବଦଳି ହୋଇଥିବା ଜଣେ ଜଣେ ପ୍ରାଥମିକ ସ୍କୁଲ ମାଷ୍ଟରଙ୍କ ଠାରୁ ଆରମ୍ଭ କରି ପଦୋନ୍ନତି ମଫସଲୀ କଲେଜ ଲେକଚରର, ହାକିମଙ୍କ କୋପଦୃଷ୍ଟିରେ ପଡ଼ିଥିବା ପିଅନ ଠାରୁ ଆରମ୍ଭ କରି ଅଫିସରେ ବଡ଼ବାବୁଙ୍କଠାରୁ ଗାଳି ଖାଇଥିବା ଏଲ୍: ଡ଼ି: କିରାଣିପର୍ଯ୍ୟନ୍ତ କେବେ କେବେ ତାଙ୍କର ପାଲରେ ପଡ଼ି ଯାଆନ୍ତି । ଏହାଫଳରେ କବିଙ୍କ ନାତିଙ୍କର ସିଗାରେଟ୍ ଖର୍ଚ୍ଚ, ଚାହା ଖର୍ଚ୍ଚଠାରୁ ଆରମ୍ଭ କରି ହୋଟେଲ ଖର୍ଚ୍ଚ ଓ ଲୁଗାପଟା ଖରଚ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଉଠିଯାଏ । ତାଙ୍କ ଜରିଆରେ ଏସବୁ କ୍ଷେତ୍ରରେ କାହାର ଯେ କିଛି ଲାଭ ହୋଇଛି, ତାହା ନୁହେଁ । କିନ୍ତୁ ସହଜରେ ଯେଉଁ ସୁବିଧା ହାତ ପାଖରେ ପହଞ୍ଚି ଯାଉଛି, ତାକୁ ସହଜରେ ବା ଛାଡ଼େ କିଏ ?

କବିଙ୍କ ନାତି ମଧ୍ୟ ଏ ବିଷୟରେ ଗୋଟିଏ କୌଶଳ କରିବାରେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଗୋଟିଏ କଥାରେ ସେ ବେଶୀ ଦିନ ନିଜକୁ ଲିପ୍ତ କରି ରଖନ୍ତି ନାହିଁ । ଠିକ୍ ପରିସ୍ଥିତିଟା ଜଣାପଡ଼ିବା ଆଗରୁ ସେ ଖସି ଯାଆନ୍ତି । ଲୋକେ ତାଙ୍କୁ ଖୋଜିଲେ ମଧ୍ୟ ପତ୍ତା ମିଳେ ନାହିଁ ।

ତାଙ୍କ ହାତମୁଣାରେ ଖଣ୍ଡେ ରସିଦ ଖାତା ଥାଏ । ଏହା ସାହାଯ୍ୟରେ ସ୍କୁଲ ମଣ୍ଡପ ଚାନ୍ଦା ଆଦାୟ ହୁଏ । ଏହାହିଁ ତାଙ୍କର ପ୍ରଧାନ ଆୟର ପନ୍ଥା । ନିଜ ଖର୍ଚ୍ଚ ସହ ଏହାହିଁ ତାଙ୍କର ବାଟଖର୍ଚ୍ଚ ଯୋଗାଏ । ଫଳରେ ସେ ଉତ୍ତରରେ ରାଉରକେଲା ଠାରୁ ଦକ୍ଷିଣରେ ସୁନାବେଡ଼ାର ମିଗ୍ ସହର ପର୍ଯ୍ୟନ୍ତ ଭ୍ରମଣ କରନ୍ତି । ତାଙ୍କର ଧାରଣା, ଓଡ଼ିଶା ବଡ ବଡ଼ ସ୍ଥାନରେ ବରାବର ନ ବୁଲିଲେ କେହି କେବେ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପରିଗଣିତ ହୋଇ ପାରିବ ନାହିଁ । ଏପରି ପରିଭ୍ରମଣ ବିଷୟରେ କେହି ପ୍ରଶ୍ନ କଲେ ସେ କହନ୍ତି ନାନା ଆଜ୍ଞେ ନାନା କାମ, ନାନାସ୍ଥାନର ଲୋକେ ସଭା ସମିତିରେ ଯୋଗ ଦେବା ପାଇଁ ତାଙ୍କୁ ବରାବର ନିମନ୍ତ୍ରଣ କରୁଛନ୍ତି, ସେ ନ ଯାଇ ରହି ପାରୁଛନ୍ତି କେତେକେ ? ଅସଲ କଥା, ତାଙ୍କର ଯେଉଁ ଧରଣର କାରବାର, ତାହା ଗୋଟାଏ ସ୍ଥାନରେ ବେଶୀଦିନ ରହିଲେ ଚଳି ପାରିବ ନାହିଁ ବୋଲି ସେ ଜାଣନ୍ତି ।

ଦୁନିଆର ସମସ୍ତେ ତାଙ୍କର ନିଜ ଲୋକ । ତାଙ୍କର ଗୃହସଂସାର ବା ବନ୍ଧୁବାନ୍ଧବ କେହି ସେ ଅଛନ୍ତି, ଏକଥା କାହାରିକୁ ଜଣା ନାହିଁ; ଏପରିକି ମଧ୍ୟ ପାଣିଗ୍ରାହୀ ପାନ ଦୋକାନୀଙ୍କୁ ମଧ ତାହା ଅଜଣା । ବାଟର ନିଗୁଟିଆ କଣରେ ପାଣିଗ୍ରାହୀଙ୍କ ଦୋକାନ । ସେଇଠି କବି-ନାତିଙ୍କ ଭଙ୍ଗା ଟିଣ ସୁଟ୍‌କେସ୍ ଆଉ ସେଥିରେ ଦୁଇ ତିନି ଖଣ୍ଡ ପ୍ୟାଣ୍ଟ ପଞ୍ଜାବୀ ଓ ହଳଦିଆ ରଙ୍ଗର ଦରଛିଣ୍ଡା ଚଉଳିଆ ଟେଣ୍ଡେ ପଡ଼ିଥାଏ । ସହରରେ ଥିଲେ ୧୨ଟା ପରେ କୁଆଡ଼ୁ ବୁଲିବୁଲି କରି ପାଣିଗ୍ରାହୀଙ୍କ ଦୋକାନକୁ ଆସନ୍ତି, ପଚାରିଲେ କହନ୍ତି, ସେ ଅମୁକ ମନ୍ତ୍ରୀ ବା ଅମୁକ ହାକିମଙ୍କ ଘରକୁ ଯାଇଥିଲେ, ସେଠାରେ ତାଙ୍କର ନିମନ୍ତ୍ରଣ ଥିଲା; କେହି କୁଆଡ଼େ ନଥିଲା ବେଳେ ଦୁଇ ତିନି ଚିଲମ ଗଞ୍ଜେଇ ଭିଡ଼ି ଖୁବ ଟିକିଏ ବେଶୀ ହେଲେ ଦୋକାନ ଆଗରେ ପଡ଼ିଥିବା ବେଞ୍ଚ ଖଣ୍ଡିକ ଦୋକାନ ପଛକୁ ଟାଣି ନେଇ ଶୋଇ ପଡ଼ନ୍ତି ।

କବିଙ୍କ ନାତି ଗଞ୍ଜେଇ ଭିଡ଼ୁଥିବା ବେଳେ ଦୁଇ ଜଣ ରିକ୍‌ସାବାଲା ପହଞ୍ଚିପିବାରୁ ସେ ପାଣିଗ୍ରାହୀଙ୍କୁ ସମ୍ବୋଧନ କରି କହିଲେ, ଆଜିକାଲି ସାହେବମାନେ ମଧ୍ୟ ଗଞ୍ଜେଇ ପିଉଛନ୍ତି ।

ରିକ୍‌ସାବାଲା ଦୁଇଟି ଆନ୍ଧ୍ରପୁଅ । ସେମାନଙ୍କ ଭିତରୁ ଜଣେ କହିଲା, ସଉ ଏକ୍‌କା ।"

କବିଙ୍କ ନାତି ପଦ ବଜାଇ ତ ବେଶ୍ ଚଳିଯାଉଛି । ନିଜେ କବି ହେଲେ କାରବାର ଟିକିଏ ଅଧିକ ଜମିବ । ଆଜିକାଲିକା ଦିନରେ ସେଥିପାଇଁ ତ ବିଦ୍ୟା ବୁଦ୍ଧି, ଜ୍ଞାନ ବା ଶ୍ରମ କିଛି ଦରକାର ନାହିଁ । ଅଳଙ୍କାର, ବ୍ୟାକରଣ ସହିତ ପରିଚୟ ଆଦୌ ପ୍ରୟୋଜନ ନୁହେଁ । ଯେ ଯେତିକି ଅଜ୍ଞ, ତା ପକ୍ଷରେ ଆଧୁନିକ କବି ହେବା ସେତିକି ସହଜ । ମସ୍ତିଷ୍କଟା ପୂରାପୂରି ନିର୍ମଳ । ସେଥିପାଇଁ ସେଥିରୁ ଯାହା ବାହାରିବ, ତାହା ନିଶ୍ଚୟ ଆଧୁନିକତାର ମୂର୍ତ୍ତିମନ୍ତ ବିଗ୍ରହ ଆକାର ଧାରଣ କରିବ । କବିତା ପାଇଁ ଉପାଦାନର ମଧ୍ୟ ଅଭାବ ନାହିଁ । କଟକର ନର୍ଦ୍ଦମାଠାରୁ ଆରମ୍ଭ କରି ବ୍ରହ୍ମପୁରର ଅନ୍ଧାରୁଆ ଗଳି ପର୍ଯ୍ୟନ୍ତ ସବୁ ପଡ଼ିଛି— ଆଖି

ମେଲିଲେ କବିତା ପାଇଁ କଞ୍ଚା ମାଲର ଅସରନ୍ତି ସମ୍ଭାର ପ୍ରକାଶ ପାଇଁ ଲୋକଲୋଚନକୁ ଆସିବାରେ ମଧ୍ୟ କିଛି ଅସୁବିଧା ନାହିଁ । ଦୈନିକ ଖବର କାଗଜର ରବିବାର ସଂସ୍କରଣର କଳେବର ପୂରଣ କରିବା ପାଇଁ ବିନା ପଇସାରେ ଗଦ୍ୟ, ପଦ୍ୟ, କବିତା, ଗଳ୍ପ, ପ୍ରବନ୍ଧ, ପ୍ରେମରସ, ହାସ୍ୟରସ, ବିଭତ୍ସରସ—ସବୁ ଦରକାର । ଅଯାଚିତ ଭାବରେ ଏ ସବୁ ମିଳିଯାଏ । ଆଜିକାଲି ପୁଣି ଆଧୁନିକ କବିତା ଆଡ଼କୁ ଦୈନିକ ସଂପାଦକମାନଙ୍କ ବେଶୀ ଝୁଙ୍କ । ସେଥିପାଇଁ କବିଙ୍କ ନାତି ଅତ୍ୟାଧୁନିକ କବିତା ଲେଖି ନିଜେ ଗୋଟାଏ କବି ହେବେ ବୋଲି ମନେ ମନେ ସ୍ଥିରକଲେ ।

ଗୁଡ଼ରକେଲ ବ୍ଲାଷ୍ଟ ଫର୍ଣ୍ଣେସର ଇର୍ଗିନ୍ ଧୂଆଁ ପରି କେଶ, ଫଟୋଗ୍ରାଫରର ଫ୍ଲାସ୍ ବଲ୍‌ବ ପରି ଚମକ ଚାହାଣୀ, ଭେନସ୍ ମୂର୍ତ୍ତିର ଲଙ୍ଗୁଳି ଠାଣୀ, ହୋଟେଲ ପଛର ଗନ୍ଧଠାରୁ ଆରମ୍ଭ କରି ନନ୍ଦମାର ଲଙ୍ଗୁଡ଼ିଆ ପୋକ ପର୍ଯ୍ୟନ୍ତ ସମ୍ଭବ ଅସମ୍ଭବ— ସମ୍ଭବଠାରୁ ଅସମ୍ଭବ— ବେଶୀ ମିଶାଇ ଗୋଟାଏ ଅତି ଆଧୁନିକ ଗବିତା (କବିତା ନୁହେଁ) ରଚନା କରି ନିଜ ହାତରେ ନେଇ, ନିଜକୁ କବିଙ୍କ ନାତି ବୋଲି ପରିଚୟ ଦେଇ, ନାନା ଖୋସାମଦ ବରାମଦ କରି ଖଣ୍ଡେ ଦୈନିକର ସଂପାଦକଙ୍କୁ ସେ ଦେଇ ଆସିଲେ । ମାସ ପରେ ମାସ ବିତିଗଲେ ମଧ୍ୟ କାଗଜରେ ତାହା ବାହାରିଲା ନାହିଁ । ସେ ଜାଣନ୍ତି, ସ୍ତ୍ରୀ ଲୋକ, ବିଶେଷତଃ ଯୁବତୀମାନଙ୍କର ନାମ ପ୍ରତି ଉକ୍ତ ପତ୍ରିକା ସଂପାଦକଙ୍କ ବିଶେଷ ଆକର୍ଷଣ । ପ୍ରାୟ ସବୁ ସମ୍ବାଦପତ୍ର ସଂପାଦକଠାରେ ସେ ଯୁବା ହୁଅନ୍ତୁ ବା ବୃଦ୍ଧ ହୁଅନ୍ତୁ, ତାଙ୍କଠାରେ ଏ ସଦ୍‌ଗୁଣ ରଜା ମାରିବାର ଆଜିକାଲି ଦେଖାଯାଏ ।

ସେ ସେହି ଗବିତାକୁ ନକଲ କରି ଲଲିମା ମିଶ୍ର ନାମ ଦେଇ ଠିକ୍ ସେହି ସଂପାଦକଙ୍କୁ ଡାକରେ ପଠାଇ ଦେଲେ ।ତାହା ସେହି ପତ୍ରିକାର ମହିଳା ମହଲ ବିଭାଗରେ ଜାକଜମକ୍ ବେଶ ଧରି ପ୍ରକାଶିତ ହେଲା । କେବଳ ସେତିକି ନୁହେଁ, ଲେଖିକା ଜଣେ ଉଦୀୟମାନା ନାରୀ କବି; ଅତ୍ୟାଧୁନିକ କବିତା ଲେଖିବାରେ ତାଙ୍କର ଅନନ୍ୟସାଧାରଣ ଦକ୍ଷତା ଅଛି ବୋଲି ଗବିତା ତଳେ ସଂପାଦକଙ୍କ ମନ୍ତବ୍ୟ ପ୍ରକାଶିତ ହେଲା । ତାହା ଫଳରେ ଲଲିମା ମିଶ୍ରଙ୍କ ଅତ୍ୟାଧୁନିକ ଗବିତାର ଜୁଆର ଉଠିଲା । କବିଙ୍କ

ନାରୀ ଯେତେ ପାରିଲେ କାଗଜ ଗର୍ଭି ବିଭିନ୍ନ ସମ୍ପାଦକଙ୍କୁ ପଠାଇଲେ, ସେମାନେ ଆଗ୍ରହ ସହକାରେ ସେ ସବୁ ଛପାଇ ନିଜକୁ କୃତକୃତ୍ୟ ମନେ କଲେ ।

ଏସବୁ ଫଳରେ ଯୁବ-କବି-ସମାଜରେ ଲଲିମା ମିଶ୍ରଙ୍କ ବେଶ ନାମ ହୋଇଗଲା । କେତେକ ହତାଶ ପ୍ରେମିକ ତାଙ୍କୁ ମନେ ମନେ ଖୋଜି ତାହା ପାଇ ପୁଲକିତ ହୋଇ ଉଠିଲେ ଗୋଟିଏ ସମ୍ବାଦପତ୍ରର ଜଣେ ଟୋକା କମ୍ପୋଜିଟର ଅଧସ୍ତନ ସମ୍ପାଦକ ଲଲିମା ମିଶ୍ର ନାମରେ ଏତେ ଭୋଳ ହୋଇଗଲେ ଯେ, ସେ ପଠାଇଥିବା ଲଫାପା ଉପରେ ଥିବା ଡାକ ମୋହର ଦେଖି ତାଙ୍କୁ ଖଣ୍ଡେ ପ୍ରେମପତ୍ର ପ୍ରେରଣ କଲେ । ପ୍ରେୟସୀ ବୋଲି ସମ୍ବୋଧନ କରି ପ୍ରେମନିବେଦନ ଆରମ୍ଭ ହୋଇଥିଲା । ଅକସ୍ମାତ୍ ସେ ଚିଠି ଖଣ୍ଡି କବି—ନାରୀଙ୍କ ଦୃଷ୍ଟିକୁ ଆସିଲା । ସେହି ସମୟରୁ ସେ ଲଲିମା ମିଶ୍ର ପରେ 'ଫୁ' ଅକ୍ଷରଟା ଲେଖିବା ଆରମ୍ଭ କଲେ । ଫୁ ଅର୍ଥ ଫୁଲିଙ୍ଗ ଯଥା ପୁଂଲିଙ୍ଗ ।

ଆଜିକାଲି କବି ହେବା ସହଜ । କବିଙ୍କୁ ଭକ୍ତ ମିଳିବା ଆହୁରି ସହଜ । ଭକ୍ତ ବୃନ୍ଦଙ୍କ କାମ କବିଙ୍କୁ ଟେକିବା, ତା ସଙ୍ଗେ ସଙ୍ଗେ ନିଜେ ମଧ୍ୟ ଟେକି ହୋଇଯିବା । କବି ବା ଲେଖକଙ୍କ ଲାଙ୍ଗୁଳ ଧରି ସାହିତ୍ୟ ସମୁଦ୍ରରେ ପ୍ରବେଶ କରିବା ସହଜ । ସବୁ ମହାପୁରୁଷଙ୍କୁ ଭକ୍ତ ଜୁଟନ୍ତି । ସ୍ୱନାମଧନ୍ୟ ହୁଅନ୍ତୁ ବା ନ ହୁଅନ୍ତୁ କବିଙ୍କ ଠାରେ ମହାପୁରୁଷସୁଲଭ ଲକ୍ଷଣ ଆରୋପ କରିବା ଭବ୍ୟ ସମାଜର ଚଳଣି । କବିଙ୍କ ନାରୀ ନିଜେ କବି ପଦକୁ ଆସିଯିବା ଦିନରୁ ତାଙ୍କର ମଧ୍ୟ ଭକ୍ତର ଅଭାବ ରହିଲା ନାହିଁ । ଯେଉଁମାନେ ତାଙ୍କ ଲେଖା ପଢ଼ି ଥିଲେ ସେମାନଙ୍କ ମଧ୍ୟରୁ କେହି ତାଙ୍କ ଭକ୍ତ ଥିଲେ କି ନା କହି ହେବ ନାହିଁ, କିନ୍ତୁ ଏ କଥା ସତ୍ୟ ଯେ, ଯେଉଁମାନେ ଆଦୌ ତାଙ୍କ ଲେଖା ଦେଖି ନ ଥିଲେ, ସେମାନଙ୍କ ମଧ୍ୟରେ ତାଙ୍କ ଭକ୍ତ ସଂଖ୍ୟା ବେଶି । ସେମାନେ ନାରୀ ଓ ପୁରୁଷ ଉଭୟ ଶ୍ରେଣୀରେ । ଯେହେତୁ କବିଙ୍କ ନାରୀ ନିଖିଳ ଉତ୍କଳ ଧାମରେ ସ୍ଥାନେ ସ୍ଥାନେ ପରିଚିତ, ସେହି କାରଣରୁ ବିଭିନ୍ନ ସ୍ଥାନରେ ପ୍ରତ୍ୟକ୍ଷ ବା ପ୍ରଚ୍ଛନ୍ନ ଭାବରେ ତାଙ୍କର ଭକ୍ତ ଶ୍ରେଣୀ ରହିବା ଅସମ୍ଭବ ନୁହେଁ ।

ରାଉରକେଲାରେ ଥିବା ଗୋଟିଏ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁରମା ଦାସ କବି-ନାତି; କବିଙ୍କର ଜଣେ ରୂପମୁଗ୍ଧ ବା ଗୁଣମୁଗ୍ଧ ନାଗ୍ନି ଭକ୍ତ ବୋଲି ଆଖ ପାଖର ଲୋକେ ଧରି ନେଇଛନ୍ତି। କବିଙ୍କ ନାତି ଇସ୍ପାତ୍ ନଗରୀକୁ ଆସିଲେ ଅଧିକାଂଶ ସମୟ ତାଙ୍କ ଘରେ ରହୁଥିବାର ଦେଖାଯାଏ । ମହିଳା ଜଣକର ସାହିତ୍ୟ ପ୍ରତି ବିଶେଷ ଆକର୍ଷଣ ଥିଲାପରି ଜଣାଯାଏ । କଠିନ ଇସ୍ପାତ ଧକ୍କାରେ ଯେତିକି ସାହିତ୍ୟ ତିଷ୍ଠି ପାରେ, ସେତିକି ଏଠାରେ ଅଛି । ତାଙ୍କୁ ସମ୍ବଲକରି ନାନା ସାହିତ୍ୟ ଅନୁଷ୍ଠାନ ମୁଣ୍ଡ ଟେକି ଉଠିଛି । ସୁରମା ଦାସଙ୍କ କୃପାରୁ କବିଙ୍କ ନାତି ଏ ଧରଣର ଗୋଟାଏ ଦୁଇଟା ଅନୁଷ୍ଠାନ ଭିତରକୁ ପ୍ରବେଶ ଲାଭକଲେ । ତା ପରେ ଜଣେ ନିଖିଳ ଉତ୍କଳ ଲୋକଙ୍କ ପକ୍ଷରେ ନାନା କିସମର ନିଖିଳ ଉତ୍କଳ ସାହିତ୍ୟ ଅନୁଷ୍ଠାନମାନଙ୍କ ମଧ୍ୟରୁ ଗୋଟାଏ ଦୁଇଟାରେ ଉପାଧ୍ୟମାନ ହେବା ସହଜସାଧ୍ୟ ବ୍ୟାପାର ।

ସେଦିନ କବିଙ୍କ ନାତି ସମ୍ବଲପୁର ଯାଉଥାନ୍ତି । କଉଣ ଗୋଟାଏ ସାହିତ୍ୟ ସଭାରେ ଯୋଗ ଦେବା ପାଇଁ ସେ ବାହାରିଛନ୍ତି ବୋଲି ଭୁବନେଶ୍ୱର ବସଷ୍ଟାଣ୍ଡରେ ଥିବା ଷ୍ଟେଟ୍ ଟ୍ରାନ୍ସପୋର୍ଟ ଏ. ଟି. ଏମ୍, ଷ୍ଟେସନ୍ ମାଷ୍ଟର, ଏ. ଏସ୍. ଏମ୍.ଙ୍କଠାରୁ ଆରମ୍ଭକରି ସମ୍ବଲପୁର ଏକ୍ସପ୍ରେସ୍‌ର କଣ୍ଡକ୍ଟର, ଡ୍ରାଇଭର ଓ କ୍ଲିନରଙ୍କୁ ମଧ୍ୟ ଜଣାଇ ବୁଲିବା ସଙ୍ଗେ ସଙ୍ଗେ ସେ କବିଙ୍କ ନାତି ଓ ନିଜେ କବି ବୋଲି ଜଣାଇ ସାରିଥାନ୍ତି । ତେଣୁ ଟିକଟ ହେଲାବେଳେ, ଡ୍ରାଇଭର ଠିକ୍ ପଛରେ ଥିବା ସାମନା ବେଞ୍ଚର ଏକ ନମ୍ବର ତାଙ୍କୁ ମିଳିଥାଏ । ସେ ସେହିଠାରେ ଗମ୍ଭୀର ହୋଇ ବସିଥାନ୍ତି ।

କିଛି ସମୟପରେ ଆଉ ଦୁଇଜଣ ଲୋକ ଆସି ସେହି ବେଞ୍ଚରେ ଦୁଇ ଓ ତିନି ନମ୍ବର ସିଟ୍‌ରେ ବସିଲେ । ବୋଧହୁଏ ସେମାନେ ସେକ୍ରେଟେରିଏଟର କିରାଣି । ତାଙ୍କ ହାବଭାବ, ଗୁଲିଚଳନରୁ ତାହା ହିଁ ଜଣା ପଡୁଥିଲା ।

ତା ପଛ ବେଞ୍ଚରେ ଦୁଇଜଣ ପୃଥୁଳାକାୟ ମାରୱାଡ଼ି ।

ବସ୍ ଭର୍ତ୍ତି । ମାରୱାଡ଼ି ଦୁହେଁ ବସିଥିବା ବେଞ୍ଚରେ ଗୋଟାଏ ସିଟ୍ ଛଡା ଆଉ ସ୍ଥାନ ନ ଥାଏ । ଡ୍ରାଇଭର ବସ୍ ଇଞ୍ଜିନ ଚଳାଇ;

କଣ୍ଡକ୍ଟର ଘଣ୍ଟାମାରିବାକୁ ଅପେକ୍ଷା କରିଛି, କ୍ଲିନର ଦ୍ୱାର ବନ୍ଦ କରିବା ଉପରେ । ଏତିକବେଳେ ଜଣେ ଲୋକ ଧଇଁ ସଇଁ ହୋଇ ଆସି ବସ୍‌ରେ ଚଢ଼ିଗଲା । ସାଙ୍ଗେ ସାଙ୍ଗେ ବସ୍ ଛାଡ଼ିଦେଲା ।

କଣ୍ଡକ୍ଟର ଏ ଲୋକଟିକୁ ମାରବାଡି ଦୁହେଁ ବସିଥିବା ବେଞ୍ଚକୁ ଦେଖାଇ ଟିକଟ ଦେଇ ଟଙ୍କା ନେଲା । ଲୋକଟି ବେଞ୍ଚ ପାଖକୁ ଆସି ଦେଖିଲା ତିନି ଜଣଙ୍କ ବସିବା ସ୍ଥାନ ଦୁଇଜଣରେ ପୂରି ଯାଇଛି ।

ଆଗନ୍ତୁକ ବସିବା ଉଦ୍ୟମ କରି କହିଲା, 'ଘୁଞ୍ଚ' ।

ବସ୍ ବାଡ଼ା ଉପରକୁ ଗୋଡ ଟେକି ଯେଉଁ ମାରବାଡି ଜଣକ ବସିଥିଲା, ଉତ୍ତର ଦେଲା, "କାହିଁ ଘୁଞ୍ଚିବୋ ?"

ଲୋକଟି କହିଲା, 'ତିନଟା ସିଟ୍ । ତମେ ଦୁଇ ତମର ଦୁଇ, ଘୁଞ୍ଚ ।"

ବାଧ୍ୟରେ ଚିତି ଗୁପିହୋଇ ବସିବାରୁ ବେଞ୍ଚ ଶେଷରେ ଓ ବସ୍ ମଝିରେ ଥିବା କାଠ ଆଡ଼କୁ ଗୁଖଣ୍ଡେ ସିଟ୍ ବାହାରିଲା । ଲୋକଟି ଅଧା ବେଞ୍ଚ ଉପରେ, ଅଧା ଶୂନ୍ୟରେ ବସି ଆଗ ବେଞ୍ଚର ପଛ ବାଡ଼ାକୁ ଧରି ଲଟକି ରହିଲା ।

ଭୁବନେଶ୍ୱର ଛାଡ଼ୁ ଛାଡ଼ୁ ମଝିରେ ବସିଥିବା ମାରବାଡ଼ି ଜଣକ ନିଦ୍ରାଭିଭୂତ ହୋଇଗଲା, ଆଉ ବସ୍ ମୋଡ ନେବା ବେଳେ ଗନ୍ଧମାର୍ଦ୍ଦନ ପର୍ବତ ଖଣ୍ଡେ ଛିଡି ପଡ଼ିଲା ପରି ବାଉମ୍ବାର ଲୋକଟି ଉପରେ ଅଜାଡ଼ି ହୋଇ ପଡ଼ିଲା ।

ଲୋକଟି ପାନ ଦୋକାନୀ । ସମ୍ବଲପୁର କଲେଜ ଆଗରେ ଦୋକାନ । ଛାତ୍ର ଓ ଲେକ୍‌ଚରରମାନଙ୍କ ସହିତ ତାର ପରିଚୟ ସ୍ୱାଭାବିକ । ଗୁକର ଟୋକା ଜିମାରେ ଦୋକାନ ଛାଡ଼ି ସେ ଦୁଇ ଦିନ ପାଇଁ ଘରକୁ ଯାଇ ଗୁରିଦିନ ରହିଯାଇଥିଲା । ଆଜି ଏ ବସ୍‌ରେ ନ ଗଲେ ନ ଚଳେ । ନ ହେଲେ ଏପରି ଦହଗଞ୍ଜ ହୋଇ ସେ ଯାଆନ୍ତା କାହିଁକି ?

ମାଡୁଆଡ଼ି ଦୁଇଟା ଉପରେ ତାର ସବୁ କ୍ରୋଧ ଅଜାଡ଼ି ହୋଇ ପଡୁଥାଏ ; କିନ୍ତୁ ମୁହଁ ଚୁପ୍ । କଳି କରି ଲାଭ ନାହିଁ । କଳାବଜାର ଧନରେ ଏମାନଙ୍କ ବପୁ । ଦୁଇ ପଦ କଥା ବା ପାଟିତୁଣ୍ଡରେ ତ ଏମାନେ ସରୁ ହୋଇ ପାରିବେ ନାହିଁ ।

ବସ୍ କଟକ ଛାଡ଼ି ଗନ୍ତବ୍ୟ ପଥରେ ଧାଇଁବା ସଙ୍ଗେ ସଙ୍ଗେ ମାରୁଆଡ଼ି ପୁଙ୍ଗବଙ୍କ ନାସିକାଧ୍ୱନି ବସ୍‌ର ଡ଼ିଜେଲ ଇଞ୍ଜିନର ଘର୍ଘର ନାଦକୁ ଟପିଗଲା । ପାନଦୋକାନୀ ବିଚାର ଆଖିକୁ ନିଦ ମାଡ଼ି ଆସିଲେ ମଧ୍ୟ ଅଧା ବସିବା ଅଧା ଲଟକିବା ଅବସ୍ଥାରେ ବା ଶୋଉଛି କେତେକେ? ତା ଉପରେ ପୁଣି ମାରୁଆଡ଼ି ଦୁଇଟାର ଚାପ । ପୁଣି ବସ୍ ମୋଡ଼ ଫେରିବା ବେଳେ ଗଡ଼ି ପଡ଼ିବାର ଭୟ । ଅନୁକୂଳ ପାରହେବା ପରେ ପରେ କବି ନାତିଙ୍କ ବକ୍ତୃତା ମୁଣି ଫିଟିଗଲା !

ପାଖରେ ବସିଥିବା ଭଦ୍ରଲୋକ ଜଣକ ପଚାରିଲେ, "ଆପଣ କେଉଁଯାଏ ଯିବେ ? ବାଟରେ କେଉଁଠି ଏ ଲୋକଟି ଗଲେ ଓହ୍ଲାଇବା ପାଇଁ ତାଙ୍କୁ ଅଧିକା ଟିକିଏ ସ୍ଥାନ ମିଳିବ, ଏହି ଆଶା ।

ସମସ୍ତେ ଶୁଣି ପାରିବା ଭଳି ପାଟି ରେ କବିଙ୍କ ନାତି ଉତ୍ତର ଦେଲେ, "ସମ୍ବଲପୁର । କବି ସମ୍ମିଳନୀରେ ଯୋଗ ଦେବାକୁ ଯାଉଛି । ମୁଁ କବିଙ୍କ ନାତି, ନିଜେ କବି ।"

ଲୋକଟି କହିଲା, "ଆପଣ କବି ? ନମସ୍କାର । ଆପଣଙ୍କ ନାମ ଜାଣି ପାରିବି କି ?"

"ହଁ, ମୋ ନାମ ଶୋଭନ ଓରଫ ଲାଲମା ମିଶ୍ର (ପୁଂ) । କବି ରକ୍ତ ଆମ ଦେହରେ ଦଶପୁରୁଷ ଧରି ଚାଲି ଆସୁଛି । ଜଗନ୍ନାଥ ଦାସ ଆମ ପୂର୍ବପୁରୁଷ । ମୋ ଗୋସେଇଁ ବାପା କବିଥିଲେ, ମୋ ବାପା କବି ଥିଲେ, ମୁଁ କବି । ଆମ ମୁଖ୍ୟମନ୍ତ୍ରୀ ସେ କଥା ଜାଣନ୍ତି ; ଭୁବନେଶ୍ୱର ଆସିଲେ ମୁଁ ତାଙ୍କର ଘରେ ରହେ । ସବୁବେଳେ ତ ଓଡ଼ିଶାର ଚାରିଆଡ଼େ ସାହିତ୍ୟ ସଭା, ସେ ସବୁରେ ଯୋଗ ଦେବାକୁ ପଡ଼େ ।"

"ଆପଣଙ୍କ ଘର ?"

ସେଥିରୁ କଅଣ ମିଳିବ ? ଘରେ ରହିବାର ଜୁ ଅଛି ?"

"ଆପଣ କି କବିତା ଲେଖନ୍ତି ?"

"ଅତି ଆଧୁନିକ ଗଦ୍ୟ କବିତା ଆପଣ ପଢ଼ି ନାହାନ୍ତି ?"

"ବୋଧହୁଏ, ନା । ସେକ୍ରେଟେରିଏଟରେ ଫାଇଲ ଘାଣ୍ଟୁ ଘାଣ୍ଟୁ ଦିନ ଯାଉଛି । ପଢ଼ିବି କେତେବେଳେ ? କଲେଜରେ ପଢ଼ିଲାବେଳେ ମୁଁ

କବିତା ପଢ଼ୁଥିଲି, ଲେଖୁଥିଲି । ଏମ୍.ଏ: ପାସ୍ କରି ଲ' ପଢିଲାବେଳକୁ ତାହା ଶେଷ ।"

'ଆପଣ ଆଧୁନିକ କବିତା-ଅତ୍ୟାଧୁନିକ କବିତା ବୁଝିପାରନ୍ତି ?'

ମୁଁ ଯେତେଟା ପଢ଼ିଛି, ବୁଝି ପାରିନାହିଁ ।

'ଠିକ୍ କଥା । ଏମ୍.ଏ.,ବି.ଏଲ୍. ବାଲାଙ୍କର କି ସାଧ ଯେ ତାହା ବୁଝିପାରିବେ ? ବୁଝିବା ପାଇଁ ତ ଆଧୁନିକ କବିତା ଲେଖାହୁଏ ନାହିଁ । ଯେଉଁ କବିତା ଯେତିକି ବୁଝାପଡ଼େ ନାହିଁ, ତାହା ସେତିକି ଆଧୁନିକ । ଅତି ଆଧୁନିକ ତାଠାରୁ ଅତି ବେଶୀ ।'

ଲୋକଟି ନିଜକୁ ଟିକିଏ ଅପମାନିତ ମନେ କଲା ; କିନ୍ତୁ କିଛି ନ କହି ତୁନି ରହିଲା ।

କବିଙ୍କ ନାତିଙ୍କର ଉତ୍ସାହ ବଢ଼ିଗଲା । କହିଲା—'ନିଜେ କବି ନ ହେଲେ ବା କବିଙ୍କ ପୁଅ ନାତି ବା ଅଣନାତି ନ ହେଲେ, ଦେହରେ କବି ରକ୍ତ ନ ଥିଲେ, ଆଧୁନିକ କବିତା କେହି ବୁଝିପାରିବ ନାହିଁ ।'

କିରାଣୀ ଜଣକ ଟିକିଏ ସାହାସ ସଂଗ୍ରହ କରି କହିଲା, 'ଠିକ୍ କଥା ଯେ, ବୁଝି ନ ହେଲେ କବିତାର ବା କି ଅର୍ଥ ଥିବ ? ମୁଁ ନିଜେ......?'

କବିଙ୍କ ନାତି ମଝିରେ ବାଧା ଦେଇ କହିଲେ,'ରହନ୍ତୁ, ରହନ୍ତୁ, ଅର୍ଥରୁ ହିଁ ସବୁ ଅନର୍ଥ । ଅର୍ଥ ଥାଇ ଆଧୁନିକ କବିତା ହେବ କିମିତି ? ମୁଁ କବିଙ୍କ ନାତି, ନିଜେ କବି ଏ କଥା ବୁଝେ । କବିଙ୍କ ନାତି, ନିଜେ କବି......?'

ଠିକ୍ ଏତିକିବେଳେ ବଇଣ୍ଡା ଛକରେ ବସ୍ ଅଟକି ଗଲା ।

ପଛରେ ଦଡବଧା ଦରଲଟକା ପାନଦୋକାନୀ ଜଣକ କାନରେ ଅନୁକୂଳଠାରୁ ଏ କଥା ବାଜୁଥିଲା । ଏକେ ତ ନିଦ ଆସି ଆସୁନାହିଁ । ସେଥିରେ ବିରକ୍ତି । ତା ସହିତ ମାରବାଡ଼ି ଦୁଇଟା ଉପରେ ରାଗ ଓ ବକ୍ତୃତାର ମାଡ଼ । ତାର ମନେ ହେଲା, ବକ୍ତୃତାବାଲାର କଣ୍ଠସ୍ୱରଟା ତାର ଜଣାଶୁଣା । ବସ୍ ଗଡୁଥିବାବେଳେ ଉଙ୍କିମାରି ତା ଚେହେରାଟା ଦେଖି ନେଲା । ସତେ, ସେହି ତ ।

ବସ୍ ଅଟକିବା ସାଙ୍ଗେ ସାଙ୍ଗେ ସେ ଆଉ ସମ୍ଭାଳି ପାରିଲା ନାହିଁ । ଜବାଙ୍କ ନାତି ଆଗକୁ ମାଡିଯାଇ କହିଲା, 'ଜବାଙ୍କ ନାତି ! ଜବା ! ତୁ କେଉଠ ନା ? ଦେ, ମୋ ଟଙ୍କାତକ ଦେଇପକା । ଦୋକାନରୁ ୫୦୦ ଟଙ୍କା ଚୋରାଇ ଆଣି ଲୁଚି ବୁଲୁଛନ୍ତି । ଏ ପୁଣି ଜବାଙ୍କ ନାତି, ଜବା, ମିଶ୍ର ବ୍ରାହ୍ମଣ ।'

ପାଖରେ ବସିଥିବା ଲୋକେ ତା ଆଡ଼କୁ ଚାହିଁଲେ । ବସ୍ ଗୋଟାକର ଲୋକ କଅଣ ଘଟିଲା ବୋଲି ନିଦ ବାଲୁବାଲୁ ହୋଇ ଆଗକୁ ନଜର ଦେଲେ ।

ପାନ ଦୋକାନୀ ଜବା ନାତିଙ୍କ ପାଖରେ ବସିଥିବା ଲୋକଙ୍କୁ ସମ୍ବୋଧନ କରି କହିଲା, "ଶୁଣ ହେ ବାବୁ ! କଟକ ଜିଲ୍ଲାରେ ଆମ ଗାଆଁ । ଏ ଲୋକଟା ଜଗା ବେହେରାର ପୁଅ, ଧନ ବେହେରାର ନାତି, ଆମ ଗାଆଁ ପାଖ ଇସ୍କୁଲରେ ପଢୁଥିଲା । ବୋଡିଂ ପିଲାଙ୍କଠୁଁ କଅଣ ଚେଷ୍ଟା କରିବାରୁ ତାକୁ ତଡ଼ିଦେଲେ । ମୋର ଗୁଡ଼ଲ, ଡାଲି ଦୋକାନରେ ମାସକୁ ୨୦ ଟଙ୍କାରେ ଲେଖାପଢ଼ା କାମ କରୁଥିଲା । କଟକ ମାଲଗୋଦାମରୁ ଜିନିଷ ଆଣିବା ପାଇଁ ଏ ନଧିଆ ହାତରେ ୫୦୦ ଟଙ୍କା ଦେଇ ପଠାଇଲି । ଜିନିଷ ସେ ଆଡେ, ମଣିଷ ସେ ଆଡେ । ଦୋକାନ ଗଲା । ମୁଁ ସମ୍ବଲପୁରକୁ ଆସି ପାନ ଦୋକାନ ଖଣ୍ଡେ କରିଛି ।"

ଜବାଙ୍କ ନାତି କାଠମୂର୍ତ୍ତି ପରି ବସି ରହିଥାନ୍ତି । ତାଙ୍କ କାନ ବାଟେ ଗରମ ପବନ ଚାଲିଥାଏ, ନେଳୀ ଚଷମାରେ କୁହୁଡ଼ି ମାଡ଼ି ଯାଇଥାଏ ।

ଡ୍ରାଇଭର ଗାଡି ଷ୍ଟାର୍ଟ କଲା । ନିଜ ସ୍ଥାନକୁ ଯିବା ଆଗରୁ ଲୋକଟା କହିଗଲା, 'ଚାଲ ସମ୍ବଲପୁର । ସହକୁ ଯିବୁ କି ଥାନାକୁ ଯିବୁ ଦେଖିବା ।'

ଝିପି ଝିପି ବର୍ଷା । ବସ୍ ଚାଲିଲା । ରାତି ଦୁଇଟା । କୁହୁଡ଼ିକାଟ ଅନ୍ଧାର । ରେଢାଖୋଲରେ ବସ୍ ଅଟକିଲା । କେତେଜଣ ଯାତ୍ରୀ ଚାହା ଖାଇବା ପାଇଁ ଓହ୍ଲାଇଲେ । ଜବାଙ୍କ ନାତି ପ୍ଲାଷ୍ଟିକ୍ ମୁଣା ଖଣ୍ଡେ ଧରି ଓହ୍ଲାଇପଡି ଅନ୍ଧାର ଭିତରେ ଉଭେଇ ଗଲେ—ଆଉ ଫେରିଲେ ନାହିଁ । ଯାତ୍ରୀ ଗଣତି ପରେ କ୍ଲିନର ଖୋଜିଲା, ଡ୍ରାଇଭର ବାରମ୍ବାର ହର୍ଣ୍ଣ ଦେଲା । ଜବାଙ୍କ ନାତି ଜବାଙ୍କର ପତ୍ତା ମିଳିଲା ନାହିଁ । ବସ୍ ଛାଡିଲା ।

# ଚିର-କୁମାରୀ

ବିବାସିନୀ ପ୍ରଧାନ ବର୍ତ୍ତମାନ ସେକ୍ରେଟେରିଏଟର ଜଣେ ଜୁନିୟର ଅଫିସର ।

ପ୍ରକୃତ ବୟସ ୫୦—ସିଭିଲ ଲିଷ୍ଟ ବା ସରକାରୀ ତାଲିକା ଅନୁସାରେ ୪୦ । ଏକା ନିର୍ବୋଧ ଛଡ଼ା ସରକାରଙ୍କୁ କେହି ନିଜର ପ୍ରକୃତ ବୟସ ଜଣାନ୍ତି ନାହିଁ । ମିସ୍ ପ୍ରଧାନ ଆଉ ଯାହା ହୁଅନ୍ତୁ ନା କାହିଁକି, ନିର୍ବୋଧ ନୁହନ୍ତି । ମାଟ୍ରିକୁଲେସନ ସାର୍ଟିଫିକେଟରେ ତାଙ୍କର ବୟସ ୧୬ । ୨୪ ବର୍ଷ ଚାକିରୀ ପରେ ତାଙ୍କର ବୟସ ଯେ ୪୦ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ?

ସେକ୍ରେଟେରିଏଟର୍ କୌଣସି ଗୋଟାଏ ଡ଼ିପାର୍ଟମେଣ୍ଟରେ ଡ଼ାଏରିଷ୍ଟ କାମରେ ତାଙ୍କର ଚାକିରି ଜୀବନ ଆରମ୍ଭ । କଲେଜରୁ ବି.ଏ ପାସ୍ କଲା ପରେ ଚାକିରୀ ଛଡ଼ା ତାଙ୍କର ଅନ୍ୟ ଉପାୟ ନଥିଲା । ଘରେ ମାଆ ବାପା, ଆଉ ଗୋଟିଏ ଭଉଣୀ—ବିଳାସିନୀ । ଖ୍ରୀଷ୍ଟାନ ପରିବାର । ଟିକିଏ ଇଜ୍ଜତ ରଖି ଚଳିବାକୁ ହୁଏ । ବାପା ବୁଢ଼ା । ଆୟର ପନ୍ଥା ବନ୍ଦ । ଚାକିରୀ ନ କଲେ ଅଚଳ ।

ବ୍ରିଟିଶ ଅମଳ । ଏତେ ସ୍କୁଲ୍ କଲେଜ ନ ଥିଲା । ଚେଷ୍ଟା କରି ମଧ ମାଷ୍ଟ୍ରାଣୀ ଚାକିରୀ ଖଣ୍ଡେ ମିଳିଲା ନାହିଁ । ଗୋରା ସେକ୍ରେଟେରୀଙ୍କ ନଜରରେ ପଡ଼ିବାରୁ ସେ ସଙ୍ଗେ ସଙ୍ଗେ ତାଙ୍କ ବିଭାଗରେ ଡାଏରିଷ୍ଟ କାମ ଖଣ୍ଡେ ଦେଇ ଦେଲେ ।

ମିସ୍ ପ୍ରଧାନ ଆଜିକାଲି ମୁଣ୍ଡରେ ରଙ୍ଗ ବୋଳି ଧଳା କେଶକୁ କଳା କରୁଛନ୍ତି, ମୁହଁରେ ଫୁଟି ଉଠୁଥିବା ବାର୍ଦ୍ଧକ୍ୟର ରେଖାଗୁଡ଼ାକୁ ଘୋଡ଼ାଇ ଦେବା ପାଇଁ ଘରସ୍ତେ ସ୍ନୋ ବୋଳି ହେଉଛନ୍ତି । କିନ୍ତୁ ଏବେ

ମଧ୍ୟ ତାଙ୍କ ଚେହେରା ଦେଖିଲେ ବିଗତ ବୟସରେ ସେ ଯେ ଅସୁନ୍ଦରୀ ନ ଥିଲେ ତାହା ଜାଣି ହେଉଛି ।

ଯୌବନ ଆରମ୍ଭରୁ, ବିଶେଷତଃ ଚାକିରୀ ଜୀବନ ମୂଳରୁ କେତେ ଯେ ଭେଉଁ ତାଙ୍କ ଉପରେ ବହିଯାଇଛି, ତାହାର ହିସାବ ସେ ନିଜେ ମଧ୍ୟ ରଖି ନାହାନ୍ତି । ଫୁଲ ଚାରିପଟେ ଭ୍ରମରର ମେଳା ପରି କେତେ ଆସନ୍ତି, କେତେ ଯାଆନ୍ତି, ତାହାର ହିସାବ କିଏ ରଖେ ? ଫୁଲ ବା ରଖିବ କାହିଁକି ? ମୂଳରୁ କିନ୍ତୁ ସେ ଧରି ନେଇ ଥିଲେ, ବିବାହ-ବନ୍ଧନ ତାଙ୍କ ପାଇଁ ନୁହେଁ । ନିଜେ ଚଳିବାକୁ ହେବ, ବାପା ମାଆଙ୍କୁ ଚଳାଇବାକୁ ହେବ, ସାନ ଭଉଣୀର ପଢ଼ା ଖର୍ଚ୍ଚ ଯୋଗାଇବାକୁ ହେବ ।

ଗତ କେତେ ବର୍ଷ ହେଲା ବାପାମାଆ ଗଲେଣି, ସାନ ଭଉଣୀ ମଧ୍ୟ କଲେଜ ପଢ଼ା ଶେଷ କରି ବିବାହ ହୋଇ ଘର ସଂସାର କଲାଣି, କିନ୍ତୁ ସେ କୁମାରୀ ରହିଛନ୍ତି—ସେହି ମିସ୍ ପ୍ରଧାନ ।

କୁମାରୀ-ମିସ୍—ଶବ୍ଦଟା ପ୍ରତି ତାଙ୍କର ଏକ ପ୍ରକାର ମୋହ ଥିଲା ଏହା ପଛରେ ଲୁଚି ରହିଥିଲା ତାଙ୍କ ସାରା ଜୀବନର ଇତିହାସ ।

ନୂଆ ରାଜଧାନୀର ଗୋଟିଏ ନିଛାଟିଆ ଅଞ୍ଚଳରେ ତାଙ୍କର କ୍ୱାର୍ଟର । ବାରଣ୍ଡାରୁ ପଶ୍ଚିମରେ ଖଣ୍ଡଗିରି, ଉଦୟଗିରିର ପାହାଡ଼ମାଳା, ଜାଗମରା ଗାଁର ଗହଳିଆ ଦୋଟା ମଝିରେ ବାଉଁଶ ଗଛ ଚହଟିବାଲ ଦେହରେ ଅଙ୍କି ହୋଇଯାଏ । ଜାତୀୟ ରାଜପଥର ସରଳରେଖା ପାହାଡ଼ କଡ଼େ କଡ଼େ ଦୋଟା ପଛରେ ଲୁଚି ଯାଇଛି । ସେ ବାଟରେ କେତେ ମଟର ଗାଡ଼ି କେତେ ଟ୍ରକ୍ ଅଣନିଃଶ୍ୱାସୀ ହୋଇ ଧାଉଁଥାନ୍ତି । ମଝିରେ ମଝିରେ ଜଣେ ଦୁଇଜଣ ବାଟୋଇ ଯାଉଛନ୍ତି—ବୋଧହୁଏ, ନିଜ ଘରକୁ ।

ଅଫିସରୁ ଫେରି ମିସ୍ ପ୍ରଧାନ ଉଦାସ ଦୃଷ୍ଟିରେ ସେହି ଆଡ଼କୁ ଚାହିଁ ରହନ୍ତି । ଦିନେ ଦିନେ ପଶ୍ଚିମ ଦିଗଟା ସିନ୍ଦୂର ପରି ଲାଲ ଦିଶେ ତାଙ୍କର ଜୀବନ ମଧ୍ୟ ଦିନେ ଭବିଷ୍ୟତର ରଙ୍ଗୀନ୍ ଆଶାରେ ଲାଲ ହୋଇ ଯାଇଥିଲା । ତାହା ଆଜି ବହୁ ପଛରେ ରହିଯାଇଛି । ଖଣ୍ଡେ ସାନ ଘର

ଦୁଇ ତିନୋଟି ସାନ ପିଲା, ସଂସାର ଯାହାରେ ଯାହା ଉପରେ ନିର୍ଭର କରି ଦୁନିଆର ସବୁ ଧକ୍କା ସମ୍ଭାଳି ପାରିବ ସେପରି ଜଣେ ଲୋକ, କେତେ ମାନ ଅଭିମାନ, ବିଚ୍ଛେଦ ମିଳନ, ରାଗ ଅନୁରାଗ—ଏହି ସବୁ ଉପାଦାନକୁ କେନ୍ଦ୍ର କରି ତାଙ୍କର କଳ୍ପନା ସୌଧ ଗଢିଉଠିଥିଲା । ତାହା ବହୁ ପଛରେ ପଡ଼ି ଯାଇଛି । ଯାହା ଅଛି, ତାହା ଠିକ୍ ଓଲଟା । ଖାଲି ଘର, ଶୂନ୍ୟ ଜୀବନ, ସଙ୍ଗହୀନ, ସହାନୁଭୂତି ବିହୀନ । ସାହାଯ୍ୟ କରିବା ପାଇଁ ଘରେ ଗୋଟାଏ ଚାକର ପିଲା । ବିନା ଦରକାର ବିନା ଉଦ୍ଦେଶ୍ୟ-ରେ କେହି ତାଙ୍କ ଦ୍ୱାରକୁ ଆସନ୍ତି ନାହିଁ—ପଦେ କଥା ମଧ୍ୟ କହନ୍ତି ନାହିଁ ।

ଆଜି ଦିନେ ଦିନେ ଈଶାଣ କୋଣରୁ ମେଘ ଉଠି ଆସେ । ପଶ୍ଚିମ ଆକାଶରେ କାଳି ବୋଳି ହୋଇଯାଏ । ପୂର୍ବ ଦିଗନ୍ତ କୋଳରୁ ଧୀରେ ଧୀରେ ଅନ୍ଧାର ମାଡ଼ି ଆସେ । ତାହାର ଭି ତରେ ଖଣ୍ଡଗିରି ପାହାଡ଼ ଧ୍ୟାନମଗ୍ନ ଋଷିପରି ନୀରବ, ନିଥର, ନିସ୍ପନ୍ଦ । ରହି ରହି ବିଜୁଳି ମାରେ, ଗୁରୁଗମ୍ଭୀର ଧ୍ୱନିରେ ମେଘ ଡାକେ । ଉତ୍ତର ପବନ ଗଛଗୁଡାକ ମୁଣ୍ଡରେ ଝାଉଁ ମାରେ । ସେ ଘର ଆଡ଼କୁ ନଜର ପକାନ୍ତି —ଚାକର ଟୋକା ହୁଏତ ରୋଷାଇ ଘରେ । ଖାଲି —ଶୂନଶାନ । ମିସ୍ ପ୍ରଧାନ ଭାବନ୍ତି, ବୋଧହୁଏ ଏହାହିଁ ତାଙ୍କ ଜୀବନରେ ଅନାଗତର ଇଙ୍ଗିତ । ଏହିପରି ମୋଘ ମାଡ଼ି ଆସିବ, ବିଜୁଳୀ ଚମକିବ, ବଜ୍ର ଡାକିବ, ଝଡ଼ ବହିବ, ତା' ପରେ ସବୁ ଶେଷ ।

ମିସ୍ ପ୍ରଧାନ ଶୂନ୍ୟ ହୃଦୟରେ ଟେବୁଲ ପାଖରେ ଯାଇ ବସନ୍ତି, ଟେବୁଲ ଆଲୁଅଟା ଜଳାଇ କାମ ଆରମ୍ଭ କରନ୍ତି, ଅଧ ଫାଇଲ ନୋଟ୍ ସିଟ୍‌ରେ ଯାହା ଲେଖା ହୁଅନ୍ତା ଇଚ୍ଛା କରି ତାହା ଚାରି ପେଜରେ ଲେଖନ୍ତି । ମଝିରେ ମଝିରେ କଲମ ରଖି ଝରକାର ମେଲା ପରଦା ବାଟେ ବାହାରକୁ ଚାହାଁନ୍ତି, ପୁଣି ଫାଇଲ ଗଦା ଭିତରେ ମୁଣ୍ଡ ପୁରାଇ ନିଜର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯିବାକୁ ଚେଷ୍ଟା କରନ୍ତି ।

ତାଙ୍କ ପାଖରେ ଯେଉଁ ବୁଢ଼ା ଷ୍ଟେନୋଗ୍ରାଫର ଜଣକ ଥିଲେ ସେ ଅବସର ନେବାରୁ ତାଙ୍କ ସ୍ଥାନରେ ଜଣେ ଟୋକା ଷ୍ଟେନୋଗ୍ରାଫର ମିଳିଲା ।

ବୁଢ଼ା ଷ୍ଟେନୋଟିର ଅବସର ନେବା ବେଶୀ ଦିନ ନଥାଏ । କାମରେ ତାର ମନ ଲାଗିବ କାହିଁକି ? ଡିକ୍ଟେସନ୍‌ରେ ଭୁଲ କରେ, ଅଳ୍ପ ବୋଇଲେ ଢାଲ୍ ଟିପେ, ଟାଇପ କରି ତାହା ଦେଲା ବେଳକୁ ତାହା ସାତ ଆକାର ଧରିଥାଏ ।

ବୁଢ଼ା ଷ୍ଟେନୋ ୧୧ଟା ବେଳେ ଅଫିସକୁ ଆସି ଠିକ୍ ୪ଟା ବେଳେ ସିଧାସିଧା ବନ୍ଦ କରି ଘରକୁ ଫେରେ—ଜରୁରୀ କାମ ଥିଲେ ମଧ୍ୟ ରହେନାହିଁ । କହେ ବଜାର ନ କଲେ ହାଣ୍ଡି ମାଙ୍କଡ଼ତତ୍ତ୍ୱ । ବୁଢ଼ୀ ପୁଣି ରୋଗ ଖର୍ପର ଧରି ଚଣ୍ଡୀ ଅବତାର ।

ମିସ୍ ପ୍ରଧାନ ତାଙ୍କୁ କିଛି କହନ୍ତି ନାହିଁ; ବୁଢ଼ାଟି—ତାଙ୍କୁ କହିବେ କଅଣ ବା ତାଙ୍କ ବିରୁଦ୍ଧରେ ଲେଖିବେ କଅଣ ?

ସାନ ହେଉ, ବଡ଼ ହେଉ, ଜୁନିୟର ହେଉ, ସିନିୟର ହେଉ, ଅଫିସର ତ—ତାଙ୍କ ଘରେ ଅଫିସ, ସେକ୍ରେଟେରିଏଟ୍‌ରେ ଅଫିସ । ବୁଢ଼ା ଷ୍ଟେନୋ କୌଣସି ଦିନ ମିସ ପ୍ରଧାନଙ୍କ ଘରକୁ ଯାଏନାହିଁ । ବଡ଼ବାବୁ (ହେଡ଼ ଆସିଷ୍ଟାଣ୍ଟ) ଦିନେ ଗଣ୍ଡିହାସ ଛଳରେ ଏହାର କାରଣ ପଚାରିବାରୁ ସବୁ ଆସିଷ୍ଟାଣ୍ଟଙ୍କ ଆଗରେ ସେ କହିଥିଲା, "ହୁଅନ୍ତୁ ଅଫସର । ସ୍ତ୍ରୀ ଲୋକ ତ ! ପୁଣି ଏକଲା ଘର, ବଦନାମକୁ ନ ଡରେ କିଏ ?"

ଜଣେ ଟୋକା ଏସିଷ୍ଟାଣ୍ଟ କହିଲା, "ଏ ବୟସରେ !"

ବୁଢ଼ା କହିଲା, 'ଖାଲି ଟୋକାଙ୍କ ବଦନାମ ହେବ, ବୁଢ଼ାଙ୍କର ନୁହେଁ, ଏମିତି ଆଇନ୍ କେଉଁଠି ଅଛି ? ଯେଉଁଠି ସ୍ତ୍ରୀ ଲୋକ ସେଇଠି ବଦନାମ ।"

ମିସ୍ ପ୍ରଧାନଙ୍କ ନୂଆ ଷ୍ଟେନୋ ନନ୍ଦମୂର୍ତ୍ତି ଗର୍ଗ ଠିକ୍ ଓଲଟା । କାମରେ ଯେତିକି ପୁଟୀ, ବାକ୍‌ଚାତୁରୀରେ ସେତିକି ଧୁରନ୍ଧର । ଲୋକଟି ସୁଶ୍ରୀ । ବୟସ ୨୬।୩ ।

ସକାଳ ୮ଟା ନ ବାଜୁଣୁ ସେ । ମିସ୍ ପ୍ରଧାନଙ୍କ କ୍ୱାର୍ଟରରେ ପହଞ୍ଚି ଯାଏ । ୧୦ଟାରେ ଅଫିସ । ସାଙ୍ଗରେ ପୁଣି ଅଫିସରଙ୍କ ବସ ।

କାମ ଥାଉ ବା ନ ଥାଉ, ଏହା ହିଁ ତା କାର୍ଯ୍ୟକ୍ରମ ।

ଅଳ୍ପଦିନ ମଧ୍ୟରେ ମିସ୍ ପ୍ରଧାନ ତା ଆଡ଼କୁ ଏତେ ଢଳିଗଲେ ଯେ, ନାରାୟଣ ରାଓ ତାଙ୍କ ପରିବାରର ଜଣେପରି ହୋଇଗଲା । ଘରର ସବୁ ଭାର ତା ଉପରେ ଦେଇ ମିସ୍ ପ୍ରଧାନ ନିଶ୍ଚିନ୍ତ ।

ଆଜିକାଲି ତାଙ୍କର ଉତ୍ସାହ ଖୁବ୍ ବଢ଼ିଯିବାର ଦେଖାଯାଉଛି । ଫାଇଲଗୁଡ଼ିକରେ ମନ୍ତବ୍ୟର ଭାଷା ସୁନ୍ଦର; ଯୁକ୍ତି ବଢ଼ିଆ, ନିର୍ଦ୍ଦେଶ ନିର୍ଧାରିତ ଓ ନିଷ୍ପତ୍ତି ସରଳ ।

ଅଫିସରେ ତ ଯାହା କମ ହେବାର ହୁଏ; କ୍ୱାର୍ଟରରେ ଥିବା ଅଫିସରେ ସାଧାରଣତଃ ରାତି ୧୦ଟା ଯାଏ କାମ ଚାଲେ ।

ନୂଆ ରାଜଧାନୀରେ ଘର ଅଭାବ । ନାରାୟଣ ରାଓ ପୁରୁଣା ଭୁବନେଶ୍ୱରରେ ଗୋଟିଏ ମେସ୍‌ରେ ରହେ । ବେଶୀ ରାତିରେ ଗଲେ ବହୁତ ଡକାଡ଼ାକରେ ମେସ୍ କବାଟ ଫିଟେ, ଗନ୍ଧୁଣିଆ ଚୋକା ଖାଇପିଇ ଶୋଇପଡ଼ିଥାଏ, ରୁଟି ଗୁଡ଼ିକ ତରକାରି ଠିକ ଏ ଥଣ୍ଡା ହୋଇ ଯାଇଥାଏ ।

ମିସ୍ ପ୍ରଧାନ ତା ସହିତ ଘରୋଇ କଥାବାର୍ତ୍ତା ହୁଅନ୍ତି । ତାର ଏପରି ହଇରାଣ ହରକତ କଥା ଶୁଣି ଦୁଃଖ ପ୍ରକାଶ କରନ୍ତି ।

ବହୁତ ଭାବିଚିନ୍ତି ଦିନେ କହିଲେ, "ମୋ କ୍ୱାର୍ଟରରେ ବହୁତ ଘର ଖାଲି ପଡ଼ିଛି । ତୁମେ ରହ ।"

ନାରାୟଣ ରାଓ ଉତ୍ତର ଦେଲା, ଆପଣଙ୍କର ବିଶେଷ ଦୟା, ମାଡାମ୍ । ଏପରି ତ ସବୁବେଳେ ରହୁଛି । ଆପଣଙ୍କ ଘରେ ରହିଲେ ଆଉ ଅଧିକା କଅଣ ହେବ ? ଦରମା ମିଳିଲେ ମେସ୍‌ର ପଇସା ତୁଟାଇ ଦେଇ ଆସିବି ।"

ମିସ୍ ପ୍ରଧାନ କହିଲେ, "ତମର ଯାହା ଟଙ୍କା ଦରକାର ମୋଠାରୁ ନେଇଯିବ ।"

ଏ ଲୋକଟି ପ୍ରତି ତାଙ୍କର ହୃଦୟତନ୍ତ୍ରୀରେ ବହୁଦିନ ତଳେ ହଜିଯାଇଥିବା ଗୋଟିଏ ସ୍ୱରର କ୍ଷୀଣ ପ୍ରତିଧ୍ୱନି ପୁଣି ଗୁଞ୍ଜରିତ ହେଉଥିବା କଥା ସେ ଅନୁଭବ କରୁଥିଲେ । ସୁଦୂର ଅତୀତର କେଉଁ ଗୋଟିଏ ବାସନ୍ତୀ ଲଗ୍ନରେ ଦୂରାଗତ ମୃଦୁମଳୟର ସ୍ପର୍ଶ ତାଙ୍କ ସ୍ମୃତିପଟରେ ମୁହୂର୍ତ୍ତକ ପାଇଁ ଦେଖା ଦେଇ ସଙ୍ଗେ ସଙ୍ଗେ ଲିଭିଯାଉଥିଲା ।

ଅଫିସରେ କାମ କରିବାକୁ ତାଙ୍କୁ ଭଲ ଲାଗିଲା ନାହିଁ । ସେ ଘରକୁ ଫେରିଲେ । ନାରାୟଣ ରାଓ ମଧ୍ୟ ତାଙ୍କ ସହିତ ଆସିଲା ।

ଗୋଟିଏ ବଡ଼ ଲାଲ ଟେଣ୍ଟପରି ସୂର୍ଯ୍ୟ ଉଦୟଗିରି ପଛରେ ଲୁଚିଗଲେ । ସନ୍ଧ୍ୟା ଓହ୍ଲାଇ ଆସିଲା । ତା ସଙ୍ଗେ ସଙ୍ଗେ ମିସ୍ ପ୍ରଧାନଙ୍କ ଶ୍ୱାସକଷ୍ଟ ବଢ଼ିଲା । ରାତି ୧୦ଟା ବେଳକୁ ସେ ବେହୋସ । ନାରାୟଣ ରାଓ କ୍ୟାପିଟାଲ୍ ହସ୍‌ପିଟାଲକୁ ଟେଲିଫୋନ୍ କଲା । ଆମ୍ବୁଲେନସ ଆସିଲା । ତାଙ୍କୁ ନେଇ ଯିଆଗଲା ।

ଡାକ୍ତରଖାନାର ଗୋଟିଏ କୋଠରୀ । ସେଇଠି ଗୋଟାଏ ଖଟରେ ତାଙ୍କୁ ଶୁଆଇ ଦିଆଗଲା । ନାକରେ ଅକ୍‌ସିଜେନ୍ ନଳୀ ଲାଗିଲା ।

ଝରକା ଆରପଟେ ଘୂଟ୍‌ଘୁଟ ଅନ୍ଧାର । ରାତି ପାହାନ୍ତା । ଆଗରେ ପାହାନ୍ତା ତାରା କ୍ରମେ କ୍ରମେ ମ୍ଳାନ ହୋଇଆସୁଥିଲା ।

ମିସ୍ ପ୍ରଧାନ ଆଖି ଫିଟାଇ ଚାହିଁଲେ । କ୍ଷୀଣ ସ୍ୱରରେ କହିଲେ, 'ରାଓ' । ତା ପରେ ସବୁ ଶେଷ ।

ହାସ୍‌ପାତାଳର ସର୍ଜିକେଲ ଓ୍ୱାର୍ଡ଼ର ଜଣେ ବୁଢ଼ା ରୋଗୀ ଧୀରେ ଧୀରେ ଦ୍ୱାରପାଖକୁ ଆସି ଖଟ ଉପରକୁ ଚାହିଁଲା, ପୁଣି ଧୀରେ ଧୀରେ ଫେରିଗଲା ।

ଖ୍ରୀଷ୍ଟାନ ମଣ୍ଡଳୀକୁ ଖବର ଗଲା । କଫିନ୍ ଆସିଲା । ମୃତ ଦେହକୁ ସେଥିରେ ପୂରାଇ କଣ୍ଟା ପିଟାଗଲା । ବୁଢ଼ା ତା ଉପରେ ମଳେ ଗେଣ୍ଡୁ ଫୁଲ ରଖି ଦେଇଗଲା ।

ନୂଆ ରାଜଧାନୀର ଶ୍ମଶାନ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନଙ୍କ ପାଇଁ ଧାଡ଼ି ହୋଇ ଅଲଗା ଅଲଗା ସ୍ଥାନ । ମଝିରେ କେବଳ ଗୋଟାଏ ଛୋଟ ପଥର ପାଚେରୀର ବ୍ୟବଧାନ । ପରଲୋକରେ ତାଙ୍କର ସନ୍ଧାନ ।

ମିସ୍ ପ୍ରଧାନଙ୍କ କଫିନ କବର ଭିତରକୁ ଓହ୍ଲାଇ ଦିଆଗଲା ।

ସେହି ରୋଗୀ ବୁଢ଼ା ପାଚେରୀ ଏପଟେ ରହି ଏ ଦୃଶ୍ୟ ଦେଖୁଥିଲା । ତା ଆଖିରୁ ଦୁଇ ଧାର ଲୁହ ଗଡ଼ିଗଡ଼ିଲା ।

# ସତ ଆଉ ମିଛ

ରାଉରକେଲା କାରଖାନା । ଚଞ୍ଚଳ ବ୍ଲାଷ୍ଟଫର୍ଣ୍ଣେସରୁ କଳାମିଶା ଗେରୁଆ ଧୂଆଁ ବାହାରି ବସ୍ତି ସେ ଉପରେ ଭାସି ଭାସି ଦିଗନ୍ତ ଦେହରେ ମିଶି ଯାଏ । ପଶ୍ଚିମରେ ଧାଡ଼ିଏ ପାହାଡ଼ । ତା' ତଳରେ ଗଢ଼ି ଉଠିଛି ଶିଳ୍ପ ନଗରୀ । ପ୍ରଶସ୍ତ ପଥ, କଡ଼େ କଡ଼େ କଅଁଳିଆ ଗଛ । ଦୁଇପାଖରେ ବଙ୍ଗଳା ଧରଣର ଘର ସବୁ, ଆଗରେ ଫୁଲ ବଗିଚା । ଏସବୁ କାରଖାନା ଅଫିସର-ମାନଙ୍କ ବାସଗୃହ । ରାତିରେ ଶିଳ୍ପନଗରୀ ଆଲୋକମାଳାରେ ସଜ୍ଜିତ ହୋଇ ଇନ୍ଦ୍ରପୁରୀ ପରି ଦେଖାଯାଏ ।

ଶିଳ୍ପନଗରୀ କଡ଼ରେ ପୁରୁଣା ରାଉରକେଲା । କାରଖାନା ଆଉ ନଗରୀ ତିଆରି ଆଗରୁ ଏ ଅଞ୍ଚଳ ଥିଲା ଛୋଟ ସାନ ଗାଆଁ । ତିରିଶ ଚାଳିଶଟା ଘର, ମଝିରେ ଗୋଟାଏ ବଡ଼ କୂଅ, ତା'ଠାରୁ କିଛି ଦୂରରେ ଗୋଟାଏ ସାନ ଗୁଡ଼ିଆ ଦୋକାନ । ଗାଆଁ ପଶ୍ଚିମକୁ ଲାଗି ଛୋଟିଆ ରେଳଷ୍ଟେସନଟିଏ । ଖଣ୍ଡିଏ ଟିଣ ଘର । ରାତିରେ ରେଳଗାଡ଼ି ଆସିବା ଆଗରୁ ପ୍ଲାଟଫର୍ମ ଉପରେ ଥିବା ସାତ ଆଠଟା ବତିଖୁଣ୍ଟରେ ମିଞ୍ଜି ମିଞ୍ଜି ହୋଇ କିରାସିନି ଡିବିରି ଜଳି ଅନ୍ଧାରକୁ ଗାଢ଼ତର କରିଥାଏ ।

ଗାଆଁ ଚାରିପଟେ ଦିଗନ୍ତ ବିସ୍ତୃତ କୁମ୍ଭକାଠ ଜଙ୍ଗଲ । ମଝିରେ ମଝିରେ ଆଦିବାସୀ ବସ୍ତି । ଅନ୍ଧାରୁଆ ପକ୍ଷର ନିଶା ରାତିରେ ମାଦଳର ଧ୍ୱନି ଭାସିଆସେ—ଢୁଂ, ଢାଂ, ଢୁଂ ।

ଆଜି, ସେସବୁ ଅତୀତର ଦରଭୁଲା ସ୍ୱପ୍ନ । ଇସ୍ପାତ ଓ ଇସ୍ପାତ କାରଖାନାର ଔଦ୍ଧତ୍ୟ ନଗରୀ ଓ ତା' ସଭ୍ୟ ନଗରବାସୀଙ୍କ ଜୀବନକୁ ପ୍ରଭାବିତ କରୁଛି । ନିର୍ଜୀବ ଇସ୍ପାତ; ନିର୍ଜୀବ କାରଖାନାର କଳ କବ୍ଜା

ସଜୀବ ମନୁଷ୍ୟ ମଧ୍ୟରେ ସଞ୍ଚାରିତ କରୁଛି ଜର୍ଜରତାର ମୋହ । କଳ ସନ୍ତ୍ର ସେମାନେ ସୁସଂସ୍କୃତ ଯାନ୍ତ୍ରିକ ଯନ୍ତ୍ରରେ ପରିଣତ ହୋଇଛନ୍ତି । ମାଝରେ ଜୀବନଗତ । କଳାକ ମାଝି ଓ କର୍ମୀ । କାଠର ପଇସାରେ ପ୍ରାଣ ଦେଇ କାଳେ କାଢ଼ନ୍ତି ବହୁତ ଯୌବନଶ୍ରୀ । ତା ମଝିକୁ ଖାଲୁଆ ଜମିରେ ନର୍ଦ୍ଦମାର କଳା ପାଣି ପ୍ରବାହିତ । ଦମ ବନ୍ଦ ହୋଇଯିବା ଭଳି ଦୁର୍ଗନ୍ଧ ସବୁବେଳେ ସେଥିରୁ ବାହାରୁଛି ।

ଏହିପରି ଗୋଟାଏ ନାଳ କଡ଼ରେ ଥିବା ତିନିଏ ଖଣ୍ଡ ଜମିରେ ସାନ ବଖରାଏ ଖପର ଘର । ଚାରିପାଖର କାନ୍ଥ, ସ୍ଥାନେ ସ୍ଥାନେ ବର୍ଷା ପାଣିରେ ଧୋଇ ହୋଇ ପ୍ରାଚୀନ ଅସ୍ଥି ପଞ୍ଜର ପ୍ରଦର୍ଶନ କରୁଛି । ଏହା ହିଁ ମହେନ୍ଦ୍ର ମୋହନ ମହାପାତ୍ରଙ୍କ ଘର । ଏହି ଘରେ ରହନ୍ତି—ସେ, ତାଙ୍କ ସ୍ତ୍ରୀ ପ୍ରେମମଞ୍ଜରୀ, ଆଉ ଅଠର ଉଣେଇଶ ବର୍ଷର ପୁଅ ସନ୍ତୋଷ ।

ଭୁବନେଶ୍ୱରରେ ବାସକରୁଥିବା ଅଧିକାଂଶ ଲୋକ ଭାବର ଦୁନିଆରେ ଅଛନ୍ତି । କେହି କାହାକୁ ଚିହ୍ନନ୍ତି ନାହିଁ, କାହାରି ଭିତ୍ତି କାହାରି ଜରୁରୀଆତ ସହାନୁଭୂତି ନାହିଁ । ଏଠି ସବୁ ସମସ୍ତେ ଚିହ୍ନନ୍ତି ଟଙ୍କା ପଇସା । କିଏ କେଉଁ କାମ କରି କେତେ ପଇସା ପାଉଛି ତା ଆଉ କେହି କଣ୍ଟ୍ରାକ୍ଟ କରି, ଆଉ କେହି କୁଲି କାମ କରି । ସେ ଯାହା କାର୍ଯ୍ୟରେ ବ୍ୟସ୍ତ । କିଏ କାହାରିକୁ ପଚାରିବା ପାଇଁ ବେଳ କାହିଁ ?

ସନ୍ତୋଷ ଗୋଟାଏ ଦୋକାନରେ କାମ କରେ । ସକାଳ ସାତଟା ବେଳେ ଘରୁ ଯାଏ, ଦୋକାନ ଖୋଲେ, ମାଲ ମୁଣ୍ଡାଇ ଆଣେ, ଦୋକାନରେ ଗରାଖଙ୍କୁ ମାଲ ଦିଏ, ମାଲିକ ପାଇଁ ଖୁଆ ଆଣେ, ପାନ ଆଣେ, ମାଲିକ ଘରର ବଜାର ସଉଦା ଆଣେ, ବେଳ ଥିଲେ ଟେହଲ ଟୁକୁରା କାମ କରିଦିଏ । ରାତି ୧୧ଟା ବେଳେ ଘରକୁ ଫେରେ । ଆଉ ଏ ନର୍ଦ୍ଦମା ପାଣିରେ ପଶି ଘରକୁ ଯାଏ । ମାସକୁ ପାଏ ନବେ ଟଙ୍କା ।

ଦୋକାନୀ ଜଣକ ମାରୁଆଡ଼ି । ସେ ଟଙ୍କା ଚିହ୍ନେ, ମଣିଷ ଚିହ୍ନେ ନାହିଁ । ପଇସାକ ତିନି ପଇସା କପଟ ହେବ ତାହା କଳ୍ପନା କରେ ।

ଘରେ ତାର ସ୍ତ୍ରୀ ସାବିତ୍ରୀ । ପୁଅ ନାହିଁ; ଝିଅ ନାହିଁ; କେହି ବି ନାହିଁ । ଧର୍ମକର୍ମକୁ ଆଗେ କରି ଧରିଥାଏ । ଭୋରରୁ ମନ୍ଦିରକୁ ଯାଏ,

ପିତଳ ଲୋଟାରୁ ନିକଟର ଥିବା ଅଶ୍ୱତ୍ଥ ଗଛ ମୂଳରେ ପାଣି ଢାଳି ନମସ୍କାର କରେ, ପିମ୍ପୁଡ଼ି ଗାତରେ ଚିନି ଦୁଇ ଦାନା ପକାଇ ଘରକୁ ଫେରେ । ରୁଟି କରେ; ସ୍ୱାମୀଙ୍କୁ ଖାଇବାକୁ ଦିଏ, ନିଜେ ଖାଏ; ବଜାର ସଉଦା କରିବା ପାଇଁ ସନ୍ତୋଷ ଆସିଲେ ଦିନେ ଦିନେ ବାସିରୁଟି ଖଣ୍ଡେ ଅଧେ ଦିଏ । ସନ୍ତୋଷ ତାକୁ ଡାକେ ମା'ଜୀ ।

ଦୁଇ ବର୍ଷ ପୂର୍ବେ ସନ୍ତୋଷ ଆଉ ତାର ବାପ-ମାଆ ଉଦିତ ନଗରରେ ଆସି ପହଞ୍ଚିଥିଲେ । ସାଙ୍ଗରେ ଖଣ୍ଡେ ସାନ ଟ୍ରଙ୍କ । କେହି ତାଙ୍କ ଖବର ରଖି ନଥିଲେ । ଜଣେ ଆଦିବାସୀଠାରୁ ମାସକୁ ଦଶ ଟଙ୍କା ଭଡ଼ାରେ ନର୍ଦ୍ଦମା ପାଖର ବଖରୁକିଆ ଘର ଖଣ୍ଡେ ନେଇ ସେମାନେ ରହିଲେ ।

ସନ୍ତୋଷ ଯେ ଦିନେ ମହୀପୁର ଜମିଦାର କୂଳର ଏକମାତ୍ର ଦୀପ ଥିଲା, ତାହା ଆଜି ସେ ଭୁଲି ଯାଇଛି । ତା ଜନ୍ମଦିନରେ ଷୋଳ ପଟ ପାଲା ହେଉଥିଲା, ବାଉସାକ୍ଷ ଯାତ୍ରା ହେଉଥିଲା, ତାଙ୍କ ଘରେ ଶହ ଶହ ଲୋକ ଖାଉଥିଲେ । ତାହା ଆଉ ତାର ମନେ ନାହିଁ । ସବୁବେଳେ ମୁହଁରେ ହସ, ଛିଣ୍ଡା କେଇଟା ହାଫ୍‌ପେଣ୍ଟ ଓ ସ୍ଲୋ ସାର୍ଟ ଭିତରେ ମଧ୍ୟ ଫୁଟି ଉଠୁଥିଲା ଆଭିଜାତ୍ୟର ଲକ୍ଷଣ । କୌଣସି ଦିନ ଦୋକାନର ମାଲିକ, ତାର ସ୍ତ୍ରୀ ବା ସନ୍ତୋଷର ମାଆ, ବାପା କେହି କେବେ ତାର ଶୁଖିଲା ମୁହଁ ଦେଖି ନାହାନ୍ତି ।

ସେ ତା'ର ଅତୀତକୁ ଭୁଲିଛି; କିନ୍ତୁ ଭୁଲିନାହାନ୍ତି ତାର ବାପା ଜମିଦାର ମହେନ୍ଦ୍ର ମୋହନ ଚୌଧୁରୀ ଆଉ ତା'ର ମାଆ; ଦୁଃଖଟାକୁ ସୁଖରେ ପରିଣତ କରିବା ପାଇଁ ତାଙ୍କ ମୁହଁରେ ହସର ରେଖା ବରାବର ଫୁଟି ଉଠୁଥାଏ ।

ମହେନ୍ଦ୍ର ମୋହନ ଅଭାବ ଅନାଟନଠାରେ ପରାଜିତ, ଏହି ଗ୍ଲାନିକୁ ଲୁଚାଇ ରଖିବା ପାଇଁ ଘର ବଖରାକୁ ସେ ଆତ୍ମଗୋପନର ଆଶ୍ରୟସ୍ଥଳୀରେ ପରିଣତ କରିଛନ୍ତି । କିନ୍ତୁ ସନ୍ତୋଷର ମାଆ ପାଖରେ ଅଭାବ ପରାଜିତ; ତାଙ୍କର ପ୍ରସନ୍ନତା ଦୁଃଖର କାଳିମା ଭିତରେ ଫୁଟାଇ ଦେଉଛି ଆନନ୍ଦର ସୁବିମଳ ଜ୍ୟୋତି ।

ଚୌଧୁରୀ ବଂଶ ଜମିଦାର । କେଉଁ ମୋଗଲ ଅମଳରେ ସେମାନେ ମହୀପୁର ଜମିଦାରୀ ଅର୍ଜନ କରିଥିଲେ, ସେ ଖବର ବିସ୍ମୃତି ଗର୍ଭରେ ବିଲୀନ ହୋଇଯାଇଛି । ରାଜା ଉଆସ ପରି ଘର । ପାଖରେ ବଗିଚା ଖଳା, ଷ୍ଟର ଷ୍ଟରିଠା ପ୍ରଶସ୍ତ ଧାନ ଘର । ଉଚ୍ଚ ପିଣ୍ଡା । ଚଛରେ କଚେରୀ । ତା ପଛକୁ ଅଗଣା । ତା ପଛକୁ ସାହାଲ ସାହଲ ଢେଙ୍କିଘର, ଗୋଇଲି ଘରବାରୀ ମୂର୍ତ୍ତି ।

ଘର ଆଗରେ ଦଧିବାମନଙ୍କ ମନ୍ଦିର । ବାର ମାସରେ ତେର ଯାତ୍ରା । ସବୁ ଦିନ ଘଣ୍ଟା ବାଜେ ଭୋଗ ହୁଏ, ଆଳତି ହୁଏ । ଅତିଥି ଅଭ୍ୟାଗତମାନେ ପ୍ରସାଦ ପାଆନ୍ତି । ମନ୍ଦିର ପାଖରେ ଥିବା ମେଲା ଘରେ ବିଶ୍ରାମ ନିଅନ୍ତି ।

ଚୌଧୁରୀଙ୍କ ସାତ ପୁରୁଷରୁ ଦୁଃଖୀ, ରଙ୍କୀ, ଭୋକା ଶୋଷି ତାଙ୍କ ଦୁଆରୁ ନିରାଶ ହୋଇ ଫେରିବା କଥା କେହି ଶୁଣି ନାହାନ୍ତି ।

ସନ୍ତୋଷର ଜନ୍ମ ବେଳକୁ କପୂର ଉଡ଼ିଯାଇ କନା ଖଣ୍ଡିକ ଥିଲା; କିନ୍ତୁ ମହେନ୍ଦ୍ର ମୋହନ ଚୌଧୁରୀ ସେହି ସୁବାସଟିକୁ ଗଣ୍ଠି ଧନ କରି ରଖି ଥିଲେ । ଜମିଦାରୀ ଉଚ୍ଛେଦ ହେଲା । ତା' ସହିତ ଗଲା ଆଲଗା ଗାଆଁରେ ଥିବା କଚେରୀ ଘର, ବାଗ ବଗିଚା, ପୋଖରୀ । ପଳାଇଲେ ପିଆଦା ଗୁମାସ୍ତା ଉଆସରେ ଥିବା ଚାକର ପୋଇଲିଙ୍କ ମଧ୍ୟରୁ ଅଧିକାଂଶ । ରହିଲେ କେବଳ ବୁଢ଼ା ହଳିଆ ଗୁରୁବାରୀ ମଲିକ, ବୁଢ଼ା ଚାକର ମୁକୁନ୍ଦ ବାରିକ ଓ ଉଆସରେ ବୁଢ଼ୀ ଦାସୀ ରଘୁଆ ମାଆ । ମୁକୁନ୍ଦା ଗୁରୁବାରୀକୁ କହୁଥିଲା, ହୁଳହୁଳି ବେଳେ ଆମେ ତ ମୁଣ୍ଡରେ ସୁନାପଗ ବାନ୍ଧି ବୁଲୁଥିଲୁ ହରିବୋଲ ବେଳକୁ ସାନ ସାଆନ୍ତଙ୍କୁ ଛାଡ଼ି ଯିବା କୁଆଡ଼େ ? ନିମକହାରାମୀ ହେବ ନାହିଁ ?

ଆଉ ଅବଶିଷ୍ଟ ରହିଲା ୧୪ ଏକର ନିଜଚାଷ ଜମି । ଏଥିରୁ ଯାହା କିଛି ମିଳୁଥିଲା ତାହା ବର୍ଷକର ସମ୍ବଳ । ତା ସାଙ୍ଗକୁ ଜମିଦାରୀ ଉଚ୍ଛେଦ ବାବଦ ବର୍ଷକୁ ଯାହା କ୍ଷତିପୂରଣ ମିଳୁଥିଲା, ତାହା ହିଁ ଥିଲା କଞ୍ଚା ପଇସା ।

ମହେନ୍ଦ୍ର ମୋହନ ଜାଣି ଥିଲେ, ଦୁର୍ଦ୍ଦିଶା କାଳର ଅଡ଼ା ରଖି ବେଶୀ ଦିନ ଚଳି ହେବ ନାହିଁ; କିନ୍ତୁ ପିଲଦିନୁ ଯେଉଁ ଧାରାରେ ସେ ଚଳି ଥିଲେ, ତାହା ବଜାଏ ନ ରଖି ଉପାୟ କଅଣ? ଗୋଟାଏ ଅଛି ଅଭ୍ୟାସ, ଅନ୍ୟ ଅଛି ସାଧୁ ମହାନ୍ତି।

ସାଧୁ ମହାନ୍ତି ଗାଆଁ ଠାକୁରର। ତା ବାପ ଚୌଧୁରୀ ଘର ଜମିଦାରୀ କଚେରୀରେ ମାସକୁ ଦଶଟଙ୍କା ଦରମାରେ ଗୁମାସ୍ତା ଗିରି କରୁଥିଲା। ସେବେଠୁ ଥିଲା ମହାନ୍ତି ମାନଙ୍କର ଦୁଇ ବଖରିଆ ଘର, ଗୁମାସ୍ତାର ବର୍ଷକୁ ବର୍ଷ କୁଣ୍ଡା ଉଠେ ନାହିଁ। ବୁଢ଼ା ଜମିଦାରଙ୍କ କଚେରୀରେ କାମ କରିବାର ବର୍ଷ କେତେକ ପରେ ଗୁମ୍ଫ ବଖରା ଅଠୁଘର ପିଣ୍ଡା ହେଲା, ପାଞ୍ଚ ମାଣ ଅଢ଼େଇ ଗୁଣ୍ଠର ଖେତ ଜମି ହେଲା, ମହାନ୍ତି ଘରବାଲୀ ନୂଆ ସୁନ୍ଦରୀ କନ୍ୟା ବର୍ଣ୍ଣେ କଲେ। ବୁଢ଼ା ଜମିଦାର ଗାଆଁରେ ଗୋଟିଏ ପ୍ରାଥମିକ ସ୍କୁଲ ବସାଇ ଥିଲେ, ସାଧୁ ମହାନ୍ତିର ବିଦ୍ୟା ସେହି ପର୍ଯ୍ୟନ୍ତ।

ସାଧୁ ମହାନ୍ତି ଲୋକଙ୍କୁ ମକଦ୍ଦମା କରାଏ। ତାଙ୍କ ସାଙ୍ଗରେ କଚେରୀକୁ ଯାଏ, ଉକିଲଙ୍କ ପାଖରେ ଛିଡ଼ାହୁଏ, ମୋହରିରଙ୍କୁ ଖୁସି କରେ। ଥାନା ଦରବାରରେ ତଦବିର ତା'ର କାମ ଥାଏ। ହଜୁରବେଳେ ତା ଦୁଆରେ ଚାରି ପାଞ୍ଚ ଜଣ ଲୋକ ବସି ଥାଆନ୍ତି। ଏହା ହିଁ ତା'ର ବ୍ୟବସାୟ।

ଏହି ବ୍ୟବସାୟରେ ସେ ଅର୍ଜ୍ଜନ କରି ପାଞ୍ଚମାଣ ଜମି କିଣିଛି। ଦୁଇ ବଖରା ପକ୍କା ଘର, ଚାରିଟି ପିଣ୍ଡା କରିଛି; ଦୁଆରେ ଝାଉଁଳି କବାଟ ଲଗାଇଛି।

ସେ ଅଞ୍ଚଳ ଠାକୁରର ମୁଖିଆ, ଗାଆଁର ନେତା। ତା ହାତରେ ୩୦୦ ଭୋଟର ଅଛନ୍ତି। ଭୋଟ ବେଳେ ହଜାର ହଜାର ଟଙ୍କା ତା ହାତକୁ ଆସେ ବୋଲି ଲୋକେ କହନ୍ତି। ମନ୍ତ୍ରୀଙ୍କ ପଛକୁ ମସ ର ଲାଗିଥାନ୍ତି ନଗଲେ ନଗରେ ଦେଖି ସେ ଲୋକଙ୍କ ଆଗରେ ବଡ଼ବଡ଼ କଥା କହୁଥାଏ। ଗାଆଁ ଭିତରେ ସେ ସବୁଠାରୁ ମୁଖିଆ ଲୋକ ବୋଲି ନିଜକୁ ପ୍ରଚାର କରିବା ଓ କାରବାରରେ ଦେଖାଇ ହେବାର କୌଣସି ସୁବିଧା ଛାଡ଼େ ନାହିଁ।

ମୂଳରୁ ସେ ଧରି ନେଇଛି ଯେ, ଗାଆଁରେ ଯେତେକାଳ ଚୌଧୁରୀ ଘରର ବଳେଇ କୁଆଟାଏ ମଧ୍ୟ ଥିବ, ସେତେ ଦିନ ପଦାକୁ ତାର ଜ୍ୟୋତି ଦିଶିବ ନାହିଁ ।

ସେଥିଯୋଗୁଁ ଜମିଦାରୀ ଉଚ୍ଛେଦ କରିବା ନାଆଁରେ ଦଳେଲୋକ ଯେତେବେଳେ ସ୍ବରଆଡ଼େ ଢେଇଁଲେ, ସେମାନଙ୍କ ସାଙ୍ଗରେ ଡେଇଁ 'ଆମର ଦାବୀ ପୂରଣ ହେଉ' ବୋଲି ସେ ପାଟି କରେ, ସଭାରେ ଆଗଧାଡ଼ିରେ ବସିପଡ଼େ, ଫଟୁଆରରେ ଆଗେ ବାହାରି ପଡ଼େ । ଜମିଦାରୀ ଉଠି ନ ଗଲେ ତାର ବଂଶ ବୁଡ଼ିଯିବ ବୋଲି ସେ ଦେଖାଇ ହୁଏ । ଚନ୍ଦା ଉଠାଇବାଠାରୁ ସଭାସ୍ଥଳରେ ପତାକା ପାତିବା, ବାହାରୁ ରାଜନୀତି ଦଳର ଗୋଟାଏ ଟିମା କର୍ମୀ ଆସିଲେ ତାକୁ ନେତା ବୋଲି ବର୍ଣ୍ଣନା କରି ଗୋଡ଼ାଇବା ଧରଣର କୌଶଳ ପ୍ରୟୋଗ କରି ସେ କେତେଟା ବର୍ଷ ଭିତରେ ଜଣେ ସ୍ଥାନୀୟ ନେତା ହୋଇଗଲା ।

ଜମିଦାରୀ ଉଚ୍ଛେଦ ବେଳେ ମହାନ୍ତର ଉତ୍ସାହ ଦେଖେ କିଏ ? ତାର କଥାରେ ସରକାର ଜମିଦାରଙ୍କଠାରୁ ଜମିଦାରୀ ଛଡ଼ାଇ ନେଲେ ବୋଲି ସେ ସ୍ବରଆଡ଼େ କହି ବୁଲିଲା । ୧୦ । ୧୨ଜଣ ଲୋକଙ୍କୁ ସାଙ୍ଗରେ ଧରି ନାଲିକନାର ପତାକା ଉଡ଼ାଇ ଗାଆଁ ଦାଣ୍ଡରେ ଗୋଟାଏ ଶୋଭା-ଯାତ୍ରା କଲା, 'ଚୌଧୁରୀ ଘର ଆଗରେ ସାମନ୍ତବାଦ ଧ୍ୱଂସ ହେଉ' ବୋଲି ରଡ଼ି କଲା ଓ କରାଇଲା । ଚୌଧୁରୀ ଘରକୁ ମନ ଇଚ୍ଛା ଗାଳି ଦେଲା ।

ସେଦିନ କାଳରୁ ମହେନ୍ଦ୍ର ମୋହନ ଚୌଧୁରୀ ତାକୁ ଦେଖିପାରନ୍ତି ନାହିଁ, କେହି କଥା ଉଠାଇଲେ ସାଧୁ ମହାନ୍ତ 'ବାଜେ ଲୋକ' ବୋଲି କହନ୍ତି ।

ସାଧୁ ମହାନ୍ତ କାନରେ ଏ କଥା ପଡ଼ିବାରେ ଡେରି ହୁଏ ନାହିଁ । ମନେ ମନେ ସେ ରକ୍ତ ସ୍ବଳନ ଶୁଖାଇ ହୁଏ । ବାହାରେ କହେ, ବୁଢ଼ାର ଗୋଡ଼ ତଳକୁ ତଳକୁ ।

ପ୍ରଜାମାନେ ଚୌଧୁରୀଙ୍କ ନିଜ ଚାଷ ଜମି ମାଡ଼ି ବସିଲେ । ଘରକୁ ମୁଠାଏ ଧାନ ଆସିଲା ନାହିଁ ; ହେଲେ ମହେନ୍ଦ୍ର ମୋହନ ଜାଣି ଶୁଣି

ପୂର୍ବପୁରୁଷଙ୍କ ଅର୍ଥ କମାଇଲେ ନାହିଁ । ଆପେ ଆପେ ଯେଉଁଠିକ କମିଲା, ତାହା ପୂରଣ ହୋଇପାରିଲା ନାହିଁ । ଧାନ ଘର ଭାଙ୍ଗି ପଡ଼ିଲା, ଉଆସ ପାଚେରୀ ବର୍ଷାରେ ଶୋଇ ପଡ଼ିଲା, ହାତିଶାଳ ପରି ଗୁହାଳଘରର ଛାଳ ପବନରେ ଉଡ଼ିଗଲା; କିନ୍ତୁ ଦଧିବାମନଙ୍କ ମନ୍ଦିରରେ ଅଭ୍ୟାଗତ ସେବା ବନ୍ଦ ହେଲାନାହିଁ ।

ଷତିପୂରଣ ଟଙ୍କା ସରିଲା; କିନ୍ତୁ ଝଉ କମାଇବା ମହେନ୍ଦ୍ର-ମୋହନ ଚୌଧୁରୀଙ୍କ ଦ୍ୱାରା ହୋଇପାରିଲା ନାହିଁ । ସାଧୁ ମହାନ୍ତ ଆଡ଼କୁ ଚାହିଁ ସେ ନିଜର ଚଳଣି ବଦଳାଇ ପାରିଲେ ନାହିଁ । ସେ ବଡ଼ ଥିଲେ, ବଡ ଅଛନ୍ତି, ଆଉ ଯେତେ ଦିନ ସମ୍ଭବ ବଡ଼ ହୋଇ ଚଳିବେ, ଏହି ମୂଳ କଥାକୁ ଧରି ସେ ଚାଲିଲେ ।

ପ୍ରଜାମାନେ ଯେଉଁସବୁ ଜମି ମାଡ଼ି ବସିଛନ୍ତି; ସେଥିପାଇଁ ସେମାନଙ୍କ ନାମରେ ମକଦ୍ଦମା କରି ଜମି କାଢ଼ି ଆଣିବାକୁ କେହି ପରାମର୍ଶ ଦେଲେ ସେ କହନ୍ତି, 'ସାତ ପୁରୁଷର ପ୍ରଜା ସେମାନେ । ତାଙ୍କ ନାଆଁରେ ମକଦ୍ଦମା କରିବ ? ନେଲେ ନେଅନ୍ତୁ ।"

କ୍ରମେ କ୍ରମେ ଘରର ଗହଣା-ଗାଣ୍ଠି, ବାସନ-ବର୍ତ୍ତନ, ବାକ୍ସ; ଅଲମାରି ବିକି ହୋଇ ଘର ଚଳିଲା । ଖାଲି ଘର, ସ୍ତ୍ରୀଙ୍କ ଦେହ ଲଙ୍ଗଳା, ହାତରେ ଦୁଇ ଦୁଇ ପଟ ପାଣି କାଚ । ଘର ଭିତରକୁ ଆସିଲେ ମହେନ୍ଦ୍ର-ମୋହନ ବେଳେ ବେଳେ ଗମ୍ଭୀର ହୋଇପଡ଼ନ୍ତି ।

ତାଙ୍କ ସ୍ତ୍ରୀ ସବୁ ଦୁଃଖ ଉଡ଼ାଇ ଦେବା ଉଦ୍ଦେଶ୍ୟରେ ହସି ହସି କହନ୍ତି, ପାଖରେ ତୁମେ ଅଛ, କୋଳରେ ସନ୍ତୋଷ ଅଛି, ଅଭାବ କଅଣ ? ଆମଠାରୁ ଶହେ ଗୁଣ ଦୁଃଖୀରଙ୍କର ପୁଣି ଦୁନିଆଁରେ ଅଛନ୍ତି ! ସେ କଥା ଭାବନା । ଦୁଃଖ କାହିଁକି ?

ଜମି ନାହିଁ; କିନ୍ତୁ କାଗଜପତ୍ରରେ ଚୌଧୁରୀ ଘର ନାଆଁ ଅଛି । କୃଷି ଆୟକର ବର୍ଷକୁ ବର୍ଷ ସରକାରୀ ସିରସ୍ତାରେ ଭଡ଼ା ହେଉଛି । ତିନି ବର୍ଷର ବାକି । ଦେଉଛି କିଏ ? ସମ୍ବଳ କାହିଁ । କୋଡ଼ିଏ ହଜାର ଟଙ୍କାର ସାର୍ଟିଫିକେଟ ଆସିଲା, ଘର ନିଲାମ ହେଲା ।

ରାତି ଅଧରେ ମହେନ୍ଦ୍ରମୋହନ ତାଙ୍କ ସ୍ତ୍ରୀ ଓ ପୁଅ ଘର ଛାଡ଼ି ରାଉରକେଲା ଚାଲିଲେ । ଏଠାରେ କେହି ସେମାନଙ୍କୁ ଜାଣିବେ ନାହିଁ, ଚିହ୍ନିବେ ନାହିଁ, ଚୌଧୁରୀ ଘରର ମାନ ତଳେ ପଡ଼ିବ ନାହିଁ ।

ଦୁଇମାସ ଧରି ମହେନ୍ଦ୍ରମୋହନ ବିଛଣାରେ ପଡ଼ିଛନ୍ତି । ଜ୍ୱର ଛାଡ଼ୁ ନାହିଁ, କାଶ ଚାଲିଛି, କଫ ସାଙ୍ଗରେ ରକ୍ତ ପଡ଼ୁଛି । ପ୍ରଭାମଞ୍ଜରୀ ସବୁବେଳେ ତାଙ୍କ ପାଖରେ । ଡାକ୍ତର ନାହିଁ, ଔଷଧ ନାହିଁ, ଡାକ୍ତର ଡାକିବା ବା ଔଷଧ କିଣିବା ପାଇଁ ପଇସା ନାହିଁ । ମାସରେ ନବେ ଟଙ୍କା, ଖାଇବ କେତେ, ଖର୍ଚ୍ଚ କରିବ କେତେ ?

ଯେଉଁଦିନ ସନ୍ତୋଷକୁ ବିଛଣା ପାଖକୁ ଡାକି ତା' ମୁଣ୍ଡରେ ଶୀର୍ଣ୍ଣହାତ ଦୁଇଟାରେ ତାଳୁ ଭିଡ଼ିଧରି ମହେନ୍ଦ୍ରମୋହନ କହିଲେ—"ବାପ, ପଦେ କଥା କହିଦିଏ । ଚୌଧୁରୀ ଘରେ ଜନ୍ମ ହୋଇ ତୁ ଚାକର କାମ କଲୁ; ଏହା ମୁଁ ଦେଖିଲି । ଯାହା' ପଛରେ ତିନିଜଣ ପୋଇଲି ବୁଲୁଥିଲେ, ସେହି ତୋର ମାଆ, ଆଜି ଭିକାରୁଣୀଠାରୁ ହୀନ । ଏ ସବୁ ଏ ଆଖି ଦେଖିଲା, ଛାତି ସହିଲା । ଦିନ ସରି ଆସୁଛି, ଆଉ ନୁହେଁ, ଚୌଧୁରୀ ବଂଶର ମର୍ଯ୍ୟାଦା ତଳେ ପକାଇବୁ ନାହିଁ । ଏହିତକ କହି ଯାଉଛି ।"

ଗୋଟାଏ କାଶ । ପୋଷେ ରକ୍ତ । ସବୁ ଶେଷ ।

ସେତେବେଳେ ଇସ୍ପାତ କାରଖାନାର ଭୁଙ୍ଗା ବାଜୁଥିଲା, ସବୁଦିନ ପରି ବ୍ଲାଷ୍ଟଫର୍ଣ୍ଣେସ୍‌ରୁ କଳାମିଶା ଗେରୁଆ ଧୂଆଁ ବାହାରି ଦୂର ଆକାଶରେ ମିଶିଯାଉଥିଲା ।

# ଜଓହର-ଜ୍ୟାକେଟ

ନୀଳାଦ୍ରୀ ଓରଫ ନୀଳେଇ ପ୍ରଧାନ ଗ୍ରାମ୍ୟ ନେତା । କେହି ତାଙ୍କୁ ଭୋଟ ଦେଇ ନେତା ବାଛି ନାହାନ୍ତି । ସେ ନିଜେ ନିଜେ ନେତା ସ୍ୱୟଂଭୂ । ପଞ୍ଚବର୍ଷିକ ଯୋଜନା ବ୍ୟାପାରରେ ଗ୍ରାମଗୋଷ୍ଠୀ ପରିକଳ୍ପନା ଗୋଟାଏ ଅବ୍ୟାପାର । ତା'ଭିତରେ ପୁଣି ଗ୍ରାମ୍ୟ ନେତା ଗଠନ ନାମକ ଆଉ ଗୋଟାଏ ଅବ୍ୟାପାର ଅଛି । ସେମାନଙ୍କ ପାଇଁ ତାଲିମ ବ୍ୟବସ୍ଥା ରହିଛି । ନୀଳାଦ୍ରୀ ସେ ଧାରରେ ତାଲିମ ପାଇଥିବା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନେତା ନୁହେଁ । ସେ ନିଜକୁ ନିଜେ ତିଆରି କରିଥିବା ନେତା ।

ଦୂରରୁ ଦେଖିଲେ ଜଣେ ପୋଲିସବାଲାକୁ ଚିହ୍ନିବାରେ ଭୁଲ ହୁଏ ନାହିଁ । ସେ ବଳରାମ ଗୋଟିଏଇତ କି ହଳଧର ଖଣ୍ଟୁଆ ତାହା କେହି ଖୋଜନ୍ତି ନାହିଁ । ତାର ନାଲି ପଗଡ଼ି ହିଁ ଯଥେଷ୍ଟ । ନୀଳାଦ୍ରୀ ପ୍ରଧାନର ଜଓହର ଜ୍ୟାକେଟ୍ ଖଣ୍ଡିକ ଠିକ୍ ସେହିପରି । ଖରା, ବର୍ଷା, ଶୀତ ସବୁଦିନ ସେ ଖଣ୍ଡିକ ତା ଦେହରେ ଲାଗିଥାଏ । ସେ ଯେ ଜଣେ ନେତା ସେଥିରୁ ଜଣାଯାଏ ।

ଜଓହର ଜ୍ୟାକେଟ । ନାଆଁଟା ଟିକିଏ ଗୋଳମାଳିଆ । ଜଓହରଟା ଲୋକଙ୍କ ମୁହଁରେ ଜହର ହୋଇ ଯାଇଛି ।

ଜଓହର ଅର୍ଥ ଦାମୀ ପଥର । ଜଡ଼ଉ ଗହଣାରେ ଲାଗେ । ହୀରା, ନୀଳା, ବୈଦୁର୍ଯ୍ୟ, ମାଣିକ୍ୟ ।

ଆଉ ଜହର—ହଳାହଳ । ବିଷ ।

ଯଥା······ଜହର ସଙ୍ଗତେ ମହୁରା (ମଥୁରାମଙ୍ଗଳ)

ଜହର ଟିକିଏ ଖାଇ ମରୁନାହୁଁ—ଅଭିଶାପ ।

ଜହର ଏଣ୍ଡ୍ରିକସ୍, ଫଲିଡ଼ଲ୍···କୀଟନାଶକ ଔଷଧ, ମନୁଷ୍ୟ ନାଶକ ମଧ୍ୟ ।

ଗୋଳମାଳ ଉଚ୍ଚାରଣରେ—ବୁଝିବାରେ ନୁହେଁ । ଗ୍ଲେଟାର ନାଆଁ ଶ୍ରୀଚରଣ । ଅନ୍ଧର ନାଆଁ ପଦ୍ମଲୋଚନ । ବୁଝିବାରେ ଭୁଲ ହୁଏ ନାହିଁ । ଶ୍ରୀଚରଣ କହିଲେ କେହି ଗୋଡ଼ ଖୋଜନ୍ତି ନାହିଁ କି ପଦ୍ମଲୋଚନ କହିଲେ ଆଖି କେହି ଖୋଜନ୍ତି ନାହିଁ ।

ଜ୍ୟାକେଟ-ଫତେଇ । ଜଓହରଲାଲ ନେହେରୁ ଧନୀ ପିଲା । ବିଲାତରେ ପଢ଼ିଛନ୍ତି । କୋଟ, ଭେଷ୍ଟ କୋଟ, ଟାଇ, କଲର, ପ୍ୟାଣ୍ଟ, ବୁଟ ପିନ୍ଧିବାରେ ଅଭ୍ୟସ୍ତ । ଗାନ୍ଧୀ ବୁଢ଼ା ତାଙ୍କୁ ସ୍ୱାଧୀନତା ସଂଗ୍ରାମ ଭିତରକୁ ଟାଣି ଆଣିଲେ । ସେ ମଧ୍ୟ ଆସିଲା । ସଉକ । ମିଠା ଖାଇ ଶଟା ଲଗିଲେ ଖଟା ଦରକାର ।

ଗାନ୍ଧୀ ବୁଢ଼ା ସମସ୍ତିଙ୍କୁ ମୋଟା ପିନ୍ଧିବାକୁ କହିଲେ । ଖଦଡ଼ । ନାଆଁଟା ପରି ଲୁଗାଟା ଖଦଡ଼ା । ଜଓହରଲାଲ ପିନ୍ଧିଲା । ଏ ବି ଗୋଟାଏ ସଉକ ।

ଚେହେରା ଭଲ । ଧଳା ଖଦଡ଼ । ସୁନ୍ଦର ଦିଶିଲା ।

ଲୁଗା ଉପରେ କାମିଜ, ତା ଉପରେ କଳା ରଙ୍ଗର ଫତେଇ, ବୋତାମ ଘରରେ ଗୋଟିଏ ନାଲି ରଙ୍ଗର ଗୋଲାପ । ଆହୁରି ସୁନ୍ଦର । ଫେସନ ହୋଇଗଲା । ଆଜି ଯେମିତି ଟୋକାଙ୍କ ମୁଣ୍ଡରେ ମୁଣ୍ଡେ ଲୁଖୁରା ବାଳ ସାଙ୍ଗକୁ ଗାଲମୋଚ୍ଛ ବା ବଗମୁହାଁ । ଜୋତା ଉପରେ ନଳିଆ ପ୍ୟାଣ୍ଟ ତା' ଉପରେ ଲାମ୍ବ ତଳକୁ ପଟି, ତା' ଉପରକୁ ସତରଞ୍ଜିମାର୍କା ରଙ୍ଗୀନ ଅଙ୍ଗୀ ।

ପ୍ରାଚୀନ କବି ଗାଇଥିଲେ—

ଶ୍ୟାମ ନାଗର ହେ, ଏ ବେଶ ହୋଇବ ନାହିଁ ।

ସୁନ୍ଦର ନ ଦିଶୁ···ଫେସନ ତ !

କାଳକ୍ରମେ ଜଓହରଲାଲ ପିନ୍ଧୁଥିବା ଫରେଇର ନାଆଁ ଜହର ଜ୍ୟାକେଟ ହୋଇଗଲା । ଦରଜୀମାନେ ତିଆର ଆରମ୍ଭ କଲେ, ନେତା ମାର୍କା ଗ୍ରାହକମାନେ ପିନ୍ଧିଲେ ।

ନାଆଁ ଟା ରହିଗଲା···ଖାଲି ଏ ଜ୍ୟାକେଟର ନୁହେଁ, ଦେଶରେ ମଧ୍ୟ ଠିକ୍ ଯେମିତି ସତ୍ୟ, ଅହିଂସା ବୁଢ଼ା ଗାନ୍ଧୀଙ୍କର । ଏହା ତାଙ୍କର ଆବିଷ୍କାର ନୁହେଁ । ଯେମିତି ଅଣୁଶକ୍ତି ଫଳ ତାଙ୍କ ଇହୁଦୀ ଆଇନଷ୍ଟାଇନଙ୍କ ଆବିଷ୍କାର ନୁହେଁ ।

ଚଣ୍ଡି କହୁଛି—ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା । ଶକ୍ତି ସବୁ ଭୂତରେ—ମାଟି, ଜଳ, ତେଜ, ବାୟୁ, ବ୍ୟୋମରେ । ଅଣୁ ସବୁଠି । ଶକ୍ତି ସବୁଠାରେ ।

ସତ୍ୟ, ଅହିଂସା···ଅଜ୍ଞାତର କେଉଁ ଯୁଗରେ ଆବିଷ୍କୃତ, କେଉଁ ଦିବ୍ୟଦ୍ରଷ୍ଟା ଋଷି କଣ୍ଠରେ, ସଭ୍ୟତାର ପ୍ରଥମ ପ୍ରଭାତରେ ।

ଆଜି ସତ୍ୟ, ଅହିଂସା ବୁଢ଼ା, ଗାନ୍ଧୀଙ୍କ ନାମରେ ଚଳୁଛି । ତା ବଦଳରେ ଚାଲିଛି ଅସତ୍ୟ, ହିଂସା—ଅ ଅକ୍ଷରଟା ବାଜିଗଣିତ ଧାରାରେ ଆଗକୁ ଚାଲି ଆସିଛି । ତାହା ଦେଶର ଛାତି ଉପରେ ମାଡ଼ି ବସିଛି । ଜ୍ୟୋତିର୍ମୟ ଭୂତପରି ବୁଢ଼ା ଜାତିର ଆଖି ଆଗରେ ଠିଆ ।

କଥା ରହିଛି ପ୍ରୟୋଗରେ, ଆବିଷ୍କାରରେ ନୁହେଁ । ଗାନ୍ଧି, ଆଇନ୍-ଷ୍ଟାଇନ ଦୁହିଁଙ୍କଠାରେ । ସତ୍ୟ ଅହିଂସାର ପ୍ରୟୋଗ ଭାରତରେ । ଫଳ ଷାଠିଏ କୋଟି ମଣିଷର ସ୍ୱାଧୀନତା ଲାଭ । ଅଣୁ ଶକ୍ତିର ପ୍ରୟୋଗ ଜାପାନର ହିରୋସିମା ଓ ନାଗାସାକି ସହର ଉପରେ । ଫଳ ମୁହୂର୍ତ୍ତକେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ । ଗୋଟାକରେ ଗୋଟାଏ ବିରାଟ ଜାତିର ସ୍ୱାଧୀନତା; ଆଉ ଆରଟାରେ ଆଉ ଗୋଟାଏ ସ୍ୱାଧୀନ ଜାତିର ପରାଧୀନତା ।

ମାଳେଇ ପ୍ରଧାନର ଜହର ଜ୍ୟାକେଟ ମଧ୍ୟ ଗୋଟାଏ ପ୍ରୟୋଗ—ଜ୍ୟାକେଟର ସେତେ ନୁହେଁ ସେତେ ତା ନାଆଁର ।

ଏକଦା ଜଓହରଲାଲ ଥିଲେ ନେତା । ଜ୍ୟାକେଟ ସେ ପିନ୍ଧୁଥିଲେ । ତାଙ୍କ ଦେଖାଦେଖି ନେଟୀ ନେତା ବାଲଖିଲ୍ୟ ଧରଣର ଲୋକ ବାଇଲେ । ଜ୍ୟାକେଟ ଦେହରେ ନେତୃତ୍ୱ ଗନ୍ଧ ଲାଗିଗଲା ।

ସେହି ଗନ୍ଧ ଯୋଗୁଁ ମଲେଇର ମାଳାଦ୍ରୀ ଅବତାର ।

ଗାଁ ଚାଟଶାଳୀରେ ବିଦ୍ୟା ସମାପ୍ତ ହେବା ପରେ ମଲେଇ ଗାଆଁର ଯାତ୍ରା ଦଳରେ ଗୋଟିପୁଅ ହୋଇଗଲା । ମା ପେଟରେ ଥାଉ ଥାଉ ତା' ବାପା ମରି ଯାଇଥିଲେ ବୋଲି ସେ କହେ; କିନ୍ତୁ କୌଣସି କାଳେ ତାର କେହି ଆଇନ ସଙ୍ଗତ ପିତା ଥିଲେ କି ନା; ଏ ବିଷୟରେ ଗାଆଁରେ ଥିବା ଅଶୀ ବର୍ଷର ବୁଢ଼ା ରାଧୁ ଗୋସ୍ୱାଇଁତ କଥା ପଡ଼ିଲେ ସନ୍ଦେହ ପ୍ରକାଶ କରିଥାଏ ।

ସେ କହେ; ମଳାର ମାଆ ସାଙ୍ଗ ବୁଢ଼ା ଜମିଦାରଙ୍କ ଅମଳରେ ସାଆନ୍ତାଣୀଙ୍କ ସହିତ ଯୋଗିଲ ହୋଇ ଆସିଥିଲା । ମୁଁ ଦେଖିଛି । ମଳାର ଜନ୍ମ ଆଗରୁ ଜମିଦାର ଗାଁ, ସେ ମୁଣ୍ଡରେ ସାବା ପାଇଁ ଟଣ୍ଡେ କୁଡ଼ିଆ ମାରି ଦେଇ ତା'ର ଭରଣପୋଷଣ ଲାଗି ତଙ୍ଗାରେଇ ତହାରରେ ପାଞ୍ଚ-ମାଣ ଜମି ଖଞ୍ଜି ଦେଇଥିଲେ । ସେଇଠି ମଳାର ଜନ୍ମ । ଆଜିକାଲି ପରପାରରେ ଥିବା ଯଶସ୍ୱୀ ଲୋକଙ୍କ ଜୀବନୀ ଲେଖିବା ସମ୍ପର୍କରେ ଉପାଦାନ ସଂଗ୍ରହ ପାଇଁ ଗବେଷଣା ଚାଲିଛି । ଆଜ୍ଞା ଖୋଳି ଖୋଳି କାଳେ ମହାଦେବ ବାହାରି ପଡ଼ିବେ, ଏ ଆଶଙ୍କାରେ ନିଜକୁ ବଡ଼ ବୋଲି ଭାବୁଥିବା ଲୋକେ ନିଜ ନିଜ ଜୀବନୀ ଲେଖି ତାକୁ ଛାପାବନ୍ଧି କରିଦେଇ ଯାଉଛନ୍ତି । ସେଥିରେ କେହି କେହି ନିଜକୁ ଗୋଟାଏ ଗୋଟାଏ ଭୂଇଁଫୋଡ଼ ମହାପୁରୁଷ ବୋଲି ବର୍ଣ୍ଣନା କରିଦେଇ ଯାଉଛନ୍ତି । ଆଉ କେହି କେହି ଥିଲାବାଲା ଲୋକଙ୍କ ପାଖରେ ଥିବା ଲେଖନକାରମାନଙ୍କୁ ପଇସା ଦେଇ ନିଜ ଜୀବନୀ ଲେଖାଇ ନେଉଛନ୍ତି । ବୈଷ୍ଣବ ପାଣି ସୁଆଙ୍ଗରେ କୁମ୍ଭିଆ ସାମନ୍ତ ରଜା ହୋଇ ବାହାରି ହାର୍ମୋନିୟମ ବାକ୍ସ ଉପରେ ସିଂହାସନରେ ବସିବା ମାର୍ଗରେ ରଜା ଠାଣିରେ ବସି ଯେପରି କର୍ଣ୍ଣବିଦାରକ ସ୍ୱରରେ ଗାଏ, 'ଦେଖ ମନ୍ତ୍ରୀବର ମୋର ସଭା କେଡ଼େ ଶୋଭାରେ' ସେମାନେ ବସ୍ୱଦ ମୁତାବକ ନିଜ ନିଜ ଜୀବନୀ ଲେଖାଇ ନେଉଛନ୍ତି । ଜହର ଜ୍ୟାକେଟ ଭୂଷଣ । ନେତା ଶ୍ରୀ ମାଳାଦ୍ରୀ ପ୍ରଧାନଠାରେ ନିଜ ଜୀବନୀ ନିଜେ ଲେଖିବା ପରି ବିଦ୍ୟା ନାହିଁ । ଭଡ଼ାଟିଆ ଲେଖନକାରଙ୍କ ଦ୍ୱାରା ତାହା ଲେଖା ହୋଇଛି କି ନା ଜଣା ନାହିଁ; କିନ୍ତୁ ଗାଁର ଜଣେ ଏପରି ଯଶସ୍ୱୀ ଲୋକର ଜୀବନୀ ଲେଖା-

ହେବା ଉଚିତ ବୋଲି ଭୋଟ ମାଗି ଆସି ଥିବା ଉପମନ୍ତ୍ରୀ ପ୍ରଭୃଆର ଜଣେ ଲୋକ କହିଥିଲେ ବୋଲି ଖୋଦ ମାଳାଦ୍ରୀ ପ୍ରଧାନ ବରାବର ପ୍ରକାଶ କରି ଥାଆନ୍ତି ।

ଜୀବନୀ ଲେଖିବା ଲୋକ ଜୀବନଟାଏ ମାଳାଦ୍ରିର । ଶୁଖିଲା ଭୂଇଁରେ କେଉଁ ଉପାୟରେ ବାଳିଆ ଧରିବାକୁ ହୁଏ ତାକୁ ଏ ଇଲମ ଭଲ ରୂପେ ମାଲୁମ । କଟକରେ କେଉଁ କଚେରୀରେ ଗାଆଁର କାହାର କେଉଁ କାମ ଅଛି ମାଳାଦ୍ରୀକୁ ସେ ଆଗୁଆ କରି ଧରିଲା ତା'ର ଯିବା ଆସିବା ଖର୍ଚ୍ଚ ଭୁଲାଇ କାମର ଗୁରୁତ୍ୱ ଓ ଲାଭର ଆକାର ମୁତାବକ ତାକୁ ସଲାମି ଦେଲା । ସିଧା ସଳଖ ମାଳାଦ୍ରିର ଏତିକ ଆୟ । ତା' ଛଡ଼ା ଉପରି ବା ଭିତରି ଲାଭ ବି ଅଛି ।

କଚେରୀର ବାରଣ୍ଡାରେ ଦିନ ସାଙ୍ଗରେ ଦୁଇ ଗୁରି ଜଣ ମଫସଲୀ ଲୋକଙ୍କୁ ଧରି ଜହର ଜ୍ୟାକେଟର ଗରିମା ଦେଖାଇ ଛିଡ଼ାହୋଇଥିବା ମାଳେଦ୍ରୀ ଉପରେ ନଜର ପଡ଼ିଲେ ଶାଗୁଣା ମତ ଖୋଜୁଥିବା ପରି କଚେରୀ ହତାରେ ମକ୍କେଲ ଖୋଜିବୁଲୁଥିବା ବେକାର ଟୋକା ଓକିଲଙ୍କ ମଧ୍ୟରୁ ଦୁଇ ତିନି ଜଣ ବେଳେ କାଳେ ଉଣ୍ଡି ପହଞ୍ଚି ଯାଆନ୍ତି ତା ପାଖରେ ଏକାଠି ନୁହେଁ ଜଣ ଜଣ କରି । ମାଳାଦ୍ରି ସହିତ ଜଣେ କଥା କହୁ ଥିବା ଯାଏ ଆଉ ଜଣେ ଦୂରରେ ଥାଇ ଟାକି ରହିଥାଏ ।

ସମସ୍ତଙ୍କ ମୁହଁରେ ସେହି ଗୋଟାଏ 'ମାଳାଦ୍ରୀବାବୁ, ଭଲ ତ ?

ଜହରି ଜ୍ୟାକେଟ ତଳେ ମାଳେଦ୍ରିର ଛାତି ଗୁରି ଆଙ୍ଗୁଳି ଫୁଲି ଉଠେ ।

କେତାଠାଣିରେ ସେ କହୁଥାଏ—ଆଜ୍ଞା ପିଲାମାନେ ଭଲ ତ ?

ଯେପରି କେତେ କାଳର ଘନିଷ୍ଠତା, ଆତ୍ମୀୟତା, ଯେପରି ଓକିଲ ଜଣକ ତା ଝିଅର ଶାଳୀର ଭଣଜା । ତା'ପରେ ଓକିଲଙ୍କ ଅଡୁଆ ପ୍ରଶ୍ନ— କୁଆଡ଼େ ଆସିଛନ୍ତି ? ସାଧା କଥାରେ କହିଲେ ଏହାର ଅର୍ଥ, ମକଦ୍ଦମା ପାଇଁ ତ ଆସିଛନ୍ତି, ମୋତେ ଓକିଲ ଧରନ୍ତୁ ।

ଛୋଟା ଓକିଲମାନଙ୍କ ଧାରଣା ରାଜନୀତିକ ଦଳରେ ଯୋଗ ଦେଲେ ମହକିଲ ସହଜରେ ମିଳିବ, ଦୁଇ ପଇସା ବି ହୋଇପାରିବ । ନିର୍ବାଚନବେଳେ ପ୍ରାର୍ଥୀ ହୋଇ ପାରିଲେ ବ୍ୟବସାୟୀଗତ ଦ୍ରୁର ସଙ୍ଗେ ସଙ୍ଗେ ହଜାର ଦଶ ହଜାର ବା ତା ଠାରୁ କିଛି ବେଶି ବା କମ୍ ହାତ ଫଇଠ ହୋଇଯିବ । ନିର୍ବାଚନରେ ଜିତିଲେ ମାସିକ ଦରମା ସହିତ ଗସ୍ତ ଖର୍ଚ୍ଚ ଅଛି । ତା' ଛଡା ଲୋକଙ୍କୁ ଠକାଇ ଭଣ୍ଡାଇ କାହାକୁ କାଉଁଶପଣ ଠିକା, କାହାପାଇଁ ଗବର୍ଣ୍ଣମେଣ୍ଟ ଲାଇସେନ୍ସ, ନଈବାଲି ପରମିଟ୍, କଣ୍ଟାଇଠା କୋଠା କରାଇ ଦେବ ବୋଲି କହି ଦୁଇ ଚାରି ହଜାର ମାରି ନେବାରେ ମଧ୍ୟ ସୁଯୋଗ ମିଳିଯିବ । ନାମକୁ ନାମ ମିଳିବ । ଭବିଷ୍ୟତରେ ଓକିଲ ବେଉସା ପାଇଁ ମଧ୍ୟ କ୍ଷେତ୍ର ପ୍ରସ୍ତୁତ ହୋଇଯିବ ।

ସବୁ ରାଜନୀତିକ ଦଳରେ ତ ଖଣ୍ଡେ, ଚୋର, ଦୁଆଚୋର, ଦଗଲବାଜ, ଗୁଣ୍ଡା ଥାଆନ୍ତି । ବେଳେବେଳେ ସେମାନେ ଆଇନ ହାବୁଡରେ ପଡି ଫଶା ହୋଇ କଚେରୀକୁ ଆସନ୍ତି । ତାଙ୍କ ପକ୍ଷରୁ ଲଢିବା ପାଇଁ ଏହି ଧରଣର ଓକିଲମାନେ ଅଣ୍ଟା ଭିଡି ବାହାରି ପଡନ୍ତି । ଖବର କାଗଜରେ ବଡା ଅକ୍ଷରରେ ନାଆଁ ବାହାରିବ । ବଡ଼ ଓକିଲ ବୋଲି ପ୍ରଚାର ହୋଇଯିବ ।

ଠାଉରେ ନ ହେଲେ ଓକିଲ ବେଉସା ଅଚଳ । ଜହରଜ୍ୟାକେଟ ପିନ୍ଧା ମାଳାଦ୍ଧିକୁ ଦେଖିଲେ ସେମାନେ ଜଣ ଜଣ କରି ଟାଣି ହୋଇ ଆସନ୍ତି । ଖବର କ'ଣ ବୋଲି ଜଣେ ପଚାରିଲେ ତୋ ଦଳର ଗୋଟିଆ କମିଟି କିପରି ଚାଲୁଛି ବୋଲି ଆଉ ଜଣେ ପଚାରେ ।

ଏସବୁ ପ୍ରଶ୍ନ ହେଲେ ମାଳାଦ୍ଧି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଢଙ୍ଗରେ ଉତ୍ତର ଦିଏ, ।

ଭଲ' ।

ଭଲଟା କଣ ସେ କଥା ଜାଣିବା ପାଇଁ ପ୍ରଶ୍ନକର୍ତ୍ତାର ଇଚ୍ଛା ନ ଥାଏ । ଦରକାର ବି ନ ଥାଏ । ମାମୁଲି ପ୍ରଶ୍ନର ମାମୁଲି ଉତ୍ତର ।

କେତକୀ ମାଳାଦ୍ରି ପ୍ରଧାନଙ୍କ ସ୍ତ୍ରୀ । ଜହରଜ୍ୟାକେଟର ମହିମା ମାଳାଦ୍ରିଠାରେ ଯେତେ, ତା'ଠାରେ ତାହାଠାରୁ ବୋଧହୁଏ ଟିକିଏ ବେଶି । ଜହର ଜ୍ୟାକେଟ ପିନ୍ଧି ମାଳାଦ୍ରି କୁଆଡ଼େ ବାହାରିଲେ କିଛି ନ ହେଲେ ତିନିଟଙ୍କା ପାଞ୍ଚଟଙ୍କା ତ ଘରକୁ ଅର୍ଥାତ୍ ତା ହାତକୁ ଆସେ । ଓକିଲମାନେ କେମିତି କଳାକୁ ଧଳା, ଧଳାକୁ କଳା କରୁଅଛନ୍ତି, ସେମାନଙ୍କର କିପରି କୋଠାବାଡ଼ି, ଗଣ୍ଡା ଗଣ୍ଡା ମଟରଗାଡ଼ି ରହିଛି ସେ ସବୁର ବର୍ଣ୍ଣନା ତା ସ୍ୱାମୀ ପାଖରୁ ସେ ବରାବର ଶୁଣିଥାଏ । ସେମାନେ କିପରି ପୋଷାକ ପିନ୍ଧନ୍ତି, ସେ ବର୍ଣ୍ଣନା ମଧ୍ୟ ବାଦ ପଡ଼େନାହିଁ । କେତକୀ ଦେଈଙ୍କର ଧାରଣା ହୋଇଯାଇଛି ଯେ, ଜହରଜ୍ୟାକେଟ୍ ଖଣ୍ଡିକ ଟଙ୍କା ରୋଜଗାରର ପୋଷାକ । ମାଳାଦ୍ରି କୁଆଡ଼ୁ ଫେରିଆସି ଅଲଗୁଣୀରେ ସେ ଖଣ୍ଡିକ ଫିଙ୍ଗିଦେଲେ କେତକୀ ତାକୁ ଝାଡ଼ିଝୁଡ଼ି ଟିଣ ସୁଟକେଶରେ ରଖିଦିଏ ।

କେତକୀ ଦେଈର ପୁଅଝିଅ କିଛି ନାହିଁ । ତଥାପି କାଳେ ପୁଅ ଝିଅ ହେବ ବୋଲି ସେ ବରାବର ଦୂତିଆ ଓଷା କରେ । ଦୂତିଆ କୋଠି ପାଖରେ ପୂଜା ଦେବାପାଇଁ ଯାଇ ପଟ୍ଟନାୟକ ଘର ବୋହୂ ଜଡ଼ଉ ହାର ପିନ୍ଧି ଥିବାର ଦେଖି ଆସିଥିଲା ।

ସେ ଦିନ ମାଳାଦ୍ରି ସହରକୁ ଯିବ ବୋଲି ଦେହରେ ଜହର-ଜ୍ୟାକେଟ ଗଳାଉ ଗଳାଉ ଅଟକି ଗଲା ।

କେତକୀ କହିଲା, "ହଇ ହେ ! ପଟ୍ଟନାୟକ ଘର ବୋହୂ ଗୋଟାଏ ଜଡ଼ଉ ହାର ପିନ୍ଧିଛି, ଦେଖିଲ ।

ମାଳାଦ୍ରି କହିଲା, 'ସେମିତି ଖଣ୍ଡେ ହାର ପାଇଁ ମନ ବଳାଇଲଣି କି ?'

କେତକୀ ଦେଇ ହସି ହସି କହିଲା, "ମଲମ, ଅଦିନା ଘର ଝିଅ ବୋହୂ ସେମିତି ହାର ନାଇଛନ୍ତି । ମୋ ମିଣିପ ସେମିତି ଦେବୋଳଗାଇଥା କି ?"

ମାଳାଦ୍ରି ଟିକିଏ ଗମ୍ଭୀର ହୋଇ କହିଲା, "ସୁନା ଦର ଜାଣିଛ ? ଭରି ପାଞ୍ଚଶହ ଟଙ୍କା । କମ୍‌ରେ କମ୍ ଚାରି ଭରି ନ ହେଲେ ହାର ଖଣ୍ଡେ ହେବନାହିଁ । ନଗଦ ଦୁଇହଜାର ଟଙ୍କା ।"

କେତକି କଥାଟାକୁ ସହଜ କରି ଦେବାପାଇଁ କହିଲା, "ହେଲା । ଦୁଇ ହଜାର ଟଙ୍କା ତୁମକୁ କେତେ ?"

ଏହା ଉତ୍ତରରୁ ନାହିଁ କରିବା ବାଟ ନାହିଁ ।

ଜହରଜାକେଟ ପିନ୍ଧୁ ପିନ୍ଧୁ ମାଳାଦ୍ରି କହିଲା, ହଉ, ଦେଖିବା ।

ଦେଖିବା, ଚେଷ୍ଟା କରିବା, ବିଚାର କରିବା ଆଦି କଥା ମନ୍ତ୍ରୀ ଉପମନ୍ତ୍ରୀଙ୍କ ମୁହଁରୁ ବରାବର ଶୁଣାଯାଏ । ମାଳାଦ୍ରି ତ ନିଜକୁ ବରାବର ମନ୍ତ୍ରୀମାନଙ୍କ ପାଖ ଲୋକ ବୋଲି ପ୍ରଚାର କରିଥାଏ । ଦଶ ପନ୍ଦର ଥର ମନ୍ତ୍ରୀଆ ଭାଷା ମଧ୍ୟ ତା କାନରେ ପଡ଼ିଛି । ଏ ଧରଣର ଭାଷା ପ୍ରୟୋଗ କରିବାରେ ସେ ନିଜକୁ ଏପରି ଭାବରେ ଅଭ୍ୟସ୍ତ କରି ନେଇଛି ଯେ, ଘରେ ମଧ୍ୟ ଏ ଧରଣର କଥା ତା ତୁଣ୍ଡରୁ ବରାବର ବାହାରି ପଡ଼ିଥାଏ ।

ବାଟରେ ଯାଉ ଯାଉ ଗୋବର୍ଦ୍ଧନ ମହାନ୍ତି ସହିତ ତା'ର ଦେଖା । ସାତ ମାଣ ଜମି ବିକି ଗୋବର୍ଦ୍ଧନ ପୁଅକୁ ବି. ଏ. ପଢ଼ାଇ ଥାଏ । ପାସ୍ କରି ପୁଅ ବାବୁ ତିନିବର୍ଷ ହେଲା ଘରେ ବସିଛି । ଗୋବର୍ଦ୍ଧନ ଆଶା କରି ଥିଲା ଯେ, ପୁଅ ପାସ୍ କଲେ ଚାକିରି କରିବ, ମାସକୁ ମାସ ଶହ ଶହ ଟଙ୍କା ବୋହି ଆଣିବ । ଦରମା ତ ଦରମା ଉପରି ପଇସାରେ ଘର ପୂରିଯିବ; ସାତ ମାଣ ଜାଗାରେ ସେ ପନ୍ଦର ମାଣ ଜମି କିଣିବ; ପକ୍କା ଘର କରିବ, ଚାକର ନୌକର ରଖିବ, ଧୁମଧାମରେ ପୁଅକୁ ବାହା ଦେବ; ମହା ମଉଜରେ ରହିବ । ପୁଅକୁ ଚାକିରି ଖଣ୍ଡେ ନ ମିଳିବାରୁ ସେ ଗୁଡ଼ରେ ବାଲି ମିଶି ଯାଇଛି । ପୁଅମଣି ଘରେ ବସି ରହିବାରୁ ତାଙ୍କର ବାବୁଆନା ଖର୍ଚ୍ଚ ତୁଲାଇବା ପାଇଁ କଷ୍ଟ ନ ହେଲେ ବି ମନକୁ ତିନିଟଙ୍କା ଦରକାର । ବିଲ ମୁଣ୍ଡକୁ ଗଲେ ପୁଅଙ୍କ ଯୋତାରେ କାଦୁଅ ଲାଗିଯିବ, ଲଙ୍ଗଳ କାନ୍ଧେଇ ଧରୁଛି କିଏ ? ଏହା ଉପରେ ପ୍ୟାଣ୍ଟ, କୋର୍ଟ, ଧୋବା, ଭଣ୍ଡାରି ଖର୍ଚ୍ଚ । ଏ ତିନି ବର୍ଷଭିତରେ ଗୋବର୍ଦ୍ଧନ ମହାନ୍ତି ବେଦମ ।

ବାଟରେ ମାଳାଦ୍ରିକୁ ଦେଖି ତା ମୁଣ୍ଡରେ ଗୋଟାଏ ବୁଦ୍ଧି ଗଜା ମାରିଲା ।

ସେ କହିଲା, ......'ହଇ ହେ ମାଳାଦ୍ରି ବ'ବୁ, ମନ୍ତ୍ରୀମାନେ ପରା ତୁମର ସାଙ୍ଗ ? ଆମ ଟୋକାଟା ତିନବର୍ଷ ହେଲା ଘରେ ବସିଛି । ମନ୍ତ୍ରୀଙ୍କୁ କହି ଚାକୁ ଖଣ୍ଡେ ଗ୍ରକରୀରେ ଲଗାଇ ଦେଉନାହଁ ?"

ମାଳାଦ୍ରି କହିଲା...ତୁମେ ମତେ କେବେ କହିଥିଲ ? କହିଲ ତ, ହଉ ଦେଖିବା ।"

ଗୋବର୍ଦ୍ଧ କହିଲା,...'ମୋ ପୁଅ କଅଣ ତମ ପୁଅ ନୁହଁ ? ମନ୍ତ୍ରୀ କହିଁଲେ ଗ୍ରକରୀ ଖଣ୍ଡେ କେଉଁ ବଡ଼ କଥା ?

ମାଳାଦ୍ରି ଗମ୍ଭୀର ଭାବରେ କହିଲା, 'ହଉ, ଦେଖିବା ବୋଲି କହିଲ ପରା । ଏ ସବୁ କଥା ବାଟ ଘାଟରେ ହୁଏ ? ମନ୍ତ୍ରୀଙ୍କ କଥା କ'ଣ ତମ ଆମ ଭିତର କଥା ପରି । ଘରକୁ ଆସ, ବୁଝିବା, କହିବା ।

ଆଁ କୁଶୀଟା ଥାକଗଲେ ଗୋବର୍ଦ୍ଧ ମହାନ୍ତ ଛାଡ଼ିବା ଲୋକ ନୁହେଁ । ମାଳାଦ୍ରି ଘରକୁ ସେ ଧାଇଁଲା ।

ମାଳାଦ୍ରି ଦେଖିଲା,...ମାଛ ଥୋପ ଗିଳିଛି । ମନ୍ତ୍ରୀଙ୍କୁ କହି ତପୋଟି ଗ୍ରକରୀ କରାଇ ଦେବ ବୋଲି କହି ଖର୍ଚ୍ଚ ପାଇଁ ଗୋବର୍ଦ୍ଧ ମହାନ୍ତଠାରୁ ଦୁଇ ହଜାର ଟଙ୍କା ସେ ହାତ ପଇଠ କଲା ।

ମନ୍ତ୍ରୀ ସାଧୁ ଲୋକ । ଟଙ୍କା ପଇସା ଛୁଅଁନ୍ତି ନାହିଁ । ତାଙ୍କର ପ୍ରାଇଭେଟ ସେକ୍ରେଟେରୀ, ପି. ଏ, କିରାଣି, ଜମାଦାର, ଚପରାସୀ ତ ଅଛନ୍ତି । ପୁଣି ଯେଉଁ ବିଭାଗରେ ଗ୍ରକରୀ ହେବ; ସେ ବିଭାଗର କିରାଣି, ହେଡ଼ ଆସିଷ୍ଟେଣ୍ଟ, ଆସିଷ୍ଟେଣ୍ଟ, ଅଣ୍ଡର ସେକ୍ରେଟେରୀ, ସେକ୍ରେଟେରୀ ଅଛନ୍ତି । ତା' ଉପରେ ବଡ଼ପାଇଁ ଭୁନ ଭେଟା ଅଛି । ଯିବା ଆସିବା, ରହିବା ଖାଇବା, ପାନ ବିଡ଼ି ଖର୍ଚ୍ଚ ତ ଅଲଗା । ଗୁଡ଼ାଏ ପଇସା ଖର୍ଚ୍ଚ, ପାରିବ ? ପାଞ୍ଚ ହଜାର ଯାଏ ।

ଗୋବର୍ଦ୍ଧ ତିନ ଶହରୁ ଆରମ୍ଭ କଲା । କେଉଁଠୁ ପାଇବ ବୋଲି ଆପତ୍ତି କଲା । ପାଞ୍ଚ ଶହ, ସାତ ଶହ ସେଇଠୁ ଉଠି ଉଠି ଦୁଇ ହଜାର ।

ଉପଟି ଗୃହକଷ୍ଟ । ଦରମା ଅଛି । ଉପୁରି ଅଛି । ଗୋବର ମହାନ୍ତି ଏକରେ ଜମି ବିକି ତିନି ହଜାର ଟଙ୍କା ପାଇଲା । ଦୁଇ ହଜାର ଧରି ମାଳାଦ୍ରି ପାଖରେ ପହଞ୍ଚିଲା ।

ବନ୍ଶୀ ଉଠାଇବା ବେଳେ ବଡ଼ ମାଛ । ତାକୁ ଖେଳାଇ ବେଦମ ନ କରି ଖାଞ୍ଚ ମାରିଲେ ଡୋରି ଛିଣ୍ଡିଯିବ; ପାଣି ମାଛ ପାଣିରେ ରହିବ, ତା ହାତରେ ଖାଲି ଖଡ଼ାଟା ରହିଯିବ ।

ମାଳାଦ୍ରି ଟଙ୍କା ଛୁଏଁ ନାହିଁ ବୋଲି ଧରି ବସିଲା । ଏହା ତାର ପ୍ରତିଜ୍ଞା ବୋଲି ଘୋଷଣା କଲା । ଗାନ୍ଧିଠାରୁ ମନ୍ତ୍ରୀ ଗଜବ ମଲିକ ପର୍ଯ୍ୟନ୍ତ ଦୃଷ୍ଟାନ୍ତ ଦେଲା । ଜହରଲାଲ ନୂଆ କି ପୁରୁଣା କିଛି ପଇସା ଛୁଇଁ ନ ଥିଲେ ବୋଲି ତଥ୍ୟ ପ୍ରକାଶ କରି ଗୁଡ଼ାଏ ବକ୍ତୃତା ଦେଇ କହିଲା,...ବଚନ ଦେଇ ହାରି । ଜବାବ ଦେଇଛି, ଉପାୟ କଅଣ । ଗୋବର ମହାନ୍ତି ଏ ବକ୍ତୃତା ଶୁଣିବା ପରେ କହିଲା,...“ମୋ ଟଙ୍କା କିଏ, ତୁମ ଟଙ୍କା କିଏ, ପ୍ରଧାନ ପୁଅ ? ମୁଁ ତ ଟଙ୍କା ଆଣି ନାହିଁ । ତୁମେ ଯିଦା ଟଙ୍କା ଛୁଅଁ ନାହିଁ, ନୋଟ ଛୁଇଁଲେ ତ ଦୋଷ ନାହିଁ ।

ବାଧ ହେଲା ପରି ମୁହଁଟାକୁ କରି ମାଳାଦ୍ରି ଶହେ ଟଙ୍କିଆ କୋଡ଼ିଏ ଖଣ୍ଡ ନୋଟ ହାତରେ ଧରିଲା ।

ଦୁଇବର୍ଷ ଗଲା, ତିନିବର୍ଷ ଗଲା, ମାଳାଦ୍ରି ସଙ୍ଗରେ ଗୋବର ବି ଭୁବନେଶ୍ୱର ଧାଇଁ ମନ୍ତ୍ରୀମାନଙ୍କ ଫାଟକ, ସେକ୍ରେଟେରିଏଟ୍ ପ୍ରସାଦ, ଗୋଲେଇ ଛକ, ଉଡ଼ାଜାହାଜ ପଡ଼ିଆ ଦେଖିଲା ।

ମାଳାଦ୍ରି ପ୍ରଧାନର ପ୍ରତିଦ୍ୱନ୍ଦ୍ୱୀ ଭାଇଗ ସାମଲ । ପାଖ ଗାଁର ଲୋକ । ସେକ୍ରେଟେରିଏଟ୍ ଫାଟକ ପାଖରେ ଗୋବର ସହିତ ତା ଦେଖା ।

ତା'ଠାରୁ ସବୁ କଥା ଶୁଣି ଭାଇଗ କହିଲା,...“ଗୃହକଷ୍ଟ ନା ଫାଙ୍କିଷ୍ଟ । ମାଳା ପ୍ରଧାନ ଏକ ନମ୍ବର ଠକିଶ ବଣ । ତୋ ଟଙ୍କା ଉଡ଼ିଲା ।

ଗୋବର ଦେଖିଲା କଥାଟା ମିଛ ନୁହେଁ । ଭାଇଗକୁ ସଙ୍ଗରେ ନେଇ ସେ କଚେରୀରେ ଠକେଇ ଅଭିଯୋଗରେ ମକଦ୍ଦମା କଲା ।

ତା’ପରେ ବିଚାର । ରାୟ ।

ମାଳାଦ୍ରି ପ୍ରଧାନକୁ ଛଅମାସ ଜେଲ ।

ଜେଲ ଫାଟକ ଭିତରେ ଓ୍ୱାର୍ଡ଼ରମାନେ ମାଳାଦ୍ରିକୁ ଧୋତି ଛଡ଼ାଇ ଜଙ୍ଘିଆ କୁର୍ତ୍ତା ପିନ୍ଧାଇଲେ ।

ମାଳାଦ୍ରି କହିଲା—“ମୋର ଜହର ଜ୍ୟାକେଟ ? ”

“ଫିଟିଲେ ପିନ୍ଧିବ । ଚାଲନ୍ତୁ ।” ହେଡ଼ ଓ୍ୱାର୍ଡ଼ର କର୍କଶ ସ୍ୱରରେ କହିଲା ।

# ଅତୀତର—ମୋହ

ନୂଆ ଦିଲ୍ଲୀ ବିରଳା ମନ୍ଦିରର ଉଚ୍ଚ ପାହାଚରୁ ମୁଁ ଓହ୍ଲାଇ ଆସୁଛି । ସାମନାରେ ଧଳାରଙ୍ଗର ଗୋଟାଏ ବଡ଼ ମଟର ଗାଡ଼ି । ଭାବିଲି, କେଉଁ କେନ୍ଦ୍ରମନ୍ତ୍ରୀଙ୍କର ଗାଡ଼ି; ଠାକୁରଙ୍କ ପ୍ରସାଦ ନେବାପାଇଁ କେହି ଆସିଥିବେ ।

ମାସେ ଖଣ୍ଡେ ଯମୁନା ପାଣି ପିଇ, ଏ ମନ୍ତ୍ରୀ ମନ୍ତ୍ରୀଆଣୀଗୁଡ଼ାକ କଅଣ, ତହିଁର ଗୋଟାଏ ମୋଟାମୋଟି ଧାରଣା ମନ ଭିତରେ ରହି ଗଲାଣି । ଏମାନେ ଜାତକ ଦେଖାଇ ଭାଗ୍ୟ ଗଣନା କରନ୍ତି, ରିଷ୍ଟଖଣ୍ଡନ ପାଇଁ ବ୍ରାହ୍ମଣ ବରଣ କରାନ୍ତି, ଗ୍ରହଶାନ୍ତି ହୋମ କରାନ୍ତି; ବାହାରକୁ ଧର୍ମ ନିରପେକ୍ଷତା ଦେଖାଇ ହୁଅନ୍ତି ।

ଭାବୁଛି । ପାହାଚରୁ ଓହ୍ଲାଉଛି । ବାଟ କଡ଼ରେ ପଡ଼ିରହିଥିବା ପଚି ମଲା କୁକୁର ଆଡ଼ୁ ଯେପରି ବାଟରେ ଚାଲୁଥିବା ଲୋକର ଦୃଷ୍ଟି ଘୃଣାରେ ଫେରି ଆସେ; ସେହିପରି ମୋର ଦୃଷ୍ଟି ମଟର ଆଡ଼ୁ ଫେରି ଆସିଲା ।

ଫୁଟ୍‌ପାଥରେ ପହଞ୍ଚିଲାବେଳକୁ ହଠାତ୍ ନଜର ପଡ଼ିଲା ମଟର କବାଟ ମେଲି କରି ଛିଡ଼ା ହୋଇଥିବା ଜଣେ ନାରୀ ଉପରେ । ସେ ମୋ ଆଡ଼କୁ ଚାହିଁରହିଛନ୍ତି ।

ମୁଁ ଯେତେ ଦୂର ଜାଣେ, ନୂଆ ହେଉ, ପୁରୁଣା ହେଉ, ଦିଲ୍ଲୀରେ ମୋର କେହି ପରିଚିତା ମହିଳା ନାହାନ୍ତି । ଅନ୍ତତଃ, ମୋର ରହିବାର ମାସକ ଭିତରେ କାହାରିକୁ ଦେଖି ନାହିଁ । ଯେଉଁ ଲୋକଙ୍କୁ ଜାଣେ, ତାଙ୍କୁ ମଧ୍ୟ ଦେଖା ଦେଇନାହିଁ । ମୋର ନିରୁଦ୍ଦେଶ୍ୟ ଯାତ୍ରା, ଅଜ୍ଞାତବାସ । ଏ

ମହିଳା ମୋତେ ଚାହିଁଛନ୍ତି କାହିଁକି ? କେଉଁଠି ହୁଏତ କଅଣ ଗୋଟାଏ ଭୁଲ ହୋଇଯାଇଛି । ହେଉ । ମୋର ସେଥିରେ ଯାଏ ଆସେ କେତେ ? ତଥାପି ଗତି ବେଗଟା ଧୁଏଁ ଧୁଏଁ କମିଗଲା ।

ମହିଳା ଜଣକ ଡାକିଲେ, 'ଶୁଣନ୍ତୁ ଭି'' । ଗଲି ।

କହିଲେ, କ୍ଷମାଦେବେ । ଆପଣ ସରୋଜ ବାବୁ ନା ? ''

ତାଙ୍କ ମୁହଁ ଆଡ଼କୁ ଚାହିଁଲି । କହିଲି, 'କିଏ ସୁଜାତା ? ! ତୁମେ ?

ମୁଣ୍ଡର କେଶଗୁଡ଼ାକ ଝୋଟପରି ଧଳା । ପିନ୍ଧିଥିଲେ ଧଳା ସିଲ୍କ ଶାଢ଼ୀ । ବାଆଁ ହାତରେ ଗୋଟିଏ ଲେଡ଼ିଜ୍ ରିଷ୍ଟୱାଚ । ମୁହଁରେ ପ୍ରୌଢ଼ତ୍ୱର ରେଖା ।

ପଚାରିଲେ, "ଚିହ୍ନି ପାରିଲ ?"

କହିଲି, "କଥା ଶୁଣି ଜାଣିଲି ।"

ତିରିଶବର୍ଷ ପରେ ଦେଖା । କେତେ ବଦଳି ଯାଇଛ ସୁଜାତା ।

"କୁଆଡ଼େ ଯାଉଛ ? "

'ହୋଟେଲକୁ ।'

'ଗାଡ଼ିରେ ବସ । ମୁଁ ମନ୍ଦିରରୁ ଆସେ, ଆମ ଘରକୁ ଯିବା । ତମ ହୋଟେଲରେ ଗାଡ଼ି ଛାଡ଼ି ଦେଇଆସିବ ।

ମହିଳାମାନଙ୍କ ସହିତ ମିଶିବା ମୋର ଅଭ୍ୟାସ ନୁହେଁ । ଆଉ କେହି ହୋଇଥିଲେ ଧନ୍ୟବାଦ ଜଣାଇ ଖସି ଯାଇଥାନ୍ତି । କିପରି ଗୋଟାଏ ମୋହ ମୋତେ ଟାଣି ରଖିଲା । ଗାଡ଼ିର ପଛ ସିଟ୍‌ରେ ବସିଲି ।

ମୁଁ ନୀରବ, ଡ୍ରାଇଭର ନୀରବ । ଖାଲି ମୋର ହାତର ଘଣ୍ଟା କଣ୍ଟାଟା ତା' କାମରେ ଲାଗିଛି ।

ଏ ସୁଜାତା । ଆଉ ତିରିଶ ବର୍ଷ ତଳର ସୁଜାତା-ଯେଉଁ ସୁଜାତା ମୋ ମନ ଭିତରେ ବରାବର ରହିଛି, ଯାହା ପାଖରୁ ପଳାଇ ଯିବାପାଇଁ ମୁଁ ଘରଚର ଏ ମୁଣ୍ଡ ସେ ମୁଣ୍ଡ ବୁଲିଛି, ବୁଲୁଛି ।

ବହୁ ଦିନ ତଳର କେଉଁ ଏକ ସକାଳେ ସଜ ଫୁଟିଲା ପଦ୍ମ ଫୁଲ ପରି ସେ ମୋ ଆଗରେ ଦେଖା ଦେଇଥିଲା । ଆମ ଘର ପାଖରେ ତାଙ୍କ ଘର । ସ୍କୁଲକୁ ଯାଉ, ମଝିରେ ଦୁଇ ହାତ ଫାଙ୍କ । ସେଦିନ ମୁହୂର୍ତ୍ତକ ପାଇଁ ଅସ୍ତଗାମୀ ସୂର୍ଯ୍ୟର ରଙ୍ଗୀନ ଆଭାରେ ଅଭିଷିକ୍ତ ହୋଇ ସେ ମୋ ଆଗରେ ଦେଖା ଦେଇଥିଲା । ମୁଁ ସେତେବେଳେ ତରୁଣ, ଯୁକ୍ତିରେ ନୂଆ ରକ୍ତ, ହୃଦୟରେ ନୂଆ ଉଦ୍ଦାମତା । କଳ୍ପନା ଓ ବାସ୍ତବତା, ଓ ପାଇବା ଭିତରେ ଯେ ଗୋଟାଏ ସୀମନ୍ତ ଅଛି, ତାହା ନଜରରେ ପଡ଼ୁ ନ ଥିଲା । ଦୁନିଆର ଦାୟିତ୍ୱ ବୋହିବା ପାଇଁ ବାପା ଥିଲେ, ବୋଉ ଥିଲେ, ସମ୍ବଳ ଥିଲା । ସୁଜାତାଙ୍କୁ କେନ୍ଦ୍ର କରି କଳ୍ପନାର ଗୋଟାଏ ନୂଆ ରାଜ୍ୟ ଗଢିବା ପାଇଁ ସୃଷ୍ଟିଆଡ଼ ସବୁ ଉପାଦାନ ମହଜୁଦ ଥିଲା ।

ପାଖ ପଡ଼ିଶା ଘରେ ଗୋଟିଏ ଭଲ ଝିଅ; କେଉଁ ବୋଉ ତାକୁ ବଧୂ ରୂପରେ ବରଣ କରିବା ଲୋଭ ସମ୍ବରଣ କରିପାରେ ? ଅଜାଣତରେ ବୁଝିଲି ଏ ଧାରଣାର ଗୋଟାଏ ଉଦ୍ଦାମ ବେଗ କିଛିଦୂର ଅଗ୍ରସର ହୋଇ ଯାଇଛି ।

ଦିନେ କିନ୍ତୁ ବଡ଼ଭୋରୁ ଆସି ପୋଲିସ ଆମ ଘରେ ପହଞ୍ଚି ମୋତେ ଗିରଫ କଲେ । ମୁଁ ବିପ୍ଳବୀ ଦଳର ଲୋକ କଲିକତାରୁ ଓ୍ୱାରେଣ୍ଟ ଆସିଛି ବୋଲି ସେମାନେ ଜଣାଇଲେ । ପୋଲିସ ଘେରରେ କଲିକତା ନିଆଗଲି । ତା ପରଠାରୁ ସ୍ପେସାଲ୍ ଟ୍ରିବ୍ୟୁନାଲରେ ବିଚାର । ଦଶ ବର୍ଷ ଜେଲ୍ ।

ଦଶ ବର୍ଷ । ଗୋଟାଏ ଯୁଗ । ବ୍ରିଟିଶ ଜେଲରେ ଜୀଅନ୍ତା ସମାଧି ଘଟିଲା, ମନ ଭିତରେ ସଞ୍ଚି ରଖିଥିବା ସବୁ କଳ୍ପନାର ସମାଧି । ବଜ୍ରକଠୋର-ନିଷ୍ପ୍ରାଣ ଜେଲ ଜୀବନରେ ବେଳେ ବେଳେ କେଉଁ ଏକ ମଧୁମୟ ସନ୍ଧ୍ୟାରେ ହୃଦ୍ଗତ ବଂଶୀ ଧ୍ୱନି ଭଳି ସୁଜାତାର କଥା ଯେ ମନେ ନ ପଡ଼େ, ତାହା ନୁହେଁ; କିନ୍ତୁ ତାହା କେଉଁ ସୁଦୂର ଅତୀତର ସ୍ୱର୍ଣ୍ଣମୟ ବେଳାଭୂମିରେ ଛୁଟି ଆସିଥିବା ଗୋଟିଏ ସୁନେଲି ସ୍ୱପ୍ନପରି ।

ଗାଡ଼ିରେ ବସିଛି । ସିନେମା ଘରର ରୂପେଲି ପର୍ଦ୍ଦା ଉପରେ ଦେଖୁଥିବା ଚଳଚିତ୍ର-ଅଭିନୟର ଏସବୁ ଚିତ୍ର ଗୋଟି ଗୋଟି ହୋଇ ମନ ଭିତରେ ଦେଖାଦେଉଛି ।

ଅଧ ଘଣ୍ଟା ଗଡ଼ିଗଲଣି । ସୁଜାତା ଫେରି ନାହିଁ ।

ମନେ ପଡ଼ିଲା, ଦଶବର୍ଷ ପରେ ଜେଲରୁ ଖଲାସ ହୋଇ ଯେଉଁ ଦିନ ଘରେ ପହଞ୍ଚିଲି, ସେ କଥା । ଯାହା ଘଟି ଯାଇଛି ତାକୁ ଧରି ଖୋଳିବା ଜିଅଲା ବର୍ତ୍ତମାନ ପ୍ରତି ବିଶ୍ୱାସଘାତକତା ବୋଲି ମୁଁ ଧରି ନେଇଛି । ଗତ ଚାଳିଶ ବର୍ଷ କାଳ ଥକା ନ ମାରି ଉର୍ଦ୍ଧ୍ୱଶ୍ୱାସରେ ଧାଇଁଛି । ପଛକୁ ଫେରି ଚାହିଁବି ନାହିଁ ବୋଲି ତ ନିଜକୁ ଅବସର ଦେଇ ନାହିଁ । ହଜି ଯାଇଥିବା ଅତୀତର ଗୋଟାଏ ସୂତା ଖିଅ ଆଜି ହଠାତ୍ ଆଗରେ ପହଞ୍ଚିବାରୁ ସ୍ମୃତି ବିକ୍ଷୁବ୍ଧ ତରଙ୍ଗଗୁଡ଼ାକ ଉଦ୍‌ବେଳ ହୋଇ ଉଠିଛି ।

ଗାଡ଼ି ଭିତରେ ବସି ରହିବା ଦ୍ୱାରା ନିଜକୁ ଅବରୁଦ୍ଧ ମନେ କରି ରାଜପଥ କଡ଼ରେ ଥିବା ଚଲା ରାସ୍ତା ଉପରକୁ ବାହାରି ପଡ଼ିଲି ।

ଆକାଶରେ ଶୁକ୍ଳ ଏକାଦଶୀର ଚନ୍ଦ୍ର ।

ସେତେବେଳକୁ ବ୍ରିଟିଶ୍ ରାଜ ଭାରତ ଛାଡ଼ି ଗଲଣି । ଅଲିପୁର ଜେଲରୁ ମୁକ୍ତ ହୋଇ ଘରେ ପହଞ୍ଚିଲି । ଘର ଆଉ ଶୂନଶାନ । ସାନ ଭାଇଟି ଗୋଟାଏ ଘରେ ବସିଛି । ବାପା ବୋଉ ପରେ ପରେ ଚାଲି ଗଲେଣି ପରୂଷ ବୁଝିଲି; ସୁଜାତା ଘର ମଧ୍ୟ ସେଠାରୁ ଚାଲି ଗଲେଣି, ପାଞ୍ଚ ବର୍ଷ ଆଗରୁ । କେମିତି ଗୋଟାଏ ନିସ୍ତୁଟିଆ ଲାଗିଲା ।

ଦଶବର୍ଷ ପରେ କେହି ମୋତେ ଚିହ୍ନି ନାହାନ୍ତି । ବନ୍ଧୁ ବୋଲି ଦିନେ ଯେଉଁମାନଙ୍କୁ ଦାବୀ କରିଥିଲି ସେମାନଙ୍କ ମଧ୍ୟରୁ କେତେକ ଜୀବନରେ ପ୍ରତିଷ୍ଠିତ, ନିଜ ସଂସାର ଧରି ବ୍ୟସ୍ତ, ଆଉ କେତେକ ଶୂନ୍ୟରେ ଉଭାଇ ଗଲା ପରି କେଉଁଆଡ଼େ ଚାଲି ଯାଇଛନ୍ତି । ମୋର ସାନ ଭାଇଟିକୁ ଛାଡ଼ି ମୋତେ କେହି ଚିହ୍ନି ନାହାନ୍ତି, ମୁଁ ମଧ୍ୟ ଅନେକଙ୍କୁ ଚିହ୍ନିପାରୁ ନାହିଁ ।

ଜୀବନଟା ବୋଝପରି ଲାଗିଲା । ଯାହା କିଛି ପୈତୃକ ସମ୍ବଳ ଥିଲା, ତାହା ସାନଭାଇ ହାତରେ ଦେଇ ନିରୁଦ୍ଦେଶ୍ୟ ଯାତ୍ରାପଥରେ ବାହାରି ପଡ଼ିଲି । ଗତ ତିରିଶି ବର୍ଷ ଧରି ଏ ଯାତ୍ରା ଚାଲିଛି । ପଥ ଅନନ୍ତ । ମୁଁ ଶେଷ ହେବା ସଙ୍ଗେ ଏହାର ପରିସମାପ୍ତି ।

ପଛରୁ ଡ୍ରାଇଭର ଆସି କହିଲା, "ମା ଫେରିଲେଣି ।"

ଗାଡ଼ିକୁ ଗଲି । ସୁଜାତା ନିଜେ ଗାଡ଼ିଭିତରୁ ଦ୍ୱାର ଫିଟାଇ କହିଲେ, "ଆସନ୍ତୁ ।"

ଯମୁନା କୂଳରେ ସୁଜାତାର ବିରାଟ କୋଠା । ଫାଟକର ଦୁଇସ୍ତମ୍ଭ ଉପରେ ଦୁଇଟା ବଡ଼ ଆଲୁଅ । ତା ପରେ ଫୁଲ ବଗିଚା । ପୋର୍ଟିକରେ ଗାଡ଼ି ରହିଲା । ମିଲିଟାରୀ ପୋଷାକ ପିନ୍ଧିଥିବା ଜଣେ ଗୁର୍ଖା ଦରୱାନ୍ ଆସି ସାବଧାନ ଢଙ୍ଗରେ ସଲାମ କରି ଗାଡ଼ିର ଦ୍ୱାର ଫିଟାଇ ଦେଲା ।

ଉପର ମହଲାରେ ପ୍ରଶସ୍ତ ବୈଠକ ଘର, ମୂଲ୍ୟବାନ ଆସବାବରେ ସମ୍ମଣ୍ଡିତ । କାନ୍ଥରେ ଅଶୋକଙ୍କ କଳିଙ୍ଗ ବିଜୟ, ଖାରବେଳଙ୍କ ଜୟଯାତ୍ରା ଆଦିର ବିରାଟ ଆକାରର ଚିତ୍ରମାଳା ପ୍ରଖ୍ୟାତ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ । ଏସବୁ ପ୍ରାଚୀନ ଗୌରବର ଅଭିଲେଖ ମଧ୍ୟରେ ଜଣେ ଆଧୁନିକ ଯୁବକର ଛଅଫୁଟ ଉଚ୍ଚ ତୈଳଚିତ୍ର । ପରିଧାନ କୋଟ୍, ପ୍ୟାଣ୍ଟ, ଟାଇ, ଆଖିରେ ସୁନା ଫ୍ରେମ୍ ଚଷମା ।

ସୁଜାତା ଗୋଟାଏ ବୋତାମ ଟିପିଲେ ।

ଧଳା ପୋଷାକ ପିନ୍ଧିଥିବା ଜଣେ ଚପରାସୀ ଆସି ସଲାମ କଲା ।

ସୁଜାତାଙ୍କ ମୁହଁରୁ ପଦେ କଥା ବାହାରିଲା—'କଫି' ।

ଚପରାସୀ ପୁଣି ସଲାମ କରି ଚାଲିଗଲା ।

ପୁଣି ସେ ଆଉ ଗୋଟାଏ ବୋତାମ ଟିପିଲେ । କୋର୍ଟ ସାର୍ଟ ଟାଇ ଆଦି ପୋଷାକ ପିନ୍ଧିଥିବା ଆଉ ଜଣେ ଲୋକ ଆସି ଛିଡ଼ା ହେଲା ।

ସୁଜାତା କହିଲେ, "ରଙ୍ଗନାଥନ୍, ତୁମେ ବର୍ତ୍ତମାନ ଯାଇପାର । ଟେଲିଫୋନ୍ ସେକ୍ରେଟାରୀଙ୍କୁ କହିବ, ରାତି ଦଶଟା ପର୍ଯ୍ୟନ୍ତ ମୁଁ ଫ୍ରି ନ ଥିବି ।"

ଲୋକଟି ବୋଧହୁଏ ଷ୍ଟେନୋଗ୍ରାଫର୍ ।

କଫି ଆସିଲା ।

ଏ ଘରେ ପହଞ୍ଚିଲା ବେଳରୁ ମୋର ଦୃଷ୍ଟି ପ୍ରାଚୀନତାର ସମ୍ମେଳନ ମଧ୍ୟରେ ଏ ଯୁଗର ଜଣେ ଲୋକର ତୈଳଚିତ୍ର ଉପରେ । ଜାଣିବା ପାଇଁ ମନରେ କୌତୂହଳ; କିନ୍ତୁ ଭଦ୍ର ସମାଜର ବିଧିବିଧାନ ଅନୁସାରେ ପଚାରିବାର ଉପାୟ ନାହିଁ ।

ସୁଜାତା ବୁଝି ପାରିଲା, କହିଲା "ପ୍ରାଚୀନମାନଙ୍କ ଭିତରେ ଏ ନବୀନଟି କିଏ ବୋଲି ବୋଧହୁଏ ଆପଣ ମନେ ମନେ ଭାବୁଛନ୍ତି । ସେ ମଧ୍ୟ ପ୍ରାଚୀନ ହୋଇ ଗଲେଣି ଏକୋଇଶ ବର୍ଷ ତଳୁ । ଯେବେ ସେ ଥିଲେ ମୋ ସ୍ୱାମୀ, ଜାତଧର ବଶ ହୋଇଥିଲେ । ସେ ମୋ ପୁଅର ବାପ । ଆଜି ସେ ଅଜ୍ଞାତ; ବର୍ତ୍ତମାନ ପ୍ରାଚୀନଙ୍କ ମଧ୍ୟରେ ତାଙ୍କର ଆସନ । ସେ କଥା ଥାଉ । ଆପଣଙ୍କ ଖବର କଅଣ ?"

ସୁଜାତାଙ୍କର କଥା ଭିତରେ ପ୍ରଚ୍ଛନ୍ନ ବ୍ୟଙ୍ଗର ଗୋଟାଏ ଅତି କ୍ଷୀଣ ଇଙ୍ଗିତ ଦେଖା ଦେଉଛି ବୋଲି ମନେ ହେଲା । କହିଲି, "ମୋର ପୁଣି ଖବର କଅଣ ? ଏଇ ଦିଲ୍ଲୀକୁ ଆସିଛି, ଏଠାରୁ କେଉଁଆଡ଼େ ଯିବି; ସେଠାରୁ ଆଉ କେଉଁଆଡ଼େ । ମୁଁ ସ୍ୱାଧୀନ ଭାରତର ସ୍ୱାଧୀନ ନାଗରିକ; ମୁଁ ଆଜିକାଲି ସ୍ୱାଧୀନତା ମଦିରା ପାନ କରୁଛି ।"

ସୁଜାତା ବୁଝି ପାରିଲା କି ନାହିଁ, ଜାଣେ ନା, କହିଲା; "ମୁଁ ତୁମକୁ ଆପଣ ବୋଲି କହି ଆମ ଭିତରେ ଯେଉଁ ଏ ଅସ୍ୱାଭାବିକ ବ୍ୟବଧାନ ଠିଆ କରିବାକୁ ଚାହେଁ ନା । ଏକୋଇଶି ବର୍ଷ ପୂର୍ବେ ଆମେ ଯାହା ଥିଲୁ, ଅନ୍ତତଃ ଆଜି ମୁଁ ସେହି ସ୍ଥାନକୁ ଫେରି ଯିବାକୁ ଚାହେଁ । ତୁମେ କିଛି ମନେ କରିବ ନାହିଁ ତ ?"

କହିଲି, "ମୋ ଆଡ଼ୁ ଆପତ୍ତି କରିବାର କିଛି ନାହିଁ । ଏତେ ବିଭବର ଅଧିକାରିଣୀ ହୋଇ, ସେ ମୋତେ ଅତୀତର ଆତ୍ମୀୟ ବୋଲି ମନେ କରିବା ତ ମୋ ପକ୍ଷରେ ଗୌରବର କଥା, ବେଶ ସମ୍ମାନ ।"

ସୁଜାତା କହିଲା, "ବିଭବ ! ବିଭବ !! ବିଭବ !!! ଧନ ସମ୍ପତ୍ତି କୋଠାବାଡ଼ି, ଗାଡ଼ି ମଟର, କଳ କ୍ଷେତ, ବ୍ୟାଙ୍କ ବାଲେନ୍ସ—ଏସବୁ ଦେଖି ଦେଖି, ଶୁଣି ଶୁଣି କେବେ କେବେ ମୋତେ ପାଗଳ ପରି ଲାଗୁଛି । ନିଜକୁ ଭୁଲିବା ପାଇଁ ଏସବୁ ସୃଷ୍ଟି କରିଥିଲି; ଏହାର ଭିତରେ ମୁଁ କଏଦୀ ହୋଇ ପଡ଼ିଛି । ସମସ୍ତେ ଏଗୁଡ଼ାକ ଦେଖୁଛନ୍ତି, ଏଗୁଡ଼ାକ ଜାଣୁଛନ୍ତି—ମାନୁଛନ୍ତି । ଏଗୁଡ଼ାକ ଠିକ୍ ପୋଲିସବାଲା ବା ସୈନିକର ପୋଷାକ ପରି । ଏହା ପଛରେ ଯେଉଁ ମଣିଷଟି ଅଛି, ତାକୁ କେହି ଜାଣୁ ନାହାନ୍ତି, ଚିହ୍ନୁ ନାହାନ୍ତି—ଚିହ୍ନିବାକୁ ଚେଷ୍ଟା ମଧ୍ୟ କରୁନାହାନ୍ତି । ସେ ବିଚରା ଭାବରେ ପରିତ୍ୟକ୍ତ, ଏକା ପଡ଼ିଛି ।"

ସୁଜାତା ଟିକିଏ [illegible] ହୋଇଗଲା—ଠିକ୍ ଯେପରି ନିଜର ଗୁମ୍ଫା ଭିତରେ ନିଜକୁ ଖୋଜୁ ଥିଲା ।

ବୁଝିଲି, ଏ ମଧ୍ୟ ମୋରି ପରି ଏକା । ଫରକ୍ ଏତିକି—ଏତେ ବଡ ଦୁନିଆଁରେ ମୁଁ ନିଜକୁ ହଜାଇ ଦେବା ପାଇଁ ଧାଇଁ ବୁଲୁଛି; ଆଉ ସୁଜାତା ନିଜ ପାଇଁ ବୈଭବର ଗୋଟାଏ ଦୁର୍ଭେଦ୍ୟ ଦୁର୍ଗ ତିଆରି କରି ତା'ଭିତରେ ଲୁଚି ବସି ନିଜକୁ ହଜାଇ ଦେବା ପାଇଁ ଚେଷ୍ଟା କରୁଛି ।

ସମୟ କାହାରି ପାଇଁ ତ ଅପେକ୍ଷା କରେ ନାହିଁ । ତାଙ୍କ ମୁଣ୍ଡ ଉପରେ, ମୋ ମୁଣ୍ଡ ଉପର ଦେଇ ଚାଲି ଯାଉଛି, ଆଉ ତା ସହିତ ଆମକୁ ଟାଣିଇ ନେଇ ଚାଲିଛି ।

ନିଦରୁ ଉଠିଲା ପରେ ସୁଜାତା କହିଲା, "ଶୁଣ ! ମୋ ନିଜ କଥାଟା କହିବା ପାଇଁ ବର୍ଷ ବର୍ଷ ଧରି ଜଣେ ଆପଣାର ଲୋକ ଖୋଜୁଥିଲି । ସମସ୍ତେ ମୋର ଧନ ଚାହାଁନ୍ତି, ଧନର ସମ୍ମାନରେ ଅଂଶୀଦାର ହେବାକୁ ଚାହାଁନ୍ତି; ମୋତେ କେହି ଚାହାଁନ୍ତି ନାହିଁ । ଯେଉଁଠାରେ ସହାନୁଭୂତିର ଲେଶ ନାହିଁ ସେଠାରେ ନିଜ କଥା କହି ବେକୁବ ହେବାକୁ ଯିବ କାହିଁକି ? କହିବାକୁ ମନ ହେବ କିପରି ? ଦମ ବନ୍ଦ ହେଲା ପରି ଲାଗେ । କେବେ କେବେ ତମ କଥା ମନେପଡେ, କିନ୍ତୁ ତୁମେ କେଉଁଠି ତୁମେ କଅଣ କରୁଛ, ଗତ ତିରିଶି ବର୍ଷ ଭିତରେ କିଛି ଖବର ପାଇ ନାହିଁ । ମୁଁ ଘରକୁ ଲୋକ ପଠାଇଲି । ତମ ଘର କହିଲେ ବହୁବର୍ଷ ହେଲା ତୁମେ କୁଆଡ଼େ ଯାଇଛ, ସେ ଜାଣନ୍ତି ନାହିଁ । ଆଜି ଅକସ୍ମାତ୍ ବଉଳା ମନ୍ଦିର ପାଖରେ ତୁମକୁ ଦେଖିଲି, ଦେଖି ଚିହ୍ନି ପାରିଲି ।"

ସେତେବେଳକୁ ମୋ ମୁଣ୍ଡ ଭିତରେ ଗୋଟାଏ ଧୂଳି ଝଡ଼ ନାଚ ଆରମ୍ଭ କରୁଛି । କହିଲି, 'କହ, ମୁଁ ଶୁଣୁଛି ।"

ସୁଜାତା ମୋ ଆଡକୁ କିଛି ସମୟ ଚାହିଁ ରହି କହିଲା, "ଶୁଣ ମୋ ଜୀବନ ଆକାଶରେ ତୁମର ଆବିର୍ଭାବ ଯେପରି, ଅନ୍ତର୍ଦ୍ଧାନ ମଧ୍ୟ ଠିକ୍ ସେହିପରି । ତୁମେ ନିଖୋଜ୍ ହେଲ, ଦଶ ବର୍ଷ ବିତି ଗଲା । ବାପା ମୋତେ ଯୋଉଁଙ୍କୁ କହିଲେ, ମୁଁ ଶୁଣିଲି ତା ପରେ କରି ହେବା ଲାଗିଲା । ମୁଁ କିନ୍ତୁ ଆଉ ରହି ନ ଥିଲି ଯାହାକୁ ହେଲେ ବି ବାହା

ହେବାକୁ ହେବ । ଜାଣି ଲାଭ କଅଣ ? ଶେଷରେ ଜଣେ ଇଞ୍ଜିନିୟର ସହିତ ମୋର ବିବାହ ହୋଇଗଲା । ତାଙ୍କ ବାପା ବହୁତ ସମ୍ପତ୍ତି ରଖି ଯାଇ ଥିଲେ ତା । ଉପରେ ସେ ମଧ୍ୟ ବହୁତ ଆୟକରୁ ଥିଲେ । ହଠାତ୍ ଦିନେ କଳିଙ୍ଗା ଘାଟିରେ ମୋଟର ଦୁର୍ଘଟଣାରେ ସେ ସବୁ ଦିନ ପାଇଁ ଏ ଦୁନିଆଁରୁ ବିଦାୟ ହୋଇ ଗଲେ । ମୋ କୋଳରେ ଚାରି ବର୍ଷର ଗୋଟିଏ ପୁଅ ଓ ହାତରେ ଲକ୍ଷାଧିକ ଟଙ୍କା । ଭାବିଲି, ଦୁନିଆରେ ଯେତେବେଳେ ଏକା ଚାଲିବାକୁ ହେବ, ଏ ପାଖ ସେ ପାଖକୁ ଚାହିଁ ଲାଭ କଅଣ । ଖଣି ପଟ୍ଟା ଧରିଲି, ବହୁତ ଲାଭ ହେଲା; କଳକାରଖାନା କିଣିଲି । ବର୍ତ୍ତମାନ ବମ୍ବେରେ ଦୁଇଟା ଲୁଗା କଳ, କାନପୁରରେ ଦୁଇଟା ଚିନି କଳ, ମାନ୍ଦ୍ରାଜରେ ରଙ୍ଗ କାରଖାନା । ବମ୍ବେରେ ହେଡ୍ ଅଫିସ୍, ଦିଲ୍ଲୀରେମୋର ରେସିଡେନ୍ସି ଏଲ ଅଫିସ୍, ବ୍ୟାଙ୍କରେ ପାଞ୍ଚ କୋଟି ଟଙ୍କା । ପୁଅ ବ୍ୟବସାୟ ଚଳାଉଛି ମୁଁ ଏସବୁର ମାଲିକ । କିନ୍ତୁ ମୁଁ ନିସ୍ୱ, ବାଟ କଡ଼ର କାଙ୍ଗାଳଠାରୁ ମଧ୍ୟ ଗରିବ ”

ମୁଁ ସୁଜାତାଙ୍କ ଆଡ଼କୁ ପୁଣି ଚାହିଁଲି, ମନେ ହେଲା ପ୍ରଥମ ଦେଖା ଦିନ ଯେଉଁ ସୁଜାତାଙ୍କୁ ଦେଖିଥିଲି ସେହି ସୁଜାତା ଏହି ମହିମାମୟୀ ସୁଜାତା ମଧ୍ୟରେ ଲୁଚି ରହିଛି—ସେହିପରି ସରଳ, ସେହିପରି ସୁନ୍ଦର ।

କେତେ ସମୟ ଦୁହେଁ ନୀରବ ହୋଇ ବସି ରହିଲୁଁ କହି ପାରିବ ନାହିଁ ।

ହାତ ଘଡ଼ିକୁ ଚାହିଁଲି—ଏଗାରଟା ।

ସୁଜାତା କହିଲା, "ଯିବ ।"

ମୁଣ୍ଡ ହଲାଇ ସମ୍ମତି ଜଣାଲି ।

ସୁଜାତା ଗୋଟାଏ ବୋତାମ ଟିପିଲେ । ଜଣେ ଚପରାସୀ ଆସି ସଲାମ କଲା ।

ସୁଜାତା କହିଲା, "ଡ୍ରାଇଭରକୁ କହ, ସାହେବଙ୍କୁ ଛାଡ଼ି ଆସିବ ।’

ସାହେବ ? ମନେ ମନେ ଟିକିଏ ହସିଲି ।

ସୁଜାତା ପଚାରିଲା, "କେବେ ଆସିବ ।"

ଛିଡ଼ା ହୋଇ କହିଲି, "ଆସିବ ? ହୁଏତ ଦିନେ ।"

ସୁଜାତା ନମସ୍କାର କଲା ।

ହୋଟେଲରେ ପହଞ୍ଚି ବୟକୁ ବିଲ୍ ଆଣିବାକୁ କହିଲି ।

ପୂର୍ବଦିଗରେ ସିନ୍ଦୂର ଫାଟି ଆସୁଛି । ବତ୍ତୀ ଲିଭିଲା ।

ବିରଳା ମନ୍ଦିରରେ ପଢ଼ିଥିବା ଗୀତାର ଗୋଟାଏ ଶ୍ଳୋକ ମନ ଭିତରେ ପ୍ରତିଧ୍ୱନିତ ହେଉଥିଲା—

ଈଶ୍ୱରଃ ସର୍ବଭୂତାନାମ୍
ହୃଦ୍ଦେଶେଽର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ।

*

# ଜାକବ୍ ମହମ୍ମଦ ପ୍ରଶାନ୍ତ ପ୍ରଧାନ

ଜାକବ୍ ବାବୁ ସେକ୍ରେଟେରିଏଟର ଗୋଟିଏ ବିଭାଗର ଡେପୁଟି ସେକ୍ରେଟେରୀ । ସେ ଜନ୍ମ ନାମରେ ପରିଚିତ । ତାଙ୍କର ପ୍ରକୃତ ନାମ ଯେ ଜାକବ୍ ମହମ୍ମଦ ପ୍ରଶାନ୍ତ ପ୍ରଧାନ ଏ କଥା ତାଙ୍କ ସ୍ତ୍ରୀ ମିସେସ୍ ସେଣ୍ଟକ ପ୍ରଧାନଙ୍କୁ ଛାଡ଼ି ଆଉ କେହି ବୋଧହୁଏ ଜାଣନ୍ତି ନାହିଁ । ତାଙ୍କର ଯେଉଁ ସରକାରୀ ବସା ଘର ଦେଇଛି କି ଅଛି, ତାହାର ଫାଟକରେ ଗୋଟାଏ ନାମଫଳକ ଟଙ୍ଗା ହୋଇଛି । ସେଥିରେ ଇଂରାଜୀ ଅକ୍ଷରରେ ଲେଖା ହୋଇଛି, ଜେ. ଏମ୍. ପି. ପ୍ରଧାନ, ଏଚ. ଏ । ଇଂରାଜୀ ତ ଗୋଟାଏ ଆଦିବାସୀ ଧରଣର ଭାଷା ତାର ଅକ୍ଷର ଗୁଡ଼ାକର ବ୍ୟବହାର ମଧ୍ୟ ସେହି ଧରଣର । ଜେ. ଏମ୍. ପି. ପ୍ରଧାନ ଅକ୍ଷରମାନଙ୍କୁ ଜଗନ୍ନାଥ ମୋହନ ପାଠ ପ୍ରଧାନ ମଧ୍ୟ ବାହାର ପାରେ । ହିନ୍ଦୁ ମତରେ ଏହା ହୋଇପାରେ । ମୁସଲମାନ ମତରେ ଏହା ଜାକବ ମହମ୍ମଦ ପୀରଜାଦା ହୋଇପାରେ, ଅଙ୍ଗୁଆ ହେବ ପ୍ରଧାନ ବୋଲି ଧର । ଇଣ୍ଡୋନେସିଆ ଭଳି ଦେଶରେ ମୁସଲମାନ ଧର୍ମାବଲମ୍ବୀଙ୍କ ନାମ ସୁକର୍ଣ୍ଣୋ ସୁବର୍ଣ୍ଣ ଆଦି ହୋଇଥାଏ, ଚୀନ ଦେଶରେ ମୁସଲମାନଙ୍କ ନାମ ଚେନ ଏନ-ଲାଇ, ଚାଂ ଆଦି ହେଲେ ଧର୍ମରେ ଆଘାତ ଲାଗେ ନାହିଁ, କିନ୍ତୁ ଏ ଦେଶରେ ମୁସଲମାନଙ୍କୁ ଅନେକ ହିନ୍ଦୁ ପରମ୍ପରାରେ ପ୍ରଚଳିତ ନାମ ନ ଦେଲେ ସେ ମୁସଲମାନ ହିଁ ହେଇ ପାରିବ ନାହିଁ । ଜାକବ୍ ମହମ୍ମଦ ପୀରଜାଦାଙ୍କ ନାମ ଉପରେ ଥିବା ପ୍ରଧାନ ଉପାଧିଟାକୁ ପ୍ରଧାନ ଏଚ୍. ଏ. ଅର୍ଥାତ ପ୍ରଧାନ ଡେପୁଟି ସେକ୍ରେଟେରୀ ବୋଲି ମଧ୍ୟ ଚଳିବ । ଖ୍ରୀଷ୍ଟାନ୍ ନାମ ଜ୍ୟାକବ ତ ବ୍ରିଟିଶ୍ ଅମଳରେ ଦେଇ ଯାଇଥିଲା । ଜାକବ୍ ବାବୁଙ୍କ ଜନ୍ମ ବ୍ରିଟିଶ ଅମଳରେ, ଖ୍ରୀଷ୍ଟାନ କୁଳସମ୍ଭୂତ ବା ସେହି ଧରଣର ମନୋଭାବାପନ୍ନ ବନ୍ଧୁମାନେ ତାଙ୍କ ନାମକୁ ଜାକବ୍ ମେଥଡିଷ୍ଟ ପ୍ରଧାନ ବୋଲି ମଧ୍ୟ ପାଠ କରି ପାରନ୍ତି, କିନ୍ତୁ ଜାକବ୍ ବାବୁଙ୍କ ବଂଶ ପରମ୍ପରାରେ ସ୍ୱାବଲମ୍ବିତ ନିଜ ଧର୍ମ କଅଣ ତା ସେ ନିଜେ ଜାଣିବାକୁ ଦିଅନ୍ତି

ନାହିଁ । ସବୁ ମହାପୁରୁଷଙ୍କୁ ଶିଷ୍ୟ ପ୍ରଶିଷ୍ୟ, ଚେଲା ଚାମୁଣ୍ଡା, ଭକ୍ତ ଉପଭକ୍ତ ଆପେ ଆପେ ମିଳି ଯାଆନ୍ତି । ହେଡ୍ ଏସିସ୍‌ଟେଣ୍ଟ-ବଡ଼ବାବୁ; ତାଙ୍କ ଅଧୀନରେ ୩୩ ଜଣ ନାନା ଶ୍ରେଣୀର କିରାନି ଓ ଆଉ ୭ ଜଣ ଚପରାସୀ କାର୍ଯ୍ୟ କରନ୍ତି । ସେହିମାନେ ତାଙ୍କର ଶିଷ୍ୟ, ପ୍ରଶିଷ୍ୟ, ଭକ୍ତ ଉପଭକ୍ତ ହେବାକୁ ପ୍ରକାରାନ୍ତରେ ବାଧ୍ୟ, ନ ହେଲେ ଗୁପ୍ତକଥାରେ କାଳିମା ପଡ଼ିବାର ଆଶଙ୍କା । ସବୁ ମହାପୁରୁଷଙ୍କ ଭକ୍ତମଣ୍ଡଳୀ ଭିତରେ ନାନା ଦଳ ଥାଏ, ଜାକବ୍ ବାବୁଙ୍କ ଭକ୍ତମାନଙ୍କ ଭିତରେ ମଧ୍ୟ ନାନା ଶ୍ରେଣୀ ଓ ତାଙ୍କ ସପକ୍ଷ ବିପକ୍ଷରେ ନାନା ମତବାଦ ପୋଷଣ କରୁଥିବା କିରାନି ଓ ଚପରାସୀର ଅଭାବ ନ ଥିଲା । ଆଜିକାଲି ତ କଥାର ଢ଼ଙ୍ଗ ବଦଳି ଯାଇଛି, କିରାନିକୁ କିରାନି କହିଲେ ସେ ମୁହଁ ଫୁଲାଇବ—ତାକୁ ମିନିଷ୍ଟେରିଏଲ୍ କର୍ମଚାରୀ କହିବାକୁ ପଡ଼ିବ, ଚପରାସୀକୁ ଚତୁର୍ଥ ଶ୍ରେଣୀ କର୍ମଚାରୀ କହିବାକୁ ହେବ, ନ ହେଲେ ପ୍ରଣିଧ ଅଶୁଦ୍ଧ । ତାଙ୍କର ବା ଦୋଷ କଅଣ ? କୁଲି ମୂଲିଆ, ଶ୍ରମିକ, ହାଡ଼ି ପାଣ ହରିଜନ ଜଙ୍ଗଲରେ ଘର କରି ରହିଥିବା ଲୋକଙ୍କୁ ତ ଆଦିବାସୀ ଓ ପରେ ଗିରିଜନ କୁହାଯାଉଛି । ବରାଗୁଲୁଗୁଲା ବିକାଯାଉଥିବା ଦୋକାନକୁ ହୋଟେଲ କୁହାଯାଉଛି । ଯେ ଯେତିକି ସାନ, ସେ ନିଜର ଆଗ୍ରହ ବ୍ୟବହାର, କାମ କାର୍ଯ୍ୟରେ ତା'ଠାରୁ ସାନ ହୋଇଗଲେ ମଧ୍ୟ ନିଜକୁ ସବୁଠାରୁ ବଡ଼ ବୋଲି ନିଜେ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛି । ଦେଶ ପକ୍ଷରେ ଏହା ଶୁଭ ଲକ୍ଷଣ । ଏ ଭୂଇଁରେ ଦିନେ ନା ଦିନେ ସବୁ ଲୋକେ ବଡ଼ ହୋଇ ଯିବେ । ସାନ କେହି ରହିବେ ନାହିଁ । ଏହାହିଁ ତ ସମାଜ-ବାଦର ଆଦର୍ଶ ।

ଜାକବ୍‌ବାବୁ ନିଜ ଜୀବନରେ ଏ ଆଦର୍ଶ ଅନୁସରଣ କରି ଦିନବର ଚାଲିଛନ୍ତି । ସେ ତାଙ୍କ ଅଫିସରେ ଭକ୍ତମାନଙ୍କୁ ଜଣାନ୍ତି, ତାଙ୍କ ପୂର୍ବପୁରୁଷମାନେ ବଡ଼ ଜମିଦାର ଥିଲେ । ଜନ୍ମବେଳେ ତାଙ୍କ ନାଆଁ ଯାଦବ ଦିଆଯାଇଥିଲା । ଜଣେ କଲେକ୍ଟର୍ ସାହେବଙ୍କ ସହିତ ବନ୍ଧୁତା ଯୋଗୁଁ ବାପା ଖ୍ରୀଷ୍ଟିୟାନ ହୋଇଗଲେ । ତା ସଙ୍ଗେ ସଙ୍ଗେ ତାଙ୍କ ନାଆଁଟା ମଧ୍ୟ ବଦଳି ଯାଦବଟା ଜାକବ୍ ହୋଇ ଯାଇଛି । ସେ କଲେକ୍ଟର ଜଣକ ନାଆଁ କୁଆଡ଼େ ଜାକବ୍ ଥିଲା । ମୁଁ ବଡ଼ ହେଲେ ତାଙ୍କପରି କଲେକ୍ଟର ହେବି,

ଏ ଅଭ୍ୟାସ ମନରେ ରଖି ମଧ୍ୟ ବାପା ନାଆଁଟା ବଦଳାଇ ଦେଇଥିଲେ । ବ୍ରିଟିଶ ଅମଳ ଥିଲେ ଆଜ ଯେମିତି ସେ ହେଡ୍ ଏସିସ୍‌ଟେଣ୍ଟ ଅଛନ୍ତି, ତା' ନ ହୋଇ ସତକୁ ସତ କଲ୍‌ଟର ହୋଇ ଥାଆନ୍ତେ ।

ଶୁଣୁଥିବା କିରାଣି ବନ୍ଧୁମାନଙ୍କ ମଧ୍ୟରୁ କେହି କେହି ଅନୁଗ୍ରହପ୍ରାର୍ଥୀ ତଳ ଶ୍ରେଣୀର କିରାଣି ଅଯାଚିତ ଭାବରେ ଏ କଥାରେ ସହମତ ହୋଇ ଯାଆନ୍ତି । କହନ୍ତି, "ସତ କଥା । ଆଜିକାଲି ଯେଉଁ ଆଇ. ଏ. ଏସ୍‌ମାନେ କଲ୍‌ଟର୍ ହେଉଛନ୍ତି, ସେମାନେ ଆପଣଙ୍କ ସହିତ ତୁଳନାରେ ପାସଙ୍ଗରେ ପଡ଼ିବେ କି ?"

ଜଣେ ମୁହଁଖୋର କିରାଣି ବି. ଏ. ପାସ୍ କରି ଚାକିରି ନ ପାଇ ଏ ଅଧମତାରଣ ବ୍ୟବସ୍ଥାରେ ପଶି ଯାଇଛି ଗ୍ରାଜୁଏଟ୍ ହୋଇଥିବାରୁ ତା'ର ଭାରି ଗର୍ବ । ସେ ପ୍ରତିବାଦ କରି କହି ପକାଇଲା, "ବଡ଼ବାବୁ ତ ଗ୍ରାଜୁଏଟ୍ ନୁହନ୍ତି, କଲ୍‌ଟର ହୁଅନ୍ତେ କିପରି ?"

ଜାକବ୍‌ବାବୁ ବଡ଼ ବଡ଼ ଆଖି କରି ତା' ଆଡ଼କୁ ଅନାଇ କହିଲେ, ଗ୍ରାଜୁଏଟ୍ ? କ୍ଲାଇବ୍ କେଉଁ ଗ୍ରାଜୁଏଟ୍ ଥିଲେ ?"

ପ୍ରଥମ କିରାଣି ଜଣକ ସବାରର ଗ... ଦେଖି ସାହସ ପାଇ କହିଲା, "ସତ କଥା । କ୍ଲାଇବ୍ ତ ଆମରି ପରି ଜଣେ କିରାଣି ଥିଲେ । ସେଇଠୁଁ ଉଠି ଉଠି ତ ଲର୍ଡ ସାହେବ ହେଲେ, ଭାରତରେ ବ୍ରିଟିଶ ସାମ୍ରାଜ୍ୟ ଗଢ଼ି ଦେଲେ । ଆଉ ଆମର ବଡ଼ବାବୁ କଲ୍‌ଟରଟାଏ ହୋଇ ପାରନ୍ତେ ନାହିଁ । ଆଜିକାଲି ଏ ମନ୍ତ୍ରୀଗୁଡ଼ାକ ଭିତରେ କେତେଟା ଗ୍ରାଜୁଏଟ ଅଛନ୍ତି ?"

ଜାକବ୍‌ବାବୁ ଗର୍ବରେ ମୁରୁକିହସା ଦେଲେ ।

ଜାକବ୍‌ବାବୁଙ୍କ ଜନ୍ମ ବୃତ୍ତାନ୍ତ ଯାହା ତାଙ୍କ ମୁହଁରୁ ଶୁଣାଯାଏ, ବୁଢ଼ୀ ମିସ୍ ଉଇଲକିନସନଙ୍କ ଠାରୁ ତା' ଠାରୁ ଅଲଗା କଥା ଜଣା ପଡ଼ିଥାଏ । ସେ ଗୋଟାଏ ଖ୍ରୀଷ୍ଟିୟାନ ଅନାଥାଶ୍ରମ ଚଳାନ୍ତି । ବୁଢ଼ୀ ଜାକବ୍ ବାବୁଙ୍କୁ ଚିହ୍ନେ । ସେ କହନ୍ତି ଜଣେ ମିଶ୍‌ନାରୀ ଗୋଟିଏ ଅନାଥ ଶିଶୁକୁ ଆଣି ଆଶ୍ରମରେ ଛାଡ଼ି ଥିଲେ । ଖୋଜା ଖୋଜି କଲେ ମଧ୍ୟ ତାଙ୍କର ବାପା କିଏ, ମାଆ କିଏ କିଛି ଜଣା ପଡ଼ି ନ ଥିଲା । ଖ୍ରୀଷ୍ଟାନ ଅନାଥାଶ୍ରମ ତ; ଏଠାର ସବୁ ପିଲାଙ୍କୁ ଖ୍ରୀଷ୍ଟାନ୍ କରି ଦିଆଯାଏ । ଏ ଦେଶରେ ଶୀଘ୍ର

ଖ୍ରୀଷ୍ଟାନ୍ ସଂଖ୍ୟା ବଢ଼ିଲେ, ଯୀଶୁ ପାପୀମାନଙ୍କୁ ପରିତ୍ରାଣ କରି ପାରିବେ, ବ୍ରିଟିଶ ସାମ୍ରାଜ୍ୟ ଭିତରେ ସ୍ୱର୍ଗରାଜ୍ୟ ମଧ୍ୟ ପ୍ରତିଷ୍ଠିତ ହୋଇଯିବ । ସେଥିପାଇଁ ଏ ସବୁ ଅନାଥାଶ୍ରମରେ ପୁଅପିଲାଙ୍କ ଅପେକ୍ଷା ଝିଅପିଲାଙ୍କୁ ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ । ଏମିତି ମଧ୍ୟ ଅନାଥ ବାଳିକା ସେଲିନା ରହି ଥିଲେ, ବଢ଼ି ଥିଲେ, ପଢ଼ି ଥିଲେ । ପରେ ସେ ଜାକବ୍‌ଙ୍କ ପତ୍ନୀ ହୋଇଥିଲେ ।

ମିସନାରି ସାହେବ ଜାକବ୍‌ଙ୍କୁ ହା: ଇ: ସ୍କୁଲରେ ପଢ଼ାଇ ମେଟ୍ରିକ୍ୟୁଲେସନ୍ ପାସ୍ କରାଇ ଥିଲେ, ଗୋରା କଲେକ୍ଟରଙ୍କୁ କହି ବ୍ଲକରେ ଖଣ୍ଡେ ଜଗାଇ ଦେଇ ଥିଲେ । ସେଇଠାରୁ ଉଠି ଉଠି ସେ ଏବେ ସେକ୍ରେଟେରିଏଟର ହେଡ୍ ଏସିସ୍ଟେଣ୍ଟ ହୋଇ ଯାଇଛନ୍ତି ।

ସେଲିନା ସେନାପତିଙ୍କୁ ସେ ପ୍ରେମ କରି ବିବାହ ହୋଇଥିଲେ । ସେଲିନା ପ୍ରଧାନ ପ୍ରତିଦିନ ବାଇବେଲ୍ ପଢ଼ନ୍ତି, ଶୁକ୍ରବାର ଦିନ ଆଇଁଷ ଖାଆନ୍ତି ନାହିଁ, ରବିବାର ଦିନ ଗୀର୍ଜାକୁ ଯାଆନ୍ତି, ବଡ଼ଦିନରେ ରାତି ଜଗନ୍ତି—ରୋଟ, କେକ୍, ପୁଡ଼ିଂ କରନ୍ତି, ଘର ସଜାନ୍ତି, ନୂଆଲୁଗା ପିନ୍ଧନ୍ତି ।

ଜାକବ୍‌ବାବୁଙ୍କର ସେଥିରେ ଟିକଏ ଆପତ୍ତି ଥାଏ । ଦିନକାଳ ଯେମିତି ସେଥିରେ ସମସ୍ତେ ନିଜ ନିଜ ଗୋଷ୍ଠୀ ଆଡ଼କୁ ଢଳନ୍ତି । ଏଥିରେ ତାଙ୍କର ଖ୍ରୀଷ୍ଟାନ୍‌ତ୍ୱ ବାହାରକୁ ଉତ୍କଟ ଭାବରେ ଦିଶିଗଲେ କ୍ଷତି ଛଡ଼ା ଲାଭ ନାହିଁ । ବ୍ଲକରେ ତ ବେଶୀ ଖ୍ରୀଷ୍ଟାନ୍ ନାହାନ୍ତି । ଯେ ବା ଅଛନ୍ତି ସେମାନଙ୍କ ଭିତରୁ ବେଶି ଭାଗ ତଳିଆ କର୍ମଚାରୀ । ସେମାନଙ୍କ ଠାରୁ ବା କି ସମର୍ଥନ ମିଳିବ ? ମିଳିଲେ ବା ତାହାର ମୂଲ୍ୟ କେତେ ? ହାକିମମାନଙ୍କ ସୁଦୃଷ୍ଟିରେ ପଡ଼ିଲେ ସିନା ବ୍ଲକରେ ଉନ୍ନତି । ଜାକବ୍ ବାବୁ ଖ୍ରୀଷ୍ଟାନ୍-ବିଶେଷତଃ ଧାର୍ମିକ ଖ୍ରୀଷ୍ଟାନ ବୋଲି ଜାଣିଲେ ତ ହାକିମଙ୍କ ମର୍ଜି ବିଗିଡ଼ି ଯିବ । ଦେଶଟାକୁ ଧର୍ମ-ନିରପେକ୍ଷ ରାଷ୍ଟ୍ର ବୋଲି କୁହାଯାଉଛି । ମୁହଁରେ ସିନା କେହି କିଛି କହିବେ ନାହିଁ, ମନରେ ରଖି ସେ ଅନୁସାରେ କାର୍ଯ୍ୟ କରିବାକୁ କିଏ ନାହିଁ କରିବ ? ସେଥିପାଇଁ ସେ ତାଙ୍କ ପତ୍ନୀକୁ କହନ୍ତି, "ଯାହା କରୁଛ ଘରେ କର । ବାହାରକୁ ଆମେ ଖ୍ରୀଷ୍ଟାନ୍, ମୁସଲମାନ,

ହିନ୍ଦୁ—ସବୁ ଧର୍ମନିରପେକ୍ଷତା, ଜାତୀୟ ସଂହତି—ସବୁ ଏକାଠି କୁହନ୍ତି । ମୋ ନାଆଁଟାକୁ ଦେଖୁନା । ଖ୍ରୀଷ୍ଟାନ, ମୁସଲମାନ, ହିନ୍ଦୁ ସବୁ ଏକାଠି ମିଶିଛି ।"

ମିସେସ୍ ସିନ୍‌ହା ସେନାପତି ଜି ଖ୍ରୀଷ୍ଟାନ୍ ଗୀର୍ଜାରେ ପାଦ୍ରୀ ଓ ମଣ୍ଡଳୀ ଆଗରେ ଜାକବ୍ ପ୍ରଧାନଙ୍କୁ ବିବାହ ହୋଇ ନିଜେ ସେନିକା ପ୍ରଧାନ ହୋଇଛନ୍ତି । ନିଜେ ଓଡ଼ିଆ ବାଇବେଲ ଖଣ୍ଡେ ବରାବର ପଢ଼ି ପ୍ରଭୁଙ୍କୁ ଡାକିବାରୁ ତ ୩୦ ଟଙ୍କାର ଆସିଷ୍ଟାଣ୍ଟ ପଦରୁ ଉଠି ଉଠି ସେ ବର୍ତ୍ତମାନ ୩୦୦ ଦରମାର ହେଡ୍ ଏସିସ୍‌ଟେଣ୍ଟ ହୋଇଛନ୍ତି । ଖ୍ରୀଷ୍ଟାନ୍‌ତ୍ୱ ଲୁଚାଇବେ କାହିଁକି ?

ଜାକବ୍‌ବାବୁସବୁଦିନ ଏପରିକି ସବୁ ବିଷୟରେ ପତ୍ନୀଙ୍କ କଥାକୁ ଶିରୋଧାର୍ଯ୍ୟ କରନ୍ତି, ଯେହେତୁ ସେ ଉତ୍ତମଡର ଅର୍ଦ୍ଧାଙ୍ଗ, ଇଂରାଜୀରେ ସାହେବମାନେ ଯାହାକୁ କହନ୍ତି, ବେଟର୍ ହାଫ୍ । ତା ଛଡ଼ା ତାଙ୍କର ଦୃଢ଼ ବିଶ୍ୱାସ ଯେ ଖାଲି ମିସେସ୍ ବରାବର ବାଇବେଲ ପଢ଼ିବା ଓ ପ୍ରାର୍ଥନା କରିବାରୁ ହିଁ ତାଙ୍କର ଉନ୍ନତି । ଯୀଶୁଙ୍କ ମହିମା ସେ ନିଜ ଜୀବନରେ ନିଜେ ବୁଝିଥିଲେ ମଧ୍ୟ ଖୋଲାଖୋଲି ଭାବରେ ତାହା ପ୍ରଚାର କରିବାର ଉପାୟ ନାହିଁ । ଗୋଟିଆଡ଼େ ତ ବତିଶ କୋଟି ଦେବତା, ଗ୍ରାମଦେବୀଠାରୁ ଜଗନ୍ନାଥଙ୍କ ପର୍ଯ୍ୟନ୍ତ, ଗୋଟିଆଡ଼େ ମନ୍ଦିର; ଗୋଟିଆଡ଼େ ପିତୁଳା ପୂଜା । ଏ ଗହଳି ଭିତରେ ଯୀଶୁ ଆସିବେ କେଉଁ ବାଟେ । ଏହା ଛଡ଼ା ଗୃହିଣୀ ବଡ଼ ନା ଯୀଶୁ ବଡ଼ ? ବ୍ରିଟିଶ ଅମଳର କଥା ଅଲଗା । ସେମାନେ ଖ୍ରୀଷ୍ଟାନ୍ ଥିଲେ । ତାଙ୍କର ରାଜା ବା ରାଣୀମାନେ ଖ୍ରୀଷ୍ଟାନ ଧର୍ମର ରକ୍ଷକ ରକ୍ଷୟିତ୍ରୀ ଥିଲେ । ତା ଫଳରେ ଖ୍ରୀଷ୍ଟାନ ଏପରିକି କଳା ଖ୍ରୀଷ୍ଟାନମାନଙ୍କର ସମ୍ମାନ ଥିଲା । ସେ ଯୁଗ ଯାଇଛି । ନାଆଁଟା ଜାକବ୍ ହୋଇଥିବାରୁ ମନେ ମନେ ଶଙ୍କା ଆସୁଛି; କିନ୍ତୁ ଉପାୟ କଅଣ ? ଜାକବ୍‌ଟାକୁ ଯାଦବ କରି ଦେଲେ ଚଳନ୍ତା । ତା ହେଲେ ଆଉ ଥରେ ଏଫିଡେଭିଟ୍ କରିବାକୁ ପଡ଼ିବ । ସର୍ଭିସ୍ ବହି, ସି. ସି. ଆର୍ ସବୁ ବଦଳାଇବାକୁ ହେବ । ଗୃହିଣୀ ଆଉ ଗୋଟିଏ ବର୍ଷ । ସେ ଏସିସ୍‌ଟେଣ୍ଟ ସେକ୍ରେଟେରୀଟାଏ ହୋଇଯିବା ପାଇଁ ଆଶା କରିଛନ୍ତି । ଏସବୁ ବଦଳା ବଦଳି କରିବାକୁ ହେଲେ, କେଉଁଠି ଗୋଟାଏ

କିନ୍ତୁ ଅଢ଼ୁଆ ରହିଗଲେ ଅସୁବିଧା । ତାଙ୍କ ଆଶାତ ଆଶାରେ ରହିଯିବ; ଶେଷରେ ଅବସର ନେବା ପରେ ପେନସନ୍ ଗଣ୍ଡାକ ମଧ୍ୟ ବର୍ଷ ଥିଲା ଭିତରେ ମିଳବ ନାହିଁ ।

ସେ ମିସେସ୍ ପ୍ରଧାନଙ୍କୁ କହନ୍ତି, "ତୁମେ ସବୁ ଜାଣି ଅଜଣା ହେଉଛ । ମୋ ନାଆଁ କିଏ ଦେଇଥିଲା, ଜାଣେନା ।"

ମିସେସ୍ ଉତ୍ତର ଦେଲେ, "ମୁଁ ଜାଣେ । ସେ ନାଆଁ ମିସ୍ ଓ୍ୱିଲକିନସନ୍ ଦେଇଥିଲେ । ସେ ନିଜେ କହନ୍ତି ।"

ମିଷ୍ଟର ପ୍ରଧାନ ଓରଫ୍ ଜାକବ୍ ବାବୁ କହନ୍ତି, "ହୋଇପାରେ । ବ୍ରିଟିଶ ଅମଳ; ଠିକ୍ ଚାଲିଯାଉଥିଲା । କିଏ ଜାଣିଥିଲା ଗୋରାମାନେ ରାଜୁ ଚଳାଇବେ, ଆଉ କଳା ଆଦମୀଗୁଡ଼ାକ ହାକମ ହୁକୁମା ହେବେ ? ଗୋରାସାହେବ ଯେଉଁ କାଳରେ ଥିଲେ ଖ୍ରୀଷ୍ଟାନ୍ ବୋଲି ସେ ମୋତେ ଡାଏରକ୍ଟରରୁ ଏଲ୍. ଡ଼ି. କିରାଣି କରି ଦେଇଗଲେ ।"

ମିସେସ୍ ପ୍ରଧାନ କହିଲେ, "ପ୍ରଭୁ ତାଙ୍କର ମଙ୍ଗଳ କରନ୍ତୁ "।

ମିଷ୍ଟର ପ୍ରଧାନ କହିଲେ, ତାଙ୍କ ପରେ ଆସିଲେ ଜଣେ ମୁସଲମାନ ହାକମ । ଦେଖିଲି ବିପଦ । ପାକିସ୍ଥାନ ହେବାରୁ ସମସ୍ତେ ଭଲ ମନ୍ଦ ସବୁ ମୁସଲମାନଙ୍କୁ ସନ୍ଦେହ କରୁଛନ୍ତି, ସେମାନେ ମଧ୍ୟ ଆଉ ସମସ୍ତଙ୍କୁ ମନେ ମନେ ସନ୍ଦେହ କରୁଛନ୍ତି । ଏ ସନ୍ଦେହ ଭିତରେ ପଡ଼ି ଗଲେ ମୋ ଭବିଷ୍ୟତଟା ଶେଷ ହୋଇଯିବ, ସେଥିପାଇଁ ସ୍ୱତ୍ୟପାଠ କରି ଜାକବ୍ ସହିତ ମହମ୍ମଦଟା ଯୋଡ଼ି ଦେଲି । ମୋ ନାଆଁ ଜାକବ୍‌ମହମ୍ମଦ ଶୁଣି ହାକମ ଖୁସୀ ହୋଇଗଲେ । ସେ ମୋତେ ୟାକୁବ୍ ମହମ୍ମଦ ବୋଲି ଡାକିଲେ । ତାଙ୍କ କୋଠିକୁ ମୁଁ ବରାବର ଯାଉଥିଲି । ଗଲେ ସେ "ସଲାମ—ଓ୍ୱାଲେକୁମ" କହି ଅଭିବାଦନ କରୁଥିଲେ । ତୁମକୁ ବୋଧହୁଏ ଏ କଥା ଜଣାନାହିଁ ।

ମିସେସ୍ ପ୍ରଧାନ କହିଲେ, "ତୁମେ କହୁଛ । ମୁଁ ଜାଣିଛି ।" ମିଷ୍ଟର ପ୍ରଧାନ କହି ଲାଗିଲେ, "ସେ ହାକମ ଜଣକ ମୋ ଉପରେ ଏତେ ଖୁସୀ ହୋଇ ଗଲେ ଯେ, ମୋତେ ଉପର ଶ୍ରେଣୀର କିରାଣି କରି ଦେଲେ ।"

ମିସେସ୍ ପ୍ରଧାନ କହିଲେ, "ପ୍ରଭୁ ଯୀଶୁ, ତାଙ୍କର ମଙ୍ଗଳ କରନ୍ତୁ ।"

ମିଷ୍ଟର ପ୍ରଧାନ ଗମ୍ଭୀର ହୋଇ କହିଲେ, "ଊନବର୍ଷ ହେଲା ସେ ଗଲେଣି ।"

ମିସେସ୍ କଥାରେ ଜୋର ଦେଇ କହିଲେ, "ପ୍ରଭୁ ଯୀଶୁ ତାଙ୍କର ନିଶ୍ଚୟ ମଙ୍ଗଳ କରିବେ ।"

ମିଷ୍ଟର ପ୍ରଧାନ କହିଲେ, "ତାଙ୍କ ପରେ ବିପଦ ମାଡ଼ି ଆସିଲା । ଜଣେ ହାକିମ ଆସିଲେ, ତାଙ୍କ ବେକରେ ବଗଡ଼ା ତୁଳସୀ ମାଳ; ଘରେ ଛଡା କରନ୍ତି, ସାନ ସାନ ଝାଞ୍ଜ ବଜାଇ କଣ୍ଡ ପାଟି କରି ନଚାଇ ଗୌର ରାଧେ ଶ୍ୟାମ କରନ୍ତି, କୌଣସି ମୁସଲମାନ କିରାଣୀ ଫାଇଲ ଧରି ଗଲେ କାଳେ ତାଙ୍କୁ ଛୁଇଁ ପକାଇବେ ବୋଲି ଦୂରରୁ ଦେଖିଲେ ଟେବୁଲ ଉପରେ ଫାଇଲ ରଖି ଦେଇ ଯିବା ପାଇଁ ମାଟି କରି ହୁକୁମ ଦିଅନ୍ତି । ଭାବିଲି, ଏଥର ଚାକିରୀ ଶେଷ; କନଚ୍ଛ ଧରି ନଈ କୂଳରେ ବସି ମାଛ ମାରି ବଞ୍ଚି-କରି ପେଟ ପୋଷିବାକୁ ହେବ । ଗୋଟାଏ ବୁଦ୍ଧି ମୁଣ୍ଡ ଭିତରେ ପଶିଗଲା । ବଜାରୁ ଦୁଇଟି ମନ୍ଦିରା କିଣିଲି, ଆଠଣା ପଇସା ଦେଇ ବଗଡ଼ା ତୁଳସୀ ମାଳ କିଣିଲି, ଖଣ୍ଡେ ଚକଖଡ଼ି କିଣି ପକେଟରେ ରଖିଲି । ବୁଝିଲି, ସକାଳୁ ହାକିମ ଝାଞ୍ଜ ବଜାଇ ନାମ କୀର୍ତ୍ତନ କରନ୍ତି । ଭୋରରୁ ବେକରେ ବଗଡ଼ା ମାଳ ବାନ୍ଧି, ଚକଖଡ଼ିରେ ତିଳକ କରି ହାକିମଙ୍କ କୋଠି ବାରନ୍ଦାରେ ଯାଇ ବସି ପଡ଼ି, ମନ୍ଦିରା ବଜାଇ ହରେ କୃଷ୍ଣ ହରେ ରାମ' ଆରମ୍ଭ କରି ଦେଲି । ମୋର ରଡ଼ି ଓ ମନ୍ଦିରା ମାଡ଼ି ହାକିମଙ୍କ କାନରେ ବାଜିଲା । କୌଣସି ବାବାଜୀ ଭିକ ମାଗିବାକୁ ଆସିଛି ମନେ କରି ପଦାକୁ ବାହାରି ଆସିଲେ । ମୁଁ ଛିଡ଼ା ହୋଇ ପଡ଼ି ନମସ୍କାର କଲି ।

ହାକିମ ପଚାରିଲେ, "ତୁମେ କିଏ ?"

କହିଲି, "ହଜୁରଙ୍କ ଅଫିସର ଜଣେ କିରାଣୀ ।"

ପଚାରିଲେ, "ତୁମ ନାମ ?"

କହିଲି, "ପ୍ରଶାନ୍ତ ପ୍ରଧାନ ।"

କହିଲେ, "ପ୍ରଶାନ୍ତ ଭଲ ନାଆଁ ଟାଏ । ତୁମେ ବଡ଼ବର ଆସିବ ।"

ସେ ଦିନ ଆଉ ଗୋଟାଏ ଏଫିଡେଭିଟ୍ କଲି । ମୋ ନାଆଁ ପ୍ରଶାନ୍ତ ପ୍ରଧାନ । ମୋ ପ୍ରତି ହାକିମଙ୍କ ବଡ଼ ଅନୁଗ୍ରହ ।

ଦିନେ କହିଲି, "ହଜୁର, ମୁଁ ଗରିବ, କରମା ଜୀବ । ହଜୁରଙ୍କ ଅନୁଗ୍ରହ ହେଲେ ହେଡ଼ ଏସିସ୍ଟେଣ୍ଟ ହୋଇ ଯାଆନ୍ତି । ଦରମା ବଢ଼ି ଯାଆନ୍ତା ।"

ମାଳ ପିନ୍ଧାକୁ ମାଳ ପିନ୍ଧା । ଚିତା କଟାକୁ ଚିତା କଟା । ସେ ମୋତେ ତଳଆ ହେଡ଼ ଏସିସ୍ଟେଣ୍ଟ କରିଦେଲେ ।"

ମିସେସ୍ ପ୍ରଧାନ କହିଲେ, "ମାଳି ପିନ୍ଧିବା ଚିତା କାଟିବା ମୁଁ ତ ଦେଖି ନାହିଁ ।"

ମିଷ୍ଟର ପ୍ରଧାନ ହସି ହସି କହିଲେ, "ତାହା ଦେଖାଇବା ଜିନଷ, ଯେ ଦେଖାନ୍ତି । ଏକା ହାକିମଙ୍କ ପାଇଁ ସେ ବେଶ, ସେ ଭେକ । ହାକିମ ନିଜେ ନିଜ ବଗିଚା ତୁଳସୀ ମାଳି ଲୁଗୁନ୍ତି, ଚୈତନ ଚିତା ଲଗାଇ ଅଫିସକୁ ଆସନ୍ତି—କହନ୍ତି, 'ଧର୍ମ ନିରପେକ୍ଷ ରାଷ୍ଟ୍ରରେ ବାପ', ତୁମର ଯାହା ଧର୍ମ ତାହା ବାହାରକୁ ଦିଶି ଗଲେ ଚାକିରି ଖତମ୍ । ମୁଁ ବା ସେ ସବୁ ଦେଖାନ୍ତି କେତେବେଳେ ?"

ମିସେସ୍ ପ୍ରଧାନ ଗମ୍ଭୀର ହୋଇ ଗଲେ । କହିଲେ, ଯୀଶୁ ଅସନ୍ତୁଷ୍ଟ ହେବେ ।

ମିଷ୍ଟର ପ୍ରଧାନ ଜୋର ଦେଇ କହିଲେ, "ରଖ ତମର ଅସନ୍ତୋଷ । ଜୁନିୟର ହେଉ ସିନିୟର ହେଉ କିନ୍ତୁ ହେଡ଼ ଏସିସ୍ଟେଣ୍ଟ ତ ହେଲି ।"

ଟିକଏ ରହି କହିଲେ, "ତାଙ୍କ ପରେ ଜଣେ ହାକିମ ଆସିଲେ, ଯାହାଙ୍କର ଧର୍ମ ନାହିଁ ନା କର୍ମ ନାହିଁ। ଠୋକା ଲୋକ । ପୁରାପୁରି ଧର୍ମ ନିରପେକ୍ଷ । ସେ ପୌତ୍ତଳିକ ନୁହଁନ୍ତି, ପୁରାପୁରି ବୌଦ୍ଧିକ । କୃଷ୍ଣଙ୍କ ରାଧା ନୁହେଁ, ସୁନ୍ଦରୀ ରାଧାମାନଙ୍କ ପ୍ରତି ତାଙ୍କର ବିଶେଷ ଆକର୍ଷଣ ।"

ମିସେସ୍ ପ୍ରଧାନ ପଚାରିଲେ, 'ତାଙ୍କର ସ୍ତ୍ରୀ ନାହିଁ ।"

ମିଷ୍ଟର ପ୍ରଧାନ ହସି ହସି କହିଲେ, "ସେ କଅଣ ଜାକବ୍‌ବାବୁ ? ହୁଏତ ସ୍ତ୍ରୀ ଅଛି । ହେଲେ ସମସ୍ତେ କଅଣ ଗୋଟାଏ ସ୍ତ୍ରୀକୁ ଧରି ସାରା ଜୀବନ କଟାଇବେ ବୋଲି କିଛି ନିୟମ ଅଛି ? ହଁ, ଆଇନ ଅଛି, ହେଲେ ସମସ୍ତେ ସବୁବେଳେ ସବୁ ଆଇନ ମାନି ଚଳନ୍ତି ନା ଚଳିବା ସମ୍ଭବ ? ସେ କଥା ଥାଉ । ମୋ ମୁଣ୍ଡରେ ଗୋଟାଏ ସମସ୍ୟା ବରାବର ଲାଗି ରହିଲା । ଏ ହାକିମଙ୍କୁ ଧରିବ କେମିତି ? ବହୁତ ଭାବି ଚିନ୍ତି ଠିକ୍ କଲି, ଜାଣିଥିବା ସଂହିତ ବାଟେ କାମ ହାସଲ କରିବ । ଆମ ଅଫିସକୁ ଜାଣିଥିବା ସଂହିତ ପ୍ରତିଜ୍ଞାପତ୍ର ଆସିବା ସଙ୍ଗେ ସଙ୍ଗେ ବଡ଼ ବଡ଼ ଅକ୍ଷରରେ ଦସ୍ତଖତ କରି ଦେଲି—ଜାକବ୍ ମହମ୍ମଦ ପ୍ରଶାନ୍ତ ପ୍ରଧାନ । ହାକିମ ଦେଖିଲେ ଏ ଗୋଟାଏ ବିଚିତ୍ର ନାଆଁ । ଡକାଇଲେ ।

ପଚାରିଲେ, 'ତୁମେ ହିନ୍ଦୁ, ମୁସଲମାନ ନା ଖ୍ରୀଷ୍ଟାନ୍ ।

କହିଲି, "ମୋ ନାଆଁ ଦେଖୁଛନ୍ତି, ଆଜ୍ଞା । ମୁଁ ସବୁ ।"

ମୋ ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ପୁଣି ପଚାରିଲେ, 'ତୁମର ଧର୍ମ ?"

ସଙ୍ଗେ ସଙ୍ଗେ ଉତ୍ତର ଦେଲି, "ଜାଣିଥିବା ସଂହିତ ।" ସେ କିଛି ବୁଝିଲେ କି ନା ଜାଣେନା । ଖାଲି କହିଲେ, 'ବିଚିତ୍ର ।' ବୋଧହୁଏ, ସେ ଟିକିଏ ଖୁସୀ ହୋଇ ଗଲେ । ଛଅମାସ ପରେ ସେ ମୋତେ ସିନିୟର ହେଡ୍ ଏସିସ୍‌ଟେଣ୍ଟ କରି ଦେଇ ଗଲେ ।"

ମିସେସ୍ ପ୍ରଧାନ କହିଲେ, 'ଯୀଶୁ ତାଙ୍କର ମଙ୍ଗଳ କରନ୍ତୁ ।"

ମିଷ୍ଟର ପ୍ରଧାନ କହିଲେ, 'ପ୍ରଭୁ ଯୀଶୁ ଆଉ ଟିକିଏ ଆମର ମଙ୍ଗଳ କରି ଦେଲେ ଭଲ ହୁଅନ୍ତା । ରିଟାୟାର୍ ଆଉ ଆଠ ମାସ । ଏହାରି ଭିତରେ ଏସିସ୍‌ଟେଣ୍ଟ ସେକ୍ରେଟେରୀଟାଏ ହୋଇ ଗଲେ ପେନସନ୍ ଦଶଟଙ୍କା ବଢି ଯାଆନ୍ତା ।"

ମିସେସ୍ ପ୍ରଧାନ କହିଲେ, "ଏ ହାକିମଙ୍କୁ କହୁନା ?"

ମିଷ୍ଟର ପ୍ରଧାନ ହତାଶ ସ୍ୱରରେ କହିଲେ, "କହିବ ? କହିବ କେତେବେଳେ ? ତାଙ୍କ ସହିତ ମୋର ଦେଖା ନା ଘରତଯ୍ତ ? ସେ, ତ ମନ୍ତ୍ରୀଙ୍କ ସଙ୍ଗେ ଦିନରାତି—ଘରବା କଣିବାଠୁଁ ପିଲା ଧରିବା ପର୍ଯ୍ୟନ୍ତ କାମ କରୁଛନ୍ତି। ଫାଇଲସବୁ ତ କୋଠିକୁ ଯାଉଛି, ଆସୁଛି। ଉପାୟ କଅଣ ?"

ମିସେସ୍ ପ୍ରଧାନ ସଙ୍ଗେ ସଙ୍ଗେ ଆଖି ମାଡ଼ି ବସୁ ବସୁ କହିଲେ, "ଉପାୟ ପ୍ରାର୍ଥନା। କେବଳ ପ୍ରାର୍ଥନା କର। ଯୀଶୁ ଖ୍ରୀଷ୍ଟ ଶୁଣିବେ।"

ମିଷ୍ଟର ପ୍ରଧାନ ଆଖି ମାଡ଼ି ବସି ମୁଣ୍ଡ ନୁଆଁଇଲେ।

ମିଷ୍ଟର ଜାକବ୍ ମହମ୍ମଦ ପ୍ରଶାନ୍ତ ପ୍ରଧାନ ଚାକିରିରୁ ଅବସର ନେଲେ। ପେନ୍‌ସନ୍ କାଗଜ ଯେଉଁ ଦିନ ହାତରେ ଧରିଲେ ସେଦିନ କଚେରୀକୁ ଯାଇ ସତ୍ୟପାଠ କଲେ ଯେ, ତାଙ୍କ ନାମ ଜାକବ୍ ଇଲିୟସ୍ ମସି। ରେଭରେଣ୍ଡ ଲଜରସ୍ ତାଙ୍କୁ ଖଣ୍ଡେ ପାଷ୍ଟର ଚାକିରି ଦେଲେ। ଜାକବ୍ ବାବୁଙ୍କ ପାଇଁ ଆଉ ଜାଣିପୁ ସହିତ ଦରକାର ପଡ଼ିଲା ନାହିଁ।

# ୱାଇଫ୍

ହରିବାବୁ ଉକିଲ । ନମିତା ଦେବୀ ତାଙ୍କର ୱାଇଫ୍ । ଆଜିକାଲି ଧର୍ମ ଗୋଟିଏ ପୁରୁଣାକାଳିଆ ସାମନ୍ତବାଦୀ କଥା; ସେଥିପାଇଁ ଏ ନବ ସମାଜବାଦୀ ଯୁଗରେ କାହାରିକୁ ଧର୍ମପତ୍ନୀ ବୋଲି କହିଲେ ମାନହାନି ମକଦ୍ଦମାରେ ପଡ଼ି ଛ' ମାସ ଜେଲ ଭୋଗିବାର ଆଶଙ୍କା ଅଛି । ପୁଣି କେହି କାହାର ଭାର୍ଯ୍ୟା ହୋଇ ନ ପାରନ୍ତି । ଭାର୍ଯ୍ୟା ହେଲେ ଭର୍ତ୍ତା ଥିବା ଦରକାର—ଅର୍ଥାତ୍ ଭରଣ ପୋଷଣ ପାଇଁ ନାରୀ ପୁରୁଷ ଜଣକ ଉପରେ ନିର୍ଭର କରୁଛି ବୋଲି ସେ ନାରୀକୁ ସ୍ୱୀକାର କରିବାକୁ ପଡ଼ିବ । ଅର୍ଥାତ୍ ପୁରୁଷଠାରୁ ନ୍ୟୂନ ବୋଲି ନାରୀକୁ ମାନିବାକୁ ପଡ଼ିବ । ସମ୍ବିଧାନରେ ତ ନାରୀ ପୁରୁଷ ସମାନ ବୋଲି ସ୍ପଷ୍ଟ ଲିପିବଦ୍ଧ କରାଯାଇଛି । ତେଣୁ କାହାରିକୁ ଭାର୍ଯ୍ୟା ବୋଲି ଆଖ୍ୟା ଦେବା ସମ୍ବିଧାନ ବିରୋଧୀ କାର୍ଯ୍ୟ ହେବ । ପୁଣି ବ୍ୟାକରଣ ସୂତ୍ର ଅନୁସାରେ ପୁଂ ଅର୍ଥାତ୍ ପୁରୁଷ ଓ ସ୍ତ୍ରୀ ଏ ଦୁଇଟା ଲିଙ୍ଗବାଚକ ପଦ । ୱାଇଫ୍ କହିଲେ ଯାହା ବୁଝାଏ ଏଥିରେ ତାହା ଆସେ ନାହିଁ । ସ୍ୱାମୀର ଗୋଟିଏ ଅର୍ଥ ପ୍ରଭୁ । ସ୍ୱାମୀ ସ୍ତ୍ରୀ ପଦ ବ୍ୟବହାର କଲେ ସ୍ତ୍ରୀ ଉପରେ "ସ୍ୱାମୀର ପ୍ରଭୁତ୍ୱ ଅଛି ବୋଲି ସ୍ୱୀକାର କରିବାକୁ ପଡ଼ିବ । ଦୁଇଜଣ ସମାସ୍ତର ବ୍ୟକ୍ତିଙ୍କ ମଧ୍ୟରେ ଜଣେ ପ୍ରଭୁ ଓ ଆଉ ଜଣେ ପ୍ରଭୁଙ୍କର ପ୍ରଭୁତ୍ୱ ଅଧୀନରେ ରହିଥିବା ବ୍ୟକ୍ତି ବା ସମ୍ପତ୍ତି ହୋଇ ନ ପାରନ୍ତି । ଏହା ଯୁକ୍ତିସିଦ୍ଧ । ସ୍ତ୍ରୀ ଉପରେ ସ୍ୱାମୀର ପ୍ରଭୁତ୍ୱ କେବଳ ଆଦିମ ଯୁଗର କ୍ରୀତଦାସ ପ୍ରଥାର ଗୋଟିଏ ପରିଣତି ବୋଲି ଆଧୁନିକ ଯୁଗର ପଣ୍ଡିତମାନେ ସ୍ଥିର କରିଛନ୍ତି ।

ଏ ସବୁ ଦିଗ ପ୍ରତି ଦୃଷ୍ଟି ଦେଇ ହରିବାବୁ ନମିତା ଦେବୀଙ୍କୁ ୱାଇଫ୍ ବୋଲି ବର୍ଣ୍ଣନା କରନ୍ତି ।

ସାନ ଚୌତାଲି ଘର ଖଣ୍ଡେ । ଉପରେ ଦୁଇ ବଖରା ତଳେ ଦୁଇ ବଖରା । ତଳ ଦୁଇ ବଖରାରୁ ବାଁଟ ଘର ଖଣ୍ଡିକରେ ହରିବାବୁ ଏଡ୍‌ଭୋକେଟଙ୍କ ସିରସ୍ତା । ଆସବାବ ଭିତରେ ଖଣ୍ଡେ ପୁରୁଣା ଟେବୁଲ, ଦୁଇ ଖଣ୍ଡ ଟିଣ ଚୌକି, ଗୋଟିଏ ସାନ ଆଲମାରି, ଖଣ୍ଡେ କାଠ ବେଞ୍ଚ, ଟେବୁଲ ତଳ ଓ ଭିତରକୁ ଯିବାପାଇଁ ଥିବା ଦ୍ୱାରରେ ଝୁଲା ହୋଇଥିବା ସମ୍ବଲପୁରୀ ପରଦା ବୋଧହୁଏ ତିନି ବର୍ଷ ଧରି ଧୋବା ଘର ମୁହଁ ଦେଖି ନାହିଁ ।

ଆଲମାରିରେ ସାତ ଆଠ ଖଣ୍ଡ ମୋଟା ମୋଟା ଆଇନ୍ ବହି ଟେବୁଲ ଉପରେ ଥାକ ମରା ହୋଇ ରହିଥିବା ଦୁଇ ତିନି ବର୍ଷର ପୁରୁଣା ନଥି-ଦରଖାସ୍ତ, ଅର୍ଜି, ଅର୍ଜି ନକଲ ଆଉ କେତେ କଅଣ କଣଦେଖା କାଗଜପତ୍ର ।

ସକାଳ ସାତଟା ବେଳେ ହରିବାବୁ ସିରସ୍ତାରେ ବସନ୍ତି, ସାଢ଼େ ନଅଟା ବେଳେ ମୁଠାଏ ଭାତ, ଡାଲମା ଓ ଆଳୁ ଭଜା ଗିଳି ଦେଇ ଓକିଲିଆ ଧଡ଼ାଚୂଡ଼ା ଉପରେ କଳା ଗାଉନ ଲଗାଇ କଚେରି ହତାରେ ଯାଇ ହାଜର ହୋଇ ଯାଆନ୍ତି । ଯେଉଁ ଦିନ ମକଦ୍ଦମା ଥାଏ ତାଆଁ ଟାଉଟର, ମୁଦେଇ ବା ମୁଦାଲିଙ୍କ ସହିତ ସାକ୍ଷୀ ଓ ଗାଆଁରୁ ଆସିଥିବା ଦେଖଣାହାରିମାନେ ତାଙ୍କ ପାଖରେ ପହଞ୍ଚନ୍ତି; କିନ୍ତୁ ନଥିବା ଦିନ ବାର ଲାଇବ୍ରେରିରେ ବସି ଖବର କାଗଜ ପଢ଼ନ୍ତି ବା କାର୍ଯ୍ୟବ୍ୟସ୍ତ ଥିବାଭଳି କଚେରି ବାରନ୍ଦାରେ ଏପଟ ସେପଟ ବୁଲନ୍ତି, ହାଜରା ଖଣ୍ଡେ ଦୁଇଖଣ୍ଡ ବା ଗୋଟେ ଦୁଇଟା ଏଫିଡେଭିଟ୍ ବା ଅନ୍ୟ ନଥିପତ୍ରରେ ଶନାକ୍ତ ଦସ୍ତଖତ କରି ଯାହା କିଛି ମିଳେ ପକେଟରେ ପକାଇ ପାଞ୍ଚଟା ବେଳକୁ ବସାକୁ ଫେରି ଧଡ଼ାଚୂଡ଼ା ଛାଡ଼ି, ହାତ ମୁହଁ ଧୋଇ ପୁଣି ସିରସ୍ତାରେ ବସି ପଡ଼ନ୍ତି ।

ଘର ଆଗରେ ପିଚୁରାସ୍ତା । କେତେ ଗାଡ଼ି, କେତେ ରିକ୍ସା, କେତେ ଲୋକ ସେ ବାଟେ ଯାଆନ୍ତି, ଆସନ୍ତି, । ହାର ବାଟେ ହରିବାବୁ

ସେ ଆକାଶକୁ ଚାହିଁ ଥାଆନ୍ତି । ବୁଢ଼ୀଆଣୀ ଜାଲଗାର ଜାଲରେ କୌଣସି ମାଛି ଘଉଁଙ୍ଗ ଉଡ଼ିବ ବୋଲି ଆଶାକରି ଯେପରି ଚାହିଁ ବସି ଥାଏ, ହରିବାବୁ ସେହିପରି ଆକାଶକୁ ଚାହିଁ ବସନ୍ତି—ତାଙ୍କ କୌଣସି ମହକିଲ ତାଙ୍କ ସିନ୍ଦୁକ ଭିତରକୁ ପଶି ଆସିବ ।

ପାଞ୍ଚ ବର୍ଷ ହେଲା ହରିବାବୁ ଓକିଲାତି ବ୍ୟବସାୟ ଆରମ୍ଭ କଲେଣି । ଆଇନ୍ ପଢୁଥିବା ସମୟରେ ସେ ଭାବୁ ଥିଲେ ଯେ, ସେ ଗୋଟିଏ ବଡ଼ ଓକିଲ ହେବେ, ବଡ଼ କୋଠାଟାଏ ତିଆରି କରିବେ, ଗଣ୍ଡେ ମଟରଗାଡ଼ି ରଖିବେ, ଏଡ଼ଭୋକେଟ୍ ଜେନେରାଲ ହେବେ, ହାଇକୋର୍ଟ ଜଜ୍ ହେବେ, ଚିଫ୍ ଜଷ୍ଟିସ୍ ହେବେ, ଶେଷରେ ବିଧାନସଭା ସଭ୍ୟ ଓ ମନ୍ତ୍ରୀ ହେବେ । ହେବେ । ଉପଯୁକ୍ତ ସ୍ତ୍ରୀଟିଏ ନ ହେଲେ ଏସବୁ କିଛି ହୋଇ ପାରିବ ନାହିଁ ।

ଆଇନ୍ ପାସ୍ କଲା ପରେ ତାଙ୍କର ଏ ସ୍ୱପ୍ନକୁ ବାସ୍ତବ ରୂପ ଦେବା କାମରେ ସେ ମନେ ମନେ ଲାଗି ପଡ଼ିଲେ । ଜଣେ ବଡ଼ ଓକିଲର ଜୁନିୟର ହୋଇ ସେ ଦେଖିଲେ ସିନିୟରଙ୍କର ମଟରଗାଡ଼ି, କୋଠାବାଡ଼ି ସବୁ ଅଛି; ତା'ଛଡ଼ା ହଜାର ହଜାର ଟଙ୍କା ଆୟ ହେଉଛି । ସଭା ସମିତିରେ ସେ ବରାବର ସଭାପତି ବା ମୁଖ୍ୟବକ୍ତା ହେଉଛନ୍ତି, ଖବର କାଗଜରେ ବରାବର ତାଙ୍କ ନାଆଁ ବାହାରୁଛି, ଓଡ଼ିଶାର ଏମୁଣ୍ଡରୁ ସେମୁଣ୍ଡ ଏପରି ତାଙ୍କର ନାମ ହୋଇ ଯାଇଛି ଯେ, ଦୂରଦୂରାନ୍ତରୁ ମହକିଲମାନେ ତାଙ୍କ ପାଖରେ ପହଞ୍ଚୁଛନ୍ତି; ଟଙ୍କା ନେବା ପାଇଁ ତାଙ୍କୁ ଡର ନାହିଁ ।

ହରିବାବୁ ଦେଖିଲେ ବଡ଼ ଓକିଲଙ୍କ ବଡ଼ଲୋକୀ ମୂଳରେ ତାଙ୍କ ସ୍ତ୍ରୀଙ୍କ ବ୍ୟକ୍ତିତ୍ୱ କମ୍ ନୁହେଁ ନାହିଁ । ଭଦ୍ର ଘରର ନାରୀମାନଙ୍କର ଯେତେ ସୁନ୍ଦର ପୋଷାକ ଓ ଉଦ୍ୟମ ସେଥିରେ ସେ ବରାବର ନେତୃତ୍ୱ ନେଉଛନ୍ତି । ତାହା ଫଳରେ ବଡ଼ ଓକିଲଙ୍କ ପ୍ରତିପତ୍ତି କମ୍ ବୃଦ୍ଧି ପାଉ ନାହିଁ ।

ହରିବାବୁ ଏସବୁ ଦେଖି ମନେ ମନେ ଭାବିଲେ ବ୍ୟବସାୟ ବୃଦ୍ଧି ଓ ତା ସଙ୍ଗରେ ଆୟ ବୃଦ୍ଧି ପାଇଁ ମଧ୍ୟ ସମୟ ଦରକାର । ଅର୍ଥ ଆସିଲେ

ଶୋଭାବଜାର; ମଙ୍ଗଳାବାଡ଼ ସବୁ ହେବ, କିନ୍ତୁ ଗୋଟିଏ ଓ୍ୱାଇଫ୍ କି ବାଜାରରେ କିଣା ଯାଇପାରିବ ନାହିଁ । ପୁଣି ଉପଯୁକ୍ତ ଓ୍ୱାଇଫ୍‌ଟାଏ ହେଲେ ଆୟ ବଢ଼ିବାର ସମ୍ଭାବନା ବଢ଼ିଯିବ । ତେବେ ଏ କ୍ଷେତ୍ରରେ ମଧ୍ୟ ସମସ୍ୟା ରହିଛି । ପଇସା ହେଲେ ମନଲାଖି ଓ୍ୱାଇଫ୍ ମିଳିବ କି, ଉପଯୁକ୍ତ ଓ୍ୱାଇଫ୍ ମିଳିଲେ ପଇସା ମିଳିବ ? ଆଗେ ମଞ୍ଜି କି ଆଗେ ଗଛ ? ଆଗେ ଅଣ୍ଡା କି ଆଗେ ପକ୍ଷୀ ?

ହରିବାବୁ ଟିକିଏ ଦାର୍ଶନିକ ମନୋଭାବର ଲୋକ । ଧରି ନେଲେ, ଜୀବନଟା ତ ସମସ୍ୟାପୂର୍ଣ୍ଣ । ସେଥିରୁ ଗୋଟାକର ମଧ୍ୟ ସମାଧାନ ଖୋଜୁ ଖୋଜୁ ଜୀବନ ଖତମ୍ । ହାକିମ ଦରଖାସ୍ତରେ ସେ ଯେପରି ଦସ୍ତଖତ କରନ୍ତି, ସେପରି ନ କଲେ ତ ମକଦ୍ଦମା ଡିସ୍‌ମିସ୍ ।

ଆଉରି ଗୋଟିଏ ସମସ୍ୟା ତାଙ୍କର ବାହାଘର । ପୁଅ ପଢ଼ିଲା, ଓକିଲ ହେଲା, ବାହା ନହେଲେ ଚଳିବ ? ବାପାଙ୍କପାଇଁ ଏହି ଗୋଟାଏ କାମ ବାକି ଥିଲା ।

ଘରୁ ଚିଠି ଆସିଲା, ଆସନ୍ତା ମାସରେ ହରିବାବୁଙ୍କର ବିବାହୋତ୍ସବ ଏହା ହୋଇ ନ ପାରେ ବୋଲି ସେ ସଙ୍ଗେ ସଙ୍ଗେ ସିଦ୍ଧାନ୍ତ କରି ନେଲେ । କୁଆଡ଼ୁ ଗୋଟିଏ ସିଙ୍ଘାଣିନାକୀ ଗାଉଁଲୀ ଝିଅକୁ ଆଣି ତାଙ୍କ ସହିତ ଛନ୍ଦି ଦେବେ । ସେ ପୁଣି ହେବ ଓକିଲର ଓ୍ୱାଇଫ୍ ! ସାରା ଜୀବନ ଗୋଟିଏ ଗଳଗ୍ରହକୁ ଧରି ବୁଲିବାକୁ ହେବ । ନା, ତାହା ହୋଇପାରିବ ନାହିଁ । ଦରକାର ଗୋଟିଏ ଓ୍ୱାଇଫ୍ ।

ନମିତା ଦାସଙ୍କୁ ନ ଚିହ୍ନନ୍ତି ଏପରି କେହି କଲେଜରେ ନ ଥିଲେ । ଅନେକ ପୁଅ ଝିଅ କଲେଜରେ ପଢନ୍ତି; ସେମାନଙ୍କ ଭିତରେ ସେ ଅଲଗା ବାରି ହୋଇ ପଡ଼ୁଥିଲେ । ଦିନେ ସେ ଯେ ବିଶାଳ ଉତ୍କଳର ନାରୀନେତ୍ରୀ ହେବେ ଏହା ତାଙ୍କର ଚାଲିଚଳଣିରୁ ଫୁଟି ଉଠୁଥିଲା । ସେ ଯେ ଅସାମାନ୍ୟା ସୁନ୍ଦରୀ ଥିଲେ, ତାହା ନୁହେଁ, ଅସୁନ୍ଦରୀ ମଧ୍ୟ ନ ଥିଲେ; କିନ୍ତୁ ତାଙ୍କ ଢଙ୍ଗ ଢାଙ୍ଗର, ଚାହାଣୀ ଛଟକ ଏପରି ଥିଲା ଯେ, କେବଳ ହିପ୍‌ପି ଧରଣର—

ନଳୀ ଟପା କଳା ପେଣ୍ଟ, ନାଲି ଅଙ୍ଗୀ, ଅଣ୍ଟାରେ ଚମଡ଼ା ପଟି, ଗୋଡ଼ରେ ମୁନିଆ ଯୋତା, ମୁଣ୍ଡରେ ମୁଣ୍ଡେ ନୁଖୁରା ବାଳ, ଗାଲରେ ଢ'ପଟା ଗାଲମୋଛ ସାଙ୍ଗକୁ ନାକ ତଳେ ଗୋଟିଏ ମୁଖୁରିଆ ନଶ, ମୁହଁରେ ଧୂଆଁ ବାହାରୁ ବା ନ ବାହାରୁ ଗୋଟିଏ ସିଗାରେଟ୍ ଧରି ଥିବା ଯୁବକଙ୍କ ପ୍ରତି ତାଙ୍କର ବିଶେଷ ଆକର୍ଷଣ; ଫୁଲ ଗୁରି ପଟେ ମହୁମାଛି ଓ ଭ୍ରମର ଘୂରି ବୁଲିବା ପରି ଏହିମାନେ ଶ୍ରୀ ନମିତା ଦାସଙ୍କ ଚାରିଆଡ଼େ ଘୁରି ବୁଲନ୍ତି । ଯେଉଁମାନେ ସେ ଯାଏ ପହଞ୍ଚି ନ ପାରନ୍ତି ସେମାନେ ସମ୍ଭବତଃ ଈର୍ଷ୍ୟାରେ କ୍ଷୋଭ ମେଣ୍ଟାଇବା ପାଇଁ ନିଜ ନିଜ ଭିତରେ ଏମାନଙ୍କୁ ବଦନାମ ଦିଅନ୍ତି । ଦିନେ ଦିନେ କଲେଜ ହତା ଭିତରେ ଦଳେ ଦଳେ ଯୁବକ ଛିଡ଼ା ହୋଇ କହୁଥିବାର ଶୁଣାଯାଏ ଯେ, ନମିତାର ହିପିମାନେ ଗତ ରାତିରେ ଗୋଟିଏ ଶସ୍ତା ହୋଟେଲରେ ବସି ମଦ ପିଇ ଥିଲେ, ତା ପରେ ଟଳି ଟଳି ଗୋଟିଏ ନିଛାଟିଆ ବୁଦବୁଦକିଆ ଜଙ୍ଗଲ ଆଡ଼କୁ ଗଲେ । ଏପରି ଆଉ କେତେ କଣ ।

କିନ୍ତୁ ଏ କଥା ସତ ଯେ, କଲେଜରେ ଓ କଲେଜ ବାହାର ସଭା ସମିତିରେ ଯୋଗଦେବା ଆଡ଼କୁ ଶ୍ରୀମତୀ ନମିତା ଦାସଙ୍କର ବେଶୀ ଝୁଙ୍କ । ସେ ନିଖିଳ ଭାରତ ଯୁବସଂଘର ଉତ୍କଳ ଶାଖାର ଜିଲ୍ଲା ପ୍ରଶାଖାର ସଦସ୍ୟା, ନିଖିଳ ଉତ୍କଳ ନାରୀ ସ୍ୱାଧୀନତା ସମିତିର ସମ୍ପାଦିକା, ମଧ୍ୟିତ ଶ୍ରେଣୀ ସଭାର ସକ୍ରିୟ କର୍ମିଣୀ, ମହିଳା ସହାୟକ ଅନୁଷ୍ଠାନର ଆବାହିକା । ଏହାଛଡ଼ା କଲେଜରେ ଯେତେ ଯୁବ ସଂଗଠନ ଅଛି, ସେଥିମଧ୍ୟରୁ ଅଧିକାଂଶର ସେ କର୍ମକର୍ତ୍ତା ( କର୍ମକର୍ତ୍ତ୍ରୀ ? ) ଙ୍କ ମଧ୍ୟରେ ସ୍ଥାନ ଲାଭ କରିଥାନ୍ତି ।

ଥରେ ଗୋଟାଏ କାରଣରୁ ସେ ସମଗ୍ର ଉତ୍କଳରେ ଖ୍ୟାତି ଲାଭ କରି ଥିଲେ । ଶ୍ରୀମତୀ ନମିତା ଦାସ ତ ପରିବାର କଲ୍ୟାଣ ସମିତିର ସମ୍ପାଦିକା । ଏହି ଅନୁଷ୍ଠାନ ପକ୍ଷରୁ ମହିଳାମାନଙ୍କର ଏକ ବିରାଟ ସାଧାରଣ ସଭା ହେଲା । ସେଥିରେ ଦିଲ୍ଲୀର ଜଣେ ନାରୀନେତ୍ରୀ ମୁଖ୍ୟବକ୍ତା ( ମୁଖ୍ୟବକ୍ତ୍ରୀ ? ) ହୋଇ ଆସି ଥିଲେ । ନେତ୍ରୀ ଜଣକ ସ୍ୱର୍ଗବପୁ,

ସ୍ଥୂଳକାୟା, କାନ୍ଧ ପର୍ଯ୍ୟନ୍ତ କଦଳୀ ବୃକ୍ଷ ସଦୃଶ୍ୟ ଦୁଇଟା ମହାବାହୁ । ମୁହଁରେ ପିଠଉ ବୋଳିବା ପରେ ପରସ୍ତେ ସ୍ନୋ, ଉପରେ ସ୍ନୋ—ସାକ୍ଷାତ୍ କୁନ୍ଦେନ୍ଦୁ ଶୁଭ୍ର ଧବଳ; ପୃଥୁଳ ଓଷ୍ଠଦ୍ୱୟ ଓଷ୍ଠରଞ୍ଜି (ଲିପଷ୍ଟିକ୍) ରଙ୍ଗରେ ରଞ୍ଜିତ । ଶିଖା ଦେଶରେ ଓଲଟ ଘୃତକୁମ୍ଭ ସଦୃଶ ନଭସ୍ପୃଶୀ ଜୁଡ଼ା । ଏକ ହସ୍ତ ଅଳଙ୍କାର ବିମୁକ୍ତ, ଅପରହସ୍ତ ଘଟିକାଯନ୍ତ୍ର ବିମଣ୍ଡିତ ।

ସେ ବଜ୍ରଗମ୍ଭୀର ସ୍ୱରରେ ଜନ୍ମନିୟନ୍ତ୍ରଣ ସମ୍ପର୍କରେ ଯେଉଁ ଜ୍ୱାଳାମୟୀ ବକ୍ତୃତା ଉଦ୍‌ଗୀରଣ କଲେ ସେଥିରେ ସଭାଗୃହ ପ୍ରକମ୍ପିତ ହେଲା । ସେ ଓଜଃସ୍ୱିନୀ ଭାଷାରେ ପ୍ରତିପାଦନ କଲେ ଯେ, ଗର୍ଭରେ ସନ୍ତାନ ଧାରଣ କରିବା ଅସଭ୍ୟତା, ସନ୍ତାନ ପ୍ରସବ କରିବା ପଶୁସୁଲଭ ଆଦିମତା ଓ ସନ୍ତାନ ପାଳନ କରିବା ଅର୍ଥନୈତିକ ବିଡ଼ମ୍ବନା । ଅତଏବ ସବୁ ନାରୀ ସବୁ ଦୃଷ୍ଟିରୁ ଅସ୍ତ୍ରୋପଚାର କରାଇ ସନ୍ତାନ ଜନ୍ମର ସମ୍ଭାବନାକୁ ବିଦୂରିତ କରିବା ଦରକାର ।

ଶ୍ରୀମତୀ ନମିତା ଦାସ ଏ ଭାଷଣ ଫଳରେ ବୋଧହୁଏ ଏତେ ପ୍ରଭାବିତ ହୋଇ ଥିଲେ ଯେ, ସେ ସଙ୍ଗେ ସଙ୍ଗେ ଉଠି ଆସନ୍ତାକାଲି ପେଟ କଟାଇବେ ବୋଲି ଘୋଷଣା କଲେ । ଏହା ଫଳରେ ସଭାରେ ଘନ ଘନ କରତାଳି ପ୍ରତିଧ୍ୱନିତ ହୋଇଥିଲା । ଦିଲ୍ଲୀସମାଗତା ନାରୀନେତ୍ରୀ ମଧ୍ୟ ସଭା ସମକ୍ଷରେ ତାଙ୍କର କରମର୍ଦ୍ଦନ କରି ତାଙ୍କୁ ସମ୍ମାନିତ କରି ଥିଲେ । ଏ ସଭାରେ ଯେଉଁ କେତେଜଣ ବର୍ଷୀୟସୀ ମହିଳା ଯୋଗ ଦେଇ ଥିଲେ, ସେମାନେ ଉଦ୍‌ଭ୍ରାନ୍ତ ହୋଇ ଗୋଟିଏ କଣରେ ବସି ଥିଲେ । ସେମାନେ ଏକ ଆରେକଙ୍କୁ ଗୁହ୍ମି ମୁଚୁକି ହସା ଦେଲେ ।

ଶ୍ରୀମତୀ ନମିତା ଦାସ ଡାକ୍ତରଖାନାକୁ ଯାଇ ପେଟ କଟାଇଲେ ଓ ପାଞ୍ଚ ଦିନ ପରେ ସେହି ଡାକ୍ତରଖାନାରେ ଗୋଟିଏ ସାମ୍ବାଦିକ ସମ୍ମିଳନୀ ଡକାଇ ଏହା ଘୋଷଣା କଲେ । ସେହି ଦିନ ସନ୍ଧ୍ୟାରେ ବଡ଼ ବଡ଼ ଅକ୍ଷରରେ ସମ୍ବାଦ ଶିରୋନାମା ପ୍ରକାଶିତ ହେଲା-"ଶ୍ରୀମତୀ ନମିତା ଦାସଙ୍କର ଗର୍ଭନିରୋଧ ଅସ୍ତ୍ରୋପଚାର—ସରକାରି କଲ୍ୟାଣ କଲ୍ଲେ କଲେଜ ଛାତ୍ରୀଙ୍କ

ଆଦର୍ଶ ତ୍ୟାଗ ।", ତହିଁ ଆର ଦିନ ସକାଳୁ ଡାକ୍ତରଖାନାରେ ଗହଳି ଲାଗିଗଲା । ଜନ ସମ୍ବନ୍ଧ ବିଭାଗ, ପରିବାର ନିୟନ୍ତ୍ରଣ ବିଭାଗ, ଶିକ୍ଷା ବିଭାଗ, କୃଷି ବିଭାଗଠାରୁ ଆରମ୍ଭ କରି ସ୍ୱଳ୍ପ ସଂଚୟ ବିଭାଗର ଫଟୋଗ୍ରାଫର୍‌ମାନେ ରୁଣ୍ଡ ହୋଇ ତାଙ୍କର ଫଟୋ ନେଲେ । ପରଦିନ ଓଡ଼ିଶାର ସବୁ ଖବରକାଗଜ ଓ ତହିଁ ଆରଦିନ ସକାଳେ ବାହାରର ଅନେକ ଖବର କାଗଜରେ ତାହା ପ୍ରକାଶିତ ହୋଇଗଲା ।

କଲେଜରେ ପଢୁଥିବା ଯାଏ ତାଙ୍କର ସମ୍ମାନ ବଢ଼ିଗଲା, କଲେଜ ଭିତରେ ଓ ବାହାରେ ତାଙ୍କୁ ବହୁତ ବନ୍ଧୁ ମିଳିଗଲେ, କିନ୍ତୁ କଲେଜରୁ ବି. ଏ. ପାସ୍ କରି ବାହାରିବା ପରେ ମାଆ ବାପାଙ୍କ ସମ୍ମୁଖରେ ଏକ ବିରାଟ ସମସ୍ୟା ଉପସ୍ଥିତ ହେଲା । ନମିତାକୁ ବର ମିଳିଲେ ନାହିଁ ।

ମଧ୍ୟବିତ୍ତ ପରିବାର । ନମିତା ବି. ଏ. ପାସ୍ କଲେ ସହଜରେ ତାକୁ ବର ମିଳିଯିବ. ଅନ୍ତତଃ କଲେଜର ସହପାଠୀମାନଙ୍କ ମଧ୍ୟରୁ ସେ ତା ବର ବାଛି ନେବ, ତାହା ହେଲେ ସେମାନେ ୮ । ୧୦ ହଜାର ଟଙ୍କା ଖର୍ଚ୍ଚରୁ ବଞ୍ଚି ଯିବେ ବୋଲି ଆଶା କରି ଥିଲେ । ତାହା ବ୍ୟର୍ଥ ହେବାକୁ ବସିଲା ।

ନମିତା ମଧ୍ୟ ଉପଯୁକ୍ତ ବର ପାଇବା ପାଇଁ ନିଜେ କମ୍ ଉଦ୍ୟମ କରିଛି, ଏପରି ନୁହେଁ । ସେ ବୁଝି ପାରିଲା, ତାକୁ ପ୍ରେମିକ ବହୁତ ମିଳିବ— ମିଳୁଛି ମଧ୍ୟ—ବର ଗୋଟିଏ ମିଳିବା ସହଜ ନୁହେଁ । ଆଉ କେତେ କାଳ ସେ ବାପା ମାଆଙ୍କର ଗଳଗ୍ରହ ହୋଇ ରହିବ ? ନେଉଥି ନେଲେ ଦିନ ସରିବ କିନ୍ତୁ ପେଟ ପୂରିବ ନାହିଁ ?"

ଏହି ସମୟରେ ତାଙ୍କ ଘରେ ଓକିଲ ହରିବାବୁ ଉଦିତ ହେଲେ । ନମିତାର ବାପା ଦିନେ ଚାହା ଖାଇବା ପାଇଁ ଏ ଯୁବକ ଓକିଲଟିକୁ ନିମନ୍ତ୍ରଣ କଲେ । ତା ପରେ ତାଙ୍କ ଘରେ ଓକିଲ ବାବୁଙ୍କର ଘନ ଘନ ଆବିର୍ଭାବ ।

ନମିତାଙ୍କୁ ସେ କଲେଜ ପାଠ ଅମଳରୁ ଦେଖିଛନ୍ତି; କିନ୍ତୁ ସେତିକି । ସେ ଗାଉଁଲି ଚାଷୀ ଘରର ପୁଅ, ହିପ୍ପି ହେବା ବା ମୂଲ୍ୟବାନ ସଜ ପୋଷାକ ପିନ୍ଧିବାକୁ ସମ୍ବଳ କାହିଁ ? ତେଣୁ ସେ ବେଶି ଲୋକଙ୍କ ସହିତ ମିଶୁ ନ ଥିଲେ; କିନ୍ତୁ ନମିତାଙ୍କୁ କଲେଜରେ ସମସ୍ତେ ଜାଣୁ ଥିଲେ, ସେ ମଧ୍ୟ ସାଧାରଣ କାର୍ଯ୍ୟରେ ନମିତାର ତତ୍ପରତା ଦେଖି ମନେ ମନେ ତାକୁ ସମ୍ମାନ କରୁଥିଲେ ।

ନମିତାର ନିକଟ ସମ୍ପର୍କରେ ଆସି ହରିବାବୁ ଧରିନେଲେ ଯେ, ନମିତା ହିଁ ତାଙ୍କର ଉପଯୁକ୍ତ ଓ୍ୱାଇଫ୍ । ନମିତା ମଧ୍ୟ ବୁଝି ସାରିଥିଲା । ଯେ, ନେତ୍ରୀ ହେବା ପାଇଁ ଯେତେ ପ୍ରଚେଷ୍ଟା କଲେ ବା ଖବର କାଗଜରେ ଯେତେ ନାମ ବାହାରିଲେ ମଧ୍ୟ ତାଙ୍କୁ ଗୋଟିଏ ଆଇ. ଏ. ଏସ୍. ଓ. ଏ. ଏସ୍. ଇଞ୍ଜିନିୟର, ଡାକ୍ତର ଏପରିକି ସରକାରୀ କଲେଜର ଲେକ୍ଚରଟାଏ ମଧ୍ୟ ବର ରୂପେ ମିଳିବେ ନାହିଁ—ମିଳିଲେ ଅବା ମିଳିବେ ମାଷ୍ଟ୍ରିଆ ଲୋକ । ତାଙ୍କୁ ଦେଇ ନେଇ ସନ୍ତୁଷ୍ଟ କରିବା ପାଇଁ ମଧ୍ୟ ବାପାଙ୍କ ସମ୍ବଳ କାହିଁ ? ସର୍ବୋପରି ଏପରି ଜଣକର ହାତ ଧରିଲେ ତାଙ୍କୁ ତ ହାଣ୍ଡିଶାଳରେ ଦିନ କଟାଇବାକୁ ହେବ, ନାରୀନେତ୍ରୀ ହେବାପାଇଁ ସମସ୍ତ ଓ ସୁବିଧା ମିଳିବ କେଉଁଠୁ ? ଏସବୁ ଦୃଷ୍ଟିରୁ ଦେଖିଲେ, ଏଡ୍ଭୋକେଟ ଭଲ । ବର୍ତ୍ତମାନ ସିନା ଜୁନିୟର, ଦିନେ ତ ସିନିୟର ହେବେ ସିନିୟରମାନେ ଦିନେ ଜୁନିୟର ଥାଆନ୍ତି ।

ହରିବାବୁଙ୍କୁ ବିବାହ କରିବ ବୋଲି ନମିତା ସ୍ଥିର କରି ନେଲା ।

ଦିନେ ରେଜେଷ୍ଟ୍ରି ଖାନାକୁ ଯାଇ ନମିତା ଓ ହରିବାବୁ ରେଜେଷ୍ଟ୍ରି ବିବାହ କରି ନେଲେ । ତିନି ଜଣ ସାକ୍ଷୀଙ୍କୁ କପେ କପେ ଚା, ଗୋଟିଏ ଗୋଟିଏ ସିଙ୍ଗଡ଼ା ଓ ଗୋଟିଏ ଛେନାଗଜାରେ ଆପ୍ୟାୟିତ କରାଗଲା । ତାହା ହିଁ ବିବାହ ଭୋଜ ।

ସମୁଦାୟ ଖର୍ଚ୍ଚ ୬୨ ଟଙ୍କା ୪୦ ପଇସା । ଏତକ ହରିବାବୁଙ୍କ ପକେଟରୁ ଗଲା । ଏହା ବଦଳରେ ତାଙ୍କୁ ମିଳିଲା ଗୋଟାଏ ଓ୍ୱାଇଫ୍ ।

କିନ୍ତୁ ଯୋଜନା ଗୋଟାଏ ଏପରି ପଦାର୍ଥ ଯେ, ଟିକିଏ କେଉଁଠି ହିସାବ ଗୋଳମାଳ ଥିଲେ ତାହା ଫେଲ୍ ମାରିଯାଏ । ଏହାର ନଜିର

ଭାରତ ସରକାରଙ୍କ ଯେପରି ସବୁ ପଞ୍ଚବାର୍ଷିକ ଯୋଜନା । ଯୋଜନା ଅନୁସାରେ ଯଦି ଠିକ୍ ଠିକ୍ କାମ ହୋଇଥାନ୍ତା ତେବେ ଏ ଦେଶରେ ସୁନା କୁକୁଡ଼ା ଉଡ଼ୁ ଥାଆନ୍ତା ।

ଦିନ କେତେଟା ଭିତରେ ହରିବାବୁ ବୁଝିପାରିଲେ; ଓ୍ୱାଇଫ୍ ଗୋଟାଏ ବ୍ୟୟବହୁଳ ସାମଗ୍ରୀ । ହୋଟେଲରେ ଖାଇ ସବୁ ଖର୍ଚ୍ଚ କମାଇ ଖଣ୍ଡେ ସାନ ଭଡ଼ାଘରେ ରହି ସେ ଯେଉଁତକ ସମ୍ବଳ ସଞ୍ଚୟ କରି ରଖିଥିଲେ, ତାହା ଦିନ ପନ୍ଦରଟା ଭିତରେ ଉଡ଼ିଗଲା ।

ପ୍ରଥମେ ଓ୍ୱାଇଫ୍‌ଙ୍କ ପାଇଁ ଘର ସଜାଇବାକୁ ପଡ଼ିଲା । ମେଟ୍ରୋ ଫେସନ୍‌ର ନୂଆ ପଲଙ୍କ, ବୈଠକଖାନା ପାଇଁ ନୂଆ ନୂଆ ଟେବୁଲ୍, ଚୌକି ଆଦି ଡ୍ରଇଂ ରୁମ୍ ସେଟ୍ ଠାରୁ ଆରମ୍ଭ କରି କବାଟ ଝରକା ପାଇଁ ନୂଆ ନୂଆ ପର୍ଦ୍ଦା ପର୍ଯ୍ୟନ୍ତ କିଣିବାକୁ ପଡ଼ିଲା । ହରିବାବୁ ୭ ଟଙ୍କା ଦେଇ ଗୋଟିଏ ଲୋକାଲ୍ ରେଡିଓ ସେଟ୍ କିଣି ଥିଲେ । ଓ୍ୱାଇଫ୍ ହୁକୁମ ଦେଲେ ଏହା ଗୋଟିଏ ବାଜେ ମଫସଲ ଜିନିଷ, ସମୁଦାୟ ପୃଥିବୀର ଖବର ଓ ଗୀତ ଶୁଣିପାରିଲା ଭଳି ଗୋଟିଏ ବଡ଼ ରେଡ଼ିଓ ସେଟ୍ କିଣିବାକୁ ହେବ । ୫୦୦ ଟଙ୍କା ଖର୍ଚ୍ଚ କରି ତାହା କିଣାଗଲା । ଘର ସଜାସଜି ହେଲା; ବୈଠକଖାନା, ସିଗାରେଟ୍‌ର ପାଉଁଶ ଝାଡ଼ିବା ପାଇଁ ଆସ୍‌ଟ୍ରେ ମଧ୍ୟ କିଣା ହୋଇଗଲା । ଉପର ଦୁଇ ବଖରା ଘର, ଓ୍ୱାଇଫ୍‌ଙ୍କ ଶୟନ କକ୍ଷ ବୈଠକଖାନାରେ ପରିଣତ ହେଲା । ଓ୍ୱାଇଫ୍ ମଧ୍ୟ ମୂଳରୁ ଜଣାଇ ଦେଲେ ଯେ ସେ ଅନେକ ଅନୁଷ୍ଠାନର ସମ୍ପାଦିକା, ସଭ୍ୟା । ଅନେକ ଭଦ୍ରଲୋକ ଓ ମହିଳା ତାଙ୍କ ପାଖକୁ ଆସିବେ, ନାନା ବିଷୟ ଆଲୋଚନା ହେବ; ତେଣୁ ତଳ ଦୁଇ ବଖରାରେ ସେ ନିଜେ ରହନ୍ତୁ ଓ ତାଙ୍କ ଅଫିସ୍ ରଖନ୍ତୁ । ତାହା ହିଁ ହେଲା । ହରିବାବୁଙ୍କର ଉପରକୁ ଗମନ ନିଷେଧ ହୋଇଗଲା । ତଳ ମହଲାର ଗୋଟିଏ ବଖରାରେ ସେ ଲୁଗାପଟା ରଖନ୍ତି; ଅନ୍ୟ ବଖରାଟିରେ ଅଫିସ୍ । ସେଠାରେ ଗଡ଼ପଡ଼ ସେ ରାତି କାଟନ୍ତି ।

ଓ୍ୱାଇଫ୍ ମୂଳରୁ କହିଥିଲେ ଯେ, ରନ୍ଧନ ବିଦ୍ୟା ତାଙ୍କୁ ଆଦୌ ଜଣା ନାହିଁ । ଚୁଲି ଫୁଙ୍କିବା ପାଇଁ ସେ ବି. ଏ. ପାସ କରି ନାହାନ୍ତି । ହାଣ୍ଡି ଧୋଇ, ବାସନ ମାଜି ହାତ କଳା କରିବା ତାଙ୍କ ଦ୍ୱାରା ହୋଇ

ପାରୁନ ନାହିଁ । ତାହା ପରେ ସକାଳର ଚାହା ଜଳଖିଆଠାରୁ ଆରମ୍ଭ କରି ଦୁଇବେଳାର ଖାଇବା ହୋଟେଲରୁ ଆସିଲା । ହରିବାବୁ ଦେଖିଲେ ମାସକୁ ୩୦୦ ଟଙ୍କା ପଡ଼ିଯିବ, ତା ଫଳରେ ଖାଇ ପିଇ ମାସକୁ ୧୦ଟଙ୍କା ଦରମାରେ ଗୋଟାଏ ଚାକର ଟୋକା ନିଯୁକ୍ତ ହେଲା । ସେ ହରିବାବୁଙ୍କ ପାଇଁ ଭାତ, ଡାଲି, ଆଳୁ ଭର୍ତ୍ତା କରି ଦିଏ, ନିଜେ ଖାଏ ଓ ସାଆନ୍ତାଣୀଙ୍କ ପାଇଁ ତା ସାଙ୍ଗକୁ ହୋଟେଲରୁ ଭଲ ଭଲ ତରକାରି ଆଣିଦିଏ ।

ଏହା ଛଡ଼ା ଓ୍ୱାଇଫଙ୍କ ପାଇଁ ସାବୁନ, ସ୍ନୋ, ପାଉଡର, ଲିପଷ୍ଟିକ୍, ହେୟାର ଅଏଲଠାରୁ ଆରମ୍ଭ କରି ଆଖିର କଜ୍ଜଳ ପର୍ଯ୍ୟନ୍ତ ପ୍ରସାଧନ ଖର୍ଚ୍ଚ ସଙ୍ଗକୁ ଦୈନିକ ହାରାହାରି ୩ଟଙ୍କା ରିକ୍ସା ଖର୍ଚ୍ଚ ମଧ୍ୟ ଅଛି ।

ନମିତା ଦେବୀଙ୍କ ପ୍ରାତଃ କାଳୀନ ପ୍ରସାଧନ ସରିବା ପରେ ଚାହା ଜଳପାନ ସେବନ କରି ସେ ବିଭିନ୍ନ ଅନୁଷ୍ଠାନରେ ଯୋଗ ଦେବା ପାଇଁ ବାହାରି ଯାଆନ୍ତି, ମଧ୍ୟାହ୍ନରେ ଭୋଜନ ଓ ଶୟନ, ରାତି ୧୨ଟା ପର୍ଯ୍ୟନ୍ତ ସଭା ଆଦିରେ ଯୋଗଦାନ, ବନ୍ଧୁବାନ୍ଧବୀମାନଙ୍କ ସହ ସମ୍ପର୍କ ସ୍ଥାପନ । ସଭା ସମିତି ବୈଠକ ଯୋଗୁଁ ବିଭିନ୍ନ ସ୍ଥାନକୁ ଗସ୍ତ କରିବାର ନ ଥିଲେ ଶ୍ରୀମତୀ ନମିତା ଦେବୀଙ୍କର ଏ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଘଟିବାର ଦେଖା ଯାଏନାହିଁ । ଦେଶ ସେବା କି ନା, ଏଥିରେ ବ୍ୟତିକ୍ରମ ହେଲେ ଚଳିବ ? ଏହା ଫଳରେ ତାଙ୍କ ନାମ ଖବର କାଗଜରେ ବାହାରେ, ରେଡ଼ିଓରେ ଆଞ୍ଚଳିକ ସମ୍ବାଦରେ ସମୟ ସମୟରେ ପ୍ରଚାର ମଧ୍ୟ ହୋଇଯାଏ । ଏଥିରେ ସେ କୃତକୃତ୍ୟ ।

ହରିବାବୁ ଏସବୁ ଦେଖି, ଭୋଗୀ ଏ ଏସବୁ ପାଇଁ ଖର୍ଚ୍ଚ ଯୋଗାଇ ବେଦମ ହୋଇଛନ୍ତି ବୋଲି ସେ ମନେ ମନେ ଅନୁଭବ ନକରନ୍ତି ତା ନୁହେଁ, କିନ୍ତୁ କହିବେ କାହାକୁ ? ଥରେ ଅଭାବରେ ପଡ଼ି ଖଜାନ ଖାଁ କାବୁଲି-ଠାରୁ ଟଙ୍କାକୁ ୨୦ ପଇସା ସୁଧରେ ୨୦୦ ଟଙ୍କା ମଧ୍ୟ କରଜ କରି ସାରିଲେଣି ।

କଲିକତାରେ ନିଖିଳ ଭାରତ ପରିବାର କଲ୍ୟାଣ ସମ୍ମିଳନୀ ହେଉଥିଲା । ଓଡ଼ିଶାର ନେତୃସ୍ଥାନୀୟା ମହିଳା ଓ ଏ ଅନୁଷ୍ଠାନର ଓଡ଼ିଶା ଶାଖାର

ସମ୍ପ୍ରନେତ୍ରୀ ହ୍ରସାବରେ ଏଥିରେ ଯୋଗ ନ ଦେଲେ ନ ଚଳେ । ବାଟ ଖର୍ଚ୍ଚ ଯୋଗାଇବା ପାଇଁ ନମିତା ଦେବୀଙ୍କ ଆଉ ଦାବୀ ହେଲା । ହରିବାବୁଙ୍କ ହାତରେ ଅର୍ଥ ନଥିଲା ।

ସେ ଅତି ବିନୀତ ଭାବରେ ଓ୍ୱାଇଫ୍‌ଙ୍କ ଆଗରେ ପ୍ରକାରାନ୍ତରରେ ଏ କଥା ପ୍ରକାଶ କଲାକ୍ଷଣି ସେ ଭୀଷଣମୂର୍ତ୍ତି ଧାରଣ କରି କହିଲେ, "ଖର୍ଚ୍ଚ ଯୋଗାଇ ପାରିବ ନାହିଁ ଯଦି ବାହା ହେଉଥିଲ କାହିଁକି ? ତୁମ ଭଳି ଅପଦାର୍ଥ ସଙ୍ଗିରେ ରହିବାକୁ ଠିକ୍ କରି ଭୁଲ କରିଛି ।"

ହରିବାବୁ ଓ୍ୱାଇଫ୍‌ଙ୍କ ବୈଠକଖାନାରୁ ଓହ୍ଲାଇ ଆସି ନିଜ କଚେରୀ ଘରେ ବସି ପଡ଼ି କଡ଼ିକାଠ ଆଡ଼କୁ ଅନାଇ ରହିଲେ ଓ କିଛି ସମୟପରେ କାବୁଲିର ଶରଣାପନ୍ନ ହୋଇ ୨୦୦ ଟଙ୍କା ଆଣି ଓ୍ୱାଇଫ୍‌ଙ୍କଠାରେ ଦାଖଲ କଲେ ।

ସେହି ଭିତରେ ପରିବାର କଲ୍ୟାଣ ବିଭାଗର ଜଣେ ଟୋକା ଡାକ୍ତରଙ୍କ ସହିତ ଶ୍ରୀମତୀ ନମିତା ଦେବୀ କଲିକତା ଯାତ୍ରା କଲେ ।

ହରିବାବୁଙ୍କ ଗଞ୍ଜବଧୀ ରେଜେଷ୍ଟ୍ରି ବିବାହ ପରେ ବଦଳି ଯାଇଛି ବୋଲି ବାରର ଟୋକା ଓକିଲଙ୍କ ମଧ୍ୟରେ ଆଲୋଚନା ଯେ ନ ହେଲା, ତା ନୁହେଁ; ଶ୍ରୀମତୀ ନମିତା ଦେବୀଙ୍କ ନାମ ଖବର କାଗଜ ଓ ରେଡ଼ିଓରେ ବାହାରିବାରୁ ଏମାନଙ୍କ ମନରେ ଯେ ଟିକିଏ ଈର୍ଷାଭାବ ଦେଖା ଦେଇ ନ ଥିଲା, ତାହା ନୁହେଁ ।

ବାର୍ ଲାଇବ୍ରେରୀର ଲମ୍ବା ଟେବୁଲର ଗୋଟିଏ ପାଖରେ ବସି ଦୁଇ ତିନ ଜଣ ଟୋକା ଓକିଲ ଗୁଡ଼ା ପିଇବା ଓ ଖବର କାଗଜ ପଢ଼ିବାରେ ଲାଗି ପଡ଼ିଥିଲେ ।

ଜଣେ କହିଲା, ମିଷ୍ଟର ହ୍ୟାରି ଜଣେ କପାଳିଆ ଲୋକ । ନ ହେଲେ ତାଙ୍କୁ ଗୋଟାଏ ଏପରି ଓ୍ୱାଇଫ୍ ମିଳନ୍ତା ?

ଆଉ ଜଣେ ମନ୍ତବ୍ୟ ଦେଲେ, "ଠିକ୍, କିନ୍ତୁ ବଡ଼ କଷ୍ଟଲି—ଅର୍ଥାତ୍ ଖର୍ଚ୍ଚ ତୁଲାଇ ପାରିଲେ ହେଲା ।"

ଭୃତ୍ୟ ଜଣକ ବୁଢ଼ା କରୁ ମୁହଁକୁ ଟେକିଉ ନେଇ କହିଲେ, "ଏ ଧରଣର ଓ୍ବାଇଫ ଲୋଞ୍ଚ ପୋଷାକ ପରୁ । ଘରେ ବ୍ୟବହାର କଲେ ଗରମରେ ପ୍ରାଣ ଯିବ ।"

ସୋମନାଥବାବୁଙ୍କ ସହିତ ହରିବାବୁଙ୍କର ବିଶେଷ ଘନିଷ୍ଠତା ବୋଲି ଟୋକା ଓକିଲ ମହଲରେ ମନେ କରାଯାଏ । ଘରକୁ ଓ୍ବାଇଫ୍ ଆଣିବା ପରେ ହରିବାବୁଙ୍କ ମୁହଁରୁ ହସ ଲିଭି ଯିବାର ଲକ୍ଷ୍ୟ କରାଯାଇଛି । ସେ ଅତି ମାତ୍ରାରେ ଗମ୍ଭୀର ହୋଇ ପଡ଼ିଥିବା କଥା ସୋମନାଥ ବାବୁ କହିଲେ ।

ହରିବାବୁ ତାଙ୍କୁ ନିଜ ଉପରେ ଏକ ପ୍ରକାର କଟାକ୍ଷପାତ ବୋଲି ମନେ କରି କହିଲେ, "ମୋ ଓ୍ବାଇଫ୍ ଜଣେ ଗୁଣବତୀ ମହିଳା କି ନା, ତାଙ୍କ ମନ ଜାଣିବା ମୋର ଗୋଟିଏ କର୍ତ୍ତବ୍ୟ । ରୋଜଗାର ଚିନ୍ତା ସାଙ୍ଗକୁ ନୂଆ ଘର ବାନ୍ଧିବା ଚିନ୍ତା । ଆମ ପରି ଲୋକ ପକ୍ଷରେ ହସଖୁସି ପାଇଁ ବେଳ କାହିଁ ?

ଏହାପରେ ଓ୍ବାଇଫ୍ କଥାଟା ବାର୍‌ରେ ଏପରି ଭାବରେ ଚଳିଲା ଯେ, ତହା ବୁଢ଼ା ବୁଢ଼ା ଏଡ୍‌ଭୋକେଟମାନଙ୍କ ପକ୍ଷରେ ମଧ୍ୟ ଅଳସ ସମୟରେ ହାସ୍ୟରସର ଗୋଟିଏ ଉପାଦାନ ଯୋଗାଇ ଦେଲା ।

ହରିବାବୁ ବହୁତ ଭାବଚିନ୍ତା କେହି ନ ଥିଲା ବେଳେ ଦିନେ ଓ୍ବାଇଫଙ୍କ ବୈଠକ ଘରେ ଉପସ୍ଥିତ ହୋଇଗଲେ । କଚେରୀରେ ହାକିମଙ୍କୁ 'ଇଓର ହନର୍' ବା ଜଜଙ୍କୁ 'ଇଓର ଲର୍ଡସିପ୍' ବୋଲି ସମ୍ବୋଧନ କରିବା ଢ଼ଙ୍ଗରେ ଆରମ୍ଭ କଲେ, "ଦେଖନ୍ତୁ ଡ଼ାର୍ଲିଂ, ଆଇନ ଅନୁସାରେ ତୁମେ ମୋର ଓ୍ବାଇଫ୍ । ମୁଁ ଗୋଟାଏ ପ୍ରସ୍ତାବ ଦେଉଛି । ମୁଁ ଯାହା ଆୟ କରିବି, ତାହା ତୁମ ପାଖରେ ଦାଖଲ କରିବି । ଘର ଚଳାଇବା ଭାର ତୁମର ।"

ନମିତା ଦେବୀଙ୍କ ମୁହଁ ଲାଲ ହୋଇଗଲା । ସେ କହିଲେ, "ଡାର୍ଲିଂ, ଓ୍ବାଇଫ୍ ଏସବୁ କଣ ? ଆମେ ସମାନ । ମୁଁ ନମିତା ଦେବୀ, ତୁମେ ହରିବାବୁ । ଏହା ଛଡ଼ା ତୁମର ଓ ମୋ ଭିତରେ ଆଉ କିଛି ସମ୍ପର୍କ ନାହିଁ—ଥାଇ ନପାରେ । ତୁମର ମୋ ଉପରେ କୌଣସି ଅଧିକାର ନାହିଁ

ମୁଁ ଅନୁଗ୍ରହ କରି ତମ ସଙ୍ଗେ ରହୁଛି, ଆଜି ତା ଫଳରେ ମୋର ସମ୍ମାନ ବଢ଼ୁ ନାହିଁ, କମୁଛି । ତମେ ଏତେକ ଇଡ଼ିଅଟ୍ ଯେ ସେ କଥା ବୁଝି ପାରୁ ନାହଁ ।"

ଏହାପରେ କିଛି କଥାବାର୍ତ୍ତା ଚଳିବା ସମ୍ଭବ ନୁହେଁ । ଏକପାଖିଆ ପ୍ରସ୍ତାବଟା ଏକପାଖିଆ ହୋଇ ରହିଗଲା । ହରିବାବୁଙ୍କ ପ୍ରସ୍ଥର ବଢ଼ିଗଲା ଯେ, ତାଙ୍କ ଓ୍ୱାଇଫ୍ ତାଙ୍କୁ ଅତି ସୁଖ ପାଆନ୍ତି । ନମିତା ଦେବୀଙ୍କ ନାଆଁ ଖବରକାଗଜରେ ବାହାରିଲେ ତାଙ୍କ ଓ୍ୱାଇଫ୍ ବୋଲି ପାଞ୍ଚ ଜଣଙ୍କୁ— ଏପରି କି ଗୁହା ଦୋକାନୀ ପାନ ଦୋକାନୀଙ୍କୁ—ଦେଖାନ୍ତି । ତାଙ୍କ ଘରକୁ କୌଣସି ମହକିଲ ଆସି ଦୁଇଟଙ୍କା ପାଞ୍ଚଟଙ୍କା ଫିସ୍ ଦେଲେ ହରିବାବୁ ଚାକର ଟୋକାକୁ ଜୋର ପାଟିରେ ଡାକି କହନ୍ତି, "ଆରେ ରଘୁଆ, ଏ ଟଙ୍କା ଓ୍ୱାଇଫଙ୍କୁ ଦେଇ ଆ ।"

ଚାକର ପିଲାଟିକୁ ଆଗରୁ କହି ରଖିଥାନ୍ତି, 'ଓ୍ୱାଇଫଙ୍କୁ ଦେଇ ଆ' କହିଲେ, କାଣରେ ଟଙ୍କା ହୋଇଥିବା ତାଙ୍କର କଟେଣ୍ଟ ପିନ୍ଧା କଳା କୋଟ ପକେଟରେ ସେ ରଖି ଦେବ ।

ଅବଶ୍ୟ, ଏସବୁ କଥା ନମିତା ଦେବୀ ଘରେ ନ ଥିଲା ସମୟରେ ଅଭିନୀତ ହୋଇଥାଏ ।

ଦିନେ ନମିତା ଦେବୀ କେଜାଣେ କାହିଁକି ଘରେ ରହି ଯାଇଥିଲେ । ସକାଳ ପ୍ରାୟ ସାଢ଼େ ୯ଟା । ଜଣେ ମହକିଲ ଓ ତା ସାଙ୍ଗରେ ଦୁଇ ଜଣ ଗାଆଁବାଲା ପହଞ୍ଚି ମକଦ୍ଦମା ବିଷୟରେ ହରିବାବୁଙ୍କ ସହିତ ପରାମର୍ଶ କରିବା ପାଇଁ ଫେଶ୍ରେ ପାଞ୍ଚ ଟଙ୍କିଆ ନୋଟ ଟେବୁଲ ଉପରେ ରଖି ଦେଲେ ।

ସଙ୍ଗେ ସଙ୍ଗେ ହରିବାବୁ ଡାକ ଛାଡ଼ିଲେ, "ହେ ରଘୁଆ, ଏ ଟଙ୍କା ଓ୍ୱାଇଫଙ୍କୁ ଦେଇ ଆ ।"

ନମିତା ଦେବୀଙ୍କ କାନରେ ଏ କଥା ବାଜିଗଲା । ସେ ଅଗ୍ନିମୂର୍ତ୍ତି ହୋଇ ଭିତରୁ ଓହ୍ଲାଇ ଆସି ହରିବାବୁଙ୍କ ଟେବୁଲ ପାଖରେ ପହଞ୍ଚି କଥାରେ ଗୁରୁତ୍ୱ ଦେବାପାଇଁ ହେଉ ବା ରାଗ ମୁଣ୍ଡରେ ହେଉ ତା ଉପରେ ହାତ ବାଡ଼େଇ କହିଲେ, "ଫୁଲ୍ ଇଡ଼ିଅଟ୍ ଓ୍ୱାଇଫ୍ କିଏ ?"

ଓ୍ୱାଇଫ୍ ନାମିତ ମହିଳା ଘରେ ଅଛନ୍ତି ବୋଲି ହରିବାବୁଙ୍କର ଧାରଣା ନ ଥିଲା । ନଅଟା ବେଳେ ତ ସମାଜସେବା କାର୍ଯ୍ୟରେ ସେ ବାହାରେ ବାହାରେ ବୁଲୁଥାଆନ୍ତି ।

ହରିବାବୁ ବିସ୍ମିତ ହୋଇଗଲେ, ନମିତା ଦେବୀଙ୍କର ପ୍ରଚଣ୍ଡ ଆକ୍ରମଣର କିଛି ଉତ୍ତର ନ ପାଇ କହି ପକାଇଲେ, "ଆହା, ତୁମେ ଭୁଲ ବୁଝିଛ । ଓ୍ୱାଇଫ୍ ମୁଁ ତୁମକୁ କହୁ ନାହିଁ, ମୋର କଚେରୀ ଟେବା କଳା କୋର୍ଟକୁ କହୁଛି । ବୁଝିଅଛୁ ତୁମେ ।

ଆଗନ୍ତୁକ ତିନିଜଣ ବିସ୍ମୟପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହି ଏ ଦୃଶ୍ୟ ଦେଖୁଥାଆନ୍ତି ।

ନମିତା ଦେବୀ ଗମ୍ଭୀର ଭାବରେ ହୁକୁମ ଦେଲେ, "କଥା ଅଛି । ଉପରକୁ ଆସ ।"

ହରିବାବୁଙ୍କ ପାଟିରୁ ବାହାରି ପଡିଲା, "କାମ ଅଛି । ଟିକିଏ ପରେ ଗଲେ ହୁଅନ୍ତା ନାହିଁ ।"

ନମିତା ଦେବୀ ବଜ୍ରମୁଷ୍ଟି କରି କହିଲେ, "ନା, ବର୍ତ୍ତମାନ ।"

ଆଜ୍ଞାବହ ଅନୁଚର ପରି ହରିବାବୁ ନମିତା ଦେବୀଙ୍କ ବୈଠକଖାନାକୁ ଗଲେ । ନମିତା ଦେବୀ ଖଣ୍ଡେ ଚୌକିରେ ବସି ଚଞ୍ଚଳ କହିଲେ, "ଶୁଣ, ଆଜି କଚେରୀକୁ ଯାଇ ଛାଡ଼ପତ୍ର ବ୍ୟବସ୍ଥା କରିବା । ମୁଁ ଯାଉଛି ତୁମେ ଆସ ।"

ହରିବାବୁ ମନେ କଲେ, ତାଙ୍କ ଗୋଡ଼ ତଳୁ ପୃଥିବୀଟା ଖସି ଖସି ଯାଉଛି । ନିଃସହାୟ ଭାବରେ କହିଲେ, "ଛାଡ଼ପତ୍ର ? ଲୋକେ କ'ଣ କହିବେ ?"

ନମିତା ଦେବୀ ଗର୍ଜି ଉଠିଲେ, "ଲୋକେ ମୋତେ କ'ଣ କହୁଛନ୍ତି, ଶୁଣିଛ ?"

ହରିବାବୁ ହତାଶ ହୋଇ କହିଲେ, "ନା, ମୋ ଦ୍ୱାରା ଛାଡ଼ପତ୍ର ହୋଇପାରିବ ନାହିଁ । ବାହାରେ ମୁହଁ ଦେଖାଇବି କିମିତି ?"

ନମିତା ଦେବୀ ପୁଣି ଗମ୍ଭୀର ହୋଇ କହିଲେ, "ଦେବ ନାହିଁ ? ଭଲ କଥା । ପଛେ ମୋତେ ଦୋଷ ଦେବ ନାହିଁ । ଯାଅ ।"

ହରିବାବୁ ତଳକୁ ଓହ୍ଲାଇ ଆସିଲେ ।

ସେଦିନ ସଞ୍ଜବେଳୁ ଝଡ଼ ହୋଉଛି । ଆକାଶଟାରେ କାଳି ବୋଳି ହୋଇ ଯାଇଛି । ବିଜୁଳି ଶକ୍ତି କେଉଁଠି ଅଟକି ଯିବାରୁ ଚାରିଆଡ଼ ଅନ୍ଧାର । ଖଣ୍ଡେ ମୋଟର ଗାଡି ହରିବାବୁଙ୍କ ଦ୍ୱାର ଆଗରେ ଆସି ଠିଆ ହେଲା । କୌଣସି ପଇସାବାଲା ମହକିଲ ଆସୁଛି ବୋଲି ହରିବାବୁ ଦ୍ୱାର ଆଡ଼କୁ ଚାହିଁଛନ୍ତି । ଘର ଭିତରକୁ ନମିତା ଦେବୀ ଓ ତାଙ୍କ ସହିତ କୋଟ୍, ପେଣ୍ଟ, ଟାଇ ପିନ୍ଧା ଜଣେ ଯୁବକ ପଶି ଆସିଲେ ।

ନମିତା ଦେବୀ ହରିବାବୁଙ୍କ ଟେବୁଲ ପାଖକୁ ଆସି କହିଲେ, "ଶୁଣନ୍ତୁ ହରିବାବୁ, ଏ ମୋର ହଜବେଣ୍ଡ । ଆମେ ଏଠାରେ ରହିବୁ । ତମେ ଘର ଛାଡ଼ି ଯାଅ ।"

"ଆଜି ?" ହରିବାବୁ କହିଲେ ।

"ଆଜି ନୁହେଁ, ବର୍ତ୍ତମାନ ।" ନମିତା ଦେବୀ ଉତ୍ତର ଦେଲେ ।

କିଂକର୍ତ୍ତବ୍ୟବିମୂଢ଼ ପରି ହରିବାବୁ କହିଲେ, "ମୋର ଜିନଷପତ୍ର ?"

ହସି ହସି ନୂଆ ହଜବେଣ୍ଡଙ୍କ ଆଡ଼କୁ ନମିତା ଦେବୀ ଟିକିଏ ଚାହିଁ ହରିବାବୁଙ୍କୁ କହିଲେ, "ଯେତେବେଳେ ଇଚ୍ଛା ଆସି ନେଇ ଯିବ ।"

ସେତେବେଳକୁ ଝିପିଝିପି ବର୍ଷା ଆରମ୍ଭ ହେଉଛି । ହରିବାବୁ ଘରୁ ବାହାରି ପଡ଼ିଲେ ।

—※—

# ପ୍ରେମ

Experience, though all authority was lacking in the world, confers on me. The night to speak of marriage; and unfold its woes.''

—Chaucer—(1340-1400)

ହଁ, ମୁଁ ପ୍ରେମରେ ପଡ଼ିଥିଲି । ଥରେ ନୁହେଁ, ଦୁଇଥର ନୁହେଁ, ତିନି ତିନିଥର । ହିସାବ ଭୁଲ ହୋଇଗଲା—ସରକାରୀ ହାକିମ କି ନା— ଭୁଲ ସ୍ୱାଭାବିକ ।

ମୂଳରୁ ସଂଶୋଧନ ? ହେଉ; କିନ୍ତୁ ପଞ୍ଚବାର୍ଷିକ ଯୋଜନା ପରି ମୂଳର୍ ଚୂଳ ପର୍ଯ୍ୟନ୍ତ ଭୁଲ ନ ହେଉ ।

ଠିକ୍ ହିସାବ ଦେଖୁଛି । ମୁଁ କହ୍ନାଇ ଚରଣ ଦାସ ଓରଫ୍ ଶ୍ରୀ କେ: ସି: ଦାସ, ହାଲ ସାକିନ ସରକାରୀ କ୍ୱାର୍ଟର, ଥାନା ମଣ୍ଡିଗଜପୁର, ଜିଲ୍ଲା ସଦର, ତିନିଥର ପ୍ରେମରେ ପଡ଼ିଥିଲି, ଥରେ ବାହା ହୋଇଛି । ଦୁଇ ଥୋକକୁ ମିଶାଇ ଚାରି ।

ବିବାହିତା ପ୍ରେମ କି ନୁହେଁ ତାହା ବିବାଦୀୟ ବିଷୟ—ପଣ୍ଡିତମାନେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ଦେଲା ଯାଏଁ ମେ ହିସାବରୁ ତାକୁ ବାଦ ଦେବାକୁ ପଡ଼ୁଛି ।

ବିବାହ ଦେଶରେ ଯେଉଁ ଚୁକ୍ତି ସମ୍ପାଦିତ ହୁଏ, ଯେପରି ଭାବରେ ହୁଏ, ତା'ମାନଙ୍କରେ ପ୍ରେମ ନାମକ ପଦାର୍ଥ ବିନ୍ଦୁମାତ୍ର ଗ୍ରହଣ କରେ । ତା ଉପରୁ ଉଦ୍ଭବ ମୁଖବନ୍ଧତ—ପ୍ରେମ ନାମରେ ଖଟେଇ ହେବା । ପ୍ରେମର ଯେଉଁ ସଂଜ୍ଞା ପୁରାକାଳରୁ ପରମ୍ପରାକ୍ରମେ ଗଡ଼ି ଆସୁଛି, ତଦନୁଯାୟୀ ସୁଦ୍ଧେ

ଧୀରଚିତ୍ତ, ସ୍ଥିରବୁଦ୍ଧି, ନିର୍ମଳ ହୃଦୟକମଳ ସହିତ ତାହା ମାନି ନେବାକୁ ହେବ । ନ ହେଲେ ନୂଆ ସଂଜ୍ଞା ସ୍ଥିର କରିବାକୁ ହେବ ।

ଆଇନରେ ଯେପରି ସଂଜ୍ଞାଟା ସ୍ଥିର ନ ହେଲେ ଦୋଷୀ ଖସିଯିବା ନିର୍ଦ୍ଦୋଷ ଫାଶିରେ ଲଟକିବାର ସମ୍ଭାବନା ଥାଏ, ସେହିପରି ପ୍ରେମର ସଂଜ୍ଞା ସ୍ଥିରୀକୃତ ନ ହେଲେ ସମାଜ ମାଙ୍କଡ଼ଶତ୍ ମାରିବ ।

ଆଇନ୍ ସ୍ଥିର କରିବାପାଇଁ ସରକାର ଆଇନ୍ କମିଶନ ବସାନ୍ତି । ପ୍ରେମ ସମ୍ପର୍କୀୟ ଆଇନ୍ ସ୍ଥିର କରିବା ପାଇଁ ଗୋଟାଏ ପ୍ରେମ୍ କମିଶନ ବସିବା ଉଚିତ । ନ ହେଲେ ବିଭ୍ରାଟ ।

ରସଗୋଲାରୁ ରସ ଝରିବା ପରି ବଜାରରେ, ହାଟରେ, ଘାଟରେ ପ୍ରେମ ଝପ୍ ଝପ୍ ହୋଇ ଝରୁଛି । ସାହିତ୍ୟରେ ପ୍ରେମ, ରେଡ଼ିଓରେ ପ୍ରେମ, ଖବରକାଗଜରେ ପ୍ରେମ, ସିନେମାରେ, ଘରେ ପ୍ରେମ, ବାହାରେ ପ୍ରେମ— ଉତ୍କଟ ପ୍ରେମ, ଉଦ୍‌ଭଟ ପ୍ରେମ । କବି କହିଛନ୍ତି ପରା—'ପ୍ରେମମୟ ଏ ସଂସାର ।' ଦରଦାମ୍ ଯେତିକି ବଢ଼ୁଛି, ପ୍ରେମ ସେତିକି ଶସ୍ତା ହେଉଛି ।

ପ୍ରେମ, ପ୍ରୀତି, ଦେଖିପାରିବା, ସୁଖ ପାଇବା—ଏସବୁ ଓଡ଼ିଆରେ ଚଳେ । ହାଲକୁ 'ଭଲ ପାଇବା' ବୋଲି କଥାଟା ବଙ୍ଗାଳୀସାହି ଗଳି ଭିତରେ ପଶି ଇଂରାଜୀ ପଢ଼ୁଆଙ୍କ ଦୋମିଶା ଓଡ଼ିଆ ଭିତରେ ପଶିଗଲାଣି ।

ଭଞ୍ଜେ ଲେଖିଥିଲେ, 'ପ୍ରୀତି ଅଭେଦ ତାଙ୍କର ।' ସାମନ୍ତସିଂହାର ଲେଖିଲେ, 'ବଡ଼ କଠିନ ଏ ପ୍ରୀତି ପାଳିବା ।' ବନମାଳୀ ଲେଖିଲେ, 'ପୀରତି ପଥ ଖସଡ଼ା ' ମୋଟାମୋଟି ତିନି ଶତକ କଥା ।

ତା ପଛକୁ ଆସିଲା, ଭଲ ପାଇବା । ମାଡ଼ି ଆସିଲା, 'ଦେଖିଲେ ଗୋଲାପୀ ଅଞ୍ଚଳ' ସାଙ୍ଗକୁ ଧୂପ ଗୁଞ୍ଜଆ, 'ପ୍ରେୟସୀ ଆସନ୍ତା ହଲାଇ ବେଣୀ', ଆଜି ତା ସଙ୍ଗେ ସଙ୍ଗେ ଆଜି ଜଣେ ଏକଛତ୍ରାଧିପତି (ଏକ ଛତ୍ରମାନଙ୍କ ଅଧିପତି = ଏକଛତ୍ରାଧିପତି—ସମାସ ନିୟମ ଅନୁସାରେ ସୁସିଦ୍ଧ) କବି ବ୍ୟକ୍ତ କରି ଗାଇଲେ—

ପ୍ରେୟସୀ ଆସନ୍ତା ହଲାଇ ବାଳ;
ବୋହି ଚଢ଼ୁଥାନ୍ତା ଭୁଣ୍ଡରୁ ଲାଳ;
ଲଗାଇ ଦିଅନ୍ତା ଅଧରେ ମୋର—
ଥୋଡ଼ଟା ତାର ।

କଅଣ କହୁ କହୁ କୁଆଡ଼କୁ ପଡ଼ି ଆସିଲି । ଆଇ. ଏ. ଏସ୍ ଅଫିସର କି ନା, କୋଟ ପିନ୍ଧରେ ଗୋଟାଏ ଲେଖୁ ଲେଖୁ ଆଉ ଗୋଟାଏ ଲେଖି ହୋଇଯାଏ । ଠିକ୍ ସେମିତି । ଅଭ୍ୟାସ ।

ସରକାରୀ ବଜେଟରେ ଅଙ୍କ ଚୁମ୍ବକରେ ହିସାବ ଲେଖାଥାଏ । ଧରାଯାଉ, ପୋଲିସ ବିଭାଗର ଖର୍ଚ୍ଚ ଶହେ କୋଟି ଟଙ୍କା । ସେଥିରେ କେତେ କୋଟି ଟଙ୍କାର ଠେଙ୍ଗା କଣାଯିବ, କେତେ ରାଇଫଲ୍, କେତେ ଗୁଳି କେତେ ଲହୁବୁହା ବାଷ୍ପ କଣ ଯିବ, ତାହା ଲେଖା ନ ଥାଏ । ସେ ଠେଙ୍ଗା ପୁଣି କେତେ ଫୁଟ ଲମ୍ବ, କେତେ ଇଞ୍ଚ ଗୋଲେଇ ହେବ, ଠେକାନାଳରୁ କଣାଯିବ କି ବଉଦରୁ ଏ ସବୁର ବର୍ଣ୍ଣନା ନ ଥାଏ । ଅଥଚ ଏହି ଠେଙ୍ଗା ଲୋକଙ୍କ ପିଠିରେ ପଡ଼ିବ ମୁଣ୍ଡରେ ପଡ଼ିବ, ଏହି ଲୁହାବୁହା ବାଷ୍ପରେ ସେମାନଙ୍କ ଆଖିରୁ ଲୋତକ ଝରିବ, ଏହି ବନ୍ଧୁକ ଗୁଳିରେ ସେମାନେ ମରିବେ । ଲୋକେ ଏ କଥା ଜାଣିପାରନ୍ତି ନାହିଁ, ଲୋକେ ଯେଉଁ ପ୍ରତିନିଧି ପଠାନ୍ତି ସେମାନଙ୍କ ମଧ୍ୟରୁ ଶହକେ ୯୯ ଜଣ ତ ଅପାଠୁଆ । ବଜେଟ୍ ତ ଗୋଟାଏ ଉଡ଼ନ୍ତୁ ମନ୍ତ୍ର—ଓଁ ହ୍ରାଂ କ୍ଲୀଂ ଫଟ୍; ପରିଶ୍ରମ କରି ବୁଝୁଛି କିଏ ? ବୁଝାଉଛି ବା କିଏ ?

ପ୍ରେମରେ ମଜ୍ଜିବାର ମୁଁ ଯେଉଁ ହିସାବ ଦେଉଛି, ତାହା ତଫସିଲ ମୁତାବକ ହେଉଛି—ବଜେଟ ଧରଣର ନୁହେଁ, ଅଡ଼ିଟର ଜେନେରାଲ ବିଭାଗର ଆୟ-ବ୍ୟୟ ପର୍ଚ୍ଚ—ବାଲେନ୍ସ ସିଟ୍ ଅନୁସାରେ ।

ଆଉ ଗୋଟାଏ କଥା କହି ରଖେ । ସରକାରୀ ହିସାବଗୁଡ଼ାକ ତ ଲୋକଙ୍କୁ ଠକିବାପାଇଁ ଦିଆଯାଏ । ହିସାବ ବାହାରିଲା ସରକାରଙ୍କ ଭଣ୍ଡାରରେ ପାଞ୍ଚ କୋଟି ଟନ୍—ହିସାବ ଠିକଏ ମୋଟା ଦିଶିବା ପାଇଁ ୫୦ ନିୟୁତ ଟନ୍ ମଧ୍ୟ କୁହାଯାଇ ଥାଏ—ଗହମ ମହଜୁଦ ଅଛି; ଅଥଚ ହିସାବ ବାହାରିଲା ଦିନ ଦେଶରେ ୫କୋଟି ଲୋକ ଖାଇବାକୁ ନ ପାଇ ଭୋକରେ ଉଦକ ବିକଳ ହେଉ ଥିଲେ । ଏହି ପାଞ୍ଚ କୋଟି ଟନ୍ ଗହମ ନୁହେଁ, ଜଣ ମନୁଷ୍ୟ—ଭିତରେ ପିଲା ଥିଲେ, ବୁଢ଼ା ଥିଲେ, ପୁରୁଷ ଥିଲେ, ନାରୀ ଥିଲେ—ସବୁଠାରୁ ବଡ଼ କଥା, ପ୍ରେମିକ ଥିଲେ, ପ୍ରେମିକା ଥିଲେ । ସରକାରୀ ହିସାବରେ ତ ସେମାନଙ୍କ ପେଟ ପୂରିଲା ନାହିଁ ।

ମୋ ନିଜ କଥାରୁ ମୁଁ ଜାଣେ, ପ୍ରେମିକ ହେଉ ବା ପ୍ରେମିକା ହେଉ, ମଳୟ ପବନ ପିଇ, ଝରଣାର ସଙ୍ଗୀତ ଶୁଣି, କୁସୁମିତ ଉପବନରେ ଫୁଲର ସୌରଭ ଆଘ୍ରାଣ କରି, ପ୍ରିୟତମ ବା ପ୍ରେୟସୀର ମୁଖାରବିନ୍ଦ ଦର୍ଶନ କରି କେହି ବଞ୍ଚି ପାରିବେ ନାହିଁ—ଦରକାର ଭୋଜନ । ପ୍ରେମରେ ପଡ଼ି, ପୁଣି ବିରହରେ ଘାଣ୍ଟି ହୋଇ ଯେତେ ଲୋକ ମରନ୍ତି—ଆମ ଦେଶର ଅଳଙ୍କାର ଶାସ୍ତ୍ରରେ ପ୍ରେମ ସମ୍ପର୍କରେ ଯେଉଁ ଦଶ ଦଶା କଥା ଲେଖା ଅଛି, ତା ଭିତରେ ମରଣକୁ ଦଶମ ଦଶା ବୋଲି କୁହା ଯାଇଛି—ତହିଁର ଲକ୍ଷେଗୁଣ ଲୋକ ଖାଇବାକୁ ନ ପାଇ ଯମପୁରକୁ ଯାତ୍ରା କରନ୍ତି ।

ତେଣୁ ମୂଳରୁ ମୁଁ ହଲପ୍ କରି ମୋର ପ୍ରେମ ହିସାବ ସରକାରୀ ଧରଣର ହିସାବ ନୁହେଁ ବା ପରିସଂଖ୍ୟାନ ବିଭାଗ ଦ୍ୱାରା ନମୁନା ସର୍ଭେ ଅନୁସାରେ ଏହା କଳ୍ପନା କରାଯାଇ ନାହିଁ ।

ଆଉ ଗୋଟାଏ ସତର୍କବାଣୀ ଶୁଣାଇ ମୁଁ ମୋର ହିସାବ ଫର୍ଦ୍ଦ ପେସ୍ କରିବି । ବିଧାନ ସଭାରେ ପ୍ରଚଳିତ ଉତ୍କଳୀୟ ଭାଷା ପ୍ରୟୋଗ କରୁଛି, ତ୍ରୁଟି ମାର୍ଜନୀୟ । ଦରକାର ମନେ କଲେ, ମୋର ପ୍ରେମ ବିବରଣୀରୁ ଏହା ଉଠାଇ ଦେବେ ।

ମୁଁ ଯେଉଁ ପ୍ରେମ ଉପାଖ୍ୟାନ ବର୍ଣ୍ଣନାରେ ବ୍ରତୀ ହୋଇଛି ସେଥିରେ ବିଶ୍ୱ ଇତିହାସ ଖୋଜିବାକୁ ଗଲେ ହତାଶ ହେବାକୁ ପଡ଼ିବ । ଏହା ସିଜର କ୍ଲିଓପେଟ୍ରା ବା ନେପୋଲିୟନ୍ ଜୋସେଫିନ ଧରଣର ପ୍ରେମ ନୁହେଁ । ଏହା ଓଡ଼ିଶା ଦେଶରେ ଓଡ଼ିଆ ବୋଲାଉ ଥିବା ଜଣେ ଲୋକର ଓଡ଼ିଶୀ ପ୍ରେମ—ଯେପରି କି କଳାବିକାଶ ଧରଣର ଓଡ଼ିଶୀ ନୃତ୍ୟ ।

ଏଥର ଉପାଖ୍ୟାନ ଆରମ୍ଭ କରାଯାଉ ।

ମୋର ପ୍ରଥମ ପ୍ରେମିକା କନକ ।

ମୁଁ ବାଳକ ହାଇସ୍କୁଲରେ ପଢ଼ୁଥିଲି; ସେ ବାଳିକା ବିଦ୍ୟାଳୟରେ ।

ସେ ଯୁଗରେ ସହଶିକ୍ଷା ଆରମ୍ଭ ହୋଇ ନଥିଲା—ଅର୍ଥାତ୍ ପୁଅ ଓ ଝିଅ, ପିଲା ବା ଟୋକୀ ଏକା ଇସ୍କୁଲରେ ପଢ଼ୁ ନ ଥିଲେ ।

ବାଳକ ହାଇସ୍କୁଲ ଯେଉଁଠି ତହିଁର କିଛି ଦୂର ଆଗକୁ ବାଳିକା ହାଇସ୍କୁଲ ।

ସ୍କୁଲକୁ ମୁଁ ଆସେ, ସେ ଆସେ । ଦିନେ ଦିନେ ବାଟରେ ଦେଖା ହୋଇଯାଏ । ସେ ମୋତେ ଚାହେଁ, ମୁଁ ତାକୁ ।

ହଜାରେ ଜଣଙ୍କ ଭିତରେ ସେ ଜଣେ; ନ ଚାହିଁ ଚାରା ଅଛି ?

ପିଲାଦିନୁ କନକର ଡାହାଣ ଗୋଡ଼ଟି ଛୋଟା, ନାକ ଟିକିଏ ଚଉଡ଼ା, ଆଖି ଟିକିଏ ଟେରା । ଯାହାଙ୍କୁ ପ୍ରେମିକମାନେ ସୁନ୍ଦରୀ କହନ୍ତି, ମାନସୀ ବୋଲି କଳ୍ପନା କରନ୍ତି, ସେ ତା ନୁହେଁ ।

କିନ୍ତୁ ତାହାରି ସହିତ ମୁଁ ପ୍ରେମରେ ପଡ଼ିଥିଲି ।

କନକ ସହିତ ତାଙ୍କ ସ୍କୁଲର ଛାତ୍ରୀମାନେ ବେଶି ମିଶନ୍ତି ନାହିଁ । ତହିଁର କାରଣ, ସେ ଭଲ ପଢ଼େ, ଆଉ କାହା ସହିତ ବେଶି ମିଶେ ନାହିଁ । ସ୍କୁଲକୁ ଆସିବା ଆଗରୁ ତା ଡେସ୍କ ଉପରେ କେଉଁ ଦିନ ଚକ୍‌ଖଡ଼ିରେ ଲେଖା ହୋଇଥାଏ, ଛୋଟୀ, କେଉଁଦିନ ଟେରୀ, କେଉଁଦିନ ଟାକୁଆଗାଲି । ସେ ଦେଖେ, ଟିକିଏ ହସେ, ଲିଭାଇ ଦେଇ ତା ବେଞ୍ଚରେ ବସେ ।

ଆମ ଇସ୍କୁଲରେ ଛତରା ଛାତ୍ରଙ୍କ ଅଭାବ ନାହିଁ—ସବୁ ସ୍କୁଲରେ ସେଇ କଥା । ସେମାନେ କନକର ଗୋଟାଏ ନୂଆ ନାଆଁ ଦେଇ ଥାଆନ୍ତି —'ଛୋଟୀ ବବି' । ବୋଧହୁଏ ସିନେମା ଗୀତରୁ ସେମାନେ ଏହା ଶିଖି ଥାଆନ୍ତି । ମତେ ଏସବୁ ଭଲ ଲାଗେ ନାହିଁ ।

ସେ ଦିନ ସ୍କୁଲ ଛୁଟୀ ହେବା ପରେ ପରେ ବର୍ଷା ଆସିଲା—ବଡ଼ ବଡ଼ ଟୋପା ଜଳ । ଛାତ୍ର ଛାତ୍ରୀମାନେ ଧାଇଁ ଧାଇଁ ପଳାଇଲେ । କନକ ପଛରେ ପଡ଼ିଗଲା । ଲୁଗାପଟା ବହିପତ୍ର ଭିଜିଲା ।

ମୁଁ ମୋ ସାଇକେଲରେ ବସି ଘରକୁ ଫେରୁଥିଲି । କନକ ପାଖରେ ଓହ୍ଲାଇ ପଡ଼ି କହିଲି, 'ପଛ କେରିଅରରେ ବସ ।'

ସେ କିଛି ନ କହି ବସି ପଡ଼ିଲା । ମୁଁ ପୂରା ବେଗରେ ସାଇକେଲ ଦଉଡ଼ାଇ କନକଙ୍କ ଘରେ ତାକୁ ଛାଡ଼ି ଆସିଲି ।

ଆମେ ଦୁହେଁ ଓଦା ସୁରୁବୁରୁ । କନକର ମାଆ ଦେଖିଲେ; କହିଲେ, 'ପୁଅ, ତୁମେ ଭିଜିଗଲ' ।

କିନ୍ତୁ କହିଲି ନାହିଁ । ଗୋଟାଏ ଗଭୀର ଉଚ୍ଛ୍ୱାସ ପରି ମନେ ମନେ ଅନୁଭବ କରି ପୁରା ଦମରେ ସାଇକେଲ ଚଳାଇ ଘରକୁ ଫେରିଲି ।

ସେହି ଦିନୁଁ ମୁଁ କନକର ବନ୍ଧୁ ଭାଇ ହୋଇଗଲି ।

ସ୍କୁଲ ଛୁଟି ହେଲେ ସେ ମୋତେ ଅପେକ୍ଷା କରିଥାଏ । ଦୁହେଁ ତାଙ୍କ ଘରକୁ ଆସୁ । ସେଠାରୁ ମୁଁ ଆମ ଘରକୁ ଯାଏ ।

କନକର ମାଆ ମୋର ମାଉସୀ ହୋଇଗଲେ । ସେ ବଢ଼ିଆ ରସି ଲଡ଼ୁ ତିଆରି କରି ଜାଣନ୍ତି । ରସି ଲଡ଼ୁ ପ୍ରତି ମୋର ଭାରି ଲୋଭ । ଫେରିଲା ବେଳେ ସେଥିରୁ ପୁଞ୍ଜାଏ ଓ ଗିଲାସେ ଜଳ ସେ ମୋ ପାଇଁ ରଖି ଥାଆନ୍ତି । ସେତକ ଖାଇ ଘରକୁ ଫେରେ ।

ଦିନେ ଦିନେ ରସି ଲଡ଼ୁ ସାଙ୍ଗକୁ ମଣ୍ଡା, ଆରିସା, ଚୂଡ଼ାଘସା ମଧ୍ୟ ମାଉସୀ ମୋ ପାଇଁ ରଖିଥାନ୍ତି ।

କନକକୁ ମୁଁ ଦେଖି ପାରେ । ତାର ଆକର୍ଷଣରେ ହେଉ ବା ରସିଲଡ଼ୁ ଲୋଭରେ ହେଉ ମୁଁ ତାଙ୍କ ଘରକୁ ଟାଣି ହୋଇଯାଏ ।

ଏଥିପାଇଁ ମୋର ଇସ୍କୁଲ ସାଙ୍ଗମାନେ ମୋତେ ଥଟ୍ଟାକରି କହନ୍ତି—
'ପ୍ରେମଟା ବିଚାର କର ।'

କିନ୍ତୁ ମୁଁ ତ ପ୍ରେମିକ—

'ବାଜୁ ପଛେ ଅପବାଦ ନାଗରୀ ।'

ଏହା ହିଁ ମୋର ପ୍ରଥମ ପ୍ରେମ । ହିସାବ ମୁତାବକ ଏକ ନମ୍ବର ।

ପ୍ରେମଟା କାହା ପ୍ରତି—କନକ ପ୍ରତି ନା ମାଉସୀଙ୍କ ତିଆରି ରସି ଲଡ଼ୁ ପ୍ରତି ? ଆଜିକାଲି ଏ ପ୍ରଶ୍ନ ବେଳେ ବେଳେ ମୋ ମନ ଭିତରେ ଉଇଁ ଆସିଥାଏ ଅଳସ ମୁହୂର୍ତ୍ତରେ ।

ଏହାର ଗୋଟିଏ ଉତ୍ତର ମୁଁ ଠିକ୍ କରି ନେଇଛି । ପ୍ରେମ ତ ପ୍ରେମ—ସେଥିରେ ପ୍ରଶ୍ନ ପାଇଁ ସ୍ଥାନ କେଉଁଠି ?

ରଜନୀ ଗନ୍ଧା ଯେଉଁ ଦିନ କଲେଜରେ ନାମ ଲେଖାଇଲା ମୁଁ ମଧ୍ୟ ସେହି ଦିନ ଲେଖାଇ ଥିଲି । କଲେଜ ଅଫିସରେ ଦୁହିଁଙ୍କ ଦେଖା । ଦୁହିଁଙ୍କ ଭିତରେ ପ୍ରେମ—ପ୍ରଥମ ଦର୍ଶନରେ । ପୁରୁଣା କାଳିଆ କଥା, କିନ୍ତୁ ସତ ।

କାଳିଦାସଙ୍କ ଅନ୍ତରରେ ତାହା ହିଁ ଥିଲା; ଅର୍ଥ ମଧ୍ୟ—ଅନ୍ତତଃ ମୋ କ୍ଷେତ୍ରରେ ।

ପ୍ରେମ ହୋଇଗଲେ ବୋଲି ଯେ ଦୁହିଁଙ୍କ ଭିତରେ ଘନିଷ୍ଠ ସମ୍ପର୍କ ଆରମ୍ଭ ହୋଇଗଲା, ତା ନୁହେଁ । ସେଥିପାଇଁ ଯଥେଷ୍ଟ ସାଧ୍ୟ ସାଧନା କରିବାକୁ ପଡ଼ିଥିଲା । ତେଣୁ ସମୟ ଦରକାର ହୋଇଥିଲା ।

ସେ ଦିନ ମୁଁ ତାକୁ ଦେଖିଲି—ଦୂରରୁ, କଲେଜ ଅଫିସ କିରାଣୀଙ୍କ ଟେବୁଲ ପାଖରୁ । ଆଖି ଦୁଇଟା ଟାଣି ହୋଇଗଲା ତା ଆଡ଼କୁ । ତା ଆଖି କେଉଁଠି ଥିଲା, କି କାହିଁରେ ଲାଗି ରହିଥିଲା, କହି ପାରିବି ନାହିଁ; କିନ୍ତୁ ବୁଝିଲି ଏହା ଏକପାଖିଆ ପ୍ରେମ ।

ଏତିକି ବୁଝିଲି, ରଜନୀ କିଶୋରୀ, ସୁଶ୍ରୀ, ସାଲୁଆର, ପଞ୍ଜାବୀ, ଦୋପଟ୍ଟା ଭୂଷିତା । ଧନାବର୍ତ୍ତି ଧୀରେଧୀରେ ମୋ ଭିତରେ ପ୍ରେମ ଘନୀଭୂତ ହେବାରେ ଲାଗିଲା ।

ଯୋଗର କଥା । ସେ ଦିନ ପୁଣି ତା ସହିତ ବାଟରେ ଦେଖା । ମଟରଗାଡ଼ିର ଦୁଆର ଫିଟାଇ ସେ ଛିଡ଼ା ହୋଇଥିଲା, ଆଉ ମୁଁ ରିକ୍ସା ଖଣ୍ଡେ ଧରିବାପାଇଁ କଲେଜ ଫାଟକ ଆଡ଼କୁ ପଦଯାତ୍ରା କରୁଥିଲି । ପୁଣି ଦୂରରୁ ତାକୁ ଦେଖିଲି ।

ପ୍ରେମ ଆଉ ଡ଼ିଗ୍ରୀଏ ବଢ଼ିଗଲା ବୋଲି ମନେ କଲି ।

ପ୍ରେମ ହେଲେ ତ କବିତା ଝରେ—ସେ ଗଦ୍ୟ କବିତା ହେଉ ବା ପଦ୍ୟ କବିତା ହେଉ । ନିଜକୁ କବିତା ଆସେ ନାହିଁ । ଅତଏବ ଚେଷ୍ଟା । ସମସ୍ତେ କରୁଛନ୍ତି । ମୁଁ କଲି କବିବର ସୁଧାନାଥଙ୍କଠାରୁ । ମନେ ମନେ ଆବୃତ୍ତି କଲି—'ଏ ଯୋଷା ପଦ୍ମର ଘଷା ପଥରକୁ ହେବେ ଠିକ କେହ୍ନି ସର ?'

ଆହୁରି ଯୋଗର କଥା । ମୁଁ କ୍ଲାସରେ ଯେଉଁ ବିଷୟ ନେଇଥିଲି, ସେ ମଧ୍ୟ ସେହି ବିଷୟ ନେଇଥିବାର ଦେଖିଲି । ଆଉ ପ୍ରେମକୁ ରୋକେ କିଏ ?

କଲେଜରେ ଆଉ କେତେ ଜଣ ଝିଅପିଲା ବି ପଢ଼ନ୍ତି ଥିଲେ । ସହଶିକ୍ଷା କି ନା ? ତେବେ ସେମାନେ ଗୋଠ ବାନ୍ଧି ରହନ୍ତି, କଲେଜ

ଭିତରେ କ୍ଲାସ ନ ଥିଲା ବେଳେ ଗୋଠ ବାନ୍ଧି ବୁଲାଚଲା କରନ୍ତି । ବଡ଼ ପାଟି କରି ଏମାନେ ଯେତେ ସ୍ୱାଧୀନତା ଦାବୀ କଲେ ମଧ୍ୟ ନିଭୃତରେ ପ୍ରେମ ନିବେଦନ କରିବା ପାଇଁ କାହାରିକୁ ସହଜରେ ସୁବିଧା ଦିଅନ୍ତି ନାହିଁ । ଖଞ୍ଜାଖାଞ୍ଜି ଉଣ୍ଡି ଏମାନଙ୍କ ସହିତ ପ୍ରେମ କରିବାକୁ ହୁଏ । ମୋତେ ବି ତାହାହିଁ କରିବାକୁ ପଡ଼ିଥିଲା ।

କଲେଜ ତ ! କୁସୁମିତ ଉପବନ କୁଆଡ଼ୁ ମିଳିବ ? ବସନ୍ତ ତ ଫାଟକ ପାଖରୁ ଫେରିଯାଏ; ମଦମଳୟ ଆସିବ କୁଆଡ଼ୁ ? ଭଞ୍ଜଙ୍କ ଭଳି, 'ଦେଖରେ ନଳିନୀ ନଳିନୀ ନଳିନୀରେ ଶୋଭୁଛି' କହିବାର ସୁବିଧା କାହିଁ ? ପୋଖରୀ ଖଣ୍ଡେ ତ କଲେଜରେ ନାହିଁ ଯେ, ସେଥିରେ ପଦ୍ମଫୁଲ ନ ଥିଲେ ନାହିଁ; ବଗୁଲି ଦଳ ତ ଥାଆନ୍ତା । ଚାରିଆଡ଼େ ପାଣିକଳ, ପୋଖରୀ ଗାଡ଼ିଆର ବା ଦରକାର କଅଣ ?

ରଜନୀ ପ୍ରଜାପତି ପରି ନିତି ନୂଆ ନୂଆ ବେଶ ପିନ୍ଧି ଆସେ । ଚାରିଆଡ଼େ ଏସେନସ୍‌ର ସୁଗନ୍ଧ ବିତରଣ କରେ । ମୋ ଚିତ୍ତ ଭିତରେ କଅଁଳା ବାଛୁରୀ ପରି ପ୍ରେମ ଡିଆଁ କୁଦା ଆରମ୍ଭ କରି ଦିଏ ।

ମୁଁ ଟିକିଏ ଭଲ ପଢ଼ୁଥିଲି । ତା ସାଙ୍ଗକୁ କବିତା ଲେଖା । ମୋର ଦୁର୍ଭାଗ୍ୟ ଯେ, ସେତେବେଳକୁ ଆଧୁନିକ କବିତା ଚଳି ନାହିଁ । ତେଣୁ ବ୍ୟାକରଣ ଅଳଙ୍କାରର ଆଇନ୍ ମାନି, ଛନ୍ଦ ଓ ଯତିପାତକୁ ଠିକ୍ ରଖି ଗଳଦ୍‌ଘର୍ମ ହୋଇ ପଦ୍ୟ ଲେଖିବାକୁ ହେଉଥିଲା । ପ୍ରେମରେ ପଡ଼ିଛି; କବିତା ନ ଲେଖି ଉପାୟ ଅଛି ?

ଆମ କଲେଜ ମାସିକରେ ମୋର ଗୋଟାଏ କବିତା ବାହାରିଲା । ତାକୁ ପଢ଼ି ରଜନୀ ମୋ ଆଡ଼କୁ ଟାଣି ହୋଇଗଲା କି କଅଣ, ଦିନେ ବାଟରେ ଯାଉ ଯାଉ ମୋ ଆଡ଼କୁ ଚାହିଁ ଟିକିଏ ହସିଲା । ଏଇଠୁ ସରିଲା ଅନୁରାଗ; ଆରମ୍ଭ ହୋଇଗଲା ନିରୋଳା ପ୍ରେମ ପର୍ବ ।

ଠିକ ଠିକେ କହି ଦେଉଛି । ନ ହେଲେ ରଜନୀ ଓ ମୋ ଭିତରେ ଯେଉଁ ପ୍ରେମ ଚାଲିଥିଲା ତାହା ବର୍ଣ୍ଣନା କରିବାକୁ ହେଲେ ଏବେ ବି ଅଭିମନ୍ୟୁ

ସାମନ୍ତସିଂହାରଙ୍କୁ ଟପିପିବ ବୋଲି ମୋର ବିଶ୍ୱାସ । ଥାଉ ସେ କଥା ।

ଏତିକ କହିଲେ ଯଥେଷ୍ଟ ହେବ ଯେ, ଆମେ ଦୁହେଁ ଫାଷ୍ଟ କ୍ଲାସ ଫାଷ୍ଟ ହୋଇ ଏମ୍: ଏ: ପାସ୍ କଲୁ ବେଳକୁ ରେଜେଷ୍ଟ୍ରି ବିବାହ କରିବା ପାଇଁ ରେଜେଷ୍ଟ୍ରି ଅଫିସର ଛକ ମୁଣ୍ଡରେ ପହଞ୍ଚି ଯାଇଥିଲୁ ।

ସବୁ ବାପା ପୁରୁଣାକାଳିଆ । ମୋ ବାପା ସେହି ଶ୍ରେଣୀର ଲୋକ ଥିଲେ । ପ୍ରେମ କଥା ବା ବାହାହେବା କଥା ତ ତାଙ୍କୁ କୁହାଯାଇ ନପାରେ । ସେ କଥା ବୋଉଙ୍କ କାନରେ ପଡ଼ିଲା, ତାଙ୍କ ଜରିଆରେ ବାପାଙ୍କ କାନରେ । ସେ ରାୟ ଦେଲେ, ଏହା ହୋଇ ନ ପାରେ ।

କଲେଜ ପାଠ ସରିଲା । ତା ସହିତ ମୋର ପ୍ରେମ ମଧ୍ୟ ସରିଲା ।

ତା ପରେ ବିବାହ ।

ଆଇ. ଏ. ଏସ୍. ତାଲିମ ଶେଷ କରି ଫେରିଲା ବେଳକୁ ମୋର ବିବାହ କଥାବାର୍ତ୍ତା ପ୍ରାୟ ଠିକ୍ ହୋଇ ଯାଇଥାଏ । ବିବାହ ବଜାରେ ଆଇ: ଏ: ଏସ୍: ବରର ଦାମ୍ ବହୁତ ଚଢ଼ା । ଅନେକ କନ୍ୟାଙ୍କ ବାପାମାଆ ମୋର ଅନୁପସ୍ଥିତିରେ ଆମ ଘରେ ପହଞ୍ଚି ଦରଦାମ୍ କରୁ ଥାଆନ୍ତି । ଜଣେ ଭଦ୍ରଲୋକ—ସୁଜଳ ବେପାରୀ, ଆମ ଜାତିର କଣ୍ଟ୍ରାକ୍ଟର—ଖଣ୍ଡେ ମଟରଗାଡ଼ି ଓ ୩୦ ହଜାର ଟଙ୍କା ଦେବେ ବୋଲି ଜବାବ ଦେବାରୁ ବାପାବୋଉ ସେଥିରେ ରାଜି ହୋଇଥାନ୍ତି ।

ମୁଁ ଫେରିବା ପରେ ଲଗ୍ନ ସ୍ଥିର ହେଲା । ବାଜା ବାଜିଲା । ଭୋଜି ହେଲା । କନ୍ୟାଘର ବେଦୀରେ ବସି ସୁରମା ସହିତ ମୋର ହାତଗଣ୍ଠି ପଡ଼ିଗଲା ।

ଆଉ ପ୍ରେମ କରିବାକୁ ବେଳ କାହିଁ ? ବୋପା ସିଣ, ଡ଼େଙ୍କି ଗିଳ ବ୍ୟପାର । ପ୍ରେମ ପାଇଁ ବାଟ କାହିଁ ?

ବର୍ତ୍ତମାନ ଆମେ ଦୁଇ, ଆମର ସାତ । ଅଷ୍ଟମଟି ପୃଥିବୀକୁ ଆସିବା ପାଇଁ ଉଦ୍ୟମ କରୁଛି ।

ସୁରମା ସୁନ୍ଦରୀ ନୁହେଁ, ଅସୁନ୍ଦରୀ ମଧ୍ୟ ନୁହେଁ । ମୋର ସ୍ତ୍ରୀ ତ, ସୁନ୍ଦରୀ ଅସୁନ୍ଦରୀ ବାଛି ଲାଭ କଅଣ ? ସେ ତ ଆଉ ଚିତ୍ରତାରକା ବା ମଞ୍ଚତାରକା ହେବାକୁ ଯାଉ ନାହିଁ । ତାକୁ ପ୍ରେମ କରିବାରେ କାହାର

ଅଧିକାର ନାହିଁ । ସେ ଇଲାକା ଉପରେ ମୋତେ ସ୍ଥାୟୀ ପଟ୍ଟା ମିଳି ଯାଇଛି । ଆଉ କବିମାନେ ବିରହ ମିଳନ ଥିବା ଯେଉଁପରି ପ୍ରେମର କଳ୍ପନା କରି ବଡ଼ ବଡ଼ କାବ୍ୟ ଲେଖି ଯାଇଛନ୍ତି, ଅନ୍ତତଃ ସୁରମା ଓ ମୋ ଭିତରେ ସେପରି ପ୍ରେମ କେବେହେଁ ନ ଥିଲା, ଆଜି ମଧ୍ୟ ନାହିଁ । ବିରହ ପାଇଁ ଯେଉଁଠି ଅବସର ନାହିଁ, ସେଠାରେ ମିଳନର ମୂଲ୍ୟ ବା କଅଣ ଥାଇ-ପାରେ ? ଆଉ ବିରହ, ମିଳନ, ମାନ ଅଭିମାନଠାରୁ ମାନଭଞ୍ଜନ ପର୍ଯ୍ୟନ୍ତ ଆଧ୍ୟାୟ ଗୁଡ଼ାକ ଧର୍ମାନୁସାରେ ନ ଘଟିଲେ କି ପ୍ରେମ ? ଅଳଙ୍କାର ଶାସ୍ତ୍ରର ସୂତ୍ର ଅନୁସାରେ ତାହା ପ୍ରେମ ପଦବାଚ୍ୟ ହୋଇ ନ ପାରେ ।

ସୁରମା ଗୃହିଣୀ ହିସାବରେ ଭଲ, କିନ୍ତୁ ମୁହଁଟା ଦାନ୍ତୁଆ କ୍ଷୁର । ତା' ବାପା ଯେପରି ୩୦ ହଜାର ଟଙ୍କା ଓ ଖଣ୍ଡେ ମୋଟରଗାଡ଼ି ଦେଇ ମୋତେ କିଣିଛନ୍ତି । ଏ ଧରଣର ଢଙ୍ଗ ତା ଆଚରଣରେ ବରାବର ଦେଖାଯାଏ । ତା' ଫଳରେ ମୋର ପୁରୁଷକାର ପ୍ରତି ଅପମାନ ହେଲା ବୋଲି ମୁଁ ଧରି ନିଏ । ଲାଗେ ସଂଘର୍ଷ । ସୁରମାର ତ ମନ ଆଉ ତୁଣ୍ଡ ଭିତରେ କେଉଁ ସ୍ଥାନରେ କିଛି ଅର୍ଗଳ ନାହିଁ । ସଙ୍ଗେ ସଙ୍ଗେ ତା ସ୍ୱର ପଞ୍ଚମକୁ ଉଠିଯାଏ, ଆଉ ବାକ୍ୟବାଣ ବିଦ୍ଧ ହୋଇ ମୁଁ ପୃଷ୍ଠଭଙ୍ଗ ଦିଏ ବା ମୌନବ୍ରତ ଅବଲମ୍ବନ କରି ପରାଜୟ ସ୍ୱୀକାର କରେ ।

ଚାଲେ ଆମର ସଂସାର । କ୍ରମେ କ୍ରମେ ଗୋଟି ଗୋଟି ହୋଇ ସାତଟି ପୁଅଝିଅ ଆମ ଘରକୁ ଆସିଲେ । ଆଜିକାଲି ସେମାନଙ୍କ ପଢ଼ାପଢ଼ି, ଦେହପାଆଠାରୁ ଲୁଗାପଟା ପର୍ଯ୍ୟନ୍ତ ସବୁ କଥାକୁ ଧରି ଆମ ଭିତରେ କଳି ଲାଗିବାର ସବୁ ଉପାଦାନ ସବୁବେଳେ ମହଜୁଦ ।

ଏ ସମସ୍ୟାର ସମାଧାନ ପାଇଁ ମୁଁ ଗୋଟାଏ ସୂତ୍ର ବାହାର କରିଛି । ଚାକିରି କରି ଯେଉଁତକ ଦରମା ପାଏ, ପାଉଣା ଦିନ, ସେ ସବୁତକ ଆଣି ସୁରମା ହାତରେ ଦେଇ ପକାଏ ।

ଭାବିଥିଲି, ଏହା ଫଳରେ ଟିକିଏ ନିସ୍ତାର ମିଳିବ । ତାହା ହୋଇ ପାରିଲା ନାହିଁ । ମାସ ନ ସରୁଣୁ ଟଙ୍କା ସରିଯାଏ । ତା ଫଳରେ ଘର ଚଳାଇବା ପାଇଁ ସୁରମାର ବୁଦ୍ଧି ଉପରେ ନିର୍ଭର କରିବାକୁ ପଡ଼େ । ପୁରୁଷକାରର ଅଭିମାନ ଆପେ ଆପେ ନଇଁ ପଡ଼େ ।

ମୁଁ ହିସାବ କରି ଦେଖିଛି, ଆମର ୨୧ ବର୍ଷ ବିବାହିତ ଜୀବନ ମଧ୍ୟରେ ଦିନକୁ ୧୨ଘଣ୍ଟା ହିସାବରେ ସାଢ଼େ ଦଶବର୍ଷ ବିତିଯାଇଛି, ୫ବର୍ଷ ତିନିମାସ ନିଦରେ, ଆଉ ଯେଉଁ ବର୍ଷ ତିନିମାସ ବାକି ରହିଲା ତା ଭିତରୁ ୪ବର୍ଷ ୩ମାସ ଦାମ୍ପତ୍ୟ କଳହରେ ଅବଶିଷ୍ଟ ବର୍ଷକ ଶାନ୍ତିରେ କଟିଛି— ଏ ବର୍ଷକ ଭିତରୁ ୮ମାସ ଗସ୍ତରେ ଥିବାବେଳେ କଟିଛି ବୋଲି ଧରିନେଲେ, ଘର ସଂସାରରେ ୨୧ବର୍ଷ ଭିତରେ ଆଦୌ ୪ମାସ ମୁଁ ଶାନ୍ତିରେ ରହିଥିବି କି ନା ସନ୍ଦେହ ।

ଏହା ବୋଲି ଯେ, ସୁରମା ମୋତେ ସୁଖ ନ ଦିଏ, ତାହା ମଧ୍ୟ ନୁହେଁ । ଆମ ଭିତରେ ପ୍ରୀତି ଅଛି, କିନ୍ତୁ ତାହାର ଅଭିବ୍ୟକ୍ତି ଉତ୍କଟ ଆକାର ଧାରଣ କରିଥାଏ ।

ବହୁତ ଭାବିଚିନ୍ତି ମୁଁ ସ୍ଥିର କରିଛି ଯେ; ସୁରମାର ମନ ଭିତରେ ପ୍ରେମ ସମ୍ପର୍କରେ ଯେଉଁ ଧାରଣା ଅଛି, ତାହା ପ୍ରେମ କବିତା ଲେଖୁଥିବା କବିଙ୍କଠାରୁ ଅଲଗା, ତେଣୁ ତାର ଅଭିବ୍ୟକ୍ତି ମଧ୍ୟ ଅଲଗା । ସେ ଧରିନେଇଛି, ମୋ ଉପରେ ତା'ର ପୂର୍ଣ୍ଣ ଅଧିକାର ଅଛି । ଉତ୍କଟ ବାକ୍ୟ ବ୍ୟବହାର ଦ୍ୱାରା ସେ ତାର ଅଭିବ୍ୟକ୍ତି ପ୍ରକାଶ କରିଥାଏ ।

ଗୋଟାଏ କଥା ଆମେ ଦୁହେଁ ଭଲ ରୂପେ ଜାଣୁଁ ଯେ, ମୁଁ ମରିଗଲେ ତା'କୁ ବିଧବା ହେବାକୁ ପଡ଼ିବ, ଆଉ ସେ ଗଲେ ସାତ ସାତଟା ପିଲାଛୁଆଙ୍କ ଜଞ୍ଜାଳ ମୁଣ୍ଡାଇ ମୋତେ ବିପତ୍ନୀକ ହେବାକୁ ପଡ଼ିବ । ଏହି ସମାନ୍ତରାଳ ଅନୁଭୂତି ହିଁ ଆମର ମିଳନ ସେତୁ । ଏହି ମିଳିତ ସ୍ୱାର୍ଥ ହିଁ ଆମ ପରିବାରର ମେରୁଦଣ୍ଡ ।'

ଆଜିକାଲିକା ଗଳ୍ପ, ଉପନ୍ୟାସ, କାବ୍ୟ, କବିତା— ଗଦ୍ୟ, ପଦ୍ୟ ଓ ଗଦ୍ୟ-ପଦ୍ୟ—ପଢ଼ି ମନେ ମନେ ଭାବେ, ଏ ଦେଶଟାରେ ପ୍ରେମର ବନ୍ୟା ମାଡ଼ି ଯାଇଛି; କିନ୍ତୁ ମୁଁ ଗୋଟାଏ ଉଚ୍ଚ ଟାପୁ ଉପରେ ବସି ସ୍ରୋତ ଅଡ଼କୁ ଚାହିଁ ରହିଛି । ମୋ ଭାଗ୍ୟରେ ପ୍ରେମ ବୁନ୍ଦାଟାଏ ମଧ୍ୟ ଛିଟିକି ପଡ଼ି ନାହିଁ ।

ଢନେ ଅଫିସରୁ ଫେର ସାନ୍ଧ୍ୟ ଆକାଶରେ ଫୁଟି ଉଠୁଥିବା ଗୋଟାଏ ତାରା ଆଡ଼କୁ ଚାହିଁ ଏପରି ଧାରରେ ଭାବ ନିଜ ଉପରେ ନିଜେ ଦୟା କରିବା ସୁଖ ଅନୁଭବ କରୁଛି, ଝିଅଟି ଆସି କହିଲା, 'ମା ଡାକୁଛନ୍ତି ।'

ଚମକି ପଡ଼ିଲି ! ପଥର ଦେହରେ ଛେଚି ହୋଇଯିବା ପରି ମୋର ଭାବବିଳାସ ଚୂନା ହୋଇଗଲା । —ଗଲି ।

ମୋର ଚଟି ଶବ୍ଦ ଶୁଣି କି କଅଣ, ଶୋଇବା ଘର ଭିତରୁ ଶ୍ରୀମତୀଙ୍କ କଣ୍ଠ ରସାପ୍ଲୁତ କଣ୍ଠସ୍ୱର ମୋତେ ଅଭ୍ୟର୍ଥନା ଜଣାଇଲା—

'ତୁମେ ଗୋଟାଏ ଇମିତି ଲୋକ ? ତୁମକୁ କିଛି ଜଣାପଡ଼ୁନାହିଁ । ଘରେ କିଏ ମଲେ କି ଗଲେ, କିଛି ଖବର ରଖୁଛ ?'

ବିଧାନସଭାର ଅଫିସର ଗ୍ୟାଲେରିକୁ ଯିବାର ଦୁର୍ଭାଗ୍ୟ ଅନେକ ଥର ଘଟିଛି । ବିଧାନସଭାର ମାନ୍ୟବର ସଭ୍ୟମାନେ, ତୁମକୁ, ତୁମ ବିଭାଗକୁ, ତମ ଚଉଦ ପୁରୁଷକୁ ଗାଳି ଦେଉଥିବେ ଆଉ ତୁମେ ଖାଇନ୍ତା ପ୍ରେତମୂର୍ତ୍ତି ପରି ଚୌକିରେ ବସି ତାହା ଶୁଣୁଥିବ—ମୁହଁ ଆଁ କରିବାର ଉପାୟ ନ ଥାଏ । ଘରେ ମୋର ଅବସ୍ଥା ଅନେକ ପରିମାଣରେ ସେହିପରି ।

ପରଦା ଏ ପାଖରୁ ଉଙ୍କି ମାରି ଚାହିଁଲି । ଶ୍ରୀମତୀଜୀ ଦୁଇବର୍ଷର ସାନ ଝିଅକୁ କୋଳରେ ଧରି ବସିଛନ୍ତି ।

ଝଡ଼ର ଆଶଂକା କରି ଭିତରକୁ ପଶିଲି ।

ଆରମ୍ଭ ହେଲା, 'ତୁମେ ମଣିଷ ନା ଭୂତ ? ଝିଅଟାକୁ ସକାଳୁ ଜ୍ୱର । କିଏ ଜାଣୁଛି ନା ବୁଝୁଛି ? ଏ ଦେଖ ବାପ ? ଦୟାମାୟା ଟିକିଏ ହେଲେ ଥାଆନ୍ତା ! ଖାଲି ନିଜ ସ୍ୱାର୍ଥ ।''

ଆପତ୍ତି, ଅଭିଯୋଗ, ମନ୍ତବ୍ୟ, ଦୋଷାରୋପର ଅଦ୍ଭୁତ ସମ୍ମିଶ୍ରଣ ମଧ୍ୟରୁ ଏତିକି ସାରାଂଶ ମୁଁ ଧରି ପାରିଲି ଯେ, ସାନ ଝିଅଟାକୁ ଜ୍ୱର; ଅତଏବ ଡାକ୍ତରଙ୍କ ସାହାଯ୍ୟ ଗ୍ରହଣ କରିବାକୁ ହେବ ।

ଶ୍ରୀମତୀଙ୍କ ବାକ୍ୟାବଳୀ ବିରୁଦ୍ଧରେ ପ୍ରତିବାକ୍ୟ ପ୍ରୟୋଗ କରିବା ଅଭ୍ୟାସ ଗତ ୨୧ବର୍ଷ ଭିତରେ ଗୁଡ଼ ହୋଇ ଯାଇଛି ।

ଡାକ୍ତରଙ୍କୁ ଟେଲିଫୋନ୍ କରିବା ସଙ୍ଗେ ସଙ୍ଗେ ମୁହାଁମୁହିଁ ଆକ୍ରମଣରୁ ନିଷ୍କୃତି ପାଇବା ପାଇଁ ଯେମିତି ସାରଗର୍ଭପୂର୍ଣ୍ଣ ପଛଘୁଞ୍ଚା ଦେବାକୁ ଉଦ୍ୟମ କରିଛି, ଶ୍ରୀମତୀଙ୍କ ଶ୍ରୀମୁଖରୁ ହୁକୁମ ଆସିଲା, 'ଶୁଣ ।'

ସେକ୍ରେଟେରିଏଟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଯେପରି ଗେଜେଟେଡ୍ ଅଫିସର ଆଗରେ ପରବର୍ତ୍ତୀ ହୁକୁମ ପାଇବା ପାଇଁ ଛିଡ଼ା ହୁଏ, ସେହିପରି ଛିଡ଼ାହୋଇ ରହିଲି ।

ଶ୍ରୀମତୀ ହୁକୁମ ଦେଲେ, 'ବସ ।'

ମନେ ମନେ ବିଚାରିଲି, ଯୋଗ ଭଲ ନୁହେଁ । ଗର୍ଜନରେ ନିଆଁ ଲାଗିବା ଧୂଆଁରୁ ଜଣା ପଡ଼ିଲାଣି—ପର୍ବତୋ ବହ୍ନିମାନ୍ ଧୂମାତ୍ ।

ପରବର୍ତ୍ତୀ ଘୋଷଣା ଅପେକ୍ଷାରେ ଚୌକି ଖଣ୍ଡିକରେ ବସିଲି ।

ଶ୍ରୀମତୀ ଆରମ୍ଭ କଲେ, 'ଟଙ୍କା ସରିଲାଣି । ଆଜି କେତେ ତାରିଖ ଜାଣିଛ ପଚିଶ, ପଚିଶ । ଘର କେମିତି ଚଳେ ? ବଡ଼ପୁଅର ପୋଷାକ ନାହିଁ । ସେ କଅଣ ଛିଣ୍ଡା ପିନ୍ଧି କଲେଜକୁ ଯିବ ? ମଝିଆ ଏକ୍ସ୍କର୍ସନରେ ଯିବ; ତା ପାଇଁ ୫୦ଟଙ୍କା ଦରକାର । ସାନ ତିନଟାର ସ୍କୁଲ ଡ୍ରେସ ପୁରୁଣା ହେଲାଣି । ସେମାନେ ଅରକ୍ଷିତ ପରି ସ୍କୁଲକୁ ଯାଉଛନ୍ତି ପରିବାବାଲାର ୩୦୦ ଟଙ୍କା, ସେ ଲୋକ ପଠାଉଥିଲା ।

ତା' ପରେ କାନ ବୁଜି ଦେଲି—ହାତରେ ନୁହେଁ, ମନେ ମନେ ଧ୍ୟାନମଗ୍ନ ଋଷିଙ୍କ ପରି । ଗତ ୨୧ବର୍ଷର ବିବାହିତ ଜୀବନରେ ଏ ଧରଣର ଯୌଗିକ କୌଶଳ ସାଧନା କରିବାରେ ସିଦ୍ଧିଲାଭ କରିଛି ।

କ୍ରମାନ୍ୱୟେ ୧୦ ମିନିଟ୍ କାଳ—ଅନ୍ଦାଜରେ—ଅଭାବ ଅଭିଯୋଗର ତାଲିକା ପ୍ରଦାନ କରିବା ପରେ ଶ୍ରୀମତୀ ଘୋଷଣା କଲେ, "ମୁଁ ମୋ ବାପ ଘରକୁ ଯାଉଛି । ତମ ସଂସାର ତମେ ସମ୍ଭାଳ ।"

ବିଧାନସଭାରେ ଅଖାଡ଼ୁଆ ପ୍ରଶ୍ନର ଉତ୍ତର ଦେଇ ନ ପାରିଲେ, ମନ୍ତ୍ରୀମାନଙ୍କ ମୁଖାରବିନ୍ଦରୁ ବାହାରେ "ତଥ୍ୟ ସଂଗ୍ରହ କରାଯାଉଛି ।" ସେହି ଧରଣର ଗୋଟାଏ କିଛି କହି ଦେବି ବୋଲି କଣ୍ଠ ପର୍ଯ୍ୟନ୍ତ କଥା

ଉଠି ଆସିଲା; କିନ୍ତୁ ଶ୍ରୀମନ୍ତ୍ରୀଙ୍କ ପରବର୍ତ୍ତୀ ଭାଷଣର ପାଷଣ୍ଡତା କଳ୍ପନା କରି କଟକ ଆକାଶବାଣୀର ଆଧୁନିକ ଓ ଅନୁନାସିକ ସଙ୍ଗୀତ ଶୁଣିବା ବେଳେ ଶ୍ରୋତାମାନେ ଯେପରି ରେଡ଼ିଓ ଯନ୍ତ୍ରର କାନ ମୋଡ଼ି ସ୍ୱର ବନ୍ଦ କରି ଦିଅନ୍ତି, ସେହିପରି ଯୌଗିକ ପ୍ରକ୍ରିୟାରେ ମୋ ଗଳାରେ ଥିବା ବାକ୍‌ଯନ୍ତ୍ର ରୁଦ୍ଧ କଲି ।

ଶ୍ରୀମନ୍ତ୍ରୀଙ୍କର ବାପ ଘରକୁ ଯିବାମୂଳକ ଘୋଷଣା, ପଞ୍ଚବାର୍ଷିକ ଯୋଜନାର ଉନ୍ନୟନମୂଳକ ଘୋଷଣା ପରି, କିଛି ନୂଆ କଥା ନୁହେଁ । ମନ୍ତ୍ରୀମାନଙ୍କ ଗସ୍ତକ୍ରମ ପରି ଏହା ବରାବର ବଦଳି ଥାଏ ।

ଶ୍ରୀମନ୍ତ୍ରୀଙ୍କ ବାପା ଗୃହବର୍ଷ ହେବ ହରିପୁରକୁ ଚାଲେଣି, ମା ମଧ୍ୟ ତାହା ଆଗରୁ ସେହି ବାଟ ଧରି ଥିଲେ । ଭାଇମାନେ ଅଛନ୍ତି, ଅତି ବୃହୁଳ ବ୍ୟବସାୟ ଅଛି । ତାହା ହିଁ ଶ୍ରୀମନ୍ତ୍ରୀଙ୍କର ବେଶ ଏକମାତ୍ର ବିଷୟବସ୍ତୁ ।

ଆଜି ଗୋଟିଏ ବିଷୟବସ୍ତୁ ବିବାହ ସମୟରେ ଯୌତୁକ ଆକାରରେ ୨୧ ବର୍ଷ ତଳେ ପାଇଥିବା ମୋଟର ଗାଡ଼ି ଫୋର୍ଡ । ଏହି ସୁଦୀର୍ଘ କାଳ ମଧ୍ୟରେ ତାର ଅନ୍ତବୁଜୁଳା ଉଡ଼ି ଯାଇ ନୂଆ ଅନ୍ତବୁଜୁଳା ଲାଗିଛି, ଚକ କେତେ ଥର ବଦଳିଛି କହେ ନାହିଁ; କିନ୍ତୁ ସାତ ସାତ ଥର ନୂଆ ରଙ୍ଗ ହେଇଛି—ବୋଧହୁଏ ଏହା ଏ ଅଞ୍ଚଳର ପ୍ରାଚୀନତମ ମୋଟର ଗାଡ଼ି; କିନ୍ତୁ ଏ ଫୋର୍ଡକୁ କିଏ ନୂଆ ଖଣ୍ଡେ କିଣିବ, ଶ୍ରୀମନ୍ତ୍ରୀଙ୍କ ଯୋଗୁଁ ସେ ଉପାୟ ନାହିଁ । ତାଙ୍କର ବାହାଘର ବେଳର ଯୌତୁକ କି ନା, ଏହା ବିକା ଯାଇ ପାରିବ ନାହିଁ ।

ଏ ଗାଡ଼ି ଖଣ୍ଡିକ ଯାହା ଆଖିରେ ପଡ଼େ, ସେ ହସେ । ଆଜିକାଲି ଓ ଲିଙ୍କି ସବାରିରେ ଚଢ଼ି କେହି ଯଦି ଅଫିସକୁ ଯାଏ, ସେ ଯେପରି ଗୋଟାଏ ଦର୍ଶନୀୟ ବୋର୍ଡରେ ଟେଣ୍ଟ ହୁଏ, ଅଫିସକୁ ଗଲେ ମୋ ଅବସ୍ଥା ଅନେକ ପରିମାଣରେ ସେହିପରି ହୋଇଥାଏ ।

ସେ ଦିନ ଜଣେ ଟୋକା ଅଫିସର କହିଲେ, "ସାର୍, ଦିଲ୍ଲୀରେ ପୁରୁଣା ମୋଟର ଗାଡ଼ିର ଗୋଟାଏ ପ୍ରଦର୍ଶନୀ ହେଉଛି; ଆପଣଙ୍କ ଗାଡ଼ିଟାକୁ ପଠାଇ ଦେଲେ ପ୍ରଥମ ପୁରସ୍କାର ପାଆନ୍ତା ।"

କଥାଟା ବେଠିକ୍ ନୁହେଁ ।

ବେଳେ ବେଳେ ଭାବେ, ସୁରମାକୁ ଛାଡ଼ପତ୍ର ଦେବି । ମୋ ବାପର ଭାଇ, ଅର୍ଥାତ୍ ମୋ ପିଉସାର ଶଳା, ଚାଚା ବୋଲଉ ଥିବା ନେହରୁଙ୍କ ହିନ୍ଦୁ ଆଇନ୍‌ରେ ଏ ବ୍ୟବସ୍ଥା କରି ଦେଇ ଯାଇଛନ୍ତି । କିନ୍ତୁ ଛାଡ଼ିବି କାହାକୁ? ସୁରମାକୁ ? ମୋ ସଂସାର, ମୋ ପିଲାମାନେ ?

ନା, ସେ ଗୁଡ଼ରେ ବାଲି ।

ଏ ଥର ମୋ ତିନି ନମ୍ବର ବା ଚାରି ନମ୍ବର ପ୍ରେମ ଉପାଖ୍ୟାନର ଅବତାରଣା କରାଯାଉଛି ।

କାଦମ୍ବିନୀ ଦେବୀ ନାମ୍ନୀ କବି । ତାଙ୍କରି ସମ୍ଭବତ ମୋର ପ୍ରେମ ।

ତାଙ୍କର ୭୫ତମ ସ୍ୱନକ୍ଷତ୍ର ପାଳନ ଉପଲକ୍ଷେ ତାଙ୍କ ଘରେ ଯେଉଁ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା, ସେଥିରେ ମୁଁ ସଭାପତିତ୍ୱ କରିଥିଲି ।

ଶୁଣିଛି, ହତାଶ ପ୍ରେମିକମାନେ କବି ହୁଅନ୍ତି । ହେବା କଥା । ପୁଣି ଜୀବନରେ ଯେ ଯେତିକି ବିପ୍ରଲବ୍ଧ ସେ ସେତିକି ବଡ଼ ସାହିତ୍ୟିକ । ମନ ଭିତରେ ଯେଉଁ ସବୁ କଥା ଅକୁହା ରହିଯାଏ, ତାକୁ ଲେଖି ପକାଇଲେ କୁଆଡ଼େ ସାହିତ୍ୟ ହୋଇଯାଏ । ଇଚ୍ଛା କଲେ ହୁଏତ ମୁଁ ଗୋଟାଏ ସାହିତ୍ୟିକ ହୋଇପାରି ଥାଆନ୍ତି; କିନ୍ତୁ ଓଡ଼ିଆରେ ଲେଖି ବସିଲେ ଶଗଡ଼ ଶଗଡ଼ ସମସ୍ୟା ପଡ଼ିଯାଏ—ଦୁଇଟା ଇ, ଦୁଇଟା ଉ, ପୁଣି ସେମାନଙ୍କର ଦୁଇ ଦୁଇଟା ଗୃହିଟା ଆକାର, ଦୁଇଟା ଣ ଓ ନ, ତିନିଟା ଶ, ଋ ଓ ରୁ ଏଗୁଡ଼ାକ ସବୁବେଳେ ମୋତେ ଅଡୁଆରେ ପକାନ୍ତି । ତା' ଉପରେ ବ୍ୟାକରଣର ପେନାଲ କୋଡ଼—ସନ୍ଧି, ସମସ୍ୟା, ଲିଙ୍ଗ, ବଚନ, ପୁରୁଷ, କାରକ, ବର୍ତ୍ତମାନ, ଭୂତ, ଭବିଷ୍ୟତ, କ୍ରିୟା, କର୍ତ୍ତା, କର୍ମର ଜଙ୍ଗଲ ଭିତରେ ପଶିଗଲେ ମୋର ସାହିତ୍ୟ ସାଧନା ବାଟବଣା ହୋଇଯାଏ । ତା ଉପରକୁ ପୁଣି ଅଳଙ୍କାର ବୋଲି ଶାସ୍ତ୍ରଟାଏ ଅଛି । ତା ଉପରକୁ ଅଭିଧାନ ଠେଙ୍ଗା ଧରି ବସିଛି । ସାହିତ୍ୟ ହେଉଛି କେତେବେଳେ ?

ଇଂରାଜୀରେ ନୋଟ ଆଉ ଅର୍ଡର ଲେଖେ ବୋଲି ଯେ ସାହିତ୍ୟ ଲେଖି ପକାଇବି ଏପରି ସାହସ ହୁଏ ନାହିଁ—ଚସରଠାରୁ ଶ' ପର୍ଯ୍ୟନ୍ତ, ସେକ୍ସପିୟରଙ୍କଠାରୁ ବାଇରନ୍, ସେଠାରୁ ସେଲି, କିଟସ୍, ଲଗାଏତ

ଆମ ଯୁବ କବିମାନଙ୍କର ମନ୍ତ୍ରଗୁରୁ ଟି: ଏସ୍: ଇଲିଅଟ ପର୍ଯ୍ୟନ୍ତ କବି ଓ ସାହିତ୍ୟିକ ମହାରଥୀମାନଙ୍କ ସମାରୋହ ଦେଖିଲେ ଛାତି ଦବିଯାଏ, ମନ ସଙ୍ଗେ ସଙ୍ଗେ ଭାଙ୍ଗିପଡ଼େ ।

ତେଣୁ ଏ ଜୀବନରେ ସାହିତ୍ୟିକ ହୋଇପାରିଲି ନାହିଁ ।

କିନ୍ତୁ ମୁଁ ଆଇ. ଏ. ଏସ୍ । ସ୍ୱାସ୍ଥ୍ୟ ବିଭାଗ ସଙ୍ଗେ ସଙ୍ଗେ ଶିକ୍ଷା ବିଭାଗର ସଚିବ ହୋଇପାରେ; କୋଠାବାଡ଼ି, ବାଟଘାଟ ତିଆରି ବିଭାଗରୁ ସଂସ୍କୃତିକ ବିଭାଗକୁ ଡିଆଁ ମାରି ଦେଇପାରେ । ଚାଉଳ, କିରାସିନି, ଚିନି ଯୋଗାଣ କରୁ କରୁ ରାତାରାତି ଲୁହା, କୋଇଲା, ମାଙ୍ଗାନିଜ, ଗ୍ରେଫାଇଟ୍, ଭେନେଡ଼ିୟମ, ରେଙ୍ଗୁଟି ମାଟି ଖଣି ଭିତରକୁ ପଶି ସେ ସବୁର କର୍ତ୍ତୃତ୍ୱ ମୁଣ୍ଡାଇ ବସିପାରେ । ଆଉ ଗୋଟାଏ ସାହିତ୍ୟ ସଂଗଠନର ସଭାପତି ହୋଇ ପାରିବି ନାହିଁ ?

ଏହି ସୂତ୍ରରେ ମୁଁ ଶିଶିର ସାହିତ୍ୟ ସଂସଦର ସଭାପତି । ଖବରକାଗଜ କୃପାରୁ ମୂକ ବାଚାଳ ହୋଇପାରେ, ପଙ୍ଗୁ ଗିରି ଲଙ୍ଘନ କରିପାରେ, ପ୍ରତିନିବିଷ୍ଟ ମୂର୍ଖ ପଣ୍ଡିତାଗ୍ରଗଣ୍ୟ ହୋଇପାରେ, ଯାହାର ଦୁଇଗୋଡ଼ ଗୋଦର ସେ ପଦ୍ମଚରଣ ପଦବୀରେ ବିଭୂଷିତ ହୋଇପାରେ । ଶିଶିର ସାହିତ୍ୟ ସଂସଦର ସଭ୍ୟମାନେ ନିଜେ ଡିଣ୍ଡିମ ନିଜେ ପିଟିବାରେ ସିଦ୍ଧହସ୍ତ । କାଦମ୍ବିନୀ ଦେବୀ ସେମାନଙ୍କ ମଧ୍ୟରୁ ଜଣେ । ତାଙ୍କରି ଘରେ ବରାବର ସାହିତ୍ୟ ସଂସଦର ବୈଠକ ହୁଏ । ମୋତେ ଓ. କାଦମ୍ବିନୀ ଦେବୀଙ୍କୁ ଛାଡ଼ି ଅଉ ଜଣେ ବା ଦୁଇଜଣ ଲୋକ ଉପସ୍ଥିତ ଥିଲେ, ତାହା ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ ହୋଇଯାଏ ଓ ବଡ଼ ବଡ଼ ଅକ୍ଷରେ ଥିବା ଶିରୋନାମା ତଳେ ଦୁଇ ତିନି ସ୍ତମ୍ଭ ସମ୍ବାଦ ପ୍ରକାଶିତ ହୋଇଯାଏ । ବୋଲିବା ବାହୁଲ୍ୟ, ପ୍ରକାଶିତ ସମ୍ବାଦ ମଧ୍ୟରୁ ପ୍ରାୟ ଅଧେ ସଭାପତି—ଅର୍ଥାତ୍ ଖୋଦ ମୋର—ଅଭିଭାଷଣ, ଚାରି ଅଣା ଶ୍ରୀମତୀ କାଦମ୍ବିନୀ ଦେବୀଙ୍କ ବକ୍ତୃତା ଓ ବାକୀ ଚାରି ଅଣା ପ୍ରସ୍ତାବମାଳାର ସାରାଂଶଠାରୁ ଧନ୍ୟବାଦ ଅର୍ପଣ ପରେ ସଭାଭଙ୍ଗ ପର୍ଯ୍ୟନ୍ତ—ବିବରଣୀ ।

ଏ ଧରଣର ପ୍ରଶ୍ନର ଫଳରେ ଶ୍ରୀମତୀ କାଦମ୍ବିନୀ ଦେବୀ ନାମ୍ନୀ କବି ଆଖ୍ୟା ଅନ୍ତତଃ ଖବରକାଗଜ ସ୍ତମ୍ଭରେ ଲାଭ କରି ସାରିଛନ୍ତି । ମୋ ମନକୁ ଗୋଟାଏ କଥା ବଡ଼ ଗୁରୁତର ଭାବରେ ଆନ୍ଦୋଳିତ କଲା । ମୁଁ ଯଦି ମୋର ସହଯୋଗ ଓ ପ୍ରେରଣା ଦ୍ୱାରା ନାମ୍ନୀ କବିଙ୍କୁ ଟିକିଏ ଅଧିକ ଉତ୍ସାହିତ କରିପାରେ ତେବେ ଅଦୂର ଭବିଷ୍ୟତରେ ତାଙ୍କର କବିତା-ନିର୍ଝରିଣୀ ବିରାଟ ପ୍ରବାହରେ ପରିଣତ ହୋଇ ଉତ୍କଳ ସାହିତ୍ୟର ଉତ୍ତର ଓ ଦକ୍ଷିଣ କୂଳକୁ ପ୍ଲାବିତ କରିବ । ପ୍ରାଚୀନ କାଳରୁ କଥାଟାଏ ପ୍ରଚଳିତ ହୋଇ ଆସୁଛି ଯେ, ବିନା ଆଶ୍ରୟରେ କୁଷ୍ମାଣ୍ଡ, କବିତା, ବନିତା ଓ ଲତା ବଢ଼ି ପାରନ୍ତି ନାହିଁ । ନାମ୍ନୀ କବି କାଦମ୍ବିନୀ ଦେବୀ କବିତା ଲେଖନ୍ତି; ପରିଣତ ବୟସ ହେଲେ ହେଁ ସେ ବନିତା ଛଡ଼ା ଆଉ କିଛି ନୁହନ୍ତି; ଆଉ ଅଳଙ୍କାର ଶାସ୍ତ୍ରର କୌଣସି ଗୋଟାଏ ସୂତ୍ର ଅନୁସାରେ ବନିତାମାନଙ୍କୁ ଲତା ସହିତ ତୁଳନା କରାଯାଇଥାଏ । ସେ ଆଡ଼ୁ ଦେଖିଲେ ଶ୍ରୀମତୀ କାଦମ୍ବିନୀ ଦେବୀ ଶୁଖିଲା ନିର୍ମୂଳୀ ହେଲେ ମଧ୍ୟ ଲତା ବୋଲି ଧରି ନେବା ବେଠିକ୍ ହେବ ନାହିଁ ।

ତେଣୁ ମୁଁ ତାଙ୍କର ଆଶ୍ରୟ ପଦରେ ନିଜକୁ ନିଜେ ନିଯୁକ୍ତ କରି ଦେଲି । ଏହା ଯେ ପୁରାପୁରି ନିଃସ୍ୱାର୍ଥପର କାର୍ଯ୍ୟ ନିଜ ଗୁଣ୍ଡିରେ ହାତଦେଇ ଏ କଥା କହି ପାରିବି ନାହିଁ । ସେକ୍ରେଟେରିଏଟ୍‌ର ଦଳସାଗର ଜଞ୍ଜାଳ-ଶଗଡ଼ ମୁଣ୍ଡରେ ମୁଣ୍ଡାଇ ଘରକୁ ଫେରିବା ସଙ୍ଗେ ସଙ୍ଗେ ମୋର ପରମ-ମାନନୀୟା ପତ୍ନୀ ଦେବୀ ଝଡ଼ ଝଞ୍ଜାର ମୂର୍ତ୍ତିମତୀ ବିଗ୍ରହ ଧାରଣ କରି ମୋତେ ସ୍ୱାଗତ ସମ୍ଭାଷଣ କରନ୍ତି; ତା ସଙ୍ଗେ ସଙ୍ଗେ ସାତ ସାତଟି ପୁତ୍ର-କନ୍ୟାଙ୍କ ଅଭାବ ଅଭିଯୋଗର ଜୁଆର ମାଡ଼ି ଆସେ । ଅନ୍ତ କମ୍‌ରେ ଆଠ ଥର ଚିତ୍କାର ନ କଲେ କପେ ଚାହା ବା କିଛି ଟିକିଏ ଜଳଖିଆ ମିଳେ ନାହିଁ । ଏହା ପରେ ରାତିରେ ଭୋଜନ ଓ ଶୟନ କାଳ ପର୍ଯ୍ୟନ୍ତ ଘର ବାରଣ୍ଡା ବା ଘର ଆଗରେ ଥିବା ସରକାରୀ ଖର୍ଚ୍ଚରେ ତିଆରି ବଗିଚାର ଘାସ ଚଟାଣ ଉପରେ ଆରାମଚୌକି ଖଣ୍ଡେ ପକାଇ ସ୍ଥିତପ୍ରଜ୍ଞତା ଯୋଗର ସାଧନା କରିବାକୁ ପଡ଼େ ।

କବିମାନେ ନିଜ ନିଜ କବିତାକୁ ଯେତିକି ସୁଖ ପାଆନ୍ତି, ଉକ୍ତ ଶ୍ରେଣୀର ଶ୍ରୋତାଙ୍କୁ ତାହା ତତୋଽଧିକ ସୁଖ ଦେଇଥାଏ । ଶ୍ରୋତା ନଥିଲେ

କବିତାର ମୂଲ୍ୟ ବା କଅଣ ? ପାଠକ ନ ଥିଲେ ଲେଖାର ? ଶ୍ରୀମତୀ କାଦମ୍ବିନୀ ଦେବୀଙ୍କର ଯୌବନ-ସୂର୍ଯ୍ୟ ଯଦି ଅସ୍ତାଚଳ ଉପରକୁ ଆଉଜି ପଡ଼ି ନ ଥା'ନ୍ତେ ତେବେ ଫୁଲ ଚାରିଆଡ଼େ ଭ୍ରମର ମେଳାବାନ୍ଧିବା ପରି ତାଙ୍କ ଚାରିଆଡ଼େ ଯୁବକ ଭକ୍ତର ଅଭାବ ହୁଅନ୍ତା ନାହିଁ । ଶିଶିର ସାହିତ୍ୟ ସଂସଦର ସବୁ ସଭ୍ୟ ଅଳ୍ପେ ବହୁତେ ତାଙ୍କର ସମର୍ଥକ ହେଲେ ମଧ୍ୟ ମୁଁ ତାଙ୍କର ପ୍ରଧାନ ଭକ୍ତରେ ପରିଣତ ହେଇଗଲି ।

ଅଫିସରୁ ଫେରୁ ଫେରୁ ସାଧାରଣତଃ ସଞ୍ଜ ଗଡ଼ିଯାଏ । ଘରକୁ ନ ଆସି ସିଧା ସଳଖ ନାୟିକାଙ୍କ ଆବାସକୁ ଯାଏ । ସେଠାରେ ଭବ୍ୟ ସମ୍ବର୍ଦ୍ଧନା ସହିତ ଚାହା ଓ ଜଳଖିଆ । ତା' ପରେ ଶ୍ରୀମତୀ କାଦମ୍ବିନୀ ଦେବୀଙ୍କ କବିତା ପଠନ ଓ ମୋର ପ୍ରଶଂସା । କ୍ରମେ କ୍ରମେ ଏ ସମ୍ପର୍କ ଏତେ ବେଶୀ ବଢ଼ିଗଲା ଯେ, ତାଙ୍କ ଘରେ ଥରେ ଥରେ ନୈଶ ଭୋଜନ ସାରି ଘରକୁ ଫେରିବା ବେଳକୁ ରାତି ୧୧ଟା—ଥରେ ଥରେ ରାତି ୧୨ଟା ।

ସାହିତ୍ୟ ଆଲୋଚନା କରିବାକୁ ବସିଲେ ସମୟଜ୍ଞାନ ନ ରହିବା କଥା । ମୋର ମଧ୍ୟ ରହେ ନାହିଁ—ବିଶେଷତଃ ଶ୍ରୀମତୀ କାଦମ୍ବିନୀ ଦେବୀଙ୍କ ଘରେ । ଏକେ କବି, ତା ଉପରେ ନାରୀ । କାବ୍ୟ ରସ ସହିତ ନିତ୍ୟ-ନୂତନ ଜଳପାନ ଓ ଭୋଜନ ସମ୍ପର୍କୀୟ ଷଡ଼୍‌ରସର ସମାହାର । ଏହା ଉପରେ ଆଦର ଆପ୍ୟାୟନ ତ ଅଛି । ଏତିକ ମିଳିଲେ ମୁଁ ତ ମୁଁ, କାଠ ପଥର ମଧ୍ୟ ଭକ୍ତ ହୋଇ ଯାଆନ୍ତା—ହେଉଛନ୍ତି ମଧ୍ୟ—ଏ ତ ନାୟିକା ଶ୍ରୀମତୀ କାଦମ୍ବିନୀ ଦେବୀ ।

ମୋର ଦୈନନ୍ଦିନ କାର୍ଯ୍ୟଧାରାର ଏ ପରିବର୍ତ୍ତନ ସୁରମା ପ୍ରଥମେ ପ୍ରଥମେ ଲକ୍ଷ୍ୟ କରିପାରି ନ ଥିଲା । ମନେ କରୁଥିଲା, ଅଫିସ କାର୍ଯ୍ୟର ଭିଡ଼ ଯୋଗୁଁ ଆସିବାରେ ବିଳମ୍ବ ଘଟୁଛି । ଜିହ୍ୱାଗ୍ରଳନ ସହିତ କଣ୍ଠ ସାଧନା ପାଇଁ ତାର ତ ଉପଲକ୍ଷ ଦରକାର । ମୋ ଉପରେ ଏତିକ ନ ଚଳିଲେ ତାର ଶାନ୍ତି ନାହିଁ । ଧାରାବାହିକ ଭାବରେ ସନ୍ଧ୍ୟାରୁ ରାତି ୧୧ଟା ୧୨ଟା ପର୍ଯ୍ୟନ୍ତ ମୋର ଅନୁପସ୍ଥିତି କ୍ରମେ କ୍ରମେ ତାର ଦୃଷ୍ଟି ଆକର୍ଷଣ କଲା ।

ସୁରମା ଅଫିସରସ୍ କ୍ଲବର ଘୋର ବିରୋଧୀ । ତାର ଧାରଣା— ଧାରଣାଟା ସୁରାପୁରି ଭିତ୍ତିହୀନ ମଧ୍ୟ ନୁହେଁ—ଯେ କ୍ଲବରେ ଲୋକେ ମଦ ପିଅନ୍ତି, ଆଉ ଅପକର୍ମ କରନ୍ତି ।

ସେ ଦିନ ରାତି ୧୨ଟା ଟପି ଯାଇଥିଲା । ଘରକୁ ଫେରିଲି । ପିଲାମାନେ ଖିଆପିଆ ସାରି ଶୋଇପଡ଼ିଥିଲେ । ଚାକର; ପୂଜାରୀ ନିକଟରେ କେଉଁଠି ଯାହା ହେଉଥିଲା ଯେ, ଦେଖି ଯାଇ ଥିଲେ । ଅଫିସ୍ ଲୁଗାପଟା ଛାଡ଼ୁଛି, ସୁରମାର ଆକ୍ରମଣ ଆରମ୍ଭ ହୋଇଗଲା ।

କହିଲା, 'ଏତେ ରାତିରେ ତୁମେ ଯାଉଛ କୁଆଡ଼େ ? କ୍ଲବ୍‌କୁ ?''

ସୂକ୍ଷ୍ମରେ ଉତ୍ତରଦେଲି, 'ନା ।'

ପୁଣି ପ୍ରଶ୍ନ, ''ତେବେ ?''

ସୁରମା ଜ୍ୱଳି ଉଠିଲା ପରି କହିଲା, 'ଲାଜ ନାହିଁ । ପ୍ରେମ ?'

ଆଉ କିଛି ନ କହି ସେ ନିଜ ଘରକୁ ଯାଇ ଧଡ଼୍‌କରି କବାଟ ଲଗାଇ ଦେଲା ।

ଈର୍ଷ୍ୟା ହୋଇପାରେ ।

ନାସ୍ତି କବିଙ୍କ ଘରୁ ରାତି ଭୋଜନ ସାରି ଆସିଥିଲି । ଲୁଗାପଟା ବଦଳାଇ ଘମାଘୋଟନିଦରେ ଶୋଇପଡ଼ିଲି ।

ସକାଳେ ଉଠିବା ପରେ ଗୋଟାଏ ବଡ଼ ପରିବର୍ତ୍ତନ ମୋ ଆଖିରେ ପଡ଼ିଲା ।

ମୁଁ ସକାଳୁ ଉଠି ଖଣ୍ଡେ ଧଳା ହାଫ୍‌ପେଣ୍ଟ ସଙ୍ଗକୁ ଧଳା ହାପ୍ ସାର୍ଟ, ଗୋଡ଼ରେ ଧଳା ମୋଜା ସାଙ୍ଗକୁ ଧଳା ରବର ଯୋତା ପିନ୍ଧି, ହାତରେ ବଙ୍କୁଲି ବାଡ଼ି ଖଣ୍ଡିଏ ଧରି ବୁଲିଯାଏ—ଯାହାକୁ କହନ୍ତି ପ୍ରାତଃ-ଭ୍ରମଣ । ସିନିୟର ଆଇ:ଏ:ଏସ୍: ଅଫିସରମାନଙ୍କ ପକ୍ଷରେ ଏହା ଗୋଟାଏ ଫେସନ ।

ଗତ ୧୦ବର୍ଷ ଭିତରେ ମୁଁ ଦେଖିଛି, ବୁଲି ବାହାରିବା ବେଳକୁ ହାପ୍ ପେଣ୍ଟ ମିଳିଲେ ହାପ ସାର୍ଟ ଖଣ୍ଡେ ଖୋଜିବାକୁ ପଡ଼େ, ପଟେ ଯୋତା ର

ଫିତା କୁଆଡ଼େ ଯାଇଥାଏ, ମୋଜା ଦୁଇଟା ଧୂଳିଆ ଧୂସର ହୋଇଥାଏ, ବାଡ଼ ଝେଣ୍ଡ୍ରକର ଦେଖା ମିଳେ ନାହିଁ । ଏଗୁଡ଼ାକ ସଜାଇ ରଖିବା କାହାର କାମ ବୋଲି ଆମ ଘରେ କେହି ମନେ କରନ୍ତି ନାହିଁ । ସେ ଦିନ ସକାଳୁ ଦେଖେ, ଚୌକି ଉପରେ ତଳେ ଏସବୁ ସଜା ହୋଇ ରହିଛି—ଏପରିକି ବଙ୍କୁଲି ବାଡ଼ ଝେଣ୍ଡ୍ରକ ମଧ୍ୟ ପୋଛାପୋଛି ହୋଇ ଚୌକି ପଛରେ ଲଟକା ହୋଇଛି । ମନଟା ଖୁସି ହୋଇଗଲା ।

ଶିଶୁପୁର ଆଡ଼ୁ ଦୁଇ ମାଇଲ ପ୍ରାତଃଭ୍ରମଣ କରି ଫେରିଲା ବେଳକୁ ଦେଖେ ଟେବୁଲ ଉପରେ କପେ ଗରମ ଚାହା ଆଉ ଖବର-କାଗଜ ରଖା ହୋଇଛି; ମୋର ପାଦଶବ୍ଦ ଶୁଣି ଦ୍ୱାରର ପର୍ଦ୍ଦା ଆଢ଼େଇ ସୁରମା ମଧ୍ୟ ପହଞ୍ଚିଗଲା ।

ଏହା ମୋ ପକ୍ଷରେ ଗୋଟାଏ ନୂଆ ଅନୁଭୂତି—ଗୋଟାଏ ଅଦ୍ଭୁତ ବ୍ୟାପାର ପରି ଲାଗିଲା । ସୁରମାର ହାତ ଧରିଲା ଦିନୁ ଏ ଧରଣର ପରିସେବା ଦିନେ ହେଲେ ପାଇଥିବା କଥା ମନେପଡ଼ୁ ନାହିଁ ।

ସକାଳେ ବୁଲି ଫେରିଲେ ଘରେ 'ଚାହା ଚାହା' ବୋଲି ଅନ୍ତତଃ ପଚିଶ ଥର ବୋବାଳି କଲା ପରେ ଅବହେଳା ଭରିଲୁ ଘଉଡ଼ିଆ ଟୋକା କପେ ଚାହା ଆଣୁଥିଲା—ତାହା ପୁଣି କେଉଁ ଦିନ କଷା ତ କେଉଁ ଦିନ ପାଣିଆ, ଆଉ କେଉଁ ଦିନ ସେଥିରେ ଦୁଧ ଚଢ଼ ନ ଥାଏ ତ କେଉଁ ଦିନ ଚିନି ଲାଗି ନ ଥାଏ ।

ଖବରକାଗଜ କଥା ଆହୁରି ବିଚିତ୍ର । ସେକ୍ରେଟେରି ତ । ସବୁ ଖବରକାଗଜ ଉପରେ ଆଖି ବୁଲାଇ ଦିଆ ମୋର ଗୋଟାଏ କର୍ତ୍ତବ୍ୟ; କିନ୍ତୁ କେଉଁ ଦିନ ଖଣ୍ଡେ ଅଧେ ମିଳିଲେ ଆଉ କେଉଁ ଦିନ ଖଣ୍ଡେ ମଧ୍ୟ ମିଳେ ନାହିଁ । ବିରକ୍ତ ନ ହୋଇ ଉପାୟ ଅଛି ?

ପାଟି କଲେ ସୁରମା ପହଞ୍ଚିଯାଏ; ଆଉ ସଙ୍ଗେ ସଙ୍ଗେ ତା ପକ୍ଷରୁ ବକ୍ତୃତା ଆରମ୍ଭ ହୋଇଯାଏ—'ପାଟି କରୁଛ କାହିଁକି ? ଭାରି ତ ଗୋଟାଏ ସେକ୍ରେଟେରି ! ମାସରେ ବାଇଶି ଶହ ଟଙ୍କା ଦରମା; ସେଥିରେ ଏତିକ ଡମ ? ମୋ ବାପା ତ ମାସକୁ ୧୦ ହଜାର ୨୦ ହଜାର ଟଙ୍କା ଲାଭ କରୁ

ଥିଲେ; କେଉଁ ଦିନ ଏତିକି ରଙ୍ଗ କରୁ ନ ଥିଲେ । ପିଲାମାନେ ଖବର-କାଗଜକୁ ବହିର ମଲାଟ କରି ଥିବେ; ନ ହେଲେ ଚିରି ଉଡ଼ା କରି ଥିବେ । ଏତିକି ବୁଝିବା ଭଳି ବୁଦ୍ଧି ତୁମର ନାହିଁ ।"

ସଂସାରରେ ଦେହଟା ଜଳି ଯାଏ—ବିଶେଷତଃ ତାଙ୍କ ବାପାଙ୍କ ଆୟୁ କଥା ଶୁଣି । ବ୍ରହ୍ମଜଳରେ ଗୋଡ଼ ମିଶାଇ, ବସ୍ତ୍ରା ଓଜନରେ ହାତ ସଫାଇ କରି ଏ ଲାଭ ହୋଇଥାଏ, ଏହା ମୁଁ ଜାଣେ, ଜନଜଗତ ଜାଣନ୍ତି । କିନ୍ତୁ ଉପାୟ କଅଣ ? ମୁଁ ଦୁଇପଦ କହିଲେ, ସୁରମା ମୁହଁରୁ ଦଶପଦ ବାହାରିବ; ଚପରାସୀ, ସ୍କୁଲର ପହଞ୍ଚି ଯିବେ; ଗାନ୍ଧୁଣିଆ ଟୋକା ପହଞ୍ଚି ଯାଇ ବଡ଼ ବଡ଼ ଆଖିକରି ଏ ଦୃଶ୍ୟ ଉପଭୋଗ କରିବ; ପିଲାମାନେ ପହଞ୍ଚି ଯିବେ । ତୁମା ପଡ଼ିବା ବୁଦ୍ଧିମାନର କାମ ବୋଲି ମନେକରି ଘରେ ଥିବା ଅଫିସ ଆଡ଼କୁ ଉଠିଯାଏ ।

ଆଜି ଓଲଟା ଆଡ଼ୁ ସୁଅ ବୋହୁଥିବା ଦେଖି ଆହୁରି ଖୁସି ଲାଗିଲା ।

ଶ୍ରୀହାତକ ପିଇସାରି ଟେବୁଲ ଉପରେ କପ୍ ରଖିବା ପରେ ସୁରମା କହିଲା, "ହଇ ହେ, ଗୋଟାଏ ନୂଆ ଗାଡ଼ି···କିଣିବା ପାଇଁ କହୁ ଥିଲ ପରା ?"

ପାଟିରୁ ବାହାରି ପଡ଼ିଲା, 'ହଁ ଯେ, ଟଙ୍କା କାହିଁ ? ମାସ ଶେଷକୁ ତ ପରିବା କିଣିବାପାଇଁ ପଇସା ନ ଥାଏ । ୨୫ । ୩୦ହଜାର ଟଙ୍କା ମିଳିବ କୁଆଡ଼ୁ ?"

ସୁରମା ହସି ହସି କହିଲା, "ମଟର ଗାଡ଼ି କିଣିବାପାଇଁ ସରକାରରୁ ଋଣ ମିଳେ ପରା ?"

ଠିକ୍; କିନ୍ତୁ ମାସକୁ ମାସ ଦରମାରୁ କଟିବ; ସେତିକି ଆମେ ସମ୍ଭାଳି ପାରିବା ତ ? ଆଉ ଗୋଟାଏ କଥା । ଆମର ଯେଉଁ ମରହଟି ମାର୍କା ଗାଡ଼ି ଖଣ୍ଡେ ଅଛି; ସେ ଖଣ୍ଡ କଅଣ କରିବା ?"

ଜାଗସାପ ମୁଣ୍ଡରେ ହାତ ମାରି ଦେଲି; ଆଉ ଯାଏ କୁଆଡ଼େ !

ସୁରମାର ମୁହଁରୁ ହସ ଉଭେଇ ଗଲା, ତାହା ହଠାତ୍ ଆଷାଢ଼ ଆକାଶ ପରି ଗମ୍ଭୀର ହୋଇଗଲା । ସେ କହିଲା, 'ମୋ ବାପଘର ଯୌତୁକ । ସେ ଖଣ୍ଡିକ ଉପରେ ବସିବାର ତୁମର ଆଖି; ବିକିଦେଲେ କଳଙ୍କ ଯିବ । ଏହା ହିଁ ନା ?

ଟେବୁଲ ଉପରେ ଥିବା ଟେଲିଫୋନ୍ ବାଜିଲା ।

କହିଲି, 'ହ୍ୟାଲୋ ।'

ଉତ୍ତର ମିଳିଲା, ମୁଁ କାଦମ୍ବିନୀ ଦେବୀ କହୁଛି । ଆଜି ମୋର ଜନ୍ମଦିନ । ଉପର ବେଳା ୫ଟାରେ ମୋ ଘରେ ଅଭିନନ୍ଦନ ସଭାର ଆୟୋଜନ । 'ଆପଣ ତ ସଭାପତି ।'

କହିଲି, 'ଆପଣଙ୍କର ଜନ୍ମଦିନ, ଆନନ୍ଦର କଥା । ସଭା— ଆତୁର ଭଲ ।'

ସେ ଆଉ୍ରି ଶୁଣାଇଲା, 'ଆପଣଙ୍କୁ ମଧ୍ୟାହ୍ନ ଭୋଜନର ନିମନ୍ତ୍ରଣ । ଜାଣନ୍ତି ତ ଆଜି ରବିବାର, ନାହିଁ କରି ପାରିବେ ନାହିଁ ।'

ରିସିଭର୍ ରଖି ଦେଲି ।

ସୁରମା କହିଲା, 'କ ହାର ଜନ୍ମଦିନ ?'

ଆଖିରେ ତାର ସନ୍ଦେହର ସୂଚନା ।

କହିଲି, 'ଶ୍ରୀମତୀ କାଦମ୍ବିନୀ ଦେବୀଙ୍କର । ମଧ୍ୟାହ୍ନ ଭୋଜନ' ନିମନ୍ତ୍ରଣ ସଭା ।

ସୁରମା ବୁଝି ନ ପାରିଲା ପରି ପଚାରିଲା, 'ଭୋଜ ବୁଝିଲି, ସଭା କାହିଁକି ?'

କହିଲି, 'ସଭା—ସାହିତ୍ୟ ସଭା' ଶ୍ରୀମତୀ କାଦମ୍ବିନୀ ଦେବୀ କବି ଜାଣ ନା ?

"ଓଃ ସେ କବି; ଆଉ ତମେ ସଭାପତି—ସାହିତ୍ୟିକ ? କାହିଁରୁ ?"

ମୁଁ ନିରୁତ୍ତର ।

ଶ୍ରୀମତୀ କାଦମ୍ବିନୀ ଦେବୀଙ୍କୁ ଆମ ଘରକୁ ନିମନ୍ତ୍ରଣ କରିବାକୁ ହେବ ବୋଲି ସୁରମା ଧରି ବସିଲା । ମୁଁ ତା ସହିତ ଗୋଟାଏ ସଂଶୋଧନୀ ମିଶାଇ ପ୍ରସ୍ତାବ ଆଗତ କଲି ଯେ, ତାଙ୍କ ସହିତ ଆମର ସାହିତ୍ୟ ସଂସଦର ସଭ୍ୟମାନଙ୍କୁ ଡାକିବାକୁ ହେବ ।

ଆମର ତ ସାତଟି ସନ୍ତାନ; ଉପଲକ୍ଷ ଅଭାବ ହେଲା ନାହିଁ ।

ସେ ଦିନ ସନ୍ଧ୍ୟା । ସୁରମା ସଜବେଶ ହୋଇ ଚରଖି ପରି ଘୂରି ବୁଲୁ ଥାଏ ।

ଗୋଟି ଗୋଟି ହୋଇ ଆମ ସମିତିର ସଭ୍ୟମାନେ ପହଞ୍ଚିଲେ । ଆମ କ୍ୱାର୍ଟର ଆଗରେ ଥିବା ଲନ୍‌ରେ ଚୌକି ସବୁ ପଡ଼ିଥାଏ । ସାହିତ୍ୟ ଆଲୋଚନା ଆରମ୍ଭ ହୋଇଗଲା । ଏହାଛଡ଼ା ବା ହୁଅନ୍ତା କଅଣ ? ହିନ୍ଦୀ ଭାଷାରେ ଗୋଟାଏ କଥନ ଅଛି—

ଗଦ୍‌ଧେ ସେ ଗଦ୍‌ଧା ମିଲେ
    ସିର୍ଫ୍ ଲାତ୍ ଲାତ୍ ଔର୍ ଲାତ୍ ।
କବିସେ କବି ମିଲେ
    ସିର୍ଫ୍ ବାତ୍ ବାତ୍ ଔର୍ ବାତ୍' ।

ସୁରମା ଝରକା ଆଡ଼ ପାଖରୁ, ସମସ୍ତଙ୍କୁ ଦେଖୁଥାଏ, ଲକ୍ଷ୍ୟ କଲି । କୌତୁହଳ ନା ଈର୍ଷ୍ୟା ?

ଖଣ୍ଡେ ଫିଏଟ୍ ଆସି ଆମ ଫାଟକ ଆଗରେ ଛିଡ଼ାହେଲା । ସେଥିରୁ ବାହାରିଲେ ଶ୍ରୀମତୀ କାଦମ୍ବିନୀ ଦେବୀ । ତାଙ୍କୁ ପାଛୋଟି ଆଣିବା ପାଇଁ ଆଗକୁ ଗଲି ।

ଶ୍ରୀମତୀ କାଦମ୍ବିନୀ ଦେବୀ ସମବେତ ସାହିତ୍ୟିକଙ୍କ ମଧ୍ୟରେ ଆସନ ଗ୍ରହଣ କରିଛନ୍ତି କି ନାହିଁ, ଚପରାସୀ ଆସି ମା ଡାକୁଛନ୍ତି ବୋଲି ଖବର ଦେଲା ।

ଭିତରକୁ ଗଲି ।

ସୁରମା ହସି ହସି କହିଲା, 'ତମେ କେମିତି ଲୋକ ? ଏ ପରା ମୋର କାଦ ମାଉସୀ ।'

କହିଲି, 'କେମିତି ଜାଣିବି ?''

ସୁରମା କହିଲା, 'ତାଙ୍କୁ ଭିତରକୁ ଡାକ ।',

ଶ୍ରୀମତୀ କାଦମ୍ବିନୀ ଦେବୀ ଡ୍ରଇଂରୁମ୍‌ରେ ପଶିବା ସଙ୍ଗେ ସଙ୍ଗେ ସୁରମା ଆସି ତାଙ୍କୁ ମୁଣ୍ଡିଆ ମାରିଲା ।

ଶ୍ରୀମତୀ କାଦମ୍ବିନୀ ଦେବୀ ତା ମୁହଁକୁ ଚାହିଁ କହିଲେ, କିଏ ସୁର ?'

---

# ଘୋଡ଼ାମାର୍କା ସମାଜବାଦ

ଘୋଡ଼ା ଜାତି ଭିତରେ ଅନେକ ଶ୍ରେଣୀର ଘୋଡ଼ା ଅଛି— ଘୋଡ଼ା ଦୌଡ଼ ପଡ଼ିଆରେ ବାଜିମାତ୍ କରୁଥିବା ଘୋଡ଼ା'ଠାରୁ ଆରମ୍ଭକରି ପଶୁ ପୋଖରୀରେ ସାଲୁ ସାଲୁ ହେଉଥିବା ଲୋକଙ୍କୁ ଗାଡ଼ିରେ ନ କରି ପେଟ ବକାଳରେ ଦାନା ଲୋଡୁଥିବା ଘୋଡ଼ା ପର୍ଯ୍ୟନ୍ତ । କେଉଁ ଘୋଡ଼ା ପିଠିରେ ଆଲେକ୍‌ଜାଣ୍ଡର ବସି ବିଶ୍ୱ ବିଜୟ କରି ଥିଲେ ତ, କେଉଁ ଘୋଡ଼ା ପିଠିରେ ଲୋକ କଂସାଘଷା ଥାଳି, କଂସା, ଗଡ଼ୁ, ଗରା, ଲଦି ରବିବାର ହାଟକୁ ବସାବର ନିଏ ।

ତେବେ ଆରବ ଦେଶର ଘୋଡ଼ା ଓ ଭୁଟାନ ଦେଶର ଟାଙ୍ଗୁ (ସାନ ଆକାରର) ଘୋଡ଼ା ଖୁବ୍ ତେଜ ବୋଲି ଅଶ୍ୱଶାସ୍ତ୍ର-ବିଶାରଦ-ମାନେ କହନ୍ତି ।

କିଛିଦିନ ହେଲା ଆମ ସହରରେ ଗୋଟିଏ ତୁର୍କୀ ଟାଙ୍ଗୁ ଘୋଡ଼ା ଦେଖା ଦେଇଛି ।

ଏ ଦେଶଟା କୁଆଡ଼େ ଗଣତନ୍ତ୍ର ଦେଶ । ଏ ଗଣତନ୍ତ୍ରଟା ମୂଳରୁ ବଣତନ୍ତ୍ର ଥିଲା କି ଏବେ ହୋଇଗଲା, ସେ କଥା ଇତିହାସ ବ୍ୟବସାୟୀମାନେ ଅନୁସନ୍ଧାନ କରି ବୁଝିବେ; କିନ୍ତୁ ଏବେ ଯାହା ଚାଲୁଛି ତାହା ଭୋଟତନ୍ତ୍ର । ଯେଉଁ ଲୋକ ଜଣକ ଆଖି ବୁଜି ଦମାଦମ୍ ପଇସା ଖର୍ଚ୍ଚ କଲା, ଲୋକଙ୍କୁ ଭୁଲାଇଲା, ଠକାଇଲା, ଜାଲ କଲା, ଜୁଆଚୋରି କଲା ସେ ନିର୍ବାଚିତ ହୋଇଗଲା, ମଞ୍ଚରେ ବସିଲା, ଖାଇଲା, ପିଇଲା, ମଉଜମଜଲିସ୍ କଲା, ମୋଟରଗାଡ଼ିରୁ ତଳେ ପାଦ ପଡ଼ିଲା ନାହିଁ, ମନ ଇଚ୍ଛା ଆକାଶରେ ଉଡ଼ିଲା, ଶେଯସୁପାତିରେ ଗଡ଼ିଲା, କାଲି ଯେ କୁକୁର ପୋଇଲଠୁଁ ହୀନ ଥିଲା ତା ପାଦତଳେ ପୁଞ୍ଜା ପୁଞ୍ଜା ନୌକର ନୌକରାଣୀ ଖଟଣି କିଙ୍କର ହୋଇରହିଲେ ହାକିମମାନେ ପଛରେ ଗୋଡ଼ାଇଲେ, ପୋଲିସମାନେ ସଲାମ ଦେଲେ । ପୁରୁଷ ହେଲେ ଅପ୍ସରାମାନେ ନୃତ୍ୟ କଲେ, ନାରୀ ହେଲେ ଗନ୍ଧର୍ବମାନେ ସଙ୍ଗୀତ ବୋଲିଲେ—ଯାହାକୁ କହନ୍ତି ଇନ୍ଦ୍ରବିଭୂତି, ସେଇଆ ।

ଭୋଟ ବେପାରରେ ଯେତେବେଳେ ଏତିକି ଲାଭ, କିଣାବିକା କରିବା ପାଇଁ ଦଲାଲ ମିଳିଲେ । ସହର ବଜାରରେ, ଗାଆଁ ଗାଆଁରେ ସେମାନେ ଖେଳି ଗଲେ । ଭୋଟ ଦଲାଲ ବୋଲି ଶବ୍ଦଟା ଶୁଣିଲେ କାଳେ ଲୋକେ ହୁରୁଡ଼ି ଯିବେ, କଥାଟା କାଳେ ଫିଟି ପଡ଼ିବ, ଠକାମି କାମଟା ଅସଜ ହୋଇଯିବ, ସେଥିପାଇଁ ଗୋଟାଏ ଗୋଟାଏ ସଂଘ, ଅନୁଷ୍ଠାନ, ଦଳ, ପରିଷଦ ଦରକାର । ବିନା ସୂତାରେ ହାର ତ ଭେକ ନ ଥିଲେ ଭୋଟ-ଭିଖ ମିଳିବ କୁଆଡ଼ୁ ? ବର୍ଷାଦିନେ ପଡ଼ିଆବାଡ଼ିରେ ଛତୁ ଫୁଟିଲା ପରି ଦେଶସାରା ଏଗୁଡ଼ାକ ମାଡ଼ିଗଲେ ।

ଖାଲି ଏତିକି ହୋଇଥିଲେ ରକ୍ଷା ଥିଲା । ଯେ ଯେତିକି ଭୋଟରଙ୍କୁ ଏକାଠି କରି ନିଜ ଅକ୍ତିଆରରେ ରଖି ପାରିଲା, ବର୍ତ୍ତମାନର ସୁବିଧା ଆଉ ଭବିଷ୍ୟତର ସୁଯୋଗକୁ ଆଖି ଆଗରେ ରଖି ମନ୍ତ୍ରୀ ମନ୍ତ୍ରୀଆଣୀମାନେ ତାକୁ ସେତିକି ଡରିଲେ । ମନ୍ତ୍ରୀ ଡରିବା ସଙ୍ଗେ ସଙ୍ଗେ ହାକିମ ହୁକୁମା ମଧ୍ୟ ଡରିଗଲେ ।

ଚୋରି ଯେଉଁମାନଙ୍କ ବେଉସା ସେମାନେ ସାଧୁ ସମ୍ମିଳନୀ ଗଢ଼ିଲେ, ଯେଉଁ ବେପାରୀମାନେ ଲୋକଙ୍କୁ ଭେଜାଲ ଜିନିଷ ବିକି, କଳାବଜାର କରି, ଦର ବଢ଼ାଇ ରକ୍ତ ଶୋଷି, ପିଲାଙ୍କ ମୁହଁରୁ ଆହାର କାଢ଼ି ନେଇ ନିଜେ ଲକ୍ଷପତି ହେବେ ବୋଲି ଲାଗିଛନ୍ତି, ସେମାନେ ଜନସେବକ ମଣ୍ଡଳୀ ଗଢ଼ିଲେ ସାହିତ୍ୟର ସୀମା ଭିତରକୁ ଯେଉଁମାନଙ୍କର ପ୍ରବେଶ ନିଷେଧ ସେମାନେ ସାହିତ୍ୟ ସମାବେଶ ପ୍ରତିଷ୍ଠା କଲେ; ଅନ୍ଧାରୁଆ ଗଳିର ପତିତାମାନେ ଦକ୍ଷ ସଂଘ ସ୍ଥାପନ କରି ସମାଜର ଆକ୍ରମଣ ମୁହଁରୁ ନିଜ ବ୍ୟବସାୟକୁ ରକ୍ଷା କଲେ; ପକେଟମାରମାନେ ସେବା ସଂଘ ଗଢ଼ିଲେ । ଗୁଣ୍ଡାମାନେ ଶାନ୍ତି ଅନୁଷ୍ଠାନ ଖୋଲିଲେ । ଏହି ଅନୁକ୍ରମେ ଆମ ସହରରେ ଏତେ ଅନୁଷ୍ଠାନ ପ୍ରତିଷ୍ଠାନ ଗଢ଼ି ହୋଇଯାଇଛି ଯେ, ଆମ ବଜାରରେ କି ବୁଢ଼ା କି ଟୋକା, କି ପୁରୁଷ କି ସ୍ତ୍ରୀ ଶେଷକୁ ଚାରି ପାଞ୍ଚ ବର୍ଷିଆ ପିଲା ପର୍ଯ୍ୟନ୍ତ ସମସ୍ତେ କୌଣସି ନା କୌଣସି ସମିତି, ସଂଘ, ଅନୁଷ୍ଠାନ, ପ୍ରତିଷ୍ଠାନର ସଭ୍ୟ ନ ହୋଇ ଛାଡ଼ି ପାଇ ନାହାନ୍ତି । ଗୋଟାଏ ଗୋଟାଏ ଘରେ ପୁରୁଷ ଯଦି ନର ସଂଘର ସଭ୍ୟ ତ ସ୍ତ୍ରୀ ମହିଳା ସମିତିର ସଭ୍ୟା; ପୁଅ ଯଦି ପାଠ ପଢ଼ୁଛି ତ ଯୁବ ସଂସଦର ମେମ୍ବର, ଝିଅ ଯୁବତୀ ସଂଘର, ଚାରି ପାଞ୍ଚ ବର୍ଷିଆ ପିଲା ଶିଶୁ ସମିତିର

ସହସ୍ର ସଭାପତି । ଜାତି ଅନୁସାରରେ ମଧ୍ୟ ବ୍ରାହ୍ମଣ ସମିତି, କରଣ ସମାଜ, ବଣିଆ ସଂସଦ  ଗୋପାଳ ସଂଘ, ଏପରି କି ହାଡ଼ି ସମିତି, ପାଣ ପ୍ରତିଷ୍ଠାନ ଉପରକୁ ହରିଜନ ମହାସମ୍ମିଳନୀ ପର୍ଯ୍ୟନ୍ତ ସବୁ ରହିଛି । ଯେ ମାଲିକ ତାର ଅନୁଷ୍ଠାନ ରହିଛି ତ ଯେ ମୂଲିଆ ତାର ସଂଗଠନ ଅଛି । ଜଙ୍ଗଲ ସମିତି ଅଛି, ତା ପଛକୁ ଭଡ଼ାଟିଆ ସଭା ରହିଛି । ଦୋକାନୀମାନଙ୍କ ଭିତରେ ପାନବାଲାଠାରୁ ଆରମ୍ଭ କରି ମଦବାଲା ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟାଏ ଗୋଟାଏ ମହାସଭା ମେଲି ଯାଇଛି ।

ଧର୍ମରେ ତ ଯେତେ ମତ, ସେତେ ପଥ । କେହି ଚିତାକଟା ସମିତିର ସଭ୍ୟ ତ, କେହି କୌପୀନ ପିନ୍ଧା ସଂଘର, କେହି ଦୁର୍ଗା ମଣ୍ଡପ ସମିତିର ସଭ୍ୟ, ତେବେ ଆଉ କେହି ମହାଦେବ ମନ୍ଦିର କମିଟିର, କେହି ବୈଷ୍ଣବ ସଙ୍ଘର ତ ଆଉ କେହି ଶାକ୍ତ ମହାସଙ୍ଘର  କେତେକ ପୁଣି ଧର୍ମ ମତ ବିରୋଧୀ ମହାସମିତିର ।

ପୁଣି ଦେଶଟା ତ ମହାପୁରୁଷଙ୍କ ଦେଶ, ହଜାର ହଜାର ବର୍ଷ ଧରି ଏ ଦେଶରେ ହଜାର ହଜାର ମହାପୁରୁଷ ଜନ୍ମ ହୋଇଛନ୍ତି; ଏବେ ବି ତାଙ୍କ ବଂଶ ଯେ ବୁଡ଼ି ନାହିଁ, ସେତିକି ନୁହେଁ । ଏବେ ଘରେ ଘରେ ମହାପୁରୁଷ ଜନ୍ମିଲେଣି । ଆମ ବଜାରର ମାଗିଖିଆ ବନା ଗତ କେତେ ଦିନ ହେବ ବନମାଳୀ ବାବା ହୋଇଯାଇଛି—ଶହ ଶହ ଶିଷ୍ୟ, ଧୂନି ଲାଗିଛି, ଚିଲମ ଚାଲୁଛି, ବାବାଙ୍କ ମହିମା ପ୍ରଚାର ପାଇଁ ବହି ଛପା ହୋଇ ବଣ୍ଟା ହେଉଛି ।

ଗରିବ ବାବା, ବଣ୍ଡ ନେକ ବାବ // ସମସ୍ତେ ଯୋଗୀ, ସମସ୍ତେ ସାଧକ, ସମସ୍ତେ ମହନ୍ତ, ପୁଣି ସମସ୍ତେ ମାତା । ହିନ୍ଦୁଙ୍କ ଭିତରେ ସାଧୁ, ସନ୍ନ୍ୟାସୀ ତ ମୁସଲମାନଙ୍କ ଭିତରେ ପୀର ଫକୀର; ଖ୍ରୀଷ୍ଟାନଙ୍କ ଭିତରେ ବିଶପ୍‌ଠାରୁ ମେଷପାଳକ ପର୍ଯ୍ୟନ୍ତ ଥିଲେ, ଏବେ ସେମାନଙ୍କ ମଧ୍ୟରେ ଗେରୁଆବସନଧାରୀ ମହାପୁରୁଷମାନଙ୍କର ଆବିର୍ଭାବ ହୋଇଛି ।

ଚାରିଆଡ଼େ ଏ ତ ସଭାସମିତି, ପଟୁଆର, ବିକ୍ଷୋଭ, ଏତେ ରଡ଼ି, ଏତେ ଧ୍ୱନି ଲାଗି ରହିଛି ଯେ କେହି କାହା କଥା ଶୁଣି ପାରୁ ନାହାନ୍ତି,

ଶୁଣିଲେ ତା ମୁଣ୍ଡରେ ପଶୁ ନାହିଁ । ସବୁର ମୂଳେ ଭୋଟ କିଣା ବିକାର କୌଶଳ ।

ଘନବନ୍ଧୁ ପ୍ରଧାନ ବି. ଏ. ପାସ୍ କରି ବେକାର । ଦୁଇ ବର୍ଷ କାଳ ଘୂରା ଫେରା, ଧାଁ ଦଉଡ଼, ହୋଇ ବୁଲୁବୁଲି କରୁ କରୁ ନେତା ହେବା ମତଲବ ତାଙ୍କ ମୁଣ୍ଡରେ ଗଜାମାରିଲା । ସେ ଭାବି ଦେଖିଲା, ନେତା ହେବା ଯେତେ ସହଜ, ଭୋଟ ମିଳିବା ସେତିକି ସହଜ ନୁହେଁ । ନେତା ହେଉ ହେଉ ମନ୍ତ୍ରୀ; ମନ୍ତ୍ରୀ ହେଲେ ଅନେକ ଖାଇପିଇ ମଉଜରେ ରହିବ, ଆଗାମୀ ସାତ ପୁରୁଷଙ୍କ ମଉଜ ପାଇଁ ସମ୍ପତ୍ତି ସମ୍ପାଦି ଦେବ ।

ପ୍ରଧାନଙ୍କ ମୁଣ୍ଡରେ ଏ ଗଜା ମାରିବାର କାରଣ ଅଛି । ଭୋଟ ଖୋଜିବା ପାଇଁ ବୁଲୁବୁଲି କରିବାରେ କଲେଜ ଅମଳର ପଚାଶ ଟଙ୍କିଆ ଯୋଡ଼ା ହ'ପଟ ଯେତେ ହୋଇ ଶେଷ ହୋଇଗଲା । ତା' ପରେ ଭରସା । ବସ୍ତା କଣ୍ଢରେ ଝୁଲି ହୋଇଥିବା ଅଢ଼େଇ ଟଙ୍କିଆ ରବର ଚପଲ । ରିକ୍ସା ଖର୍ଚ୍ଚ ପାଇଁ ପଇସା ନାହିଁ; ଟାଉନ ବସ୍‌ରେ ଫି ଥର ପାଞ୍ଚ ଦଶ ନୂଆ ପଇସା ଖର୍ଚ୍ଚ କରିବା ପାଇଁ ସମ୍ବଳ ଅଭାବ । ଉପାୟ ବିନୋବା ଭାବେଙ୍କ ପଦଯାତ୍ରା । ସେତିକି କରୁ କରୁ ଚପଲ ଛିଣ୍ଡିଲା । କଲେଜ ଅମଳର ପ୍ୟାଣ୍ଟ, ସାର୍ଟ ଛିଣ୍ଡିଲା । ଖାଲି ଗୋଡ଼, ଛିଣ୍ଡା ପୋଷାକ ଦେଖି ମଧ୍ୟ କାହାରି ମନରେ ଟିକିଏ ହେଲେ ଦୟା ହେଲା ନାହିଁ । ଯେଉଁ ଅଫିସକୁ ଗଲେ, କାମ ନାହିଁ, ଭିତରକୁ ପ୍ରବେଶ ନିଷେଧ ।

ଖରା ଥର ଦ୍ୱି'ପ୍ରହର । ମୁଣ୍ଡ ଉପରେ ମାର୍ତ୍ତଣ୍ଡ ତେଜ । ପେଟଟା ଖାଲି । କପେ ଚାହା କିଣି ଖାଇବା ପାଇଁ ମଧ୍ୟ ପକେଟରେ ପଇସା ନାହିଁ । ମନରେ ହତାଶା, ନିରାଶା; ଦେହ ଶ୍ରାନ୍ତ, କ୍ଲାନ୍ତ, ଅବସନ୍ନ । ଘନବନ୍ଧୁ ବାଟ କଡ଼ରେ ଥିବା ଗୋଟାଏ ଗଛ ଛାଇରେ ବସି-ପଡ଼ି ଶୂନ୍ୟ ଦୃଷ୍ଟିରେ ଉତ୍ତପ୍ତ ଆକାଶ ଆଡ଼କୁ ଚାହିଁ ରହିଲା ।

ଆଗରେ ମନ୍ତ୍ରୀ ଅଗାଧୁ ମଲିକଙ୍କର ମଟର କାର ଧାଇଁ ଚଳି । ଗାଡ଼ି ଆଗରେ ଥିବା ବନେଟ ଉପରେ ପତାକା ଝୁଲି । ମନ୍ତ୍ରୀଙ୍କ ଭିତରେ ଥିବା ସରକାରୀ କ୍ଷମତା ପରି ଜାତୀୟ ପତାକା ପ୍ଲାଷ୍ଟିକ୍ ଖୋଳ ଭିତରେ

ବିରଞ୍ଜିତ । ଗଡ଼ି ଖଣ୍ଡକର ମଧ୍ୟ ସରକାରୀ କ୍ଷମତା କି ନା; ଏହି ଖୁଣ୍ଟରୁ ସେ ଖଣ୍ଡିକ ଘୋଷଣା କରୁଛି—'ବାଟ ଛାଡ଼ ହେ, ମନ୍ତ୍ରୀବର ଯାଉଛନ୍ତି ।

ଏହି ଅଗାଧୁ ମଲିକ ଜୀବନରେ ହାଡ଼ି—ଆଜିକାଲି ହରିଜନ । ଟିପ ଦେଇ ଝିଙ୍କ୍ ସନ୍ତକ କରିବା ଛଡ଼ା ବିଦ୍ୟା କେଉଁଠି ବାଟ ପାଇପାରି ନାହିଁ । ତାଙ୍କ ମାଆ ଦାଣ୍ଡ ଝାଡ଼ୁ କରୁ ଥିଲା, ବାପା ମଲା ଗୋରୁର ଚମଡ଼ା ଛଡ଼ାଇ ଚମଡ଼ାବାଲା ପଠାଣକୁ ବିକ୍ରୀ କରୁ ଥିଲା । କେଉଁ ଦିନ ମୁଠାଏ ଖାଇଲେ ତ କେଉଁ ଦିନ ଉପାସ । ଏହି ଅଗାଧୁ ଆଜି ମନ୍ତ୍ରୀ —ମାନ୍ୟବର ଅଗାଧୁ ମଲିକ ସେ ଆଜି ମଟରରେ ହକ୍କେଇ ବୁଲୁଛି । [illegible] ବି: ଏ: ଭେ ଓଡ଼ିଆ ନେଇ ଥିଲା ନା, ଯଦୁମଣିର ଗୋଟାଏ ପଦ ତା ମନେ ପଡ଼ିଗଲା—

ହାଡ଼ି ପଣ ପୁଅ ଘାଣ୍ଟ ଏସନ,
ତାତ୍ ପାଖେ ନ ମିଳଇ ବାସନ ।
ନାଡ଼ି ଅଛି କଣ୍ଠେ ଗଜ ମୁକୁତା,
ତା'ଭି ଅଛି ମହଣଗ୍ରନ୍ଥି ଦେବିତା
ପଡ଼ିଛି ଘାଟରେ
ମାଡ଼ୁଛି ଜଗି ଯୋଡାକୁ ବାଟରେ ।

ମନ୍ତ୍ରୀଙ୍କ ଶ୍ରୀଗୋଡ଼ ଦର୍ଶନ ଫଳରେ ହେଉ ବା ଯଦୁମଣି ସାହିତ୍ୟର ପ୍ରଭାବ ଫଳରେ ହେଉ ବିଜୁଳି ଚମକ ପରି ଘାସିବନ୍ଧୁ ମନରେ ଗୋଟାଏ ସଂକଳ୍ପ ଦେଖା ଦେଲା—ସେ ମନ୍ତ୍ରୀ ହେବ, ତା ଆଗରୁ ସେ ମନ୍ତ୍ରୀମାନଙ୍କୁ ତର ଖଟଣୀ, ଜଙ୍ଗଲରେ ଚରିଣତି କରିବ ।

ସେ ମନେକଲା, ତା ଦେହର ବଳ, ମନର ଦମ୍ଭ ଫେରି ଆସିଛି । ସେ ତା ବସା ଆଡ଼କୁ ବୁଲିଲା ।

ପିଚୁ ରାସ୍ତା । ଖରାରେ ତାତି ନରମ ହୋଇ ଯାଇଛି । ଖାଲି ଗୋଡ଼ । ଘାସିବନ୍ଧୁ ବୁଲିଲା ।

ଅନ୍ଧାରୁଆ ଅଣଓସାରିଆ ଗଳି । ତା ଭିତରେ ବଖରାଏ ଘରକୁ ଘର । ଛପର ଉପରୁ ଛଣ ଉଡ଼ି ଯାଇଛି, ଚନ୍ଦ୍ର ସୂର୍ଯ୍ୟ ଆତଯାତ ହେଉଛନ୍ତି । ଭିତରେ ଖଣ୍ଡେ ପୁରୁଣାପଟା ଖଟ । ସେଥିରୁ ଗୋଟାଏ ଗୋଡ଼ ଉଡ଼ି

ଯାଉଛି, ଇଟା ଉପରେ ଇଟା ଖଞ୍ଜି ଠେଙ୍ଗାଙ୍କର କାର୍ଯ୍ୟ ଚଳାଇ ଦିଆ ଯାଉଛି । ତାର ଉପରେ ସବୁ ହୋଇଥିବା ଦରଛିଣ୍ଡା ମସିଣା ଖଣ୍ଡିକ ଉପରେ ଚିତ୍ ହୋଇ ପଡ଼ି ପଡ଼ି ଦୀନବନ୍ଧୁ ଘରର କଣା ବାଟେ ଦିଶୁଥିବା ଆକାଶ ଆଡ଼କୁ ଚାହିଁ ରହିଛି । ତା ମନରେ ପ୍ରଶ୍ନ ପରେ ପ୍ରଶ୍ନ ।

ନେତା ତାକୁ ହେବାକୁ ହିଁ ହେବ । ତା ପରେ ମନ୍ତ୍ରୀ ପଦ ତା ଗୋଡ଼ ତଳେ ଥୁଆ । କିନ୍ତୁ ସେ ନେତା ହେବ କିପରି ? ଏହା ହିଁ ପ୍ରଶ୍ନ ।

ଦଳଟାଏ ନ ଥିଲେ ସେ ବା ନେତା ହେବ କେମିତି ? ଯେତେ ଅଛି, ସେଥିରେ ନେତା ପଦ ପାଇଁ ଠେଲା ପେଲା, ମାଡ଼ଗୋଳ । ସେ ସବୁରେ ପଶିଲେ ଲାଭ କଅଣ ? ସେ ସିନା ନେତାଙ୍କ ବୋକଚୁବୁଦା ହୋଇ ପାରିବ, ନେତା ହେବ କିପରି ? ନେତା ନ ହେଲେ ମନ୍ତ୍ରୀ ହେବାର ଆଶା ବା କାହିଁ ?

ସେ ସ୍ଥିର କଲା, ସେ କୌଣସି ଦଳରେ ମିଶିବ ନାହିଁ—ନିଜର ଗୋଟାଏ ଦଳ ଗଢ଼ିବ । ତା ହେଲେ ମୂଳରୁ ହିଁ ତାକୁ ନେତା ଆସନ ମିଳିଯିବ ।

ଖବରକାଗଜ ପ୍ରସାଦରୁ ସବୁ ବିଷୟରେ ସମସ୍ତେ ନିଜକୁ ପଣ୍ଡିତ ମନେ କରୁଛନ୍ତି । ପୁଞ୍ଜିବାଦ, ସମାଜବାଦ, ନରମବାଦ, ଗରମବାଦ, ପରମବାଦ, ଚରମବାଦ ସବୁ ରାଜନୀତିକ ମତବାଦ, ଏପରି କି ରାଜନୀତିକ ମଇଦାନରେ ସବୁ ବାଦବିବାଦ ବିଷୟରେ ପ୍ରତ୍ୟେକେ ନିଜ ନିଜକୁ ଧୁରୀଣ ମନେ କରନ୍ତି, ତାକୁ ଧରି ତର୍କ କରନ୍ତି, କଳି ଲଗାନ୍ତି, ଧମକ ଧକ୍କା ଦିଅନ୍ତି । ଦୀନବନ୍ଧୁ ପ୍ରଧାନ ସେମାନଙ୍କ ଭିତରୁ ଜଣେ । ଏ ଦେଶରେ ବା ବିଦେଶରେ ଯେତେ କିସମର ରାଜନୀତିକ ମତବାଦ ଅଛି ସେ ସବୁ ମତ-ବାଦକୁ ଠେକି ଧରି ଦଳେ ଦଳେ ଲୋକ ଗୋଟାଏ ଗୋଟାଏ ଅନୁଷ୍ଠାନ ରଖିଛନ୍ତି । ସେ ସବୁର ନେତା ଅଛନ୍ତି । ସେମାନେ ସମସ୍ତେ ସର୍ବଜ୍ଞ, ସର୍ବଗାମୀ, ସର୍ବହରାଠାରୁ ଆରମ୍ଭ କରି ସର୍ବଗିଳା ପର୍ଯ୍ୟନ୍ତ । ସେଥିପାଇଁ ଲୋକଙ୍କ ମତରେ, ସେ ସବୁ ପୁଅର ମାମୁଁମାନେ—ସ୍ୱୈର । ଘୃଣା ନ ପାଇ ସିନା ଦୀନବନ୍ଧୁ ନେତା ହେବାକୁ ବସିଛି ! ଏ ପର୍ଯ୍ୟନ୍ତ ତା ଚମଡ଼ାରେ ଏପରି ବେଣ୍ଡି ହୋଇ ନାହିଁ ଯେ, ନିଆଁ ଖୁଣ୍ଟା ଗେଞ୍ଜିଲେ ବି

ଠେଙ୍ଗ ହେବ ନାହିଁ । କେବଳ ତାଙ୍କୁ ଶ୍ୱେତ ମନେ କରନ୍ତୁ, ତାହା ସେ ସହେଁ ନାହିଁ—ଶ୍ୱେତ ବୋଲି ଶୁଣିଲେ ତାଙ୍କୁ ବାଧିବ । ତେଣୁ କଣାଶୁଣା ରାଜନୀତିକ ମତବାଦକୁ କେନ୍ଦ୍ର କରି ସେ ତା [illegible]ିବ ନାହିଁ ।

ଧାର୍ମିକ ମତକୁ ଧରି ଦଳ ଗଢ଼ିବା ମଧ୍ୟ ମହା ଅସାର । ବିବେକା-ନନ୍ଦଙ୍କଠାରୁ ଭୋଳା ନନ୍ଦ ପର୍ଯ୍ୟନ୍ତ ଧର୍ମ ପକ୍ଷରେ ଏପରି ଲାଗି ରହିଛନ୍ତି ଯେ, ମୁହଁରେ ଦାଢ଼ି, ମୁଣ୍ଡରେ ଜଟା ଧରି ଦେହରେ ପାଉଁଶ ବୋଳି ହୋଇ ହାତେ ଲମ୍ବର ଗଞ୍ଜେଇ ଚିଲମ ପାଖରେ ରଖି ଗଛ ମୂଳରେ ସିଦ୍ଧ ବାବା ହୋଇ ବସିଲେ ହୁଏତ [illegible] ଦଶଟା ଶିଷ୍ୟ ମିଳି ଯିବେ, ସେ ହୁଏତ ସେମାନଙ୍କର ନେତା ହେବ, କିନ୍ତୁ ଏ ବାଟ ଧରିଲେ ମନ୍ତ୍ରୀ ତ ହୋଇ ପାରିବ ନାହିଁ ।

ତେଣୁ ସେ ଠିକ୍ କଲା ଯେ, ଗୋଟାଏ କିଛି ଆଖିଦୃଶିଆ ନୂଆ ତତ୍ତ୍ୱ ସ୍ଥିର କରି ସେ ନିଜେ ଗୋଟାଏ ନୂଆ ଦଳ ଗଢ଼ିବ ।

ଚୈତ୍ର ମାସ । ବଜାରରେ ଘୋଡ଼ା ନାଚ ହେଉଥିବ । ସେ ବାଜା ତା କାନରେ ବାଜିଲା । ନିଉଟନ୍ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କଲା ପରି ତା ମସ୍ତିଷ୍କରେ ଗୋଟାଏ ନୂଆ ତତ୍ତ୍ୱ ଦେଖାଦେଲା—ଘୋଡ଼ା ତତ୍ତ୍ୱ । ସେ ଉଠି ପଡ଼ି ନିଜ ଜଙ୍ଘ ଉପରେ ଚାପୁଡ଼ା ମାରି ନେପଥ୍ୟେ ଶଙ୍ଖଧ୍ୱନି ପରି ସ୍ୱଗତୋକ୍ତି କଲା, 'ଠିକ୍ ଘୋଡ଼ା ଦଳ । ହେଲା, ହେବ, ନିଶ୍ଚୟ ହେବ ।"

ହଁ, ଘୋଡ଼ା ଦଳ । ଏହା ଆକାଶବାଣୀର ଶାସ୍ତ୍ରୀୟ ସଙ୍ଗୀତ ପରି ଶାସ୍ତ୍ରୀୟ ହେବ । ଘୋଡ଼ା ଅର୍ଥ ଅଶ୍ୱ । ଅଶ୍ୱ ଶାସ୍ତ୍ର ଅଛି; ଏହି ଶାସ୍ତ୍ର ଏ ଦଳକୁ ସମର୍ଥନ କରିବ । ପୁଣି ପ୍ରାଚୀନ ଯୁଦ୍ଧବିଦ୍ୟାରେ ଯେଉଁ ଚତୁରଙ୍ଗ ବଳର କଥା ଲିପିବଦ୍ଧ ତା ମଧ୍ୟରେ ରଥ, ଗଜ, ଅଶ୍ୱ ଓ ପଦାତିକ ଏହି ଚାରି ଅଙ୍ଗ ବୋଲି ଉଲ୍ଲେଖ ରହିଛି । ବେଦର ଅଶ୍ୱମେଧ ଯଜ୍ଞର କଥା, ମହାଭାରତର ଶହ ଶହ ସ୍ଥାନରେ ଘୋଡ଼ା କଥା । ଘୋଡ଼ାର ଆଉ ଗୋଟାଏ ପ୍ରତିଶବ୍ଦ ହୟ । ହୟଗ୍ରୀବ ଦେବତା ତ ଅଛନ୍ତି । ଭଗବତ୍ ଗୀତାରେ ଧଳା ଘୋଡ଼ା—ଶ୍ୱେତ ହୟ—କଥା ରହିଛି । ଘୋଡ଼ାର ଆଉ ଗୋଟାଏ ପ୍ରତିଶବ୍ଦ ବାଜୀ । ବୈଦ୍ୟଶାସ୍ତ୍ରରେ ବାଜୀକରଣ ଔଷଧ କଥା

ଲେଖା ହୋଇଛି । ଆଜିକାଲି ଜଡ଼ିବୁଟି ଦୋକାନରେ ଗଞ୍ଜେଇ ମୋଦକ ବାଜୀକରଣ ଔଷଧ ନାମରେ ସବୁଠାରୁ ବେଶି ପରିମାଣରେ ବିକ୍ରୀ ହେଉଛି ।

ଇତିହାସରେ ଭାରତ, ମିଶର, ଏସିରିୟା, ବ୍ୟାବିଲନ୍, କ୍ରୀଟ, ଗ୍ରୀସ୍, ରୋମଠାରୁ ଆରମ୍ଭକରି ପ୍ରଥମ ମହାଯୁଦ୍ଧ ପର୍ଯ୍ୟନ୍ତ ଘୋଡ଼ାର ଭୂରିଭୂରି ପ୍ରଶଂସା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଟ୍ୟାଙ୍କ, ସାଞ୍ଜୁଆ ମଟର ଗାଡ଼ି ଆଦି ବୈଜ୍ଞାନିକ ଯାନ ପ୍ରଚଳିତ ହୋଇ ହାତୀ, ଘୋଡ଼ା ଓ ରଥର ସ୍ଥାନ ଅଧିକାର କରି ଥିଲେ ମଧ୍ୟ ଘୋଡ଼ାର ଅନ୍ତିମ ପିଲ୍ଲ ଖଚ୍ଚର ନ ହେବା ପର୍ଯ୍ୟନ୍ତ ପାର୍ବତ୍ୟ ସଂଗ୍ରାମ ହୋଇ ପାରୁ ନାହିଁ ।

ବିଜ୍ଞାନ ଯେତେ ବଢ଼ିଲେ ମଧ୍ୟ ପ୍ରତ୍ୟେକ ଇଞ୍ଜିନ ଅଶ୍ୱଶକ୍ତି ମାନଦଣ୍ଡରେ ହିସାବ କରା ଯାଉଛି; ସେ କ୍ଷେତ୍ରରେ ବଳଦ ଶକ୍ତି କଥା ତ ଉଠୁ ନାହିଁ ।

ଘୋଡ଼ା ଜାତିର ଐତିହ୍ୟ, ସଂସ୍କୃତି ଓ ସଭ୍ୟତା ସବୁ ଦିଗରୁ କି ପ୍ରାଚୀନ କି ଅର୍ବାଚୀନ ସବୁ କ୍ଷେତ୍ରରେ ସ୍ୱୀକୃତ । ଘୋଟକ ସମାଜ ଗୋଟାଏ ଅନ୍ତର୍ଜାତିକ ଅନୁଷ୍ଠାନ । ଘାନବନ୍ଧୁ ଭଙ୍ଗା ଟଟୁ ଉପରେ ଚଢ଼ି, ଗୃହଜଣା ବାଟେ ଆକାଶକୁ ଚୁହିଁ ଚୁହିଁ ଯେତିକି ଭାବିଲା ତା ଉତ୍ସାହ ସେତିକି ବଢ଼ିଗଲା । ତାର ବର୍ତ୍ତମାନ ଅବସ୍ଥା କଥା ସେ ପୁରାପୁରି ଭୁଲି ଗଲା । କାହା ଆଗରେ ଏ ମହାତତ୍ତ୍ୱର ବ୍ୟାଖ୍ୟା କରି ସେ ସମର୍ଥନ ଲାଭ କରିବ ଏଥି-ପାଇଁ ତାହା ବ୍ୟଗ୍ର ହୋଇ ପଡ଼ିଲା ।

କେଶୋଡ଼ିମଲ୍ ଅଗରଓ୍ୱାଲ ଘାନବନ୍ଧୁର କଲେଜ ଅମଳର ଅନ୍ତରଙ୍ଗ ବନ୍ଧୁ । ଘାନବନ୍ଧୁଙ୍କ ସହିତ ସେ ମଧ୍ୟ ବି. ଏ. ପାସ୍‌କରି ତା ପିଉସା ପୁଅ ଭାଇର ଶଳା ହନୁମାନ ଲାଲଙ୍କ ଗଦିରେ ବିକ୍ରୀ ଟିକସ ଫାଙ୍କିବା କାର୍ଯ୍ୟରେ ମାସିକ ୩୦୦ ଟଙ୍କା ବେତନରେ ନିଯୁକ୍ତ । ତା ବାପା ରାମକୁମାର ସହର ଭିତରେ କୋଟିପତି ହେବା ଉଦ୍ଦେଶ୍ୟରେ ସନ୍ଧ୍ୟା ଖେଳ ଦୋକାନରେ ଯେତେବେଳେ ଲାଲବତି ଜଳାଇ ଦେଲେ, ସେତେବେଳେ କେଶୋଡ଼ିମଲ୍ ପିଲା । ସେହି ସମୟରୁ ସେ ଦେଖି ଆସୁଛି, ତା ବାପା ଠେଲାଗାଡ଼ି ଖଣ୍ଡିକରେ ଗୁପ୍‌ଚୁପ୍ ଓ ମାଠିଆଏ ତେନ୍ତୁଳି ପାଣି ଧରି ବଜାର ବୁଲିବୁଲୁଛି ।

କଲେଜ ପଢୁଥିଲାବେଳେ ସେ ଗୋଟାଏ ସମାଜବାଦୀ ଦଳର ପାଲରେ ପଡ଼ି ସମାଜବାଦୀ ହୋଇଗଲା । ସେହି ସମୟରୁ ସେ ନିଜକୁ ନ ଶ୍ରେଣୀର ଲୋକ ବୋଲି ଧରି ନେଇଛି । ମାର୍କସଙ୍କ ଉପରେ ତାର ବିଶ୍ୱାସ କ୍ରମେ ଦୃଢ଼ ହୋଇଗଲା । ମାର୍କସ ତ କହିଛନ୍ତି, ଶ୍ରେଣୀ ସଂଘର୍ଷ ଦ୍ୱାରା ମାନବ ସଭ୍ୟତାର ଅଗ୍ରଗମନ ଘଟିବ । କେଶରୋଡ଼ିମଲ ସେହି ଦିନକୁ ଚାହିଁ ବସିଛି । ଏ ସଂଘର୍ଷ ଲାଗିଲେ ସେ କୌଣସି ଜଣେ କୋଟିପତିର ସିନ୍ଦୁକର ଭାଙ୍ଗି ଲୁଟ ହୋଇଥିବା ସେ ଧନରୁ ଅନ୍ତତଃ ଦଶ କୋଡ଼ିଏ ଲକ୍ଷ ଟଙ୍କା ମାରି ଆଣି ନିଜେ ଥଳିବାଲା ହୋଇଯିବ, ଏହା ହିଁ ତାର ପରିକଳ୍ପନା । ଏହି କାରଣରୁ ସେ ଜଣେ ସମାଜବାଦୀ ।

ସେ ଦିନ ବିକ୍ରୀ ଟିକସ ହାକିମ ବଜାରରେ ପହଞ୍ଚିବା ଖବର ପାଇ ହନୁମାନ ଲାଲ ଦୋକାନ ବନ୍ଦକରି ଦେଇଥାଏ । ଏହି ସୁବିଧା ପାଇ କୋରୋଡ଼ିମଲ ଭାଙ୍ଗ ପକୋଡ଼ି ଖାଇବାକୁ ଆସି ଦୀନବନ୍ଧୁ ବସାରେ ପହଞ୍ଚିଗଲା ।

ଦୀନବନ୍ଧୁ ତ ନିଜ ଦ୍ୱାରା ଆବିଷ୍କୃତ ତତ୍ତ୍ୱ ଆଲୋଚନା କରିବା ପାଇଁ ଜଣେ ଲୋକ ଖୋଜୁଥିଲା । ତାକୁ ଦେଖି ସଙ୍ଗେ ସଙ୍ଗେ ଆରମ୍ଭ କରି ଦେଲା, "ଦେଖ କେଶୋଡ଼ି, ମୁଁ ଗୋଟାଏ ନୂଆ ଦଳ ଗଢ଼ିବି ବୋଲି ସ୍ଥିର କରିଛି ।"

କେଶୋଡ଼ି କହିଲା, "ରହ, ରହ ଭାଇ । ଗିଲାସେ ପାଣି । ମୁଁ ଦୁଇଟଙ୍କାର ଭାଙ୍ଗ ପକୋଡ଼ି ଆଣିଛି । ଦୁହେଁ ଖାଇବା । ଟିକିଏ ନିଶା ନ ଜମିଲେ ଏସବୁ ଆଲୋଚନା ଜମିବ ନାହିଁ ।"

ଗିଲାସ ଆସିଲା । ଖଟ ତଳେ ମୁହଁ ଭଙ୍ଗା ସୋରେଇରୁ ପାଣି ବାହାରିଲା । ଭାଙ୍ଗ ପକୋଡ଼ି ଖାଇ ଖାଇ କେଶୋଡ଼ିମଲ କହିଲା, "ଏଥର କୁହ ।"

ଦୀନବନ୍ଧୁ ଖଣ୍ଡେ ପକୋଡ଼ି ଚୋବାଇ ଚୋବାଇ କହିଲା, "ହଁ, ମୁଁ ଗୋଟାଏ ନୂଆ ଦଳ ଗଢ଼ିବି ।"

କେସେୱ୍ଡ଼, "ତୁ ତ ସେ କଥା କହିଲୁ, ଶୁଣିଲି । ତେବେ ସେଇଟା କ ଭଳ ବୋଲି କହିଲେ ମୋର ନିଜ ମତାମତ କହିବି ।"

ଧାନବନ୍ଧୁ ତ କହିବ ବୋଲି ଅଣ୍ଟା ଭିଡ଼ି ବସିଛି । ଆରମ୍ଭ କରିଦେଲା, "ନୂଆ ଦଳ । ଉଦ୍ଦେଶ୍ୟ ଗଣତାନ୍ତ୍ରିକ ସମାଜବାଦ ପ୍ରତିଷ୍ଠା ।"

କେସେୱ୍ଡ଼ କହିଲା, "ରହ, ରହ । ତୁ ତ ଜାଣୁ, ମୁଁ ସମାଜବାଦୀଙ୍କ ଦଳରେ ଥିଲି । ପାର୍ଟି ଭିତରେ ଓ ବାହାରେ ଅନେକ ସମାଜବାଦ କଥା ଶୁଣି ଶୁଣି, କହି କହି ମୁଁ ସେ ବିଷୟରେ ଗୋଟାଏ ବିଶେଷଜ୍ଞ ହୋଇ ଯାଇ ଥିଲି ବୋଲି ପାର୍ଟିର ଲୋକେ କହୁଥିଲେ । ସମାଜବାଦ ଅଣାକାର ତଣ୍ଟି ପରି ଗୋଟାଏ କଥା । ଏହାର ଆଗ ନାହିଁ କି ମୂଳ ନାହିଁ । ଯେଉଁ ଲୋକ ଯେଉଁ କଥାକୁ ସମାଜବାଦ ବୋଲି କହିବ, ସମାଜବାଦ ତାହା ହିଁ ହୋଇଯିବ । ପୃଥିବୀରେ ଶହ ଶହ ପ୍ରକାର ସମାଜବାଦ ଅଛି, ସମାଜବାଦୀ ଦଳ ଅଛି । ତୋ ଦଳ କେଉଁ ପ୍ରକାର ସମାଜବାଦ ?"

ଧାନବନ୍ଧୁକୁ ଟିକିଏ ଟିକିଏ ଭାଙ୍ଗ ନିଶା ଲାଗି ଆସୁଥିଲା । ସେ କହିଲା, "ଘୋଡ଼ାମାର୍କା ସମାଜବାଦ । ଆମ ଦେଶର ସମ୍ବିଧାନରେ ତ ଗଣତାନ୍ତ୍ରିକ ସମାଜବାଦ ସ୍ଥାପନ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି । ଗତ ୭୦ ବର୍ଷ ଭିତରେ ତାହା ତ ହୋଇପାରିଲା ନାହିଁ । ବର୍ତ୍ତମାନ ସମ୍ବିଧାନ ସଂଶୋଧନ କରି 'ଗଣତାନ୍ତ୍ରିକ' ସ୍ଥାନରେ 'ବଣ-ତାନ୍ତ୍ରିକ' ଲିପିବଦ୍ଧ କରିବାକୁ ହେବ । ସତୁରି ବର୍ଷରେ ବୟାଳିଶ ଥର ତ ସମ୍ବିଧାନ ସଂଶୋଧନ ହୋଇଗଲାଣି ପାର୍ଲାମେଣ୍ଟରେ ତିନି ଭାଗରୁ ଦୁଇ ଭାଗ ଭୋଟ ମିଳିଲେ ଯାହା କିଛି ହେଲେ ବି ସମ୍ବିଧାନରେ ପଶି ଯାଇ ପାରିବ । ପୁଣି ଆମ ଦଳର ସଂଶୋଧନ ପ୍ରସ୍ତାବଟା ଅତି ସାମାନ୍ୟ । ଏଥିରେ ଗୋଟାଏ ଧାରାକୁ ଉଠାଇ ତା ସ୍ଥାନରେ ଆଉ ଗୋଟାଏ ଧାରା ଲେଖିବାକୁ ହେବ ନାହିଁ, କି ଗୋଟାଏ ବାକ୍ୟ ବଦଳାଇବାକୁ ପଡ଼ିବ ନାହିଁ—ଖାଲି 'ଗଣତନ୍ତ୍ର' ସ୍ଥାନରେ 'ବଣତନ୍ତ୍ର'—ଅର୍ଥାତ୍ 'ଗ' ସ୍ଥାନରେ 'ବ' କରିଦେଲେ କାମ ପୂରା ହୋଇଯିବ । ଏହା ଏତେ ସହଜ ଯେ, ପାର୍ଲାମେଣ୍ଟର ତିନି ଭାଗରୁ ଦୁଇ ଭାଗ କଅଣ ତିନି ଭାଗରୁ ତିନିଭାଗ ସଭ୍ୟ ଆଖି ବୁଜି ଡ଼ୁଳାଉ ଡ଼ୁଳାଉ ଏହାକୁ ଗ୍ରହଣ କରି ନେବେ ।"

କେଶ୍ୱରମଲ୍ଲଙ୍କୁ ନିଶା ଲାଗିଯାଇ ଥିଲା, କହିଲା; "ସଂଶୋଧନଟା ଯେ ସହଜ ତାହା ବୁଝିଲି; କିନ୍ତୁ ବଣତାନ୍ତ୍ରିକ ସମାଜବାଦଟା କିଅଣ ତାହା ବୁଝିପାରୁ ନାହିଁ।"

ପାନବନ୍ଧୁର ଆଖି ଦୁଇଟା ଭାଙ୍ଗ ନିଶାରେ ଗୋଲାପୀ ରଙ୍ଗ ଧରି ଆସୁଥିଲା କହିଲା ବଣତନ୍ତ୍ର କଥାଟା ବୁଝିବା ଆହୁରି ସହଜ। ବଣ ମାନେ ଜଙ୍ଗଲ ଏହା ତ ବୁଝି ପାରୁଛୁ। ଆଉ ତନ୍ତ୍ର କଥାଟା ବୁଝିବାରେ କିଛି ଅସୁବିଧା ନାହିଁ। ଏହା ତନ୍ତ୍ରମନ୍ତ୍ର ଧରଣର ତନ୍ତ୍ରଶାସ୍ତ୍ର ନୁହେଁ ଯେ ଏହା ବୁଝିବା ପାଇଁ ପଞ୍ଚମକାର ସାଧନା କରିବାକୁ ହେବ। ଆଉ ସମାଜବାଦ ବୋଲିଲେ ତ ସମାଜବାଦ। ବଣତାନ୍ତ୍ରିକ ସମାଜବାଦ, ଅର୍ଥ ବଣ ଜଙ୍ଗଲରେ ଚାଲୁଥିବା ଧରଣର ସମାଜବାଦ। ବୁଝିଲି?"

କେଶ୍ୱର ମୁଣ୍ଡ ହଲାଇ କହିଲା, "ବୁଝିଲି, ପୁଣି ବୁଝି ପାରିଲି ନାହିଁ—ଜଙ୍ଗଲରେ ସମାଜବାଦ?"

ପାନବନ୍ଧୁ ଅଧ୍ୟାପକ ସୁଲଭ ଢଙ୍ଗରେ ଆରମ୍ଭ କଲା, "ଜଙ୍ଗଲରେ ବାଘ ଅଛି, ପୁଣି ମୃଗ ଅଛି। ଏ ଦୁଇଟା ପଶୁଙ୍କୁ ପଶୁ ଜାତିର ଦୁଇ ସୀମା ବୋଲି ଧରାଯାଇ। ବାଘ ଖାଦକ ଜାତି ଆଉ ମୃଗ ଖାଦ୍ୟ ଜାତି। ବାଘ ମୃଗକୁ ମାରି ଖାଏ। କିନ୍ତୁ ଗୋଟାଏ ବାଘ ଗୋଟାଏ ମୃଗ ମାରିଲେ ଆଉ ସବୁ ବାଘ ତା ମୁହଁରୁ କାଢ଼ି ନିଅନ୍ତି ନାହିଁ, କି ଯେଉଁ ବାଘ ଗୋଟାଏ ମୃଗ ମାରିଲା ସେ ସମୁଦାୟ ହରିଣ ପଲକୁ ମାରିପକାଏ ନାହିଁ—କାଲି କିଅଣ ଖାଇବ, ପନ୍ଦର ଦିନ ପରେ କିଅଣ ଖାଇବ ଏକଥା ମୁଣ୍ଡରେ ରଖି ମଲା ମୃଗଟାକୁ ତା ଗୁମ୍ଫାକୁ ବୋହି ନେଇ ସଞ୍ଚାଇ ରଖେ ନାହିଁ କି ସେ ଜଙ୍ଗଲରେ ଥିବା ସବୁ ହରିଣଗୁଡ଼ାକୁ ମାରି ମାସ ମାସ ଧରି ଖାଇବା ପାଇଁ ସାଇତି ରଖେ ନାହିଁ। ପୁଣି ଆଉ ଗୋଟାଏ କଥା। ମଲା ମୃଗଟାକୁ ବାଘ ଖାଉଥିଲା ବେଳେ, ତାର ହାଡ଼ ଗୋଡ଼ସବୁ ଗିଳି ପକାଏ ନାହିଁ। ଯାହା ଖାଇବାର ଖାଏ, ଯାହା ରହେ ତାକୁ ହେଟା ଖାଏ, ବିଲୁଆ ଖାଏ, ଶାଗୁଣା ଖାଏ। ବାଘମାନେ ତ ଗୋଟାଏ ସମାଜ। ସେମାନେ ଏକାଠି ହୋଇ, ଦଳ ବାନ୍ଧି କୋ ଦିନକେ ସେ ଜଙ୍ଗଲରେ ଥିବା ସବୁ ହରିଣଙ୍କୁ ମାରି ନିଜ ନିଜ ଭିତରେ ବାଣ୍ଟି ନିଅନ୍ତି ନାହିଁ। ଏ ତ ଗଲା ହିଂସ୍ର

ଶ୍ରେଣୀର କଥା । ଯେଉଁମାନେ ହରିଣ ପରି ଅହିଂସାବାଦୀ ସେମାନେ ଘାସ କା ପତ୍ରରେ ପେଟ ପୋଷି ବଞ୍ଚନ୍ତି । ଜଙ୍ଗଲରେ ଘାସ ହୋଇଛି । ଗୋଟାଏ ହରିଣ ଦଳ ସେଠାରେ ପହଞ୍ଚି ଗଲେ । ଆଗରେ ଚାଲିଛି ଶିଙ୍ଗାଳ, ନେତା— ତା ପଛେ ପଛେ ତା ଦଳର ହରିଣଗୁଡ଼ାକ—ମାଈ, ପିଲା, ବୁଢ଼ା, ବୁଢ଼ୀସବୁ । ଯାହାର ଯେତିକି ଦରକାର ସେ ସେତିକି ଘାସ ଖାଇଲା, ସେଥିରେ ପେଟ ପୂରିଲେ ଭଲ, ନ ପୂରିଲେ ଭଲ । କେହି ବେଶି ଖାଇଯାଉଛି ବୋଲି ଆଉ ଗୋଟାଏ ହରିଣ ତା ପ୍ରତି ଈର୍ଷା କରେନାହିଁ କି କମ୍ ଖାଇଲାବାଲା ହରିଣମାନେ ବେଶି ଖାଇ ଯାଇଥିବା ହରିଣମାନଙ୍କ ସହିତ ଦଳବଦ୍ଧ ହୋଇ ଲଢ଼ନ୍ତି ନାହିଁ । ବେଶି ଘାସ ଅଛି, ସମସ୍ତେ ପେଟ ପୁରାଇ ଯେଉଁତିକି ଖାଇବାର ଖାଇଲେ, କେହି ଘାସ ଛିଣ୍ଡାଇ ନଷ୍ଟ କରେ ନାହିଁ କି କାଲି ଖାଇବ—ଭବିଷ୍ୟତରେ ଖାଇବା ପାଇଁ ବଡ଼ା ବାନ୍ଧି ପିଠିରେ ବୋହି ନେଇ ଯାଏ ନାହିଁ । ବାଘ କିଛି କହେ ନାହିଁ କି ହରିଣ କିଛି କହେ ନାହିଁ, ବାଘ ଷ୍ଟ୍ରେସ କରେ ନାହିଁ କି ହରିଣ ଷ୍ଟ୍ରେଇ କରେ ନାହିଁ, ବାଘର ବ୍ୟାଙ୍କ ବ୍ୟାଲାନ୍ସ ନାହିଁ କି ହରିଣର ବ୍ୟାଙ୍କ ବ୍ୟାଲାନ୍ସ ନାହିଁ । ବାଘ ସମାଜ ଭିତରେ ସମବଣ୍ଟନ—ସାମାଜିକ ନ୍ୟାୟ, ହରିଣ ସମାଜ ଭିତରେ ସମବଣ୍ଟନ ଓ ସାମାଜିକ ନ୍ୟାୟ । କେବଳ ବାଘ ନୁହେଁ ବା ହରିଣ ନୁହେଁ ବଣର ସବୁ ଶ୍ରେଣୀର ପଶୁପକ୍ଷୀଙ୍କ ମଧ୍ୟରେ ଏହି ନିୟମ ଚାଲି ଆସୁଛି, ଚାଲୁଛି —ଯେ ଯିବା ଯାଏ ଯେଥିରେ ବଞ୍ଚନ୍ତି ଥିବେ ବଞ୍ଚନ୍ତେ ରହିଥିବ । ବୁଝିଲୁ ।"

କେବେଡ଼ର ଆଖି ବୁଜି ହୋଇ ଆସୁ ଥିଲା । ଧ୍ୟାନମଗ୍ନ ଢଙ୍ଗରେ କହିଲା, "ମଣିଷ ପଶୁ ନୁହେଁ । ତୁ ସେଇ ମୂଳ କଥାଟା ଭୁଲି ଯାଉଛୁ ।"

ଘାନବନ୍ଧୁ କଥାରେ ଗୁରୁତ୍ୱ ଦେବା ପାଇଁ ଭଙ୍ଗା ଖଟ ଉପରେ ହାତ ବାଡ଼େଇ କହିଲା, "ଏଇଟା ପଶୁ, ପୁଣି ବାଘଠାରୁ ଅଧିକ ହିଂସ୍ର ପଶୁ । ବାଘ ବାଘକୁ ଖାଏ ନାହିଁ, ମଣିଷ ମଣିଷକୁ ଖାଏ । ତୁ ବୋଧହୁଏ ନୃତତ୍ତ୍ୱ ପଢ଼ି ନାହୁଁ—ମୁଁ ପଢ଼ିଛି । ହଜାର ହଜାର ବର୍ଷ ପୂର୍ବେ ଆମ ପୂର୍ବପୁରୁଷମାନେ ଜଙ୍ଗଲରେ ପଶୁ ପରି ରହୁଥିଲେ । ବିବର୍ତ୍ତନ ଫଳରେ ଏ ପଶୁଟା କେବେ ଜଙ୍ଗଲ ଭିତରେ ମଣିଷ ଆକାର ଧାରଣ କଲା, ତାହା

ଆଲୋଚନା କରିବାକୁ ସ୍ଥାର ଇଂରାଜୀ ପ୍ରକୃତିର ଡାରୱିନ ଜନ୍ମ ଥିଲେ ତାଙ୍କ, ମାଙ୍କଡ଼ ହିଁ ମଣିଷର ପୂର୍ବପୁରୁଷ । ଏହା ଠିକ୍ । ଆଜକାଲି ବୁନିଆଦି ମଣିଷକୁ ଦେଖିଲେ ତା ଭିତରେ ମାଙ୍କଡ଼ ପ୍ରବୃତ୍ତି କେତେ ତାହା ସହଜରେ ଜଣା ପଡ଼ିଯିବ—ବିଶେଷତଃ ଆମର ଯେଉଁ ରାଜନୀତିକ ନେତାମାନେ ଅଛନ୍ତି, ସେଗୁଡ଼ାକ ତ ସାକ୍ଷାତ ମର୍କଟ ଅବତାର । ମାଙ୍କଡ଼ ଆଉ ମଣିଷ ଭିତରେ ଫରକ୍ ଏତିକି ଯେ, ମାଙ୍କଡ଼ର ଲାଙ୍ଗୁଡ଼ ଅଛି, ମଣିଷର ନାହିଁ, ତାହା ବିବର୍ତ୍ତନ ଫଳରେ ଲୋପ ପାଇ ଯାଇଛି; କିନ୍ତୁ ମଣିଷର ଯେ ଲାଙ୍ଗୁଡ଼ ଥିଲା ତାହା ମେରୁଦଣ୍ଡ ତଳର ତିନିକୋଣିଆ ଆକାରର ମୁନିଆ ହାଡ଼ ଖଣ୍ଡକୁ ଦେଖିଲେ ଜଣା ପଡ଼ିବ ।"

କେଦାରମଲ କହିଲା, "ରହ, ରହ । ତୁ ଠିକ୍ କହୁଛୁ । ଆମ ସମାଜରେ ବାହାଘର ବେଳେ ବର କନ୍ୟା ଘରକୁ ଯିବା ବେଳେ ଘୋଡ଼ା ଆଗରେ କନାରେ ତିଆରି ଗୋଟାଏ ଅଣ୍ଡିରା ମାଙ୍କଡ଼ ଓ ଗୋଟାଏ ମାଈ ମାଙ୍କଡ଼ର ପିତୁଳାକୁ ବାଉଁଶରେ ଲଟକାଇ ନିଆ ହୁଏ ।"

ଘନବନ୍ଧୁ ଭିତରେ ନେତୃସୁଲଭ ବାଗ୍ମୀତା ଉଚ୍ଛୁଳି ଉଠିଥିଲା । ସେ କହିଲା, "ଠିକ୍ । ପୁଣି ଆଉ ଗୋଟାଏ କଥା । ଲାଞ୍ଜ ନଥିବା ମାଙ୍କଡ଼ ମଧ୍ୟ ଅଛନ୍ତି । ମଣିଷ ଆଉ ମାଙ୍କଡ଼ ମଧ୍ୟରେ ଫରକ—ଗୋଟାଏ ବଡ଼ ଫରକ—ଗୋଟାଏ ଆଙ୍ଗୁଳିରେ ରହିଛି ।"

କେଦାରମଲ ଆଶ୍ଚର୍ଯ୍ୟ ହୋଇ କହିଲା, ଗୋଟାଏ ଆଙ୍ଗୁଳିରେ ?

ଘନବନ୍ଧୁ କହିଲା, ହଁ ହଁ......ଗୋଟାଏ ଆଙ୍ଗୁଳିରେ । ଆଉ ଟିକିଏ ଠିକ୍ କରି ବୈଜ୍ଞାନିକ ଢଙ୍ଗରେ କହିଲେ, ଦୁଇଟା ହାତ ପାପୁଲିରେ ଥିବା ଦୁଇଟା ବୁଢ଼ା ଆଙ୍ଗୁଠିର ବ୍ୟବହାରରେ । ଏହାର ବ୍ୟବହାର ଫଳରେ ମଣିଷ । ଏହାରି ଯୋଗୁଁ ତାର ଶିକ୍ଷା ସଭ୍ୟତା କଳା ସାହିତ୍ୟ ସବୁ ସମ୍ଭବ ହୋଇଛି । ତୁ ତ ଜାଣୁ, ମଣିଷ ପଶୁମାନଙ୍କ ଭିତରେ ସବୁଠାରୁ ଅଧମ । ବାଘ ଭଳି ଏହା ବଳୁଆ ନୁହେଁ, ବାଘ ଭଳି ଏହାର ନଖ ଦାନ୍ତ ନାହିଁ କି ହରିଣ ଭଳି ଏହାର ଦୌଡ଼ିବା କ୍ଷମତା ନାହିଁ । ଜଙ୍ଗଲ ଭିତରେ ଏହା ହିଂସ୍ର ଜନ୍ତୁର ଖାଦ୍ୟ କିନ୍ତୁ ହିଂସ୍ରଜନ୍ତୁ ଯାହାକୁ ଖାଏ

ମଣିଷ ମଧ୍ୟ ତାହାକୁ ଖାଇ ବଞ୍ଚୁ ଥିଲା । ବାଘ ହରିଣକୁ ଖାଏ—ଖାଲି ମାଂସ ଖାଏ କିନ୍ତୁ ଘାସ ଖାଏ ନାହିଁ; ହରିଣ ଘାସ ଖାଏ, ପତ୍ର ଖାଏ; କିନ୍ତୁ ମାଂସ ଖାଏ ନାହିଁ । ମଣିଷ ଘାସଫଳ—ଧାନ ଗହମ ଖାଏ—ମାଂସ ମଧ୍ୟ ଖାଏ । ମାଙ୍କଡ଼ ଫଳ ଖାଏ, ପତ୍ର ଖାଏ; ଘୁଷୁରି ଚେରମୂଳ ତାଡ଼ି ଖାଏ, ମଣିଷ ଏସବୁ ଖାଇ ଉଦ୍‌ଭିଦ ଖାଉଥିବା ଜୀବଜନ୍ତୁଙ୍କୁ ଖାଏ; ତାକୁ ପୁଣି ହିଂସ୍ର ଜନ୍ତୁମାନେ ଖାଆନ୍ତି । ମନୁଷ୍ୟଗୁଡ଼ାକ ତ ଅତି ଦୁର୍ବଳ । ବଳଆ କୁକୁର ପଲ ପରି ଏମାନେ ଦଳ ବାନ୍ଧି ନ ରହିଲେ ହିଂସ୍ର ଜନ୍ତୁଙ୍କ ମୁହଁରୁ ବଞ୍ଚି ପାରିବେ ନାହିଁ କି ଖାଇବାକୁ ପାଇବେ ନାହିଁ । ସେଥିପାଇଁ ସେମାନେ ଜଙ୍ଗଲରେ ଦଳ ବାନ୍ଧି ରହିଲେ । ଏହି ଦଳବଦ୍ଧ ଭାବରେ ରହିବା ଅବସ୍ଥାରୁ ରାଜନୀତି, ଅର୍ଥନୀତି, ସମାଜନୀତି ଏ ସବୁର ଉତ୍ପତ୍ତି ।”

କେରେଡ଼ମଲ୍‌କୁ ଘମାଘୋଟ ଭାଙ୍ଗ ନିଶା ଚଢ଼ି ଯାଇଛି । ସେ ପୁଣି କହି ପକାଇଲା, “ତୁ ତ ଜଙ୍ଗଲ କଥା କହୁଛୁ । ମଣିଷମାନେ ତ ଆଉ ଜଙ୍ଗଲରେ ପଶୁଜନ୍ତୁ ପରି ରହୁ ନାହାଁନ୍ତି । ଜଙ୍ଗଲୀ ଜୀବ ପକ୍ଷରେ ଯାହା ଠିକ୍ ଜଙ୍ଗଲୀ ଲୋକ ପକ୍ଷରେ ତ ତାହା ଠିକ୍ ହେଉନାହିଁ । ଏ କଥା ମାନିବାକୁ ପଡ଼ିବ ।”

ନିଶା ଝୋଙ୍କରେ ଧାନବନ୍ଧୁ ସେତେବେଳକୁ ନିଜକୁ ନେତା ଓ ମନ୍ତ୍ରୀ ବୋଲି ଭାବି ନେଲଣି । ମନ୍ତ୍ରୀମାନେ ପ୍ରକୃତରେ ମୂର୍ଖ ହେଲେ ମଧ୍ୟ ଯେଉଁ ଧରଣରେ ନିଜକୁ ସର୍ବଜ୍ଞ ପଣ୍ଡିତ ବୋଲି ଭାବିଥାନ୍ତେ—ବେଶି କରି ଖବରକାଗଜବାଲାଙ୍କ ଆଗରେ ଦାନ୍ତ ଚିପି, ମୁରୁକିହସା ମାରି ଦେଖାଇ ହୁଅନ୍ତି, ସେହିପରି ଢଙ୍ଗରେ ଧାନବନ୍ଧୁ କହିଲା, “ମଣିଷ ବଣଜନ୍ତୁ, ଠିକ୍ ଯେପରି ଘୋଡ଼ା, ଗାଈ, ମଇଁଷି, କୁକୁର, ବିରାଡ଼ି, ବଣଜନ୍ତୁ । ଗାଈ ମଇଁଷି ଆଜି ଆଉ ଯେପରି ଘରୁଆ ପଶୁ ହୋଇ ଯାଇଛନ୍ତି, ମଣିଷ ସେହିପରି ଘରୁଆ ହୋଇ ଯାଇଛି । ଘରୁଆ ହୋଇଥିବା ପଶୁଙ୍କ ମଧ୍ୟରେ ଘୋଡ଼ା ସବୁଠାରୁ ବଳୁଆ, ଦ୍ରୁତଗାମୀ, ଅହିଂସା ଜୀବ । ବଣର ସମାଜବାଦ ଓ ଆଦର୍ଶ ଗୃହପାଳିତ ବନ୍ୟ ପଶୁ ଘୋଡ଼ାକୁ ଏକାଠି କରି ମୁଁ ଘୋଡ଼ାମାର୍କା ସମାଜବାଦ ଆବିଷ୍କାର କରିଛି । ଘୋଡ଼ା ଭିତରେ ତୁର୍କୀ ଜାତିର ଟଟ୍ଟୁ ଘୋଡ଼ା ଯେପରି ସୁନ୍ଦର, କାର୍ଯ୍ୟକ୍ଷମ ଆଉ କି କଦମ କି ଦୁଲକି ଚାଲିବାରେ

ଧୁରନ୍ଧର ସେହି ଆଦର୍ଶରେ ମୁଁ ଗୋଟାଏ ଦଳ ଗଢ଼ିବି । ତାର ନାଆଁ ହେବ ତୁର୍କୀ ଚଣ୍ଡୁ ସଂଘ ।"

ଏ ଗରମାଗରମ କଥାଟା ଶୁଣି ହେଉ ବା ପଟୋକାଡ଼ିରେ ଗଞ୍ଜେଇ ମାତ୍ରା କମ୍ ଥିବା ଯୋଗୁଁ ହେଉ, କେରୋଡ଼ିମଲକୁ ନିଶା ଛାଡ଼ ଛାଡ଼ ଆସୁଥିଲା । ସେ କହିଲା, "ଟଙ୍କା, ପଇସା—ଏସବୁ ନ ହେଲେ ଦଳ ହେବ କପରି ?"

ଘାନବନ୍ଧୁ କହିଲା, "ଶହ ଶହ ଦଳକୁ ପଇସା ମିଳୁଛି; ତୁର୍କୀଚଣ୍ଡୁ ସଂଘକୁ ମିଳିବ ନାହିଁ ? ମିଳିବ, ଅଲବତ୍ ମିଳିବ । ସେମାନଙ୍କୁ ଯେଉଁମାନେ ଦେଉଛନ୍ତି, ମୋ ଦଳକୁ ସେମାନେ ଦେବେ—ବେଶି ଦେବେ ।"

ସେତେବେଳକୁ ସୂର୍ଯ୍ୟ ପଶ୍ଚିମ ଆଡ଼କୁ ଢଳି ପଡ଼ୁଥିଲେ । ଖରା କମି ଯାଇଥିଲା । କେରୋଡ଼ିମଲ୍ ଉଠିଲା । ତା ସଙ୍ଗେ ସଙ୍ଗେ କାନ୍ଧରେ ଓହଳା ପଡ଼ିଥିବା ହାଫ୍ ସାର୍ଟ ଖଣ୍ଡ ଦେହରେ ଗଳାଇ ଘାନବନ୍ଧୁ ମଧ୍ୟ ଚାଲିଲା ।

ଗଳିଟାଏ । ତା' ଭିତରେ ଖଣ୍ଡେ ଚାରିକୋଣିଆ ପଡ଼ିଆ । ବଡ଼ ନୁହେଁ, କି ସାନ ନୁହେଁ । ଚାରି ଆଡ଼େ ଅଣ୍ଟାଏ ଉଚ୍ଚ ପାଚେରି । ଗୋଟାଏ କଡ଼ରେ ଦୁଇ ବଖରା ଟିଣ ଛପର ଘର ।

ମଝିରେ କୋଡ଼ିଏ ଫୁଟ ଉଚ୍ଚର ଖଇରା ରଙ୍ଗର ଖଣ୍ଡେ ସିଧାସଳଖ ବାଉଁଶ । ତା ଉପରେ ଖଣ୍ଡେ ତିନ କୋଣିଆ ଖଇରା ରଙ୍ଗର ପତାକା । ପତାକା କନା ମଝିରେ ହଳଦିଆ ରଙ୍ଗର ଗୋଟାଏ ଘୋଡ଼ା ମୁଣ୍ଡ, ତା ଉପରକୁ ରକ୍ତ ପରି ନାଲି ରଙ୍ଗର ଗୋଟାଏ ତୁର୍କୀ ଟୋପି । ସବୁ ତୁର୍କୀ ଟୋପି ମୁଣ୍ଡରେ ଯେଉଁ କଳା ଝୁମ୍ପା ଥାଏ, ତାହା ।

ଆଜି ତୁର୍କୀ ଚଣ୍ଡୁ ସଂଘର ଉଦ୍‌ଘାଟନ ଉତ୍ସବ । ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଅଗାଧୁ ମଳିକ ଏହାର ପୁରୋଧା ହେବେ ବୋଲି ମନ୍ତ୍ରୀ ମହୋଦୟଙ୍କ ଶ୍ରୀମୁଖରୁ ପ୍ରଚାରିତ ହୋଇଯାଇଛି ।

ପଡ଼ିଆ ଫାଟକ ଆଗରେ ଗୋଟାଏ ତୋରଣ ତିଆରି ହୋଇଛି । ତାହାକୁ ଦୁବ ଘାସ ଓ ଘୋଡ଼ା ମୁଣ୍ଡ ଛପା ପତାକାରେ ସଜା ଯାଇଛି । ଚାରିଆଡ଼େ ଘୋଡ଼ାମାର୍କା ପତାକାମାନ ।

ସନ୍ଧ୍ୟା ପାଞ୍ଚଟାରେ ଉଦ୍‌ଘାଟନ ଉତ୍ସବ । ଏବେ ତିନଟା ବେଳୁ ଇନ୍‌ଟେଲଣ ବିଭାଗର ଡାକବାଜ ଯନ୍ତ୍ର ଓ ମନ୍ତ୍ରୀଙ୍କ ପାଇଁ ବକ୍ତୃତା ପ୍ରସାରିକ ଯନ୍ତ୍ର ଲାଗିଯାଇଛି । ସେ ବିଭାଗର କର୍ମଚାରୀମାନେ ଚାରିଆଡ଼େ ଧାଁ ଧପଡ଼ କରି ତାର ଟାଣୁଛନ୍ତି, କଥାକୁହା ଯନ୍ତ୍ରର ଭୁଲ ଖଞ୍ଜୁଛନ୍ତି ଆଉ ଡାକବାଜ ରେକର୍ଡ଼ ବଜାଇ ଗୋଟାଏ ହଟ୍ଟଗୋଳ ସୃଷ୍ଟି କରୁଛନ୍ତି ।

ଚାରିଟାବେଳେ ସେଠ ହନୁମାନମଲଙ୍କ ଦାମିକା ମଟରଗାଡ଼ ଆସି ପହଞ୍ଚିଲା । ସେଥିରୁ ବାହାରିଲେ ପ୍ରଥମେ ସେଠଜୀ, ତାଙ୍କ ପଛେ ପଛେ କେଦାରମଲ । ତା ହାତରେ ଗୋଟାଏ ଡାଲାରେ ଗୋଲାପ ଫୁଲର ଗୋଟାଏ ଗଜରାମାଳ—ଦାମିକା, ସାଙ୍ଗେ ସାଙ୍ଗେ ଫୁଲ ଦୋକାନରୁ ଖରିଦ । ସେଠଜୀ ଓ କେଦାରମଲ ସିଧା ଟିଣ ଘର ଭିତରକୁ ଚାଲିଲେ । ଏ ଘର ପ୍ରସ୍ତାବିତ ତୁର୍କୀ ତଠ୍ଟ ସଂଘର ଅଫିସ । ଆଗରେ ଖଣ୍ଡେ ଖଇରା ରଙ୍ଗର ପଟାରେ ହଳଦିଆ ରଙ୍ଗର ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଛି, 'ଅସ୍ତାବଲ୍ ।'

କିଛି ସମୟ ପରେ ଧାଡ଼ିଏ ଲୋକ ପତାକା ଖୁଣ୍ଟଠାରୁ ଦଶଗଜ ଘୁଞ୍ଚି ଖୁଣ୍ଟ ଆଡ଼କୁ ମୁହଁ କରି ଚାରିଗୋଡ଼ିଆ ହୋଇ ଛିଡ଼ା ହୋଇ ପଡ଼ିଲେ । ଏମାନେ ତୁର୍କୀ ତଠ୍ଟ ସଂଘର ସ୍ୱେଚ୍ଛାସେବକ । ଏମାନଙ୍କ ପୋଷାକ, ମୁହଁରେ ଖଇରା ରଙ୍ଗର ଘୋଡ଼ା ମୁଖା । ତା ଉପରେ ତୁର୍କୀ ଟୋପି । ଦେହରେ ଛପା ଧରଣର ଖଇରା ରଙ୍ଗର ଫୁଲ ସାର୍ଟ ଓ ଫୁଲ ପେଣ୍ଟ । ଗୋଡ଼ ଓ ହାତରେ ଘୋଡ଼ା ଟାପୁ ଆକାରରେ ଗଢ଼ା ତଳେ ଲୁହା ନାଲ ଦିଆ କଳା ରଙ୍ଗର ଚମଡ଼ା ତିଆରି ଦୁଇ ହଳ ଯୋତା । ପଛଆଡ଼େ ଘୋଡ଼ା ଲାଞ୍ଜ ଆକାରରେ ନାଟ ପୋଷାକ ଦୋକାନରୁ କିଣା ହୋଇ ଆସିଥିବା ଝୋଟ ତିଆରି ଗୋଛାଏ ନକଲି କଳା ବାଳ ।

ମାନ୍ୟବର ମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଘୋଟକ ବେଶଧାରୀ ଚାରିଜଣ ସ୍ୱେଚ୍ଛାସେବକ ଫାଟକ ଦୁଇ କଡ଼େ ଦୁଇ ଦୁଇ ଜଣ ହୋଇ ଚାରି ଗୋଡ଼ିଆ ଛିଡ଼ା ହୋଇ ପଡ଼ିଲେ ।

ଜନ ସମ୍ପର୍କ ବିଭାଗର ଡାକବାଜ ଯନ୍ତ୍ରରେ କର୍ଣ୍ଣପଟହ ବିଦାରକ ଗ୍ରାମୋଫୋନ୍ ସଙ୍ଗୀତ । ତା ସାଙ୍ଗକୁ ଘୋଡ଼ା ବେଶ ପିନ୍ଧି ମିଲଟେରୀ ଢଙ୍ଗରେ ଘୁର୍‌ଗାଡ଼ୁଆ ଛୁଡ଼ା ହୋଇଥିବା କେତେଗୁଡ଼ାଏ ମଣିଷ । ଲୋକ ଜମିଲେ । ପାଞ୍ଚଜଣ, ଦଶଜଣ, କୋଡ଼ିଏ ଜଣ, ଶହେ ଜଣ । ଅମୁକ ଜାଗାରେ ଘୋଡ଼ା ସଭା ହେଉଛି ବୋଲି ସହରର ସବୁଆଡ଼େ ପ୍ରଚାର ହୋଇଗଲା । ମଣିଷ ସଭା ପ୍ରତି ସମସ୍ତଙ୍କ ଘୃଣା । ସେହି ଗୋଟାଏ କଥା—ସବୁ ଶଳା ଚୋର । ସଭା କଥା ଶୁଣିଲେ ଲୋକେ ମୁହଁମୋଡ଼ନ୍ତି; ବରଂ ପାଞ୍ଚ ଟଙ୍କା, ତିନି ଟଙ୍କା ଦକ୍ଷିଣା ଦେଇ ଥିଏଟର୍, ସିନେମା ଦେଖି ତିନି-ଚାରି ଘଣ୍ଟା କଟାନ୍ତି; କିନ୍ତୁ କେହି ନିତାନ୍ତ ନିକମା ନ ହେଲେ ସଭାକୁ ଯାଆନ୍ତି ନାହିଁ । ଯେଉଁମାନେ ଯାଆନ୍ତି, ସେମାନେ ମନେ ମନେ ବକ୍ତାମାନଙ୍କୁ ଚୋର ବୋଲି କହନ୍ତି, କେହି କେହି ପାଖରେ ବସିଥିବା ଚାରି-ପାଞ୍ଚ ଜଣ ଲୋକ ଶୁଣିପାରିଲା ପରି ଚାପା ଗଳାରେ କହନ୍ତି ଶ୍ୱଶୁର ପୁଅ ଚୋର । ଘୋଡ଼ା ସଭା ଗୋଟାଏ ନୂଆ କଥା । ଘୋଡ଼ାମାନେ ସଭା କରିବେ, ଭୋଟ ମାଗିବେ, ମନ୍ତ୍ରୀ ହେବେ—ଏହା ଗୋଟାଏ ବିଚିତ୍ର ବ୍ୟାପାର । ଚାଲିବା କ୍ଷମତା ନ ଥିବା ଜଣେ ବୁଢ଼ା ଛକରେ ଥିବା ପାନ ଦୋକାନ ପିଣ୍ଡା ଉପରେ ନିଜକୁ ନିଜେ ଶୁଣାଇବା ଢଙ୍ଗରେ ସମସ୍ତଙ୍କୁ ଶୁଣାଇ କହିଲା; "ମନ୍ତ୍ରୀଗୁଡ଼ାକ ତ ଗଧ । ହଉ, ଘୋଡ଼ା ହେଲେ ଭଲହେବ ।"

ସଭା ଦେଖିବା ପାଇଁ ଲୋକେ ଧାଇଁଲେ । ଯେଉଁମାନେ ଧାଇଁ ନ ପାରିଲେ ସେମାନେ ସାଇକେଲରେ, ରିକ୍ସାରେ ଆସିଲେ, ଟାଉନ୍ ବସ୍‌ରେ ଲଟକି ଲଟକି ଆସିଲେ । ଲୋକ ଗହଳି ଓ ମନ୍ତ୍ରୀଙ୍କ ଆଗମନ ସମ୍ଭାଳିବା ପାଇଁ ଦଳେ ଲାଠିବାଲା ପୋଲିସ ପହଞ୍ଚିଗଲେ । ଯେଉଁମାନେ ଆସି ନ ଥିଲେ, ଠେଙ୍ଗାବାଲା ପୋଲିସ ଦଳ ଆସିବାରୁ କଅଣ ଗୋଟାଏ ଘଟୁଛି ବୋଲି ଭାବି ସେମାନେ ମଧ୍ୟ ଗହଳିରେ ମିଶିଲେ ।

ଅଣଓସାରିଆ ଗଳି । ପଡ଼ିଆ ପାଖେଣି ଚାରିପଟେ ପାଞ୍ଚ ହଜାର ଲୋକର ଭିଡ଼ । କେତୋଟି ସ୍ତ୍ରୀଲୋକ ମଫସଲ ଆଡ଼ୁ ସହରକୁ କାଠ ବିକିବାକୁ ଆସିଥିଲେ । ସେହି ଗଳି ସେମାନଙ୍କ ବାଟ । ଫେରିଲାବେଳେ

ଗହଳି ଭିତରେ ବାଟ ନ ପାଇ ଅଟକି ଗଲେ । ଭିଡ଼ ଦେଖିବା ପାଇଁ ଲୋକ ଜମିବାରୁ ଭିଡ଼ ଆହୁରି ବଢ଼ି ଗଲା ।

ମନ୍ତ୍ରୀ ମାନ୍ୟବର ଅଗାଧୁ ମଲ୍ଲିକଙ୍କ ଗାଡ଼ି ଆସିଲା । ତା ଆଗରେ ଗୋଟାଏ ଜିପ୍, ପଛରେ ଆଉ ଦୁଇଟା । ଆଗ ପଛ ଜିପ୍‌ରେ ବନ୍ଧୁକଧାରୀ ପୋଲିସ ଦଳ; ସର୍ବା ପଛେ ଖବରକାଗଜବାଲାଙ୍କ ସରକାର ଯୋଗାଇଥିବା ଗାଡ଼ି ।

ଖଣ୍ଡିଏ ଖବରକାଗଜରେ ହନୁମାନଲାଲଙ୍କ ବଡ଼ କମ୍ପାନୀର ବିଜ୍ଞାପନ ବରାବର ଛପାଯାଏ । ସେଥିସୂତ୍ରରେ କାଗଜର ମାଲିକ ବର୍ଷରେ ଛଅ ଶହ ଟଙ୍କା ପାଆନ୍ତି । ଉଦ୍‌ଘାଟନ ଉତ୍ସବରେ ଶେଠ ହନୁମାନଲାଲ ଭାଷଣ ଦେବେ ବୋଲି ଖବର ପାଇ ସେ ଖବରକାଗଜର ସମ୍ପାଦକ ସଙ୍ଗରୁ ଜଣେ ରିପୋର୍ଟର ଓ ଜଣେ ଫଟୋଗ୍ରାଫର ପଠାଇଲେ । ତାଙ୍କର ବିଶ୍ୱାସ, ଭୁର୍କୀ ଭଣ୍ଡ ସଂଘ ଉଦ୍‌ଘାଟନ ଉତ୍ସବର ଖବର ବାହାରିବା ସଙ୍ଗେ ସଙ୍ଗେ ମନ୍ତ୍ରୀ ଓ ଶେଠଜୀଙ୍କ ଫଟ ପ୍ରକାଶିତ ହେଲେ ମନ୍ତ୍ରୀ ଖୁସି, ଶେଠଜୀ ଖୁସି । ମନ୍ତ୍ରୀଙ୍କ ଅନୁଗ୍ରହ ଓ ଶେଠଜୀଙ୍କ ଟଙ୍କା ମିଳିବା ତ ଅକ୍ଷୁଣ୍ଣ ରହିବ; ତା ସହିତ ଖବରକାଗଜର ସେ ଦିନର ବିକ୍ରି ଅନ୍ତତଃପକ୍ଷେ ଶହେ ଖଣ୍ଡ ବଢ଼ିଯିବ । କିଛି ନ ହେଲେ ଏ ଆଡ଼ୁ ତ ଟଙ୍କା ଦଶଟା ଆୟ ହେବ ।

ବିଲୁଆମାନେ ଯେପରି ଦଳ ଦଳ ହୋଇ ମଡ଼ ଖୋଜିବୁଲନ୍ତି ଖବରକାଗଜ ରିପୋର୍ଟରମାନେ ସେହିପରି ଦଳବଦ୍ଧ ହୋଇ କାର୍ଯ୍ୟ କରନ୍ତି । ଜଣକୁ ଗୋଟାଏ ଗୁପ୍ତ ହମିତ ହେବାର ଖବର ମିଳିଲେ ସମସ୍ତେ ତାହା ଜାଣନ୍ତି । ପେଟପାଟଣା କଥା; ଗୋଟାଏ ଖବରକାଗଜରେ ଗୋଟାଏ ଚକମକିଆ ଖବର ବାହାରି ପଡ଼ିଲେ ଆଉ ଗୋଟାଏ କାଗଜକୁ ତାର ରିପୋର୍ଟର ତାହା ନ ଯୋଗାଇଲେ ବଗୃରର ଗୃକଣ୍ଟି ଯିବ । କିଏ କେତେବେଳେ କେଉଁ ଖବରଟା କାନେ ଗୁଡ଼ିଯିବ ସେଥିପାଇଁ ମେଣ୍ଟ ବାନ୍ଧି ସେମାନେ ଥାଆନ୍ତି । ଉତ୍ସବ ଆରମ୍ଭ ହେବା ଆଗରୁ ସ୍ଥାନୀୟ ସମ୍ବାଦପତ୍ରର ରିପୋର୍ଟର ଦଳ ଆସି ପହଞ୍ଚି ଯାଇଥିଲେ ।

ପୋଲିସମାନେ ଠେଲାପେଲା କରି ଲୋକଙ୍କୁ ଆଡ଼େଇ ମନ୍ତ୍ରୀ ଓ ତାଙ୍କ ଗହଣରେ ଆସିଥିବା ଗାଡ଼ିମାନଙ୍କ ପାଇଁ ବାଟ କରିଦେଲେ ।

ହନୁମାନମଲ କେଶୋଡ଼ମଲ୍‌ଙ୍କ ସହିତ ସଭେ ଦେଶୋଦ୍ଧାର ମନ୍ତ୍ରୀଙ୍କୁ ପାଖେଟି ଆଣିବା ପାଇଁ ଗାଡ଼ି ପାଖରେ ରୁଣ୍ଡ ହୋଇଗଲେ । ତାଙ୍କୁ ଦେଖିବା ଓ ତାଙ୍କ ଭାଷଣ ଶୁଣିବା ପାଇଁ ସେଠାରେ ଭିଡ଼ ହୋଇଥିଲା । ସବାଙ୍କୁ ଦେଖି ମାନ୍ୟ-ବର ମନ୍ତ୍ରୀ ମନେ ମନେ ବଡ଼ ଖୁସି ହୋଇଗଲେ ।

ଉଦ୍‌ଘାଟନ ଉତ୍ସବ ଅଭ୍ୟର୍ଥନା ସଭାର ସମ୍ପାଦକ ଶ୍ରୀ କେଶୋଡ଼ମଲ୍ ମନ୍ତ୍ରୀବରଙ୍କୁ ଗୋଲାପ ଫୁଲର ଗଜରାମାଳ ପିନ୍ଧାଇଦେଲେ ।

ସଭା ଆରମ୍ଭ ହେଲା । ପ୍ରଥମେ ଶେଠ ହନୁମାନମଲ ମନ୍ତ୍ରୀ ମହୋଦୟ ଓ ସଭାରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଲେଖା କାଗଜରୁ ପାଠ କରି କହିଲେ, ଦେଶରେ ହଜାର ହଜାର ଦଳ ଅଛି । ହଜାର ହଜାର ସମସ୍ୟା ମଧ୍ୟ ଅଛି । ଏହା ସ୍ୱାଭାବିକ । ଭାରତରେ ୬୦ କୋଟି ଲୋକ ବାସ କରନ୍ତି । ପ୍ରତ୍ୟେକ ଲୋକର ଜୀବନରେ ନାନା ସମସ୍ୟା ଅଛି । ଜଣକର ଯଦି ପାଞ୍ଚଟା ସମସ୍ୟା ଥାଏ ବୋଲି ଧରାଯାଏ, ତେବେ ୩୦୦ କୋଟି ସମସ୍ୟା ଏ ଦେଶରେ ରହିଛି । ଏହାର ସମାଧାନ ପାଇଁ ବହୁତ ଦଳ ଦରକାର, ବହୁତ ସଂଘବଦ୍ଧ ଉଦ୍ୟମ ଆବଶ୍ୟକ । ଦେଶରେ ଲକ୍ଷ ଲକ୍ଷ ଦଳ ହେବା ଉଚିତ । ଯେଉଁମାନେ କହନ୍ତି ଗୋଟିଏ ବା ଦୁଇଟି ଦଳ ଦେଶର ସବୁ ସମସ୍ୟା ସମାଧାନ କରିଦେବେ, ସେମାନେ ବାସ୍ତବ ଅବସ୍ଥା ବୁଝିପାରୁ ନାହାନ୍ତି । ମନ୍ତ୍ରୀ ମହୋଦୟ ଆଜି ଗୋଟିଏ ନୂଆ ଦଳ ଉଦ୍‌ଘାଟନ କରୁଛନ୍ତି । ଏହାର ନାମ ଭୁକ୍କୀ-ଛଞ୍ଚୁ ସଂଘ' । ଏହା ଘୋଡ଼ାମାର୍କା ସମାଜବାଦ ପ୍ରଚାର କରିବ । ଆପଣମାନେ ସମସ୍ତେ ଏକାଠି ହୋଇ ଏ ଦଳର ହାତ ମୁଠାକୁ ଟାଣ କରନ୍ତୁ ।

ସଭାରେ ଘନ ଘନ କରତାଳି ଧ୍ୱନି ହୋଇଥିଲା । ଲୋକ ଗହଳି ଭିତରେ ଥିବା ଗୋଟାଏ ଟୋକା ପାଟି କଲା—"ଘୋଡ଼ାମାର୍କା ସମାଜବାଦ ଜିନ୍ଦାବାଦ ।"

ମାନ୍ୟବର ମନ୍ତ୍ରୀ ଅଗାଧୁ ମଳିକ ପତାକା ଖୁଣ୍ଟରେ ମରା ହୋଇଥିବା କଣ୍ଠାରେ ଗୋଟାଏ ଗେଣ୍ଡୁ ଫୁଲ ମାଳ ଲଟକାଇ ଦେଲେ ଓ ଟିଣଘର ପାଖକୁ ଯାଇ ଖଣ୍ଡେ କଇଞ୍ଚିରେ ସଂଘ ଅଫିସର ଦ୍ୱାର ମୁହଁରେ ବନ୍ଧା

ହୋଇଥିବା ଖବରକାଗଜଟିକୁ ଛାଡ଼ି ଅନୁଷ୍ଠାନର ଶେଷରେ ଭୁର୍କୀଟଞ୍ଚୁ ସଂଘ ଉଦ୍‌ଘାଟନ କଲେ ।

ଭାଷଣ ଆରମ୍ଭ କରି ସେ କହିଲେ ଯେ, ଆପଣମାନେ ସମସ୍ତେ ରାମାୟଣ ପଢ଼ିଥିବେ । ହନୁମାନ ଲଙ୍କା ପୋଡ଼ିଥିଲା । ଲଙ୍କାର ସବୁ ଘର ସୁନାରେ ତିଆରି । ନିଆଁରେ ସୁନା ପୋଡ଼ିଲେ ବେଶି ଚକ୍ ଚକ୍ ଦିଶେ । ଲଙ୍କା ଆହୁରି ଚକ୍ ଚକ୍ ଦିଶିଥିଲା । ହନୁମାନ ଯେଉଁ ଅଶୋକ ବଗିଚା ଭାଙ୍ଗିଥିଲା ସେଥିରେ ଆହୁରି ଅନେକ ନୂଆ ନୂଆ ଗଛ ଆଣି ରାବଣର କୃଷି ମନ୍ତ୍ରୀ ଲଗାଇ ଥିଲେ । ସେ ବଗିଚା ଆହୁରି ସୁନ୍ଦର ଦିଶିଲା । ଆମର ସରକାର ଆଜିକାଲି ଯେପରି ଘରପୋଡ଼ି ସାହାଯ୍ୟ ଦେଉଛନ୍ତି, ରାବଣ ସରକାର ସେହିପରି ସାହାଯ୍ୟ ଦେଉଥିଲେ ।

ପାଖରେ ବସି ଖବରକାଗଜବାଲାମାନେ ମନ୍ତ୍ରୀଙ୍କ ବକ୍ତୃତାକୁ ଏକମନ ହୋଇ ଲେଖି ଯାଉଥିଲେ । ଭୁର୍କୀଟଞ୍ଚୁ ସଂଘ ବା ଘୋଡ଼ାମାର୍କା ସମାଜବାଦ ସହିତ ଏହାର କି ସମ୍ପର୍କ ଅଛି, ତାହା ବୁଝି ନ ପାରି ତାଙ୍କ ମୁହଁ ଅଡ଼କୁ ଚାହିଁଲେ ।

ଜଣେ ଲୁହାକିଆ ଖବରକାଗଜବାଲା ତାଙ୍କ ପାଖରେ ବସି ଥିବା ଆଉ ଜଣକୁ ମନ୍ତ୍ରୀଙ୍କୁ ଶୁଣାଇ ଶୁଣାଇ କହିଲା, ବୋଧହୁଏ ମନ୍ତ୍ରୀ ଏହାକୁ ରାମାୟଣ ପ୍ରବଚନୀ-ସଭା ବୋଲି ମନେକରୁଛନ୍ତି ।

ମନ୍ତ୍ରୀ ଅଚାଧୁ ମନକ ତାଙ୍କ ଅଡ଼କୁ ଚାହିଁ ବଙ୍କା ଚୁକାଟ କରିବା ଉଦ୍ଦେଶ୍ୟରେ ଟିକିଏ ମୁରୁକିହସା ଦେଇ ଭାଷଣ ଚଳାଇଲେ ।

ସେ କହିଲେ, ରାବଣର ଅନେକଗୁଡ଼ାଏ ଲଡ଼ୁଆ ଘୋଡ଼ା ଥିଲେ । ଲଙ୍କା ପୋଡ଼ିବା ବେଳେ ସେମାନେ ସମୁଦ୍ରରେ ପଶି ଗଲେ । "ମୋର କହିବା କଥା ଏହି ଯେ, ରାମାୟଣ ସମୟରେ ଘୋଡ଼ା ଥିଲା, ଘୋଡ଼ାମାର୍କା ସମାଜବାଦ ଥିଲା । ଓଁକାର ଭେଦ କରି ସମାଜବାଦଟା କଅଣ, କେହି ଜାଣି ପାରୁ ନାହାନ୍ତି । ଅନ୍ଧ ହସ୍ତୀ ଦେଖିବା ପରି କିଏ କହୁଛି ଏହା ଖମ୍ବ ପରି; ଯେ ଗୋଡ଼ ଅଣ୍ଡାଳୁଛି ସେ ଏ କଥା କହିଲା ବେଳେ, ଯାହା ହାତରେ ଶୁଣ୍ଢ ପଡ଼ିଯାଇଛି ସେ କହିଲା ହାତୀ ଅଜଗର ସାପ ପରି । ଯେ ପେଟକୁ

ଅଣ୍ଡାକୃତି ସେ କହିଲେ, ହାଣ୍ଡି ମାଟିବୁହା ଉଦର ପରି; ଆଉ ଜଣେ ଦାନ୍ତକୁ ଧରି କହିଲେ, ହାଣ୍ଡି କଳା ପରି । ଆମେ ସେହିପରି ସମାଜବାଦିର ଆକାର ପ୍ରକାର ଜାଣିପାରୁ ନାହିଁ । ଭୁର୍କୀଟଙ୍କୁ ସଂଘ ଏହାକୁ ଗୋଟାଏ ବର୍ଦ୍ଧିଷ୍ଣୁ ଆକାର ଦେବା ଫଳରେ ଦେଶ ଓ ଜାତିର ଯଥେଷ୍ଟ ଉପକାର ସାଧିତ ହେବ ।"

ବକ୍ତୃତା ଶେଷରେ ମନ୍ତ୍ରୀ ବସି ପଡ଼ିଲେ । ଘନ ଘନ କରତାଳି ଧ୍ୱନି ଲାଗିଗଲା ।

ସଂଘର ନେତା ଶ୍ରୀ ଜନବନ୍ଧୁ ପୁହାଣ ମୁହଁରୁ ଘୋଡ଼ାମୁଖା ମୁଣ୍ଡ ଉପରକୁ ଟେକି ଧନ୍ୟବାଦ ଅର୍ପଣକଲେ ।

ସଭା ଶେଷ ହେଲା ।

ଭୁର୍କାଟଙ୍କୁ ପଟୁଆର ଦେଖିବା ପାଇଁ ସେ ଦିନ ଜର୍ମାନୀ ଦେଶରୁ ଦଳେ ଗୋରାଲୋକ ଆସିଥାନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ହାତରେ ଫଟୋ, ସିନେମା ଓ ଟେଲିଭିଜନ କ୍ୟାମେରା ।

ଦିନ ପ୍ରାୟ ପାଞ୍ଚଟା । ରାସ୍ତାରେ ଲୋକ ଗହଳି । ଦୂରରୁ ଦେଖାଗଲା ଭୁର୍କାଟଙ୍କୁ ପଟୁଆର । ଆଗରେ ଘୋଡ଼ାପରେ ଜଣେ ଲୋକ ବସି ଗୋଡ଼ରେ ଦୁନ୍‌କା ବାଜରେ ଆସୁଛି । ତା ପଛକୁ ଯୋଡ଼ିଯୋଡ଼ା ଚାଲିବା ପରି ଘୋଡ଼ା ଆକାରର ଅଜ ପରିଶ ଯୋଡ଼ା ଲୋକ ।

ହାତ ଗୋଡ଼ ଗୁରୁଠାରେ ଲୁହା ନାଲ ବନ୍ଧା ଯୋତା । ଏମାନେ ଆସିଲାବେଳେ ସୈନ୍ୟ ଦଳ ବା ପୋଲିସ ଫୌଜ ଆସିଲାବେଳେ ଯେପରି ବୁଟ୍ ଶବ୍ଦ ହୁଏ ସେହିପରି ତାଳେ ତାଳେ ଠକ୍ ଠକ୍ ଶବ୍ଦ ହେଉଥାଏ । ରାଜନୈତିକ ଦଳ ପଟୁଆରରେ ଜିନ୍ଦାବାଦ, ମୁର୍ଦ୍ଦାବାଦ, ଜୟ ଜୟକାର ଧ୍ୱନି ଉଚ୍ଚ ସ୍ୱରରେ ମହିଷ କଣ୍ଠରୁ ଶୁଣାଯିବା ପରି ଭୁର୍କାଟଙ୍କୁ ପଟୁଆରରୁ ମଝିରେ ମଝିରେ ଉଠୁଥିଲା ଘୋଡ଼ାମାନଙ୍କ ହ୍ରେସାରବ ପରି ହିଁ ହିଁ ଧ୍ୱନି ।

ଲୁଣମୁହାଣି ଛକ । ଦଶହରା ବେଳେ ମେଢ଼ ପଟୁଆର ଦେଖିବା ପାଇଁ ଯେପରି ହଜାର ହଜାର ଲୋକ ଏକାଠି ହୋଇ ଗହଳି କରନ୍ତି, ଭୁର୍କାଟଙ୍କୁ ପଟୁଆର ଦେଖିବା ପାଇଁ ସେହିପରି ଗହଳି ।

ଆଗରେ ଗୋଟିଏ ବଡ଼ ଗୁଡ଼ିଆ ଦୋକାନ । ଗୋଟିଏ ବଡ଼ ଟେବୁଲ ଉପରେ ବରା, ପକୋଡ଼ି, ଇଡ଼ିଲି, ଡୋସାଠାରୁ ଆରମ୍ଭ କରି ରସଗୋଲା, ଛେନାଗଜା ପର୍ଯ୍ୟନ୍ତ ବିକ୍ରୀ ପାଇଁ ଥାଳରେ ସଜାହୋଇ ରଖା ଯାଇଥାଏ ।

ଦୋକାନମାନଙ୍କରେ ଭିଡ଼ ବଢ଼ି ଆସିଲା ଆଜି ଛୁଟି । ଲମ୍ବା ଘର । ତା ଭିତରେ ଧଳା ପ୍ଲାଷ୍ଟିକର ସାନ ସାନ ଟେବୁଲ ଓ ଚକଚକିଆ ଚୌକି ଧାଡ଼ି ଧାଡ଼ି ସଜା ହୋଇଥାଏ । ଦୋକାନ ଆଗକୁ ଖଣ୍ଡେ କାଚ ଆଲମାରି । ସେଥିରେ ରଖା ହୋଇଥାଏ ଥାଳିସବୁରେ ନାନା ରକମର ମିଷ୍ଟାନ୍ନ ।

ଦୁଆର ପାଖରେ ଟେବୁଲ ପଛରେ ମାଲିକ ବସିଛନ୍ତି । ତାଙ୍କ ବାଆଁ କଡ଼କୁ ଟଙ୍କା ବାକ୍ସ ।

ପଙ୍ଖା ଘୂରୁଥାଏ । ସାହେବମାନେ କଡ଼େ କଡ଼େ, ଆଗରେ ପଛରେ ଧାଇଁ ଧାଇଁ ଫଟୋ ଉଠାଉ ଥାଆନ୍ତି ।

ରାସ୍ତା ଦୁଇକଡ଼େ ଲୋକ । ଲଙ୍ଗୁଡ଼ି ଥିବା ମଣିଷ ଘୋଡ଼ାଙ୍କ ସହିତ ଗୋରା ଦଳକୁ ଦେଖି ସେମାନଙ୍କ ଭିତରେ ଥିବା ଜାଣିବା ଧରଣର ଲୋକ ନିଜ ନିଜ ଭିତରେ କୁହାକୁହି ହେଉଥାନ୍ତି ଯେ, ଗୋରାଙ୍କ ଦେଶରେ ବି ଘୋଡ଼ାମାର୍କା ସମାଜବାଦ ଥିବ । ଆମ ଦେଶରେ ବଳଦରେ ଚାଷ ହେଉଥିଲା, ତାଙ୍କ ଦେଶରେ ଘୋଡ଼ା ସାହାଯ୍ୟରେ; ଆଜିକାଲି ତାଙ୍କ ଦେଶରେ ସିନା କଳ ଲଙ୍ଗଳ ଚାଲିବାରୁ ତାଙ୍କ ଦେଖା ଦେଖି ଆମ ସରକାର ଆମ ଦେଶରେ କଳ ଲଙ୍ଗଳ ଚଳାଉଛନ୍ତି । ଆଜିକାଲି ବି ଆମେ ଯେପରି ଗୋମାତାକୁ ପୂଜା କରୁଛୁଁ; ଗୋରା ଦେଶରେ ସେହିପରି ଘୋଟକ ପିତାଙ୍କୁ ମାନୁଥିବେ ।

ଭୁର୍ଣ୍ଣ ଭଠ ସହରର ଘୋଡ଼ାମାର୍କା ସମାଜବାଦ କଥା ବସ୍ତରର ଖବରକାଗଜରେ ବାହାରେ । ଉଦ୍‌ଘାଟନ ଉତ୍ସବର ବିବରଣୀ ବଡ଼ ବଡ଼ ଅକ୍ଷର ଥିବା ଶିରୋନାମାରେ ଓଡ଼ିଶାର ସବୁ ଖବରକାଗଜରେ ବାହାରି ଥିଲା । ତା ସହିତ ଫଟୋ ଚିତ୍ର ସବୁ ଖବରକାଗଜର ପ୍ରଥମ ପୃଷ୍ଠାରେ ବାହାରି ଥିଲା । ସେ ସବୁରେ ମନ୍ତ୍ରୀ ଅଗାଧୁ ମଲ୍ଲିକ, ଶେଠ ହନୁମାନଲାଲ,

ଶ୍ରୀଯୁକ୍ତ କେଶରୀମଲ ଅଗରୱାଲଙ୍କ ଛବି ଥିଲା । ଘୋଡ଼ାମୁହାଁ ମୂର୍ତ୍ତିରୁ ମୁଣ୍ଡ ଉପରକୁ ଟେକି ଦୀନବନ୍ଧୁ ପୁରାଣ ବକ୍ତୃତା ଦେଉଥିବା ଛବି ମଧ୍ୟ ସଙ୍ଘର ନେତା ବୋଲି ବର୍ଣ୍ଣନା ସହିତ ପ୍ରକାଶ ପାଇଥିଲା ।

ତା' ପର ଦିନ ଦୀନବନ୍ଧୁ ଭୁର୍ଜ୍ଜୀଭଟ୍ଟ ଅସ୍ମାବଲ୍ ଅର୍ଥାତ୍ ଅଫିସରେ ଗୋଟାଏ ସାମ୍ବାଦିକ ସମ୍ମିଳନୀ ଡକାଇ ଥିଲେ । ଖବରକାଗଜ ରିପୋର୍ଟରଙ୍କ ଗହଳି । ଗୋଟାଏ ନୂଆ କଥା । ତାଜା ଖବର । କେଉଁ କାଗଜ ଆଗେ ଛାପିବ ସେଥିପାଇଁ ଠେଲାପେଲା ଧରଣର ପ୍ରତିଦ୍ୱନ୍ଦ୍ୱିତା ।

ସାମ୍ବାଦିକ ସମ୍ମିଳନୀରେ ଶେଠ ହନୁମାନଲାଲ ଓ କେଶରୀମଲ୍ ଉପସ୍ଥିତ ଥାଆନ୍ତି ।

ଲୁଚି, ପକୋଡ଼ି ଚାଲିଲା । ଜଣେ ସ୍ୱେଚ୍ଛାସେବକ ଭୁର୍ଜ୍ଜୀଭଟ୍ଟ ସଙ୍ଘର ଛପା ନିୟମାବଳୀ ଖବରକାଗଜ ରିପୋର୍ଟରମାନଙ୍କ ଭିତରେ ବାଣ୍ଟି ଦେଲା ।

ସେଥିରେ ଥିଲା, ଭାରତବାସୀଙ୍କ ମଧ୍ୟରେ ଘୋଡ଼ାମାର୍କା ସମାଜବାଦ ପ୍ରତିଷ୍ଠା ସଙ୍ଘର ଉଦ୍ଦେଶ୍ୟ ।

ଏ ଉଦ୍ଦେଶ୍ୟ ପ୍ରଚାର କରିବା ପାଇଁ ସଙ୍ଘର ଗୋଟିଏ ସ୍ୱେଚ୍ଛାସେବକ ବାହିନୀ ରହିବ । ସବୁ ଧର୍ମ, ସମ୍ପ୍ରଦାୟ ଓ ଜାତିର ଲୋକ ସ୍ୱେଚ୍ଛାସେବକ ହୋଇପାରିବେ । କିନ୍ତୁ ବର୍ତ୍ତମାନ ପାଇଁ କୌଣସି ସ୍ତ୍ରୀ ଲୋକଙ୍କୁ ବାହିନୀରେ ଦିଆଯିବ ନାହିଁ ।

ସେମାନଙ୍କ ବୟସ ୧୮ ବର୍ଷରୁ ୨୫ ବର୍ଷ ଭିତରେ ହେବ । ଘୋଡ଼ାମାର୍କା ସମାଜବାଦ ଉପରେ ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ରହିବା ଉଚିତ । ସ୍ୱେଚ୍ଛାସେବକମାନଙ୍କର ନାମ ପ୍ରକାଶ କରାଯିବ ନାହିଁ; ସଂଖ୍ୟା ଦ୍ୱାରା ସେମାନେ ପରିଚିତ ହେବେ । ବାହିନୀର ନେତାଙ୍କ ନମ୍ବର ସବୁବେଳେ ୧ ନମ୍ବର ହେବ । ସେ ବାହିନୀର ମୁଖ୍ୟରୂପେ ପରିଚିତ ହେବେ । ଅନ୍ୟ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ଭୁର୍ଜ୍ଜୀଭଟ୍ଟ ସଙ୍ଘ ବାହିନୀର ସ୍ୱେଚ୍ଛାସେବକ ସଂଖ୍ୟା ୧୦୧ ହେବ ।

ଭୂର୍ଣ୍ଣଭକ୍ତ ସଂଘରେ କେହି ସଭାପତି, ଉପ-ସଭାପତି, ବା ସମ୍ପାଦକ ରହିବେ ନାହିଁ । ପୃଷ୍ଠପୋଷକ ଶେଠ ହନୁମାନଲାଲ, ସହକାରୀ ପୃଷ୍ଠପୋଷକ ଶ୍ରୀ କେଦାରମଲ୍ ଅଗରୱାଲ ଓ ୧ ନମ୍ବର ସ୍ୱେଚ୍ଛାସେବକ-ବାହିନୀ ମୁଖ୍ୟ ଦୀନବନ୍ଧୁ ପ୍ରଧାନଙ୍କୁ ନେଇ ଏକ କାର୍ଯ୍ୟନିର୍ବାହିକା ସମିତି ରହିବ ।

ଟଙ୍କା ପଇସା କାରବାର ସଂଘ ବା ବାହିନୀରେ ନିଷିଦ୍ଧ । ଯେତିକି ଖର୍ଚ୍ଚ ହେବ ବାହିନୀ ଦ୍ୱାରା ତାହା ସର୍ବସାଧାରଣରୁ ସଂଗୃହୀତ ହେବ । କେହି ଏକକାଳୀନ ଦାନ ଦେଲେ ତାହା ସର୍ବସାଧାରଣଙ୍କ ସମ୍ମୁଖରେ ଦାନ କରିବେ । କେବଳ ପୃଷ୍ଠପୋଷକ ଓ ସହକାରୀ ପୃଷ୍ଠପୋଷକ ତାହା କାରବାର କରି ପାରିବେ, ଆବଶ୍ୟକୀୟ ଖର୍ଚ୍ଚ କରିବେ ଏବଂ ହିସାବ ରଖି ପାରିବେ । ବର୍ତ୍ତମାନ ସବୁ ରାଜନୀତିକ ଦଳରେ ଟଙ୍କା ପଇସା ନେଇ ଯେପରି ଦୁର୍ନୀତି ଚାଲିଛି, ଏ ବ୍ୟବସ୍ଥା ଫଳରେ ସଂଘ ବା ବାହିନୀ ମଧ୍ୟରେ ସେହିପରି ଦୁର୍ନୀତି ପଶିପାରିବ ନାହିଁ ।

ବାହିନୀର ସ୍ୱେଚ୍ଛାସେବକମାନଙ୍କୁ କିଛି ପାରିଶ୍ରମିକ ଦିଆଯିବ ନାହିଁ । ସେମାନେ ମୁହଁରେ ଯାହା ଖାଇ ପାରିବେ, ସେତିକି । ସଞ୍ଚୟ କରିବା ଓ ସମ୍ପତ୍ତି ରଖିବା ସବୁ ଅନର୍ଥର ମୂଳ । ଜଣେ ଜଣେ ଲୋକ ଲକ୍ଷ ଲକ୍ଷ ଲୋକର ଖାଦ୍ୟ ସଂଗ୍ରହ କରି ରଖିଛନ୍ତି; ଲକ୍ଷ ଲକ୍ଷ ଲୋକ ଭୋକ ଉପାସରେ ରହୁଛନ୍ତି । ଜଣେ ଜଣେ ଲୋକ ନିଜ ପାଇଁ ଓ ନିଜର ପରିବାର ପାଇଁ ଶହ ଶହ ଲୋକଙ୍କ ଲୁଗାପଟା ରଖୁଛନ୍ତି, ଶହ ଶହ ଲୋକଙ୍କ ପିଠିକୁ ଖଣ୍ଡେ କନା ମିଳୁ ନାହିଁ । ଜଣେ ଜଣେ ଲୋକ ହଜାର ହଜାର ଲୋକ ରହିବା ଭଳି ବଡ଼ ବଡ଼ କୋଠାବାଡ଼ି ତିଆରି କରି ତାହାର ମାଲିକ ହୋଇ ବସୁଛନ୍ତି, ହଜାର ହଜାର ଲୋକଙ୍କୁ ମୁଣ୍ଡ ଉପରେ ଛ ଖଣ୍ଡେ ଛୁଇ ମିଳୁନାହିଁ । ଘୋଡ଼ାମାର୍କା ସମାଜବାଦରେ ଘୋଡ଼ାର ଆଦର୍ଶକୁ ସମାଜରେ ପ୍ରତିଷ୍ଠା କରିବାକୁ ହେବ । ଘୋଡ଼ା ହାଡ଼ଭଙ୍ଗା ପରିଶ୍ରମ କରେ, ପେଟରେ ଯେତିକି ଧରିବ, ମୁହଁରେ ସେତିକି ଖାଏ, କାଲିକା ପାଇଁ ତାହା ସଞ୍ଚୟ କରି ରଖେ ନାହିଁ । ଗାଈଗୋରୁ ବରଂ ଅଧିକ ଖାଦ୍ୟ ଗିଳି ପକାନ୍ତି, ଅବସର ବେଳେ ପେଟ ଭିତରେ ଥିବା ମୁଣ୍ଡାରୁ ତାକୁ କାଢ଼ି

ପାଳନ କର ପୁଣି ଗିଳନ୍ତୁ । ଯାହାଙ୍କୁ ଯେତିକ ଦରକାର ସେତିକ ଖାଇବେ, ପିନ୍ଧିବେ ଓ ସେତିକରେ ଖୁସିହେବେ ଦେଶରେ ସମସ୍ତେ ଆନନ୍ଦରେ ରହିବେ । ନ ହେଲେ କୃଷକ, ଶିଳ୍ପୀ ଯେତେ ଉତ୍ପନ୍ନ କଲେ ମଧ୍ୟ ଲୋକେ ନିଷ୍ଠୁର ଉପାସ, ଅଭାବ ଅନାଟନରେ ସଢ଼ୁଥିବେ । ଧାନ ଖୁବ୍ ଉତ୍ପନ୍ନ ହେବ, ଧାନ ଖୁବ୍ ବଢ଼ିବ, କିନ୍ତୁ ଜଣେ ଲୋକ ସେଥିରୁ ପୁଡ଼ାଏ ପୁଡ଼ାଏ ନେଇ ନିଜ ଘରେ ସଞ୍ଚି ରଖିବ, ଆଉ ସମସ୍ତେ ଖାଇ ପାଇବେ ନାହିଁ କି ଧନ ପାଇବେ ନାହିଁ—ଯେଉଁ ଗରିବ, ଯେଉଁ ଭୋକିଲାଙ୍କୁ ଦେଖୁଥିବେ, ସେହି ଭୋକିଲା ରହିବେ । ସମସ୍ତେ ପରିଶ୍ରମ କରିବେ, ସମସ୍ତେ ଖାଇବେ, ଯାହାର ଯେତିକ ଦରକାର ସେତିକରେ ଚଳିବେ; ସମସ୍ତେ ସୁଖରେ ରହିବେ ।

ଶେଠ ହନୁମାନଲାଲ କହିଲେ, "ଠିକ୍ କଥା, ପକ୍କା କଥା ।"

ଜଣେ ଖବରକାଗଜବାଲା ଶେଠଙ୍କୁ ଲକ୍ଷ୍ୟ କରି ପଚାରିଲା, "ଆପଣ ତ କୋଟି କୋଟି ଟଙ୍କାର ମାଲିକ । ଆପଣ ଏ କଥା କହୁଛନ୍ତି କିପରି ?"

ହନୁମାନଲାଲ ସଙ୍ଗେ ସଙ୍ଗେ କହିଲେ, "ସମସ୍ତେ ଟଙ୍କା ପଛରେ ପଡ଼ିଛନ୍ତି, ମୁଁ ପଡ଼ିଛି । ସମସ୍ତେ ଛାଡ଼ିବେ, ମୁଁ ଛାଡ଼ିବି । ହେଲେ ଯେଉଁ କଥାଟା ପକ୍କା, ସୋ'ଳ ଅଣା ଠିକ୍, ତାକୁ ପକ୍କା ଆଉ ଠିକ୍ ନ କହିବି କିପରି ?"

ଆଉ ଜଣେ ଖବରକାଗଜବାଲା ପାନବନ୍ଧୁଙ୍କୁ ପ୍ରଶ୍ନ କଲା, "ଆପଣ ଯେଉଁ ମତ ବ୍ୟାଖ୍ୟା କଲେ, ତାହା କାର୍ଯ୍ୟରେ ପରିଣତ କରିବା ସମ୍ଭବ କି ?"

ପାନବନ୍ଧୁ କହିଲା, "ଅସମ୍ଭବ ନୁହେଁ, ଏହା ଜନସାଧାରଣଙ୍କ ଆଗରେ ଦେଖାଇବା ପାଇଁ ତ କୁର୍ଚ୍ଚୀଗଣ୍ଠି ସଙ୍ଘ ଗଠନ କରାଯାଇଛି । ଯଦି ଲୋକେ ଏହାକୁ ମାନ କରନ୍ତି, ସରକାର ଏହାକୁ ଗ୍ରହଣ କରନ୍ତି, ତେବେ ସମୁଦାୟ ଦୁନିଆରେ ସତ୍ୟଯୁଗ ପୁଣି ଫେରି ଆସିବ ।"

କୁକୁର ମଣିଷକୁ କାମୁଡ଼ିଲେ ତାହା ଖବର ନୁହେଁ, ମଣିଷ କୁକୁରକୁ କାମୁଡ଼ିଲେ ତାହା ଅସଲ ଖବର । ଜଣେ ଭୋକିଲା ଲୋକକୁ

ଅଭ ଜଣେ ଲୋକ ନିଜେ ଶୋକରେ ବିଷ ଖାଇବାକୁ ଦେଲେ ଖବରକାଗଜରେ ଏ ଧରଣ ଖବର ପାଇଁ ସ୍ଥାନ ନାହିଁ; ସାଧାରଣ ଜନତାରେ କିଏ ଖାଇବାକୁ ନ ପାଇ ମଲେ—ଏ ଖବର ଦେଶରେ ପ୍ରତିଦିନ ଯେତେ ଲୋକ ମରୁଛନ୍ତି ସେଥିରୁ ଅନ୍ତତଃ ଅଧେ ଲୋକ ଖାଇବାକୁ ନ ପାଇ ମରୁଛନ୍ତି—ତାହା ମଧ୍ୟ ଖବରକାଗଜ ର ବାହାରେ ନାହିଁ; କିନ୍ତୁ କାହାରିକୁ ଅଡୁଆରେ ପକାଇବା ଉଦ୍ଦେଶ୍ୟ ରଖି କେଉଁଠି ଜଣେ ଶୋଷିତ ଲୋକ ବାଟ କଡ଼ରେ ପଡ଼ି ମରି ଗଲେ ତାହା ଅନାହାର ମୃତ୍ୟୁ ହୋଇଯାଏ। ଗୋଟାଏ ବିଲୁଆ ଭୁକିଲେ ସେ ଅଞ୍ଚଳର ସବୁ ବିଲୁଆ ଯେପରି ଭୁକି ଉଠନ୍ତି ଗୋଟାଏ ଖବରକାଗଜରେ ତାହା ବାହାରି ପଡ଼ିଲେ ସବୁ ଖବରକାଗଜରେ ସେହିପରି ଖାଇବାକୁ ନ ପାଇ ମରିବା ଖବର ବଡ଼ ବଡ଼ ଅକ୍ଷରରେ ଛପା ହୁଏ; ଲୋକେ ମଧ୍ୟ ତାହା କିଣନ୍ତି।

ମଣିଷ ପୁଣି ଘୋଡ଼ା ଅବତାର ଧରିବାରେ ଲାଗି ପଡ଼ିଛନ୍ତି, ଘୋଡ଼ା ପରି ଯୋଡ଼ି ଯୋଡ଼ି ହୋଇ ବାଟରେ ଚଢ଼ୁଆର କରୁଛନ୍ତି, କଥା ନ କହି, ଧ୍ୱନି ନ ଦେଇ ମଝିରେ ମଝିରେ ଘୋଡ଼ା ପରି ହିଁ ହିଁ କରି ହ୍ରେଷାରବ କରୁଛନ୍ତି—ଏହା କଅଣ କମ୍ ଖବର? ଏ ଦେଶର ଦେଶୀ ବିଦେଶୀ ସବୁ ଖବରକାଗଜରେ ନାନା ଢଙ୍ଗରେ ଏ ଖବର ବାହାରିଲା, ତା ସଙ୍ଗେ ସଙ୍ଗେ ନାନା ଭାବରେ ଘୋଡ଼ା ଚଢ଼ୁଆଳଠାରୁ ଆରମ୍ଭ କରି ଘୋଡ଼ା ବେଶ ପିନ୍ଧିଥିବା ଭୁର୍କୀ ଜଣ୍ଟୁ ସଂଘର ନେତା ଜ୍ଞାନବନ୍ଧୁ ପୁହାଣ, ପୃଷ୍ଠପୋଷକ ଶେଠ ହନୁମାନମଲ ଓ ସହକର୍ମୀ ପୃଷ୍ଠପୋଷକ କେଦାରମଲ୍ ଅଗରୱାଲାଙ୍କର ଛବିସବୁ ନାନା ଆକାରରେ ଛପା ହେଲା।

ଲୋକଙ୍କ ନଜରରେ ନ ପଡ଼ିଲେ ମନ୍ତ୍ରୀଙ୍କର ମନ୍ତ୍ରୀ ପଦ ଉଡ଼ିଯିବ। ଲୋକପ୍ରିୟ ହେବା ପାଇଁ ଜଣେ ମନ୍ତ୍ରୀ ଥରେ ଘୋଡ଼ା ଚଢ଼ୁଆର କଡ଼େ କଡ଼େ ଘୋଡ଼ା ପରି ଖୁରଗୋଡ଼ରେ ଚାଲିଲେ, ସେ ଛବି ବାହାରିଲା; ତାଙ୍କ ଦେଖାଦେଖି ଆଉ ସବୁ ମନ୍ତ୍ରୀ ନିଜ କାମ ଛାଡ଼ି ସେହିପରି ଘୋଡ଼ା ଚଢ଼ୁଆରରେ ମିଶିଲେ; ଖବରକାଗଜମାନଙ୍କରେ ଛବି ବାହାରିଲା।

କ୍ରମେ କ୍ରମେ ବିଦେଶୀ ଖବରକାଗଜ ସବୁ ଏ କଥା ଦେଖିଲେ; ସେମାନେ ମଧ୍ୟ ଏସବୁ ଖବର, ଏସବୁ ଧରଣର ଛବି ପ୍ରକାଶ କଲେ;

ଆମେରିକାରେ ହ୍ୱିପିଙ୍ ସଙ୍ଘ ପରି ଘୋଡ଼ା ସଙ୍ଘ ଗଢ଼ା ହୋଇଗଲା, ସେଠି ମଧ୍ୟ ଭୁର୍କୀଚଣ୍ଡ ପଟୁଆର ପରି ୱାସିଂଟନ୍, ନ୍ୟୁୟର୍କ ଆଦି ବଡ଼ ବଡ଼ ସହରମାନଙ୍କରେ ପଟୁଆର ହେଲା । ସେ ସବୁ ଦେଶରୁ ଦଳ ଦଳ ହୋଇ ଗୋରା ଖବରକାଗଜବାଲା, ରେଡ଼ିଓବାଲା, ଟେଲିଭିଜନବାଲା ଏ ଦେଶକୁ ମାଡ଼ି ଆସିଲେ । ବିଦେଶୀ ମୁଦ୍ରା ରୋଜଗାର ହେଉଥିବାରୁ ଏ ଦେଶର ଗରିବ ସରକାର ମଧ୍ୟ ପରୋକ୍ଷରେ ଭୁର୍କୀଚଣ୍ଡ ସଙ୍ଘକୁ ଉତ୍ସାହିତ କଲେ ।

ସେ ଦିନ ଘୋଡ଼ା ପଟୁଆର ଆସୁଥାଏ । ଗୋରା ଖବରକାଗଜ-ବାଲାମାନେ ସାଙ୍ଗେ ସାଙ୍ଗେ ଷ୍ଟିଲ ଫଟୋ, ସିନେମା ଫଟୋ ଉଠାଉ ଥାଆନ୍ତି, ରେକର୍ଡିଂ ମେସିନ୍‌ରେ ମଝିରେ ମଝିରେ ଉଠୁଥିବା ହ୍ରେସାରବକୁ ରେକର୍ଡିଂ କରି ନେଉଥାଆନ୍ତି ।

ପଟୁଆର ଛକ ଉପରେ ପହଞ୍ଚିଲା । ବାଆଁ କଡ଼ରେ ଜଳଖିଆ ହୋଟେଲ ।

ଆଗରେ ଥିବା ୧ ନମ୍ବର ଭୁର୍କୀଚଣ୍ଡ ଡାକିଲା, "ହିଁ—ହିଁ—ହିଁ, ବାଏଁ ମୋଡ଼ ।"

ପଟୁଆରର ଶହେଜଣ ଘୋଟକବେଶୀ ଲୋକ ହୋଟେଲ ଭିତରେ ପଶି ଆଗରେ ଯାହା ଜଳଖିଆ ପାଇଲେ, ଘୋଡ଼ାପରି ତାହା ମୁହଁରେ ଚର୍ବିଗଲେ ।

ହୋଟେଲ ଭିତରେ ଯେଉଁମାନେ ସାନ ସାନ ଟେବୁଲ ପାଖରେ ବସି ଗୃହା ଜଳଖିଆ ଖାଉଥିଲେ କିଏ ପୁରା ଖାଇଛି ତ କିଏ ଅରଖିଆ ହୋଇ ପଇସା ନଦେଇ ପଳାଇଲେ । ହୋଟେଲର ଚାକରମାନେ ରୋଷା ଘରେ ପଶି କବାଟ କିଳିଦେଲେ । ହୋଟେଲ ମାଲିକ କାଠଭଳି ଚୌକି ଉପରେ ବସି ରହିଲା ।

ନୀରବ ଦର୍ଶକ ରୂପେ କିଛିକ୍ଷଣ ବସି ରହିବା ପରେ ତା ମୁଣ୍ଡକୁ ଗୋଟାଏ ଧାରଣା ଆସିଲା, ସେ ଟେଲିଫୋନ୍ ଉଠାଇ ଥାନାକୁ ଡାକିଲା । ଥାନାବାବୁ ହୋଟେଲର ବଧିଆ ଗ୍ରାହକ । ସବୁଦିନ ସାଙ୍ଗସାଥୀ ଧରି ଗୃହା

ଜଳଖିଆ ଖାଆନ୍ତି । ହୋଟେଲ ମାଲିକ ତାଙ୍କୁ ପଇସା ମାଗେ ନାହିଁ କି ସେ ଦଅନ୍ତି ନାହିଁ ।

ଭୁର୍ଖାଚଟ୍ଟମାନଙ୍କର ଖାଇବା ସେତେବେଳକୁ ସରି ଆସିଥିଲା । ଗୋଟାଏ ଟ୍ରକ୍‌ରେ ବୋଝେଇ ହୋଇ ପ୍ରାୟ ୫୦ ଜଣ ଠେଙ୍ଗାବାଲା ପୋଲିସ ଆସି ହୋଟେଲ ଆଗରେ ଧାଡ଼ି ବାନ୍ଧି ଛିଡ଼ା ହୋଇ ପଡ଼ିଲେ ।

ହୋଟେଲ ଭିତରୁ ଗୋଟାଏ ହ୍ୱିଁ—ହ୍ୱିଁ ଶବ୍ଦ ଶୁଭିଲା । ଭୁର୍ଖାଚଟ୍ଟମାନେ ପଛକୁ ପଛ ଯୋଡ଼ି ଯୋଡ଼ି ହୋଇ ଧାଡ଼ି ବାନ୍ଧି ଛିଡ଼ା ହେଲେ ।

୧ ନମ୍ବର ହୁକୁମ ଦେଲେ, "ହେଁ—ହେଁ—ହେଁ, ଜୋର କଦମ୍, ଗଲେ ଝୁଲ୍ ।"

ଭୁର୍ଖାଚଟ୍ଟମାନେ ଧାଡ଼ି ବାନ୍ଧି ଗୁରୁଗୋଡ଼ରେ ଦୌଡ଼ି ଯାଇ ଧାଡ଼ିରେ ଥିବା ପ୍ରତ୍ୟେକ ଠେଙ୍ଗାଧାରୀ ପୋଲିସ, ତାଙ୍କ ହାବିଲଦାର ଓ ଟିକିଏ ଦୂରରେ ଛିଡ଼ା ହୋଇଥିବା ଥାନାବାବୁ ବେକରେ ଲଟକି ପଡ଼ିଲେ; ଆଉ ଦୁଇଜଣ ଭୁର୍ଖାଚଟ୍ଟ ଧାଇଁ ଯାଇ ଟ୍ରକ୍‌ର ଷ୍ଟିଅରିଂ ପଛରେ ବସିଥିବା ପୋଲିସ୍ ଡ୍ରାଇଭର ବେକରେ ଝୁଲି ପଡ଼ିଲେ ।

ପୋଲିସ୍‌ବାହିନୀ ଅଚଳ, ପୋଲିସ ଟ୍ରକ୍ ଅଚଳ ।

ଏ ଦୃଶ୍ୟ ଦେଖି ହୋଟେଲ ମାଲିକ କାଳେ ତା ବେକରେ କିଏ ଲଟକି ପଡ଼ିବ ବୋଲି ଭାବି, ଥରବର ହୋଇ ଉଠୁ ଉଠୁ ଚୌକି ଓ ଟେବୁଲ ଗୋଡ଼ରେ ଗୋଡ଼ ଛନ୍ଦା ହୋଇ ତଡ଼ବଡ଼ିଲା, ଉଠିଦେଢ଼ ଶର ବେଗରେ ଧାଇଁଯାଇ ଲୋକଗହଳି ଭିତରେ ଅନ୍ତର୍ଦ୍ଧାନ ହୋଇଗଲା ।

ଘୋରାମାନଙ୍କର ହାତରେ ଥିବା ଫଟୋ, ସିନେମା ଓ ଟେଲିଭିଜନ କ୍ୟାମେରା ସଙ୍ଗେ ସଙ୍ଗେ ରେକର୍ଡିଂ ଯନ୍ତ୍ର ପୂରା ଦମରେ କାର୍ଯ୍ୟ କରୁଥିଲା ।

ନିର୍ବାଚନ ଆସିଲା । ପ୍ରଚାରରେ ସାହାଯ୍ୟ ମାଗିବା ପାଇଁ ଭୁର୍ଖାଚଟ୍ଟ ସଙ୍ଘ ଦ୍ୱାରରେ ମନ୍ତ୍ରୀମାନେ ରୁଣ୍ଡ ହେଲେ; ସବୁ ରାଜନୈତିକ ଦଳର

ନେତା ଓ ଉପନେତାମାନେ ଭର୍ତ୍ତି କଲେ । ଭୁର୍ଙ୍ଗା ଚଣ୍ଡ୍ ସଙ୍ଘର ପ୍ରାର୍ଥୀଙ୍କ ବହୁଳରେ କେହି ଛୁଡ଼ା ହେବେ ନାହିଁ, ଯେଉଁ ଦଳ ମନ୍ତ୍ରୀମଣ୍ଡଳ ଗଢ଼ିଲେ ମଧ୍ୟ ଭୁର୍ଙ୍ଗା ଚଣ୍ଡ ଦଳର ଜଣେ ମନ୍ତ୍ରୀ ରହିବେ ବୋଲି ସମସ୍ତେ ଜବାବ ଦେଲେ ।

ଧାନବନ୍ଧୁ ସୁହାଣ, ହନୁମାନଲାଲ ଓ କେଶୋରୀମଲ୍ଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ।

ତାଙ୍କ ଦଳର ନେତା, ୧ ନମ୍ବର ଭୁର୍ଙ୍ଗା ଚଣ୍ଡ୍ ଧାନବନ୍ଧୁ ମନ୍ତ୍ରୀ ହେଲେ ।

ଶପଥ ଗ୍ରହଣ ଦିନ ରାଜଭବନ ବାହାରେ ଥିଲା ଭୁର୍ଙ୍ଗା ଚଣ୍ଡ୍ ପଟୁଆର । ମୁଖା ଭିତରୁ ପଟୁଆରରେ ଥିବା ସ୍ୱେଚ୍ଛାସେବକଙ୍କ ପାଟିରୁ ତିନିଥର ହେସାରବ ଧ୍ୱନି ଉଠିଲା, ହିଁ—ହିଁ—ହିଁ, ଭୁର୍ଙ୍ଗା ଚଣ୍ଡ୍ ଜିନ୍ଦାବାଦ୍, ଘୋଡ଼ାମାର୍କା ସମାଜବାଦ ଜିନ୍ଦାବାଦ୍, ଆମର ନେତା ଏକ ନମ୍ବର ।

# ଟିକସ ମଉଷା

କଣ୍ଡୁରୀ ନାୟକ ମ୍ୟୁନସିପାଲିଟିର ଟିକସ ଦାରୋଗା ଦରମ ମାସକୁ ଦେଢ଼ଶହ ଟଙ୍କା । ଘରେ ସାର ମାଆକୁ ମିଶାଇ ପଞ୍ଚପ୍ରାଣୀ କୁଟୁମ୍ବ । ଦିନେ ବଜାରରୁ ଫେରି ଆସି, ଦରଛିଣ୍ଡା ଦେଢ଼ ଟଙ୍କିଆ ରବର ଚପଲ ଦି'ଖଣ୍ଡକୁ ମେଲା ଘର କଣକୁ ଫୋପାଡ଼ି ଦେଇ ଡାକ ଛାଡ଼ିଲା, ସାର ମାଆ, ଏ ସାର ମାଆ ଧାଇଁ ଆସ ।

ସାର ମାଆ ଅଗଣାରେ ବସି ବାସନ ମାଜୁଥିଲା । ସ୍ୱାମୀଙ୍କର ତ ପେଟମରା ରୋଗ । କଅଣଟାଏଁ ହୋଇଗଲା ବୋଲି ଧାଇଁ ଆସି ଦେଖିଲା କଣ୍ଡୁରୀ ତଳେ ବସି ପଡ଼ିଛି ।

ସାର ମାଆ କିଛି ବୁଝି ନ ପାରି କହିପକାଇଲା, କଅଣ ହେଲା, କଅଣ ହେଲା ?'

ତା ସ୍ୱରରେ ଆଶଂକା ସହିତ ଉଦ୍‌ବେଗର ଲକ୍ଷଣ ।

କଣ୍ଡୁରୀ ବଡ଼ ପାଟିରେ କହିଲା, 'ଜରୁରୀ ପରିସ୍ଥିତି । ଆହେ, ଜରୁରୀ ପରିସ୍ଥିତି ।''

ସାର ମାଆ କିଛି ବୁଝି ନ ପାରି କହି ପକାଇଲା, ପେଟକୁ ମାରୁଛି ? ବାଇସୋଡ଼ା ଆଣିବ ? ଆରେ କୁନଆ, ସୋଡ଼ା ଡବାଟା ପାଣି ଗିଲାସେ ଆଣ ।

କୁନଆ ସେମାନଙ୍କର ସାନ ପୁଅ ।

କଣ୍ଡୁରୀ କହିଲା, ''ପେଟମରା ନୁହେଁ ହେ, ପେଟମରା ନୁହେଁ, କହୁଛି ପରା ଜରୁରୀ ପରିସ୍ଥିତି ।''

ସାର ମ.ଆ ତଥାପି ବୁଝିପାରିଲା ନାହିଁ । କହିଲା 'ମୁଣ୍ଡ ବୁଲାଉଛି ? ଛାତି କଅଣ ହେଉଛି ?''

"ନାହିଁ, ନାହିଁ, ନାହିଁ, କହୁଛି ସବ ଜରୁରୀ ପରିସ୍ଥିତି ।"

"ସେଇଠା ଅମିତକା ଯୋଗ

"ଟ୍ରେନ ନୁହେଁ, ଜରୁରୀ ପରିସ୍ଥିତି, ଜରୁରୀ ପରିସ୍ଥିତି ।' ଶୁକରି ଟ୍ରେନ ଯିବା ଉଚିରେ ।"

ସାର ମାଆ ମୁହଁରୁ ବାହାରି ପଡ଼ିଲା, ଏଁ ।"

ସେ ଚାଟକା ହୋଇ ଚୁପ୍ ହୋଇଗଲା ।

କଣ୍ଡୁଆର ଶୁକଶ ବର୍ଷ—ଶତାବ୍ଦୀର ସ୍ୱର ଭାଗରୁ ଭାଗେ । ଦୁନିଆ ଚକ ଘରି ଗଡ଼ୁଛି, କେତେ କେଉଁଠି ଅଦଳ ବଦଳ ହୋଇ ଯାଉଛି, କଣ୍ଡୁଆ ଟୋକାରୁ ବର୍ତ୍ତୁଡା ହୋଇଛି, କିନ୍ତୁ ଶୁକଶ କ୍ଷେତ୍ରରେ ତାର ବଦଳ ହୋଇ ନାହିଁ, କି ତାର ଗତିଗତି ମଧ୍ୟ ବଦଳି ନାହିଁ ।

ପ୍ରତିଦିନ ସକାଳ ହେଲେ ସେ ପୁରୁଣା ସାଇକେଲ ଖଣ୍ଡ ଧରି ତା ଡ୍ୟୁଟିରେ ଯାଏ । ସାଇକେଲ ପଛରେ ଥିବା କ୍ୟାରିଅରରେ ବନ୍ଧା ଥାଏ ବହି କାଗଜରେ ମୋଟା ଖାତା ଆଉ ଖଣ୍ଡେ ରସିଦ ବହି, କାନରେ ଖୋସିଥାଏ ଗୋଟାଏ ପେନସିଲ, ଦରିଛିଣ୍ଡା ମଇଳା କାମିଜ ପକେଟରେ ଟଙ୍କାକ ୭୪ ପଇସା ଅମଳର ଦୁଇ ଅଣା ଓ ବିକ୍ରିତ ଅମଳର ୨୫ ପଇସାର ମୁଢ଼ି ମିଠାଇ ।

ଦେଖିବାକୁ ମାଗିବାକୁ କିଏ ଭଲ ପାଏ ? ଟିକସବାଲାଙ୍କୁ ତ ପୃଥିବୀର ସବୁ ଦେଶର ଲୋକେ ନାକ ଟେକନ୍ତି, ଟିକସବାଲା ଦୁଆରେ ପହଞ୍ଚି ଗଲେ କାଳ ଆସିଲା ବୋଲି ମନେ କରନ୍ତି, କିନ୍ତୁ କଣ୍ଡୁଆ ଟିକସବାଲା ବେଳକୁ ସେ କଥା ଅଲଗା । ସେ ଯେଉଁ ସାହିରେ ପହଞ୍ଚେ ସେ ସାହିର ପିଲାମାନେ ତା ଚାରିଆଡ଼େ ରୁଣ୍ଡ ହୋଇଯାଆନ୍ତି । କଣ୍ଡୁଆ କାହାର ମଉସା, କାହାର ପିଉସା, କାହାର ମାମୁଁ, କାହାର ବା ଅଜା । ତା ଚାରିଆଡ଼େ କୋଳାହଳ ଲାଗି ଯାଏ । ସେ କେଉଁ ପିଲା ହାତରେ ପୁଞ୍ଜାଏ, ଅଉ କାହା ହାତରେ ପାଞ୍ଚଟା ମୁଢ଼ି ମିଠାଇ ଧରାଇ ଦେଇ କାହାର ମୁଣ୍ଡ ଆଉଁଷି ଦିଏ, କାହା ପିଠିରେ ହାତ ବୁଲାଇ ଦିଏ, କାହାକୁ କୋଳ କରି ପକାଏ । ସବୁ ପିଲା

ଖୁସି । ସେ ଯେଉଁ ଆଡ଼କୁ ଯା[illegible] ପଛରେ ହୁଲେ ପିଲା ବୁଲନ୍ତି, ଟିକସ ଆଦାୟ କରିବା ପାଇଁ ସେ ଯେଉଁ ଘରକୁ ଯାଏ, ପିଲାମାନେ ସେଇଠି ପହଞ୍ଚନ୍ତି । ଆଖପାଖର ପିଲାମାନେ ସେମାନଙ୍କ ସହିତ ମିଶି ଯାଆନ୍ତି । ଘରକୁ ଘରେ ପିଲା, ତା ମଝିରେ କଣ୍ଡୁରୀ ଟିକସବାଲା ।

କଣ୍ଡୁରୀ ବାଧ୍ୟ ନ ହେଲେ କାହାରିକୁ ମୁହାମୁହିଁ ଟିକସ ମାଗେ ନାହିଁ । ସବୁ ଘରେ ତ ସେ ଚହ୍ନା । ଯାହା ଦୁଆରେ ପହଞ୍ଚିଲେ ସେ ଘରର ପିଲାମାନେ ତାକୁ ଘେରି ଯାଆନ୍ତି, ତାଙ୍କର ମାଆମାନେ ମଧ୍ୟ ପିଣ୍ଡାକୁ ବାହାରି ଆସନ୍ତି ।

କଣ୍ଡୁରୀ ପିଲାଙ୍କ ମାଆକୁ ଶୁଣାଇ କହେ; 'ଏ ନାତି ବାପକୁ କହିବୁ, ଦୁଇ ବର୍ଷ ଟିକସ ହେଲାଣି, ଦେବେ । ମୁଁ ଆସିବି କାଲି ଘୁଞ୍ଚ ପଅରି ଦିନ ।

ଏତିକି । ତା' ପରେ ପିଲାଏ ଲାଗିପଡ଼ନ୍ତି, ପିଲାଙ୍କ ମାଆମାନେ ଲାଗି ଯାଆନ୍ତି ।

ଟିକସ ଆଦାୟ ନ ହୋଇ ଉପାୟ ଅଛି ? ସେଥିପାଇଁ ଯେତେ ଟିକସ ଦାରୋଗା ମ୍ୟୁନିସିପାଲଟିରେ ଅଛନ୍ତି, ସେମାନଙ୍କ ଭିତରେ କଣ୍ଡୁରୀର ଅସୁଲ ବେଶି । ଏଥିରେ ବା କେଉଁ ଉପର ହାକିମ ଖୁସି ନ ହେବେ ?

ପଚିଶ ବର୍ଷ ଚାକିରି ଭିତରେ କଣ୍ଡୁରୀ ଅନେକ ଚେୟାରମେନ୍, ଅନେକ କଲେକ୍ଟର୍ ଅନେକ ହାକିମ ଦେଖିଛି । ଚେୟାରମେନ୍‌ଗୁଡ଼ାଙ୍କ ତ ଭୋଟ ଭିକାରୀ—ଏଥର ଭୋଟ ପାଇ ଆସିଛନ୍ତି, ଆସନ୍ତା ଥର; ତା ପର ଥର ପୁଣି କେଉଁଠି ଭୋଟ ପାଇଁ ଆସିବେ, ସେଇ ଆଡ଼କୁ ନଜର ଦେଇ ସବୁ କାମ କରନ୍ତି । ଥରେ ଯେଉଁ ଲୋକ ଚେୟାରମେନ ହେଲା, ମଲାଯାଏ ସେ ଚେୟାରମେନ ରହିବ, ତା ପୁଅ ନାତି ପୁରୁଷାନୁକ୍ରମେ ସେଇ ପଦବୀରେ ରହିବେ, ଏଇ ଆଶାଟାକୁ ମନରେ ଗଣ୍ଠି ପକାଇ ରଖିଥାଏ । ତାଙ୍କ ହୁକୁମରେ ଦଳେ ବାହାରନ୍ତି; ମ୍ୟୁନିସିପାଲଟି କଲେକ୍ଟରଙ୍କ ହାତକୁ ଯାଏ । ନୂଆ ନୂଆ ହାକିମ ଆସନ୍ତି । କିଏ କଡ଼ା, କିଏ ନରମ । କିଏ କଣ୍ଡୁରୀ

ଘର ଭଲଆ କର୍ମଗୁଣ୍ଠମାନଙ୍କୁ ଆଖି ଭସ୍ତଟି ଗୁହାନ୍ତି, କଏ ବା ଆତ୍ମନସ୍ଥନରେ ସେମାନଙ୍କ ଆଡ଼କୁ ନଜର ଦଅନ୍ତି । ଆଉ କେହି କେହି ଭଲଆ ଲୋକେ ଯେପର ମଣିଷ ନୁହନ୍ତି ସେପରି ମନେ କର ସେମାନଙ୍କ ଆଡ଼କୁ ଗୁହାନ୍ତି ବ ନାହିଁ ।

କଣ୍ଡୁଗ୍ରି ସବୁ ଦେଖେ, ସବୁ ଜାଣେ; କାହାକୁ କଛି କହେ ନାହିଁ । ତା କାମ ଠିକ୍, ତ ସେ ଠିକ୍ । ସେ ଗ୍ଧବେ, ସେ ମଣିଷ ନୁହେଁ, ପଚ୍ଚିଶ ଜଣ ଟିକସ ଦାରୋଗା ଭିତରେ ସେ ଜଣେ ଟିକସ ଦାରୋଗା । ଇଂରେଜ ଅମଳରେ ସେ ସେହି ଟିକସ ଦାରୋଗା ଥିଲା, ସ୍ୱାଧୀନ ଭାରତରେ ସେ ତାହା ହିଁ ରହିଛି, ମଲାଯାଏ ବୋଧହୁଏ ଟିକସ ଦାରୋଗା ରହିବ, ମଲା ପରେ ?—ହଁ, ଯମପୁରରେ ତ ମ୍ୟୁନସପାଲଟି ଥିବ, ସେଇଠି ସେ ଟିକସ ଦାରୋଗା ହୋଇ ରହିବ ।

ତା ସାଙ୍ଗ ହଜାର ବାରିକ । ସେ ବ ଥିଲା ଟିକସ ଦାରୋଗା । ସଫା ପେଣ୍ଟ, ସଫା ଜାମା, ଚକଚକଆ ଜୋତା ପିନ୍ଧି ଆସେ; ହୋଟେଲରେ ବସିଲେ ପାଞ୍ଚଟଙ୍କା ଖରଚ କରଦଏ, ମଦ ପିଇ ମାତାଲ ହୁଏ । ଟିକସ ଅସୁଲ କର ବାପା ଗୋସେଇଁ ବାପାର ସମ୍ପତ୍ତି ପର ଖର୍ଚ୍ଚ କରେ, ରସିଦ୍ ଜାଲ କରେ । ଗ୍ଲାକ ତ; ଧରା ପଡ଼େ ନାହିଁ । ସବୁ ଉପର ହାକମଙ୍କୁ ସେ ହାତ କର ନଏ । ମଝିରେ ଜଣେ ଅଖାଡ୍ଡୁଆ ହାକମ ଆସିଲେ । ପାଞ୍ଚହଜାର ଦୁଇ ଶହ ତନ ଟଙ୍କା ତହବଲ୍ ତୋସରଫ କରଛି ବୋଲ ହଜାରକୁ ଧରଲେ । ମକଦ୍ଦମା ହେଲା । ହଜାର ଜେଲ ଗଲା । ସେ ଆଉ ଆସି ସ୍ୱାଧୀନ ଭାରତରେ ସେ ମନ୍ତ୍ରୀ ହୋଇଗଲା, ମଉଜରେ ରହିଲା, ମଟର ଚଢ଼ି ବୁଲଲା, ଗଣ୍ଡା ଗଣ୍ଡା ଚପରାସୀ ତା ପଛରେ ଗୋଡ଼ାଇଲେ, ହାକମମାନେ ସଲାମ କଲେ । ଟଙ୍କା ପଇସା ତୋସରଫ କର ଜେଲ ଭୋଗିଥିବା ଟିକସ ଦାରୋଗା ହଜାର ବାରିକ, ବର୍ତ୍ତମାନ ହଜାରବାବୁ—ସେହି ମ୍ୟୁନସପାଲଟି ଇଲାକାର ମନ୍ତ୍ରୀ । ଆଉ କଣ୍ଡୁଗ୍ରି ? ତା ଆଗରେ ମାଛି ମଶା ପର । ହଉ, ହଜାର ଭଲରେ ଥାଉ । କଣ୍ଡୁଗ୍ରି ଟିକସ ଦାରୋଗା, ସେ ବ ଭଲ ।

ପଚଶ ବର୍ଷ ଗୁକସରେ କଣ୍ଡୁଗ୍ରି ବଦଳ ହୋଇ ନାହିଁ—ସେ ଯେଉଁ ଓ୍ୱାର୍ଡ଼ରେ ଥିଲା ସେ ଓ୍ୱାର୍ଡ଼ରେ ରହିଛି । ସେ ଦେଖିଛି, ତା ଅଞ୍ଚଳରେ

ଯେଉଁଠି ଭୁବନେଶ୍ୱରର ଜଙ୍ଗଲ ଥିଲା, ଯେଉଁଠି ହେଟା ବାଘ ଲୁଚୁଥିଲେ, ସେଠି ମାଳକୁ ମାଳ ପକା କୋଠା ହୋଇଛି, ଯେଉଁଠି ଗୁଳଘର ଥିଲା, ସେଠାରେ ବଡ଼ ବଡ଼ ଦୋମହଲା ତିଆରି ହୋଇଛି; କେତେ ବୁଢ଼ା ବୁଢ଼ା କେଉଁ ଆଡ଼େ ଗଲେଣି, ତା ହାତରୁ ମୁଢ଼ି, ମିଠାଇ ନେଇଥିବା କେତେ ପିଲା ବଡ଼ ହୋଇ ପୁଅଝିଅର ବାପ ହେଲେଣି । ଏସବୁ ଅଦଳ ବଦଳ ଭିତରେ କଣ୍ଡୁଗ୍ରୀ ବଦଳି ନାହିଁ କି ନୂଆ ଓ୍ୱାର୍ଡ଼କୁ ବଦଳି ହୋଇ ନାହିଁ । ଥରେ ରାଜାରାମ ପାଣ୍ଡେ ବୋଲି ଜଣେ ଭାରି ଟାଣୁଆ ହାକିମ ଆସିଲେ । ଅଫିସରେ ସେ କାହାରିକୁ ବସେଇ ଉଠେଇ ଦେଲେ ନାହିଁ—ସମସ୍ତଙ୍କୁ ବୋହଲାଇଲେ । କଣ୍ଡୁଗ୍ରୀ ବିଚାରା ଛୁଡ଼ ପାଇଲା ନାହିଁ । ଆଉ ଗୋଟାଏ ଓ୍ୱାର୍ଡ଼କୁ ତାକୁ ବଦଳି ହେଲା । ହେଉ, ବଳଦ ତ; କୁଣ୍ଡା ଖାଇବ, ଘଣା ଭିଡ଼ିବ—ଏହାହିଁ ତ ତାର କାମ । ଢେଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବ । କ୍ଷତି କଅଣ ?

କିନ୍ତୁ ତା ପୁରୁଣା ଓ୍ୱାର୍ଡ଼ର ପିଲାମାନେ, ମାଆମାନେ, ବାପାମାନେ କଣ୍ଡୁଗ୍ରୀକୁ ଖୋଜିଲେ, ତା ବଦଳରେ ଆସିଥିବା ଟିକସ ଦାରୋଗାକୁ ଟିକସ ଦେଲେ ନାହିଁ । ଆପତ୍ତି କଲେ, ଅଫିସକୁ ଯାଇ ପାଟିତୁଣ୍ଡ କଲେ । ପାଣ୍ଡେ ସାହେବଙ୍କ ଆସନ ଟଳିଲା; ସେ ପୁଣି କଣ୍ଡୁଗ୍ରୀକୁ ତା ପୁରୁଣା ଓ୍ୱାର୍ଡ଼କୁ ଫେରାଇ ଦେଲେ ।

ଭଡ଼ା ଘରେ ଯେଉଁ ଲୋକ ରହନ୍ତି ସେ ଘରକୁ ମଧ୍ୟ ସେମାନେ ନିଜ ଘର ବୋଲି ମନେକରନ୍ତି । କଣ୍ଡୁଗ୍ରୀ ଯେଉଁ ଓ୍ୱାର୍ଡ଼ରେ ୨୫ ବର୍ଷ ରହିଲାଣି ସେ ତାକୁ ନିଜ ଓ୍ୱାର୍ଡ଼ ବୋଲି ଭାବେ । ଏହା ସ୍ୱାଭାବିକ । ଏ ଅଞ୍ଚଳର ପ୍ରତ୍ୟେକ ଘର ସହିତ ସେ ପରିଚିତ । କାହା ବାଡ଼ିରେ କେତୋଟି ସଜନା ଗଛ, କେତୋଟି ଅମୃତଭଣ୍ଡା ଗଛ, କେତୋଟି କଦଳୀ ଗଛ, କେତୋଟି ଫୁଲ କୁଣ୍ଡ ଅଛି, କଣ୍ଡୁଗ୍ରୀକୁ ସେ ସବୁ ଜଣା । ଯାହା ବାଡ଼ିରେ ଯେଉଁ ଫସଲ ହୁଏ, ସେଥିରୁ କେବେ କେବେ ତା ଭାଗରେ କିଛି କିଛି ପଡ଼ିଥାଏ । ଟିକସ ଯେପରି ମ୍ୟୁନିସପାଲିଟିର ପ୍ରାପ୍ୟ, ଏ ସବୁ ତାର ଗୋଟାଏ ପ୍ରାପ୍ୟ ବୋଲି ଧରି ନିଏ । ଆଇନ୍ ବଳରେ ଯଦି ଦାବୀ ସ୍ଥିର କରାଯାଇପାରେ, ସ୍ନେହ ପ୍ରେମରେ କଅଣ ତାହା ହୋଇପାରିବ ନାହିଁ । ଏହା ହିଁ ତାହାର ବିଶ୍ୱାସ ।

ସବୁଦିନପରି ସେଦିନ ତା ଓ୍ୱାର୍ଡ଼କୁ ଯାଇଥାଏ । ସବୁଦିନପରି ସେଦିନ ମଧ୍ୟ ତା ପକେଟରେ ପିଲାଙ୍କ ପାଇଁ କିଛି ମିଠାଇ ।

ଜଣେ ଟିକସଦାତା । ତାଙ୍କ ଉପରେ ଦୁଇ ବର୍ଷର ବାକି ।

କଣ୍ଡୁଶ୍ରୀ ତାଙ୍କ ପାହାଚ ତଳେ ସାଇକେଲ ରଖିଦେଇ ଡାକିଲା, "ବାବୁ ଅଛନ୍ତି ?"

ଘର ଭିତରୁ ଜବାବ ମିଳିବା ଆଗରୁ ଦୁଇଟି ସାନ ସାନ ପିଲା ତା ପାଖକୁ ଧାଇଁ ଆସିଲେ ।

ମୁନା କହିଲା, 'ବାପା ଘରେ ଅଛନ୍ତି । ଗାଧୋଉଛନ୍ତି ।'

ଟୁନା କହିଲା, 'ମୋ ପାଇଁ ନାଲି ମିଠାଇ ?'

'ଆଣିଛି । କହି କଣ୍ଡୁଶ୍ରୀ ସେମାନଙ୍କୁ କୁଣ୍ଢାଇ ପକାଇଲା । ସେମାନଙ୍କ ହାତରେ ଗୋଟିଏ ଗୋଟାଏ ମିଠାଇ ଦେଇ କହିଲା, "ବାପାଙ୍କୁ କହିବୁ, ମୁଁ ଆସିଥିଲି । ମୁଁ ପୁଣି କାଲି ଆସିବି । ତୁମ ପାଇଁ ମିଠାଇ ଆଣିବି ।

ସାଇକେଲ ଧରି କଣ୍ଡୁଶ୍ରୀ ଆଗକୁ ଚାଲିଲା ।

ଜଗବନ୍ଧୁ ବାବୁଙ୍କ ଘର । କଲଟେଶର ହେଡ଼୍ କସମା ।

ଘର ଭିତରୁ ଡାକ୍ତର ବାହାରୁଛନ୍ତି ତାଙ୍କ ସାଙ୍ଗରେ ଜଗବନ୍ଧୁ-ବାବୁ ।

କଣ୍ଡୁଶ୍ରୀ ସାଇକେଲରୁ ଓହ୍ଲାଇ ପଡ଼ିଲା । ଡାକ୍ତର ମଟର ଚଳାଇ ଚାଲିଗଲେ ।

କଣ୍ଡୁଶ୍ରୀ ପଚାରିଲା, "ରତ୍ନ ?"

ଜଗବନ୍ଧୁ ବାବୁ ଶୁଖିଲା ମୁହଁରେ ଉତ୍ତର ଦେଲେ, 'ଶୋଇଛି, ତିନ ଦିନ ହେବ ଜ୍ୱର । ଲୋକ ଚିହ୍ନିପାରୁ ନାହିଁ ।'

ରତ୍ନ କଣ୍ଡୁଶ୍ରୀର ବଡ଼ ସାଙ୍ଗ । ଓ୍ୱାର୍ଡ଼କୁ ଆସିଲେ ସେ ତା ସହିତ ଦେଖା ନ କରି, ତା ସହିତ କିଛି ସମୟ କଥାବାର୍ତ୍ତା ନ ହୋଇ ଫେରିବ ନାହିଁ ।

କହିଲା, 'ଟିକିଏ ଦେଖିବ ।'

ଜଗବନ୍ଧୁବାବୁ ତାଙ୍କୁ ସାଙ୍ଗରେ ଧରି ଘର ଭିତରକୁ ଗଲେ ।

ବିଛଣାରେ ପାଞ୍ଚ ବର୍ଷର ପିଲାଟି ପଡ଼ିଛି । ଜଗବନ୍ଧୁବାବୁଙ୍କର ଗୋଟିଏ ବୋଲି ପୁଅ । ଯନ୍ତ୍ରଣାରେ ଛଟିପିଟି ହେଉଛି ।

କଣ୍ଡୁରୀ ଉପରେ ତାର ନଜର ପଡ଼ିଲା ।

କହିଲା, 'ଟିକିସ ମଉସା । ତମେ ମୋ ପାଖରେ ବସ ।'

କଣ୍ଡୁରୀ ତା ବିଛଣା କଡ଼ରେ ବସି ପଡ଼ିଲା, ତା ମୁଣ୍ଡରେ ଧୀରେ ଧୀରେ ହାତ ବୁଲାଇଲା ।

ଟିଉ କହିଲା, 'ନାଲି ମିଠେଇ ?'

'ଆଣିଛି, ବାପା ।'

ପିଲାଟିକୁ ନିଦ ହୋଇଗଲା ।

ଜଗବନ୍ଧୁବାବୁ ଆଉ ତାଙ୍କ ସ୍ତ୍ରୀ ବିଛଣା ପାଖରେ ଛିଡ଼ା ହୋଇ ଦେଖୁଥାଆନ୍ତି ।

ଘଣ୍ଟାଏ, ଦୁଇ ଘଣ୍ଟା । କଣ୍ଡୁରୀ ସେହିପରି ବସିଥାଏ ।

ତିନି ଦିନ, ତିନି ରାତି । ସେ ଟିଉର ବିଛଣା ପାଖରେ ବସି ରହିଲା । ତା ଘର, ତା ବ୍ୟବସା କିଛି ମନେପଡ଼ିଲା ନାହିଁ ।

ଡାକ୍ତରମାନେ ଆସିଲେ । ଘଣ୍ଟାକୁ ଘଣ୍ଟା ଔଷଧ, ଇଞ୍ଜେକସନ୍ ଚାଲିଲା । ଜଗବନ୍ଧୁବାବୁ ଧାଇଁ ବୁଲିଲେ । ଟିଉର ମାଆ କାଠ ପିତୁଳା ପରି ବସି ରହିଲେ ।

ରାତି ପାହି ଆସୁଛି । ଟିଉ ଆଖି ଫିଟାଇ କଣ୍ଡୁରୀ ଆଡ଼କୁ ଚାହିଁଲା ।

କହିଲା, "ଟିକିସ ମଉସା ।"

କଣ୍ଡୁରୀ ଖୁସି ହେଲା । ତା ମୁହଁରୁ ବାହାରି ପଡ଼ିଲା, '[illegible]ର, ବାପା ।'

ଗୋଟାଏ ଝଟ୍‌କା । ପିଲାଟି ଆଖିବୁଜିଲା । ସବୁଶେଷ ।

---

# ଭିକା ମା

ସେ ଗାଆଁ ଭିକା ମା ଜଣେ ଲୋକ ନୁହେଁ, ଗୋଟାଏ ଅନୁଷ୍ଠାନ । ବୁଢ଼ା-ବୁଢ଼ୀମାନଙ୍କର ସେ ନାଣୀ, ଦରବୁଢ଼ାମାନଙ୍କର ମାଉସୀ, ଟୋକା ଓ ତାଙ୍କଠାରୁ ସାନମାନଙ୍କର ଆଈ । ସେ ସମସ୍ତଙ୍କର ଆପଣାର; ସମସ୍ତେ ତାର ଆପଣାର ।

ଗାଆଁ ମଝିରେ ସାନ ଗୁଡ଼ିଆ ଦୋକାନ ଖଣ୍ଡେ । ସେଠାରେ ବରା, ପିଆଜି, ଆରିସା, ଉଖୁଡ଼ା ମିଳେ । କେତେ କେତେ ବେଳେ ଚକୁଳି ଓ କାଙ୍ଗ ପିଠା ମଧ୍ୟ ତିଆରି ହୁଏ । ଭିକା ମା ନିଜେ ଜିନିଷ ତିଆରି କରେ; ନିଜେ ମଧ୍ୟ ମାଲିକ ।

ଭିକା ମାର ବୟସର ହିସାବ କେହି ରଖି ନାହାନ୍ତି । ଭିକା ମା— ଭିକା ମା । ତା ତିଆରି ଜଳଖିଆରେ ସିନା ସମସ୍ତିଙ୍କ ଦରକାର, ତା ବୟସରୁ କାହାରିକୁ ବା କଅଣ ମିଳିବ ? ତେବେ ବୁଢ଼ା ବୁଢ଼ାମାନେ କହନ୍ତି, ଭିକା ମାକୁ ତିନି ସ୍ତୁର କୋଡ଼ି ବୟସ ହେବ ।

ବୁଢ଼ୀ ପାଚିଲା ଆମ୍ବପରି ଗୋରୀ, ମୁଣ୍ଡର କେଶଗୁଡ଼ାକ ଝୋଟ ପରି ଧଳା, ଚମ କୁଞ୍ଚିକୁଞ୍ଚିଆ, ପାଟିରେ ଗୋଟାଏ ମଧ୍ୟ ଦାନ୍ତ ନାହିଁ; କିନ୍ତୁ ତା ପାକୁଆ ପାଟିର ହସ ବଡ଼ ମିଠା । ଭିକା ମା ଦାଣ୍ଡ ମଝିରେ ଅଣ୍ଟା ପାଖରୁ ଆଗକୁ ନଇଁ ପଡ଼ି ଯେତେବେଳେ ଚାଲେ ତାର ଶୁଣ୍ଡୀ ହାତ ଦୁଇଟା କୁକୁଡ଼ା ଡେଣା ପରି ସମାନ୍ତରାଳ ଆକାରରେ ପଛ ଆଡ଼କୁ ବାହାରି ପଡ଼େ । ଘରୁ ପୋଖରୀ କୂଳ, ପୋଖରୀ କୂଳରୁ ଘର ଏହାରି ଭିତରେ ତାର ଯିବା ଆସିବା ।

ତାହାର ଜଣେ କେହି ସ୍ୱାମୀ ଥିଲେ, ଭିକା ନାମକ ଗୋଟାଏ ପୁଅ ଥିଲା, ଆଜି ହୁଏତ ଏହା କେହି ମନେରଖି ନାହିଁ । ଭିକା ବାପା ସହିତ ଭିକା ବିସ୍ମୃତିର କେଉଁ ଅତଳ ଗର୍ଭରେ ବିଲୀନ ହୋଇଯାଇଛନ୍ତି । ଆଜି

ଭକା ଘରେ ଥିଲେ ତା ବୟସ ଷୋଳଶ ବର୍ଷରୁ ଊଣା ହୋଇ ନ ଥାନ୍ତା । ଗାଆଁକୁ ଥରେ ଜଣେ କୁମ୍ଭି-ପଇଁଆ ବାବାଜୀ ଆସି ଥିଲା । ସେ ଶୁଖୁଆ ପଖାଳ ଖାଏ, ରାତିପାହାନ୍ତାରୁ ଗାଧୋଇ ପୂର୍ବ ଦିଗକୁ ଚାହିଁ ଶୁଏ, ବସେ, ମୁଣ୍ଡିଆ ମାରେ, ରାତିରେ ଗଞ୍ଜେଇ ଭଙ୍ଗୁ, ଖଞ୍ଜଣି ମାଡ଼ି କରି ଭଜନ ବୋଲେ । ଭକା ଅଲେଖ ନିରଞ୍ଜନଙ୍କ ଆକର୍ଷଣରେ ହେଉ ବା ମାଗଣାରେ ଗଞ୍ଜେଇ ନିଶା ମିଳିବା ଲୋଭରେ ହେଉ ବାବାଜୀ ପାଲରେ ପଡ଼ି ଗ୍ରାମ ଛାଡ଼ି ଗଲା, ଗଲା । ଗୋଟିଏ ବୋଲି ପୁଅ । ଭକା ମା ବହୁତ ଖୋଜିଲା ଖୋଜାଇଲା, ବହୁତ ଲୋଡ଼ିଲା ଲୋଡ଼ାଇଲା; ତାର କିଛି ଖୋଜଖବର ମିଳିଲା ନାହିଁ ।

ଭକା ମା'ର ବରା ଆଖପାଖ ଗାଆଁରେ ପ୍ରସିଦ୍ଧ । ଶୁଣିବାରେ, ଜଣେ କଲେକ୍ଟର ସାହେବ ତା ବରାର ମହିମା ଶୁଣି ପାରି ଦାରୋଗା ହାତରେ ଟଙ୍କା କରି ମଗାଇଥିଲା । ସେ ତାଳପତ୍ର ପୋଡ଼ରେ ପେଡ଼ିଏ ବରା ସାହେବ ପାଖକୁ ପଠାଇଥିଲା । ସେତେବେଳେ ସାହେବ ଅମଳ । ସେତେବେଳେ ନକଲି ସ୍ୱଦେଶୀ ସାହେବ କଲେକ୍ଟର ନ ଥିଲେ, ଥିଲେ ଖାଣ୍ଟି ଗୋରା ସାହେବ । ତା ପରଦିନ ସାହେବଙ୍କ ଚପରାସୀ ଭକା ମା ଦୋକାନକୁ ଆସି ଦୁଇଅଣାକୁ ୮ଟା ବରା ଖାଇଲା । ତା'ଠାରୁ ଭକା ମା ଶୁଣିଛି, ସାହେବ କୁଆଡ଼େ ବରା ଖାଇ ଖୁସି ହୋଇ କହି ଥିଲେ, ବହୁତ ଆଚ୍ଛା । ବୋଲିବା ବାହୁଲ୍ୟ, ଏ ପ୍ରଶଂସାପତ୍ର ପାଇବା ପରେ ଭକା ମା ଚପରାସୀବାବୁଙ୍କଠାରୁ ପଇସା ନେଇ ନଥିଲା ।

ଭକା ମା ଦୁଃଖ କରି କହେ, କାଳ କଅଣ ହେଲା ! ରୁପା ଟଙ୍କା ଉଭେଇ ଗଲା, କାଗଜ ଟଙ୍କା ବାହାରିଲା; ତମ୍ବା ପଇସା ଦେଖିବାକୁ ସ୍ୱପ୍ନ ହୋଇ ଯିବାର ଚଳିଲା । କାଗଜ ଖପରା ଉଣି ଗୁଡ଼ାଏ ଥାଅ । ଟଙ୍କାଟା ଷୋଳ ଅଣା, ଚଉଷଠି ପଇସା ଥିଲା । ଅଣା ବଣା ହୋଇ ଖଣାରେ ପଡ଼ି ସମାଧି ଭଜିଲା, ଟଙ୍କାର ଦାମ୍ ୬୪ ଜାଗାରେ ଶହେ ପଇସାକୁ ବଢ଼ିଗଲା । ତା ସହିତ ଜିନିଷର ଦର ସୀମା ସରହଦ ଟପିଗଲା । ସାନ ବରା ପଇସାକୁ ଗୋଟାଏ ବଡ଼ ବରା ଗୋଟାକୁ ଦୁଇ ପଇସା ବିକୁ ଥିଲା । ଲୋକେ ଖୁସୀ ହୋଇ ଦୋକାନରେ ବସି ଖାଉଥିଲେ, ଖୁସି ହେଉଥିଲେ । ଆଜିକାଲି

ବଗ୍ ତୋଟାକୁ ସ୍ୱରି ଅଣା, (ପଚଶ ପଇସା) । ଗରିବ ଦୁଃଖୀ ଖାଇବେ କୁଆଡ଼ୁ ?”

ଭକା ମା ତା ବଗ୍‌କୁ ଭଲ୍‌ପାଏ—ଠିକ୍ ଯେପରି ଜଣେ ଲେଖକ ତା ନିଜ ଲେଖାକୁ, ଆଉ ତା ଗ୍ରାହକମାନଙ୍କୁ, ଯେପରି ଜଣେ ଚିତ୍ରକର ତା ଦର୍ଶକମାନଙ୍କୁ । ବଗ୍‌କୁ ଅନବଦ୍ୟ ସୁନ୍ଦର କରିବା ପାଇଁ ସେ କୌଣସି ଉଦ୍ୟମ ବା ଖର୍ଚ୍ଚରେ ତ୍ରୁଟି ରଖେ ନାହିଁ । ଦିନ ଥିଲା ଯେତେବେଳେ ଏ ଦେଶ ପୃଷ୍ଠ ଉପରେ ଚିର ଅକାଳ ପଠାଣ ଭୂତ ମାଡ଼ିବସି ନଥିଲା, ସେତେବେଳେ ଟଙ୍କାକୁ ସରୁ ବାସନା ଚାଉଳ ୬° ସେର, ଖାସ୍ କେନ୍ଦ୍ରାପଡ଼ା ଧୋଇଆ ଅଞ୍ଚଳରୁ ଆସିଥିବା ବଡ଼ ଡାଲି ବରି ୧୬ସେର, ତା ଗାଆଁର ସାଧୁ ସାହୁ ଘଣାରେ ପେଡ଼ା ହୋଇଥିବା ସୋରିଷ ତେଲ ୫ ସେର ଦରରେ ସେ କିଣୁଥିଲା । ତା ସଞ୍ଚିତ ସରକାରୀ ସାର ହିଆ ହୋଇ ନ ଥିବା—ସେତେବେଳେ ଏଭଳି କାଙ୍ଗାଳ କଥା କାହାର ମନକୁ ଆସି ନ ଥିଲା—ପିଆଜ, ସୂର୍ଯ୍ୟମୁଖୀ କଞ୍ଚାଲଙ୍କା ମରିଚ, ଅଦା ଓ ଧନିଆପତ୍ର ମିଶାଇ ଗୁଣିଲେ ତାହା ଯେପରି ମନ୍ଦାର ଫୁଲ୍ ନାଲିଆ ହେବ, ଆଉ ସେଥିରୁ ଯେପରି ବାସନା ବାହାରିବ ସେଥିରୁ ନ ଖାଇଲା ଲୋକ ମଧ୍ୟ ଦୁ’ପୁଞ୍ଜା ଖାଇଦେବ । ଆଜିକାଲି ତ କଣ୍ଟ୍ରୋଲ୍ ମହିମାରୁ ସବୁ ମିଶା, ସବୁ ଭେଜାଲ । ଚାଉଳରେ ଗୋଡ଼ି, କଣିଆ ବିରିରେ ମାଟି, ଡିଣ ତେଲରେ ଅଗରି ଓ ଆଉ କେତେ କିଷ କଷ । ଦିନ କାଳ ଏବେ ହେଲାଣି ଯେ, କାଗମାଆ ମଧ୍ୟ ମିଶା, ଭେଜାଲ ଓ ନକଲି ହୋଇଗଲେଣି । ଏଥିରେ ସେ ଆଗପରି ସେ ସୁଆଦିଆ ବଗ୍ ତିଆରି କରିପାରୁ ନାହିଁ । ଖାଇବା ଗ୍ରାହକମାନଙ୍କୁ ତା ମନ ମୁତାବକ ଖୁସି କରିପାରୁ ନାହିଁ ।

ସେ ଦୁଃଖୀ ଗରିବଙ୍କୁ ଦେଖିପାରେ । ସେମାନେ ହିଁ ତାର ଅସଲ ଗ୍ରାହକ । ଲାଭ ଯୋଗୁଁ, ବେପାର ଯୋଗୁଁ ଯେ ସେ ସେମାନଙ୍କୁ ଏତେ ଦେଖିପାରେ, ତାହା ମଧ୍ୟ ନୁହେଁ । ଗୋଟାଏ ବୋଲି ପେଟ । ଦିନକୁ ପାଏ ଚାଉଳ ହେଲେ ଯଥେଷ୍ଟ । ସେ ଲୋଭ କରିବ କାହିଁକି ? ଧାନ ଚାଉଳ ମହରଗ ହେବାରୁ ଗାଆଁର କେତେ ଘର କୃଷୀଙ୍କ ହାତକୁ ମୁଠାମୁଠା ନୋଟ ଆସିଲା । ସେମାନେ ତାହା କରିବେ କଅଣ ? ରଖିଲେ ଉଇ ଖାଇ

ଯିବ, ଘରେ ନଆଁ ଲାଗିଲେ ପୋଡ଼ି ପାଉଁଶ ହୋଇଯିବ, ପାଣି ପଡ଼ିଲେ କାଦୁଅ ପରି ମେଞ୍ଚାଏ ହୋଇଯିବ । ଏ କାଗଜ ଟଙ୍କାଗୁଡ଼ାକୁ କରିବେ କଅଣ ବୁଦ୍ଧି ନ ପାଇ ଇଟା ପୋଡ଼ାଇ ପକ୍‌କା ଘର କଲେ । ଭକା ମାଇ ଏ ଲୁଗାଖଣ୍ଡ ଯଥେଷ୍ଟ । ଏହି ଘରେ ତ ତାଙ୍କ ସାତ ପୁରୁଷ ଚଳି ଆସିଛନ୍ତି, ଆଉ ସେ ଚଳିପାରିବ ନାହିଁ ?

ଭକା ମା'ର ବଡ଼ ଆଶା ନାହିଁ, ସେଥିପାଇଁ ସେ ଅଳ୍ପରେ ସନ୍ତୁଷ୍ଟ, ହୋଇ ସେ ସମସ୍ତିଙ୍କୁ ସୁଖପାଏ । କେହି ଜ୍ୱର ବାଧକାରେ ପଡ଼ିଛି ବୋଲି ଶୁଣିଲେ, ଲୁଗା କାନିରେ ପୁଞ୍ଜାଏ ବରି ବାନ୍ଧି ସେ ପହଞ୍ଚିଯାଏ । ରୋଗୀଟିର ମୁଣ୍ଡ ଟିପି, ଘଷା ଆଉଁସା କରି ବରାଟକ ଦେଇ ଚାଲିଆସେ । କେହି ମରଣ ଶଯ୍ୟାରେ ପଡ଼ିଛି—କିଛି ଖାଉ ନାହିଁ, ତଣ୍ଟିରେ ପାଣି ଗଳୁ ନାହିଁ, ମୁହଁ ପଡ଼ିଗଲାଣି; ଭକା ମା କାନିରେ ବରି ବାନ୍ଧି ତା ପାଖରେ ପହଞ୍ଚିଯାଏ । ତା ମୁହଁରେ ଘର ଲୋକେ ନିର୍ମାଲ୍ୟ ପାଣିଦେଲା ବେଳେ ଭକା ମା ବରି ଟିକିଏ ମଧ୍ୟ ଦିଏ । ପଣତ କାନିରେ ଆଖି ପୋଛି ପୋଛି ଫେରିଲା ବେଳକୁ ସେ କହେ, 'ଆହା ବରିକି କଅଣ ଆଉ ଖାଇପାରିବ ? କାଲେ ଆଶା ରହିଯିବ ।'

ବୁଢ଼ୀ ଦୋକାନ ପଛ ଦାଣ୍ଡରେ ଚାଲିଲେ ଦୁଇ ଚାରି ପୁଞ୍ଜା ପିଲା ତା ପଛେ ପଛେ ଚାଲି ତାକୁ ଚିଡ଼ାନ୍ତି—

ଭକା ମା ପିକା ଖାଏ
ନାଉ ଧୁଙ୍କୁ ବଜାଉ ଥାଏ ।
ଭକା ଉପରେ କାଙ୍କଡ଼
ଭକା ମା ଜନ୍ମ କଲା
ଛ' ପୁଞ୍ଜା ମାଙ୍କଡ଼ ।

ବୁଢ଼ୀ ନ ଶୁଣି ଆଗକୁ ଆଗ ଚାଲେ । ସାହିର ଲୋକେ ପିଲାଗୁଡ଼ାକୁ ପାଟି କଲେ ସେମାନେ ପଳାନ୍ତି ।

ବୁଢ଼ୀ ସେମାନଙ୍କୁ କହେ, 'ବାଳୁତ ପିଲାଗୁଡ଼ାକ ! ଖୁସି ହେଉଛନ୍ତି, ହୁଅନ୍ତୁ ।'

ଝନେ ଝନେ ବୁଢ଼ୀ ଚଢ଼ିଗଲେ ଗାଲୁଆ ପାଟିରେ ବଡ଼ ପାଟି କରି କହେ, 'ଛଅପୁଞ୍ଜା ମାଙ୍କଡ଼ ? ହଇରେ ମାଙ୍କଡ଼ ଟୋକାଏ ! ତୁଗାଡ଼ାଏ ମାଙ୍କଡ଼ ଜନ୍ମ କଲ ଯେ, ସେ ଡ଼ଆଁ ମାରି କୁଆଡ଼େ ପଳାଇଲା । 'ମୋ ମୁହଁରେ ପାଣି ମୁଣ୍ଡାଏ ଦେବ କିଏ ? ତୁମେ ମାଙ୍କଡ଼ ଯାକ !'

ସଜ ନାହିଁ, ଲମ ନାହିଁ । ଭକା ମା ଯାହା କହୁଛି, 'ସିଲଗୁଡ଼ାକ ତାହା ବୁଝନ୍ତି କି ନାହିଁ । ସାହୁରୁ ବୋହୂଟିଅମାନେ କହନ୍ତି, 'ଆହା ବଇଲ୍ସ୍ ଖୁବ୍ ଭଲ ଲୋକ ।'

ଭାଇଗ ପ୍ରଧାନ ମା'ର ମରଣ ଅବସ୍ଥା—ଏବେ କି ଆଉ ଟିକିଏ, ସକାଳ ଉଠିଲାଣି । ଗାଆଁ ସାରା ତ ଭକା ମାର ହେଜଲ ଗ୍ରୁମଣ୍ଡା । ତୁରନ୍ତ ତାକୁ ଏସବୁ ଖବର ମିଳିଯାଏ । ସାଙ୍ଗେ ସାଙ୍ଗେ ସେ ଦୋକାନରେ ଛାଟି ଦେଇ ଆଉଷା ପୁଞ୍ଜାଏ ପଣତ କାନରେ ବାନ୍ଧି ବାହାରି ପଡ଼ିଲା ।

ଭାଇଗ ପ୍ରଧାନର ମା ଶୁକ୍ଳୀ ଭକା ମା'ର ସଈ । ଏକା ଝନେ ଦୁହିଁଙ୍କର ବାହାଘର; ଏକା ଝନେ ଦୁହେଁ ବୋହୂ ହୋଇ ଗାଆଁକୁ ଆସିଥିଲେ; ତା'ର ଗୋଟିଏ ପୁଅ—ଭାଇଗ । ଭକା ମା'ର ବି ଗୋଟିଏ । ଶୁକ୍ଳୀ ଭକା ମା ହାତର ଆଉଷା ଖାଇବାକୁ ଭାରି ସୁଖପାଏ । ଦୋକାନକୁ ଆସିଲେ ଭକା ମା ସଈକୁ ପୁଞ୍ଜାଏ ଗଣ୍ଡେ ଆଉଷା ଦିଏ, ପଇସା ନିଏ ନାହିଁ ।

ଘରର ଗୋଟାଏ ଅନ୍ଧାରୁଆ କଣରେ ହେଁସ-ମସିଣା ଉପରେ ଶୁକ୍ଳୀ ପଡ଼ିଛି; ସାଡ଼ା ଶବ୍ଦ କରୁ ନାହିଁ । ଭାଇଗ ସ୍ତ୍ରୀ ତା ମୁଣ୍ଡପାଖରେ ବସି ତା ମୁହଁରେ ନିର୍ମାଲ୍ୟ ପାଣି ଦେଉଛି । ଶୁକ୍ଳୀ ତଣ୍ଟିରେ ଆଉ ପାଣି ଗଳୁ ନାହିଁ, ପାଟି ଦି' କଡ଼ ଦେଇ ପାଣି ଗଡ଼ିପଡ଼ୁଛି ।

ଭକା ମା ଯାଇ ତା ବିଛଣା କଡ଼ରେ ବସିପଡ଼ି ଡାକିଲା, 'ସଈ, ସଈ ।''

ଭାଇଗ ପ୍ରଧାନ ମା କଷ୍ଟ ସମସ୍ତ ପରେ ଟିକିଏ ଆଖି ମେଲାଇ ଚାହିଁଲା ।

ତମ ପାଇଁ ଆରଣା ଆଣିଛୁ । 'ଆରଣା' ଭକା ମା ବଡ଼ ପ୍ରୀତି କରେ । କାନରୁ ଖଣ୍ଡେ ପିଠା କାଢ଼ି ସେଥିରୁ ଟିକଏ ଭାଙ୍ଗି ତା' ମୁହଁରେ ଗୁଞ୍ଜି ଦେଲା ।

ଶୁଳ୍ପି ଗୁନ୍ତରୁ ଖୋଟାଏ ହକ୍କା ଉଠିଲା । ତା ପରେ ଶେଷ ।

ଶୁଳ୍ପିର ମୃତ୍ୟୁ ଶଯ୍ୟା ପାଖରୁ ଲୁହ ପୋଛୁ ପୋଛୁ ଫେରୁ ଫେରୁ ଭକା ମା ଅଶ୍ରାଏ ବର୍ଷାରେ ଭିଜିଲା । ଯେମିତି ହେଲେ ତ ସଞ୍ଜ ପାଇଁ ବୁଡ଼ଟାଏ ପକାଇବାକୁ ହେବ । ନଶୁନିଆ ପୋଖରୀ କୁଠରେ ବୁଡ଼ପକାଇ ଘରକୁ ଫେରିଲା ବେଳକୁ ଦେହରେ ଦେହେ ତାତି । ବୁଢ଼ୀ ବିଛଣା ଧରିଲା ।

ଘରେ ସେ ତ ଏକା । ଏକା ପଡ଼ିରହିଲା । କାହାରିକୁ ଡାକିଲା ନାହିଁ କି କାହାରିକୁ କିଛି କହିଲା ନାହିଁ । ଦୋକାନ ବନ୍ଦ । ପର ଦିନ ସକାଳୁ ପାଖ ପଡ଼ିଶାମାନେ ଜାଣିଲେ ଯେ, ଭକା ମା'କୁ ଜ୍ୱର; ସେ ଉଠିବସି ପାରୁ ନାହିଁ ।

ଗାଆଁର ଝିଅ-ବୋହୂମାନେ ଦଳ ଦଳ ହୋଇ ତାକୁ ଦେଖିବାକୁ ଆସିଲେ । କେହି ମିଶ୍ରି ଆଣିଲା ତ କେହି କାଗଜିଲେମ୍ବୁ, କେହି ବାର୍ଲି, ଶାଗୁ ଇତ୍ୟାଦି ।

ପଡ଼ିଶା ଜଣେ ଧାଇଁଯାଇ ଗାଆଁର ବୈଦ୍ୟ ଦଧି ନାୟକକୁ ଡାକି ଆଣିଲା । ବୁଢ଼ୀର ନାଡ଼ି ଟିପି ସେ କହିଲା ଡବଲ୍ ନମୋନିଆ ! ସ୍ୱର୍ଣ୍ଣଟା ବଟିକା ଦେଇ ସେ ବିଦାୟ ହେଲା ।

ବୁଢ଼ୀ ସେହିପରି ବିଛଣାରେ ପଡ଼ି ଘଡ଼ି ଘଡ଼ି ହେଉଥାଏ । ପଡ଼ିଶା ଘରର ଲୋକେ ବାର୍ଲିପାଣି ତା ମୁହଁରେ ମୁନ୍ଦାଏ ମୁନ୍ଦାଏ ଦେଉଥା'ନ୍ତି । ଗାଆଁର ବୁଢ଼ୀମାନେ ପାଳକରି ତା ପାଖରେ ରହୁଥାଆନ୍ତି । ପାରିଲା ତାକୁ; ଯୋଗ ଯାଏ କ ଯାଏ ।

ସ୍ୱର ଦିନ ସ୍ୱର ରାତି ଏହିପରି କଟିଲା ।

'ଅଲେଖ ନିରଞ୍ଜନ ।'

ସାଞ୍ଜ ଜନ । ବେଳବୁଡ଼ ଅସୁଛି । ଭକା ମା' ଦୋକାନ ଆଗରେ ଜଣେ ଭୁମ୍ବି ସାହୁଆ ବାବାଜୀ ଆସି ଛାକଲ ।

ଭକାମା କୁଣ୍ଡରୁ କ୍ଷୀଣ ସ୍ୱରରେ ବାହାରିଲା, ଭକା ଜଲେ ?"

ଲୋକେ ବାବାଜୀ ପାଖକୁ ଧାଇଁଯାଇ ତାଙ୍କୁ ଡାକି ଆଣିଲେ ।

ଭକା ମା ତା ଆଡ଼କୁ ଗୁହିଁ କହିଲା, 'ଆସିଲୁ ?'

ସେ ଆଖି ବୁଜିଲା ।

ସୂର୍ଯ୍ୟ ଦୂର ଗାଆଁର ତୋଟାମାଳ ପଛରେ ବୁଡ଼ିଯାଉଥିଲେ ।

# ରାଜଧାନୀର ରାଜପଥ

ଭୁବନେଶ୍ୱର । ଅଶୋକଙ୍କ କଳିଙ୍ଗ ବିଜୟ ପରେ ରାଜ୍ୟପାଳଙ୍କ ରାଜଧାନୀ । ଖାରବେଳଙ୍କ ରାଜଧାନୀ । ଲଲାଟେନ୍ଦୁ ସିଂହ (କେଶରୀ)ଙ୍କ ରାଜଧାନୀ । ରାଜଧାନୀ ପରେ ରାଜଧାନୀ । ଦୁଇ ହଜାର ବର୍ଷର ରାଜଧାନୀମାଳା ସବୁ କାଳଗର୍ଭରେ ମାଟିତଳେ ବିଲୀନ । ଇତିହାସର ମୂକ ସାକ୍ଷୀ ପଶ୍ଚିମରେ ଉଦୟଗିରିର ଗୁମ୍ଫା, ପୂର୍ବରେ ଧଉଳି ପାହାଡ଼ରେ ଅଶୋକଙ୍କ ଶିଳାଲେଖ; ଆଉ ତା ପଛକୁ ସାନ ବଡ଼ ଶହ ଶହ ମନ୍ଦିର—କେଉଁ ଅକ୍ଷତ, କେଉଁ ବିଖ୍ୟାତ, କେଉଁ ପତିତ, କେଉଁ ପତନୋନ୍ମୁଖ, କେଉଁ ବିଜ୍ଞାତ, କେଉଁ ଅଜ୍ଞାତ । ଯୁଗେ ଯୁଗେ ମାନବ ଅହମିକାର ଘୋଷଯାତ୍ରା । ସଭ୍ୟତାର ଶ୍ମଶାନ ଉପରେ ସ୍ମାରକୀ—ଶିଳା । ଆଉ ପଶ୍ଚିମରେ ଶୈଳଶ୍ରେଣୀ, ଆଉ ପୂର୍ବରେ ଦୟାନଦୀର ବାଲୁକାଶଯ୍ୟାରେ କ୍ଷୀଣ ସ୍ରୋତର ଇତିହାସ ।

ରାଜଧାନୀର ମହାଶ୍ମଶାନ ମଧ୍ୟରେ ନୂଆ ରାଜଧାନୀ । ଆଉ ସେଥିରେ ରାଜଭବନଠାରୁ ରାଜୁ ସାହୁଙ୍କ ରାଜମହଲ ପୂର୍ବକୁ ଦିଗନ୍ତ ଦେହରେ ବସୁଥିବା ଲିଙ୍ଗରାଜଙ୍କ ଗୃହପଟେ ଥିବା ଶକ୍ତି ପରି ଛକ ରାସ୍ତା ମଝିରେ ଗୋଳେଇ ରାଜ୍ୟପାଳଙ୍କ ରାଜଭବନ ପର୍ଯ୍ୟନ୍ତ ରାଜପଥ । ଦେଶଟା କୁଆଡ଼େ ପ୍ରଜାତନ୍ତ୍ର ଦେଶ—ସିଧା କଥାରେ କହିଲେ ପ୍ରଜାଙ୍କ ରାଜ୍ୟ । ତା' ଭିତରେ ରାଜପଥର ଏ ଯେଉଁ ବାହୁଲ୍ୟ ତାହା ଅତୀତ ଯୁଗ ପ୍ରତି ମୋହ ନା ଆଗାମୀ ଯୁଗର ପୂର୍ବାଭାସ ? ଶତାବ୍ଦୀର ଏକ ଚତୁର୍ଥାଂଶ ପୂର୍ବେ ଏ ଦେଶରେ ବଂଶ ପରମ୍ପରାଗତ ରାଜପଦ ଲୋପ କରାଯାଇଥିଲା, ଭଲ କଥା । ରାଜା ଗଲେ—ରାଜପଦ ଓ ତା ସହିତ ରାଜବୈଭବ ମଲା ନାହିଁ କି ଗଲା ନାହିଁ—ସମସ୍ତେ ରାଜା ହେବାରେ ଲାଗିପଡ଼ିଲେ—ଟେଲା ଟେଲି, ଠେଲା ଠେଲି । ସମସ୍ତେ ରାଜା—କୁଳି ରାଜା, କୁଳି ମୁଣ୍ଡରେ ବୋଝ ବୁହାଉଥିବା ଲୋକ ମଧ୍ୟ ରାଜା, କାଉଣେ ଖକାଳୀ ରାଜା, କଣାଳୀ ରାଜା, ଚହରସୀ ରାଜା, ସେକ୍ରେଟେରୀ ରାଜା, ହେଡ଼ର ରାଜା, ଭୋଟ ଭିଣ୍ଡି ନେଇ ବଡ଼ ହୋଇଥିବା ମନ୍ତ୍ରୀ ରାଜା, ପାଲଟୁଣ୍ଡୋ ମନ୍ତ୍ରୀମାନଙ୍କ ଉପରେ ଉପଦେଶ ବର୍ଷଣ ରାଜା—

ଶ୍ରେୟଶୀଳା । ପ୍ରତ୍ୟେକ ଜଣଙ୍କର ସେମାନଙ୍କ ଉପରେ କଳାବଜାରୀଙ୍କ କୋଳାକୋଳି ଆଉ କଣ୍ଟ୍ରାକ୍ଟରମାନେ ବଡ଼ ବଡ଼ ରଜା । ସେମାନେ ମନ୍ତ୍ରୀଠାରୁ ଚପ୍ରାଶୀ ପର୍ଯ୍ୟନ୍ତ ସମସ୍ତଙ୍କୁ କିଣନ୍ତି—ଯେମିତି ଶାଗ ଶୁଖୁଆ କିଣିବା ପରି ।

କଳାବଜାରୀ ରଜା ଶୃଙ୍ଖଳ ଥାଇ ଦୁର୍ଭିକ୍ଷ ସୃଷ୍ଟି କରନ୍ତି, ଦର ବଢ଼ିବା ପାଇଁ ଲୋକଙ୍କୁ ଶୁଖାଇ ଶୁଖାଇ ମାରନ୍ତି, ଔଷଧର ଅଭାବ ସୃଷ୍ଟି କରି ରୋଗରେ ରୋଗୀଙ୍କୁ ମାରନ୍ତି, ଆଉ କଳା ଧନରେ ଜମି କିଣି ବଡ଼ ବଡ଼ କୋଠା ତିଆରି କରନ୍ତି; ସୁନା କିଣନ୍ତି ।

କଣ୍ଟ୍ରାକ୍ଟର ରଜା । କୋଠାବାଡ଼ି, ରାସ୍ତାଘାଟ ତିଆରି କରିବାଠାରୁ, ଜଳଯୋଗାଣ, ଖାଦ୍ୟ ଯୋଗାଣ ପର୍ଯ୍ୟନ୍ତ ସବୁ କାମ ତାଙ୍କର ହାତରେ ହୁଏ । ଚୋରାବଜାରରେ ଦ୍ୱିଗୁଣ ଦାମ୍‌ରେ ସେମାନେ ସରକାରୀ ସିମେଣ୍ଟ, ଲୁହାଛଡ଼ ବିକନ୍ତି । ମନ୍ତ୍ରୀଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ କିଣନ୍ତି । ସେମାନଙ୍କ ଟଙ୍କା ମୁଣି—ରମ ଝମ, ଭୁଲ ହୋଇଗଲା—ଆଜିକାଲି ତ ଟଙ୍କା ନାହିଁ କି ମୁଣି ନାହିଁ, ଅତଏବ—ସେମାନଙ୍କ ନୋଟବିଡ଼ା ଉପରେ ସବୁ ରାଜନୈତିକ ଦଳଙ୍କ ନଜର । ବାମପନ୍ଥୀ ବାଆଁ ହାତରେ ନେଲେ ତ ଦକ୍ଷିଣପନ୍ଥୀ ଡାହାଣ ହାତରେ; ଆଉ ଯେଉଁମାନେ ମଧ୍ୟପନ୍ଥୀ ସେମାନେ ଖୋଲାଖୋଲି ସମସ୍ତଙ୍କ ଆଗରେ ନିଅନ୍ତି, ଖାଆନ୍ତି । କଣ୍ଟ୍ରାକ୍ଟରମାନେ ଦିଅନ୍ତି, ଖୁଆନ୍ତି, ପରେ ପରେ ମନ୍ତ୍ରୀ ଯନ୍ତ୍ରୀଙ୍କ ଘରେ ଭିଡ଼ କରି ଟେଣ୍ଡର ପାଇଁ ବାଟ ଚିହ୍ନାନ୍ତି । ରାଜଧାନୀରେ ସେମାନଙ୍କ ରାଜପ୍ରାସାଦ ସୁଲଭ ପ୍ରାକାର ଶ୍ରେଣୀ ।

ରାଜଧାନୀ କୋଠାପରେ କୋଠା; କୋଠା ଚଦୁପର । ବଡ଼ ବଡ଼ ବାଟ, ଲମ୍ବା ଯେପରି ଚଉଡ଼ା ସେହିପରି । ଦୁଇ କଡ଼ରେ କୃଷ୍ଣଚୂଡ଼ା ବା ଦେବଦାରୁ ଶ୍ରେଣୀ । ରାତିରେ ବିଜୁଳି ଆଲୁଅରେ ରାଜପଥଗୁଡ଼ାକ ଉଜ୍ଜ୍ୱଳ ହୋଇଉଠେ ।

ବସ୍ତିଖଣ୍ଡି ପଛଆଡ଼ ଅନ୍ଧାର । ତା' ଭିତରେ ଚୋରଗୁଡ଼ାକ ଏକାଠି ହୁଅନ୍ତି, କାହା ଘରେ ପଶି କଅଣ ଚୋରି କରିବେ ବିଚାର କରନ୍ତି । ପକେଟମାରମାନେ ଦିନକ ଭିତରେ କିଏ କେତେ ପାଇଲା, ନିଜ ନିଜ ଭିତରେ କଥାଭାଷା ହୁଅନ୍ତି, କିଏ କାହାର ହାତସଫାଇ କଲା, କେଉଁ ବଡ଼ମା

ପ୍ରକାଶ କରି ମନ୍ତ୍ରୀମାନେ ଅତି ଭକ୍ତି ସହକାରେ ଯେଉଁଭଳି ମନ୍ତ୍ରୀଙ୍କୁ ମନ ନିଜକୁ ଧନ୍ୟ ଧନ୍ୟ କହନ୍ତି, ଠିକ୍ ସେହିପରି ଢଙ୍ଗରେ କର୍ମୀ ପ୍ରକାଶ କରନ୍ତି ।

ରାଜଧାନୀ ମାର୍କେଟ—ହାଟ । ପରିବା, ଗୁଡ଼ଜଳ, ଡାଲିଠାରୁ ଆରମ୍ଭ କରି ଟୋକେଇ କୁଣ୍ଢେଇ ପର୍ଯ୍ୟନ୍ତ ସବୁ ବିକ୍ରୀ ହୁଏ । ଗୁଣଆଲେ ପାଟେସି, ତା ଭିତରେ ଧାଡ଼ିକ ଧାଡ଼ି ଦୋକାନ । ସକାଳ ସଞ୍ଜେ ଗହଳି । ନଗଦ କାରବାର କମ୍, କାଳୀବେଶୀ । ଦର ଚଢ଼ା, ଓଜନ ଊଣା । ରାଜଧାନୀ କର୍ମୀ ପଡ଼ା । ଅଧିକାଂଶ ଲୋକଙ୍କର ମାସିକ ଆୟ ଦୁଇ ଶହରୁ ତିନି ଶହ । ସେଥିରେ ମାସ ଆରମ୍ଭରୁ ମାସ ଶେଷ ପର୍ଯ୍ୟନ୍ତ ଚଳିବା କଥା । ମାସ ସାରା ଧାରରେ ଚଳିବା ଛଡ଼ା ଉପାୟ ନ ଥାଏ । ପହିଲାରେ ଦରମା ଗଣ୍ଡାକ ଅଣି ଦୋକାନୀଙ୍କୁ ଟୁଙ୍ଗିଦେଲେ ମାସର ସାତ ତାରିଖ ବେଳକୁ ପାନଟଣ୍ଡେ କିଣି ଖାଇବା ପାଇଁ ପେଣ୍ଟ ପକେଟରେ ପଇସା ନ ଥାଏ । ପାନ ମଧ୍ୟ ଧାରରେ ଚାଲେ । ଦୋକାନୀଙ୍କର ପୁଷ ମାସ । ଦର ଯାହା ହେଉ, ଓଜନ ଯେତେ କମ୍ ହେଉ, ଧାର କାରବାରରେ ଖରିଦଦାର ଜିନିଷ ନେବାକୁ ବାଧ୍ୟ—ନ ନେଇ ଉପାୟ ନ ଥାଏ । ବେପାରୀମାନେ ଏହି ମାର୍ଗରେ ଚୂନା ପୁଣି ଚପରାସୀ କିରାଣୀଙ୍କଠାରୁ ବଡ଼ ବଡ଼ ଶେଉଳ କାଳିଆ ମନ୍ତ୍ରୀ ଉପମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କ ମୁଣ୍ଡରେ ହାତ ବୁଲାନ୍ତି । ଫରକ୍ ଏତିକି, କିରାଣୀ ଚପରାସୀ ଦରମା ଛୁଣ୍ଡି କି ସିନା ବଢ଼ି କି ନାହିଁ; ଘର ଗୃହିଣୀଙ୍କୁ ଘର ଗୃହିଣୀ ବର୍ଷକୁ ବର୍ଷ ଗୋଟିଏ ଲେଖାଏଁ ପରିବାର ବଢ଼େ, ଖର୍ଚ୍ଚ ବଢ଼େ । ଆଉ ମନ୍ତ୍ରୀ ଉପମନ୍ତ୍ରୀଙ୍କ ଆୟର ସୀମା ସରହଦ ନ ଥାଏ । ଏସବୁ ପଦବୀରେ ଥାଇ ପାରିବା ଲୋକେ ନବାବ ପରି ଖର୍ଚ୍ଚ କରନ୍ତି ଆଉ ପରବର୍ତ୍ତୀ ପାଞ୍ଚ ପୁରୁଷ ପାଇଁ ସଞ୍ଚି ଯାଆନ୍ତି ।

ଦିନ ପ୍ରାୟ ନଅଟା । ମାର୍କେଟରୁ ଗହଳି କମି ଆସିଲାଣି । ମାର୍କେଟ ଆଗରେ ଥିବା ରାଜପଥ ଦୁଇ କଡ଼େ ଲଗାଁତ କୃଷ୍ଣଚୂଡ଼ା ଗଛଗୁଡ଼ିକରେ ଫୁଟିଲା ଫୁଲର ମହୋତ୍ସବ ।

ରାସ୍ତା ଦୁଇକଡ଼େ ଚଲାବାଟ । ଅଫିସ ବେଳ ହୋଇ ନ ଥିବାରୁ ଗହଳି ବେଶି ନାହିଁ । ଅନ୍ୟମନସ୍କ ଭାବରେ ବୁଲୁଛି । ନକୁଳ ନାୟକଙ୍କ ସହିତ ଦେଖା ।

ନକୁଳବାବୁ ଅଫିସ ବାହାରିଲେ ନଅଟା ବାଜିଲା ବୋଲି ବାଟ କଡ଼ରେ ଥିବା ବାଠ କ୍ୟାବିନର ପାନ ଦୋକାନୀ ଧରିନିଏ, ତା'ଠାରୁ କିଛି ଆଗକୁ ଥିବା କାଠକଡ଼ର ଘଡ଼ି ଦୋକାନୀ ତା ଡାହାଣ ହାତରେ ହୋଇଥିବା ଷ୍ଟେସ ବଜାରେ କିଣା ଜାପାନୀ ଘଡ଼ିର କଣ୍ଟା ମୋଡ଼ି ନଅଟା ବଜାଇ ଦିଏ ।

ନକୁଳବାବୁ ଏ ଦୁଇ ଦୋକାନର ପୁରୁଣା ଗ୍ରାହକ ।

ଦଶ ବର୍ଷ ତଳେ ନକୁଳବାବୁଙ୍କ ଯେଉଁ ବେଶ ଭୂଷଣରେ ଦେଖିଥିଲି ଆଜି ମଧ୍ୟ ସେଥିରେ କିଛି ଅଦଳ ବଦଳ ହୋଇଛି ବୋଲି ଦେଖିଲି ନାହିଁ । ସେହି ବା ସେହିପରି ରଙ୍ଗର ଗୋଡ଼ଛିଣ୍ଡା ପେଣ୍ଟ, ସେହିପରି ଅଧା ମଇଳା ହାଫ୍ ସାର୍ଟ, ସେହିପରି ବାଁ ହାତରେ କଳାମୁଣି, ତା ଭିତରୁ ପଦାକୁ ଉହୁଙ୍କି ଚାହୁଁଥିବା ଦୁଇ ତିନିଖଣ୍ଡ ଫାଇଲ୍, କାଖରେ ଖଣ୍ଡେ ଦରଛିଣ୍ଡା ଛତା ।

ଏହି ଦଶ ବର୍ଷ ଭିତରେ ନକୁଳବାବୁ ବେଶି କିଛି ବଦଳି ନାହାନ୍ତି କି ତାଙ୍କ ଚାଲିଚଳନ ବେଶି କିଛି ବଦଳି ଥିବା ଲକ୍ଷ୍ୟ କରିପାରି ନ ଥିଲି । ମନେହେଲା, ପୁରୁଣା ଭୁବନେଶ୍ୱର ମନ୍ଦିରର ଯେଉଁ ଚୂଡ଼ା ମାର୍କେଟ ପଛଆଡ଼ୁ ଉଙ୍କି ମାରୁଛି ନକୁଳବାବୁ ନୂଆ ରାଜଧାନୀର ସେହିପରି ଗୋଟାଏ ପ୍ରାଚୀନ ବସ୍ତୁ ।

ହଜାର ବର୍ଷର କଥା । ଲିଙ୍ଗରାଜ ମନ୍ଦିର କାନ୍ଥରେ କେତେ ଲୁହ, କେତେ ହସ, କେତେ କାନ୍ଦର ସ୍ମୃତି ବୋଳା, ତା'ର ଖବର ଇତିହାସ ରଖେ ନାହିଁ, ମଣିଷ ତାହା ଆବଶ୍ୟକ ମନେକରେ ନାହିଁ । ମନ୍ଦିର ଭିତରେ ଥିବା ହରିହରଙ୍କ ପ୍ରତିକୃତିକୁ ପୂଜା କରି, ମନ୍ଦିରର କାରୁକଳା ଦେଖି ସନ୍ତୁଷ୍ଟ । ଲୋକେ ବେଶି ଚାହାଁନ୍ତି ନାହିଁ, ବେଶି ପାଆନ୍ତି ନାହିଁ, ଯେଉଁତକ ମିଳେ, ତାକୁ ହିଁ ଯଥେଷ୍ଟ ମନେକରି ସନ୍ତୁଷ୍ଟ ହୁଅନ୍ତି ।

ନକୁଳବାବୁଙ୍କ ବିଷୟରେ ତାହା ହିଁ ସତ୍ୟ । ପାଇବା ତାଙ୍କର ବେଶି ନୁହେଁ । ହୁଏତ ତାଙ୍କ ଜୀବନରେ ଏପରି ଗୋଟାଏ ଦିନ ଆସିଥିବା ଯେତେବେଳେ ଗୋଟାଏ ବଡ଼ କିଛି ଆଶାକୁ ସେ ମନରେ ସ୍ଥାନ ଦେଇ

ଥିବେ, ସେ ଉନ୍ମାଦନା ନିଶାରେ କିଛି ସମୟ ମଶଗୁଲ ହୋଇ ରହିଥିବେ—ଯୌବନ ଆରମ୍ଭରେ ସମସ୍ତେ ସେଇଥିରେ ରହନ୍ତି । ସେମାନେ ନିଜ ପାଇଁ ସ୍ୱର୍ଗର ଅପ୍‌ସରା ଖୋଜନ୍ତି—ଅମୃତ ପିଇ, ପାରିଜାତ ମାଳ ଗଳାରେ ଲମ୍ବାଇ, ମନ୍ଦାକିନୀ ଜଳରେ କେଳି କରିବେ ବୋଲି ଆଶା କରନ୍ତି—ଇନ୍ଦ୍ରପଦ ଲାଭ କରି, ଐରାବତ ଉପରେ ବସି ବଜ୍ର ମାରିବା ତାଙ୍କ ପକ୍ଷରେ ତ ଅତି ସାମାନ୍ୟ କଥା—ଏସବୁ ଆଶା ଯୌବନରେ—ବିଶେଷତଃ ଯୌବନ ଆରମ୍ଭରେ ଏତେ ଉତ୍କଟ ଆକାର ଧାରଣ କରେ ଯେ, ତା ସହିତ ପ୍ରକୃତ ପରିସ୍ଥିତିର କିଛି ସମ୍ପର୍କ ରହେ ନାହିଁ । ସେତିକି ବେଳେ ସେମାନେ ଅପ୍‌ସରା ଖୋଜିବୁଲନ୍ତି, ପଥର କୋଇଲାରୁ ତିଆରି ଏସେନ୍‌ସରେ ପାରିଜାତର ସୌରଭ ଆହରଣ କରିବାକୁ ବାହାରି ପଡ଼ନ୍ତି, ଲମ୍ବା କଲି, ଝିଲପି ବାଳ, ମାଗୁରିଆ ମୁଛ, ନଳି ପେଣ୍ଟ, ଆଉ ସାତରଙ୍ଗିଆ ଜାମା ପିନ୍ଧି ଇନ୍ଦ୍ର ହେଉ ହେଉ ଛତରା ହୋଇଯାଆନ୍ତି । ଆଶା ପଛେ ପଛେ ଗୋଡ଼ାଇଲେ ଠେଙ୍ଗା ଧରି ବାସ୍ତବତା; ତାର ଗୋଟାଏ ପାହାରରେ ଅପ୍‌ସରା, ନନ୍ଦନ କାନନ, ମନ୍ଦାକିନୀ ଏସବୁ କୁଆଡ଼େ ଉଡ଼ିଯାଏ; ତା ପରେ ଆସେ କେଉଁଠି ଖଣ୍ଡେ ଚାକିରି, ନ ମିଳିଲେ ବେକାରି—ଠକେଇ, ଚୋରି, ଜୁଆଚୋରି, ଗୁଣ୍ଡାଗିରି ଏସବୁ ପାଇଁ ଶକ୍ତି ବା ସାହସ ନଥିଲେ 'ଇନ୍‌କିଲାବ ଜିନ୍ଦାବାଦ' । ଐରାବତ ବଦଳରେ ଏମାନଙ୍କ ଗତିବିଧି ଦେଖି କଳାମେଘ ପଛରେ ଲୁଚିଯାଏ, ତାର ଆଧୁନିକ ପାର୍ଥିବ ଅବତାର ଟାଉନ ବସ୍ ଚଢ଼ିବା ପାଇଁ ମଧ୍ୟ ନଳି ପେଣ୍ଟ ମୁଣାରେ ଖପରି ତିଆରି ଦଶ ପଇସିଟିଏ ମଧ୍ୟ ନ ଥାଏ ।

ନକୁଳବାବୁଙ୍କ ଜୀବନରେ ଯୌବନ ଗୁଡ଼ାଏ ବର୍ଷ ତଳେ ଆସିଥିବ; ହୁଏତ ତାଙ୍କ ଅମଳକୁ ସ୍ୱପ୍ନ କଳ୍ପନାରେ ସେ ନିଜକୁ ଇନ୍ଦ୍ରପଦରେ ସଜାଇଥିବେ, କିନ୍ତୁ ତାଙ୍କର ଦ୍ୱିତୀୟ ପକ୍ଷର ସ୍ତ୍ରୀ ବିନୋଦିନୀ ଘରକୁ ଆସିବା ପରେ ସେ ଏହା ପୂରାପୂରି ଭୁଲିଯାଇଛନ୍ତି । ତାଙ୍କର କେହି ବନ୍ଧୁ ନାହାନ୍ତି; ଶତ୍ରୁ ମଧ୍ୟ ନାହାନ୍ତି । ଆଲୁଅ ପଛରେ ଅନ୍ଧାର ପରି ବନ୍ଧୁତା ଖୋଜିବାକୁ ଗଲେ ଶତ୍ରୁତା ହାବୁଡ଼ରେ ପଡ଼ିବାକୁ ହିଁ ହେବ । ଏଥିପାଇଁ ନକୁଳବାବୁ ଏ ଦୁଇଟାଠାରୁ ଦୂରରେ ରହି ଯାଇଛନ୍ତି । ଗୀତାରେ ତ କହିଛି, ନିଜେ ନିଜର ବନ୍ଧୁ, ନିଜେ ନିଜର ଶତ୍ରୁ । ଏ ତତ୍ତ୍ୱଟାକୁ ନିଜ

ପ୍ରକାରେ ମୂଳରୁ ବୁଝି ନେଇଛନ୍ତି । ତେଣୁ ନିଜର ଭୂତ, ଭବିଷ୍ୟତ, ବର୍ତ୍ତମାନ ସମ୍ପର୍କରେ କେହି କେବେହେଁ ତାଙ୍କ ମୁହଁରୁ କିଛି ଶୁଣି ନାହାନ୍ତି ।

ଶୁଣିବା ଲୋକ ଥିଲେ ସିନା କହିବାକୁ ଭଲ ଲାଗେ । ତାଙ୍କ ଘରେ ତ ଶୁଣିବା ଲୋକ କେହି ନାହାନ୍ତି । ଆଗ ସ୍ତ୍ରୀର ଗୋଟିଏ, ପଛ ସ୍ତ୍ରୀ ବିନୋଦିନୀଙ୍କର ଗୃଟେଗଟି ସନ୍ତାନ ୧୦ରୁ ଆରମ୍ଭ କରି ବର୍ଷକ ଭିତରେ । ନକୁଳବାବୁ ସେମାନଙ୍କର ଯତ୍ନ ନିଅନ୍ତି । ଭୋରରୁ ଉଠି ଚୁଲ୍ଲି ଲଗାଇ ଚାହା କରନ୍ତି, ନିଦରୁ ଉଠାଇ ବିନୋଦିନୀଙ୍କୁ କପେ ଦିଅନ୍ତି, ଘର ପହଁରନ୍ତି, ବାସନ ମାଜନ୍ତି, ପିଲାଗୁଡ଼ାକ ନିଦରୁ ଉଠିଲେ ସେମାନଙ୍କୁ ସମ୍ଭାଳନ୍ତି । ସଙ୍ଗେ ସଙ୍ଗେ ଚୁଲ୍ଲିରେ ଭାତ ବସିଯାଏ, ଡାଲି ହୁଏ, ଡାଲିରେ ଆଳୁ ପଡ଼େ । ପିଲାଙ୍କ କେଁ କଟର ଭିତରେ ରନ୍ଧା ସରିଯାଏ । ନଅଟା ପୂର୍ବରୁ ନକୁଳବାବୁଙ୍କ ସ୍ନାନ, ଭୋଜନ ସରିଯାଏ । ସେତେବେଳେ ବିନୋଦିନୀ ଶୟନ କକ୍ଷରେ ଗାତ୍ରୋତ୍ଥାନ କରନ୍ତି ।

ସଙ୍ଗେ ସଙ୍ଗେ ଜିହ୍ୱାଗ୍ରଚାଳନା ଆରମ୍ଭ ହୋଇଯାଏ ।

"ବାହାରିଲଣି ଅଫିସକୁ ? ନିଶ୍ଚିନ୍ତ । ମୁଁ ଯେ ଦିନସାରା ଏ ପିଲାଗୁଡ଼ାକୁ ଧରି କମିତି ଦହଗଞ୍ଜ ହେଉଛି, ଟିକିଏ ବୁଝୁଛ ? ଏଗୁଡ଼ାକ ମରୁ ନାହାନ୍ତି କି କୁଆଡ଼େ ଯାଉ ନାହାନ୍ତି, ଖାଲି ମୋତେ ହିଁ ଖାଉଛନ୍ତି । ଆଲୋ ଲୁମ, ଗାଧୁଆ ଘର କୁଣ୍ଡରେ ପାଣି ଅଛି, ନା ବାପଟିଅ ମିଶି ସାରି ଦେଇଛ ? ମତେ ତ ମାରିବା ପାଇଁ ତୁମେ ଦୁହେଁ ଲାଗି ପଡ଼ିଛ । ମୁଁ ମରୁ ନାହିଁ କି ତୁମେ ମରୁ ନା ।"

ନକୁଳବାବୁଙ୍କ କାନରେ ଏସବୁ ପଶୁଛି କି ନା, ଜାଣିବାର ଉପାୟ ନାହିଁ । ସେ ଧରଛିଣ୍ଡା ପେଣ୍ଟ ଆଉ ମଇଳା ହାଫ୍ ସାର୍ଟ ଖଣ୍ଡ ପିନ୍ଧିବାରେ ମନୋନିବେଶ କରନ୍ତି । କେଉଁ ଦିନ ଛତାର ଡୋଡ଼ଆ ମରାମତି କରିବା, କେଉଁ ଦିନ ବା ମୁଣାରେ ଫାଇଲ ସଜାଇବାରେ ଲାଗି ପଡ଼ନ୍ତି । ତୁଣ୍ଡରୁ ପଦେ କଥା ବାହାରେ ନାହିଁ । ତା ପରେ ଛତା ଖଣ୍ଡେ କାଖରେ ଯାକି, ହାତରେ ମୁଣାଟା ଧରି ଘରୁ ବାହାରିଯାଆନ୍ତି ।

କ୍ରମ ନକୁଳବାବୁଙ୍କ ପ୍ରଥମ ସ୍ୱର ହିଁଅ । ବିନୋଦିନୀ ତାଙ୍କୁ ଘରର ଗୃହକର୍ତ୍ରୀରେ ପରିଣତ କରିଛନ୍ତି । ଗୋଟାଏ କଣରେ ଛୁଆ ହୋଇ ଅଫିସ ଗଲାବେଳେ ସେ କାହାଙ୍କ ଆଡ଼କୁ ଗୃହିଁ ରହିଥାଏ ।

ନକୁଳବାବୁ ଏକମୁହାଁ ହୋଇ ଅଫିସ ଯାଆନ୍ତି । ଚୌକିଦାର ଝାଡ଼ିବା ପୂର୍ବରୁ ନିଜେ ନିଜ ଟେବୁଲ ଓ ଚୌକି ସଫା କରି ଫାଇଲ ଧରି ବସି ପଡ଼ନ୍ତି ।

ଦେଢ଼ ଟଙ୍କିଆ ଝରଣା କଲମ । ଲେଖିଲାବେଳକୁ ନିବ୍ ଆଡ଼କୁ ଯେତେ କାଳି ନ ଝରେ ଉପର ଆଡ଼େ ସେତିକି ଝରି ଆଙ୍ଗୁଳିଗୁଡ଼ିକରେ କାଳି ବୋଳିଦିଏ । ନକୁଳବାବୁଙ୍କ ମୁଣ୍ଡରେ କଞ୍ଚା ପାଚିଲା କେଶ ଉଜ-ଡଣ୍ଡୁଳିତ ପରି ଦିଶୁଥାଏ । ଝରଣା କଲମରୁ ଆଙ୍ଗୁଳିଗୁଡ଼ାକୁ ଝରି ପଡ଼ୁଥିବା କାଳିଗୁଡ଼ାକ ସେଥିରେ ବେଳେ ବେଳେ ସେ ବୋଳିଦିଅନ୍ତି । ଏ ତ ବହୁମୁଖୀ ଯୋଜନାର ଯୁଗ । ହୀରାକୁଦ ବନ୍ଧବାନ୍ଧ ଯଦି ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ଜଳସେଚନଠାରୁ ଆରମ୍ଭ କରି ମାଛଚାଷ ଓ ମ୍ୟାଲେରିଆ ଜ୍ୱର ନିୟନ୍ତ୍ରଣ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ହୋଇପାରିବ ବୋଲି କଳ୍ପନା କରି ପରିକଳ୍ପନା କରାଯାଇଥାଏ ତେବେ ନିଜ ମୁଣ୍ଡରେ ଦେଢ଼ଟଙ୍କିଆ କଲମର କାଳି ବୋଳିଲେ ହାତ ସଫା ହେବା ସଙ୍ଗେ ସଙ୍ଗେ ଫାଇଲର କାଗଜ ସଫା ରହିବ, ଲୁଗାପଟାରେ କାଳି ଲାଗିବ ନାହିଁ । ମୁଣ୍ଡର ଧଳା କେଶ-ଗୁଡ଼ାକରୁ ଅନ୍ତତଃ କେତେ ପୁଞ୍ଜା କୃଷ୍ଣବର୍ଣ୍ଣ ଧାରଣ କରିବା ଫଳରେ ତାଙ୍କର ଗୃହିଣୀଙ୍କ ମନରେ ସାମୟିକ ଭାବରେ ହେଲେ ମଧ୍ୟ ଅସ୍ତଗାମୀ ଯୌବନର ପୁନଃ ପ୍ରତ୍ୟାବର୍ତ୍ତନର ପ୍ରହେଳିକା ମଧ୍ୟ ସୃଷ୍ଟି କରିବାର କ୍ଷୀଣ ସମ୍ଭାବନା ତ ରହିବ !

ଅଳ୍ପରେ ସନ୍ତୁଷ୍ଟ ହେବା ତ ନକୁଳବାବୁଙ୍କର ଜନ୍ମଗତ ଅଭ୍ୟାସ । ତେଣୁ ସେ କଲମ ଉପରେ, କାଳି ଉପରେ ବା ନିଜ ଅଙ୍ଗୁଳି ଉପରେ ବିରକ୍ତ ନ ହୋଇ ମନ ଖରାପ କରନ୍ତି ନାହିଁ ବା ଗୋଟାଏ ନୂଆ କଲମ କିଣି ଏ ଧରଣର ବିଡ଼ମ୍ବନା କବଳରୁ ଉଦ୍ଧାର ପାଇବାର କୌଣସି କଳ୍ପନା ମଧ୍ୟ ପହିଲି ତାରିଖରେ ଦରମା ପାଇବା ଦିନ ତାଙ୍କ ମାନସ

ଘଟରେ ଉଦ୍ଭବ ହୋଇ ଥିବାର କୌଣସି ଲକ୍ଷଣ ତାଙ୍କର କୌଣସି କାର୍ଯ୍ୟରେ ପ୍ରକାଶ ପାଇ ନ ଥାଏ। ଅଫିସରୁ ଦରମା ଗଣ୍ଡାକ ଅକ୍ଷତ ଅବସ୍ଥାରେ ଧରି ଗୃହିଣୀଙ୍କ କର-ପଲ୍ଲବରେ ଅର୍ପଣ କରି ସେ ନିଶ୍ଚିନ୍ତ। ତା' ପରେ ଗୁଆଳବାଲା, ପରିବା ଦୋକାନୀ, ତେଲଲୁଣ ବେପାରୀର ମାସକର ଧାର ପରିଶୋଧ କରିବା ପରେ ଆରମ୍ଭ ହୋଇଯାଏ ଅଭାବ ସହିତ ସାରା ମାସ ଧରି ମୁହାଁମୁହିଁ ସଂଘର୍ଷ।

ସଂଘର୍ଷ ଜୀବନର ଲକ୍ଷଣ ବୋଲି କହନ୍ତି। କଥାଟା ସତ। ନିଜ ଦେହରେ ସଂଘର୍ଷ, ମନରେ ସଂଘର୍ଷ, ସାରା ଦୁନିଆରେ ସଂଘର୍ଷ, ମହାଗ୍ରହ, ଗ୍ରହ, ଉପଗ୍ରହ ଭିତରେ ସଂଘର୍ଷ। ସୂର୍ଯ୍ୟ ଗ୍ରହମାନଙ୍କୁ ଭିଡ଼ୁଛି, ଗ୍ରହମାନେ ଓଲଟା ଆଡ଼କୁ ଭିଡ଼ି ହେଉଛନ୍ତି। ଏହି ଭିଡ଼ାଭିଡ଼ି ଫଳରେ ପୃଥିବୀ ଘୂରୁଛି, ଗ୍ରହ ଉପଗ୍ରହ ସବୁ ଘୂରୁଛନ୍ତି। ଏହି ଟଣାଟଣି ଭିତରେ ମଣିଷ ବଞ୍ଚେ, ସେଥିପାଇଁ ଏ ସବୁ ତାର ଏତେ ଦେହସହା ହୋଇଯାଏ ଯେ, ଏପରି ଗୋଟାଏ ଟଣାଭିଡ଼ା ଅଛି ବୋଲି ସେ ଜାଣିପାରେ ନାହିଁ। ନକୁଳ-ବାବୁଙ୍କ ଗାର୍ହସ୍ଥ୍ୟ ଜୀବନରେ ଏ ସତ୍ୟ ସୁସ୍ପଷ୍ଟ ରୂପେ ପ୍ରତିଷ୍ଠିତ। ଘରଆଡ଼ର ଆକର୍ଷଣ—ବିକର୍ଷଣ ଭିତରେ ସେ ନିର୍ବେଦ, ନିସ୍ପନ୍ଦ, ନିର୍ବିକାର। ପୃଥିବୀ ଯେପରି ଆହ୍ନିକ ଗତିରେ ଘୂରେ, ଏଥିରେ ଯେପରି ବ୍ୟତିକ୍ରମ ଘଟେ ନାହିଁ ନକୁଳବାବୁଙ୍କ ଜୀବନର ଗତି ସେହି ଧାରାରେ ଘୂରେ।

ନ୍ୟୁଟନ୍ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିବା ପୂର୍ବରୁ ଏ ଶକ୍ତି ଥିଲା, ଆଜି ଅଛି, ଆଉ ପୃଥିବୀ ଯେତେ ଦିନ ଅଛି ଥିବ, କିନ୍ତୁ କେତେ ଜଣ ନିଜର ଦୈନନ୍ଦିନ ଜୀବନରେ ଏହା ଅନୁଭବ କରନ୍ତି। ଯୁବକ ଜଣକ ହିପ୍ପି ଫେସନବାଲା, ମୁଣ୍ଡରେ ମୁଣ୍ଡେ ନୁଖୁରା ବାଳ, ପାଇକ ଶ୍ରେଣୀର ପଣଗୋସେଇଁ ବାପାମାନେ ଦେଢ଼ଶହ-ଦୁଇଶହ ବର୍ଷ ତଳେ ବାବୁରି ବାଳ ସହିତ ଯେପରି ଗାଲମୋଚ୍ଛ ରଖୁଥିଲେ, ସେହିପରି ଗାଲରେ ଗାଲମୋଚ୍ଛ, ନାକ ତଳକୁ ଦୁଇପଟ ମାଗୁରିଆ ନିଶ, ଗଞ୍ଜେଇ ନିଶାରେ ଗୋଲାପୀ ଉଠିଆସୁଥିବା ଆଖିର ତେରଛା ଚାହାଣି, ଦେହର ହାଡ଼ପଞ୍ଜରା ଉପରେ ସାତରଙ୍ଗୀ ଅଙ୍ଗୀ, ଅଣ୍ଟାତଳୁ ପାଦ ପର୍ଯ୍ୟନ୍ତ କଲାକନାର ଗୋଦରି ଗୋଡ଼ ପରି ଦିଶୁଥିବା ଦୁଇ ଖୋଡ଼ଆ ମୁଣା, ଆଉ ଚପଲ, ଗତିର ସୁବିଧା।

ଯାଇଁ ପାଦରେ ହଟେ ଚଳନ୍ତି । ଏ ଧରଣର ନାଟୁଆ ନଟନଗରରେ ଯେତେବେଳେ ଶସ୍ତା ଧରଣର ପ୍ରେୟସୀଙ୍କ ଉଦ୍ଦେଶ୍ୟରେ ସାଙ୍କଜମାନ ସଙ୍କେତ ସ୍ଥାନକୁ ଗମନ କରୁଥାନ୍ତି; ସେତେବେଳେ ତାଙ୍କ ଜୀବନରେ ମାଧ୍ୟାକର୍ଷଣ ଶକ୍ତି କପରି ଭାବରେ କାର୍ଯ୍ୟ କରୁଛି, ତାହା ସେ ବୁଝି ପାରନ୍ତି କି ? ମାଧ୍ୟାକର୍ଷଣ ଶକ୍ତି ନ ଥିଲେ ସେ ପୃଥିବୀ ଉପରେ ଚାଲି ପାରନ୍ତେ ନାହିଁ—ହୁଏତ ଉର୍ଦ୍ଧ୍ୱପର ଆକାଶରେ ଉଡ଼ି ଉଡ଼ି ମହାବ୍ୟୋମ ଆଡ଼କୁ ଉଡ଼ି ହୋଇ ଯାଇ ପୁରାଣଯୁଗର ତ୍ରିଶଙ୍କୁ ପରି ଶୂନ୍ୟରେ ଲଟକି ରହନ୍ତେ—ତାଙ୍କର ଅଭିସାର ସେତିକିରେ ରହନ୍ତା, ଏ କଥା ସେ ବୁଝି ପାରନ୍ତି କି ? ଅଥବା ମାଧ୍ୟାକର୍ଷଣ ଶକ୍ତି ଯେପରି ଅଛି, କୌଣସି କାରଣରୁ ତାହା ଟିକିଏ ଊଣା ପଡ଼ିଗଲେ, ରସରାଜ ଜଣକ କବନ୍ଧ ପରି ବାଟରେ ଉଡ଼ି ଗଡ଼ି ବୁଲନ୍ତେ, ତାଙ୍କ ପ୍ରେୟସୀଙ୍କ ଯେଉଁ ବେଣୀ ଦେଖି ସେ ଏତେ ମୁଗ୍ଧ, ତାହା ଚରମ ଭାଗକୁ ଚୁମ୍ବନ କରି ମୁଣ୍ଡ ଉପରେ ପଞ୍ଚଶ କାଡ଼ି ଖଞ୍ଜା ହେଲା ପରି ଉପରକୁ ଟେକି ହୋଇ ତାଳଗଛ କାହ୍ନଟା ପରି ବାୟୁ ପ୍ରବାହ ସହିତ ନାନା ଦିଗକୁ ଆନ୍ଦୋଳିତ ହୋଇ ଅପୂର୍ବ ଶୋଭା ପ୍ରକଟିତ କରୁଥାନ୍ତା, ତାହା ସେ ଅନୁମାନ କରନ୍ତି କି ? ନ କରିବା ହିଁ ସ୍ୱାଭାବିକ । ମାଛ ପାଣିରେ ବୁଡ଼ିମରେ ନାହିଁ—ମଣିଷ ବୁଡ଼ିମରେ । ମାଛକୁ ପାଣିରୁ ଉଠାଇ ଆଣିଲେ ସେ ମରିଯାଏ । ମାଛ ପକ୍ଷରେ ଜଳରେ ବଞ୍ଚିବା ଯେପରି ସ୍ୱାଭାବିକ, ମଣିଷ ପକ୍ଷରେ ସ୍ଥଳରେ ରହିବା ସେହିପରି ସ୍ୱାଭାବିକ । ତେଣୁ ମାଛ ଜଳରୁ ଅମ୍ଳଜାନ ନେବା କଥା ଯେପରି ଭାବେ ନାହିଁ, ମଣିଷ ସେହିପରି ତା' ଚାରିଆଡ଼େ ଯେଉଁସବୁ ଶକ୍ତି ଘେରି ରହିଛି, ତା' ଭିତରେ ଯେଉଁସବୁ ଶକ୍ତି କାମ କରୁଛି, ତାହା ବୁଝିପାରେ ନାହିଁ । ଯେ ଜାଣି ପାରିଲା, ସେ ଯୋଗଯୁକ୍ତାତ୍ମା ।

ଏହି ଦୃଷ୍ଟିରେ ଦେଖିଲେ ସେହେଟେରିଏଟ କର୍ମୀ ନକୁଳ ନାୟକ ଜଣେ ଯୋଗସିଦ୍ଧ ପୁରୁଷ । ପାତଞ୍ଜଳୀ କହିଛନ୍ତି, "ଚିତ୍ତବୃତ୍ତି ନିରୋଧ ଯୋଗ ।" ଏ ଦିଗରେ ନକୁଳବାବୁ ସିଦ୍ଧିଲାଭ କରିଥିବା ପରି ଜଣାପଡ଼େ ।

ନକୁଳବାବୁଙ୍କ ଘରକୁ ଶ୍ରୀମତୀ ବନୋଦମା ନାୟକଙ୍କ ଶୁଭାଗମନ କାଳ ବାରବର୍ଷ ସମ୍ପୂର୍ଣ୍ଣ ହୋଇଛି । ଦନରାଣ୍ଡ ସବୁ ସମୟ କହିବା ଭଳିକା

କରିବା ବିନୋଦିନୀ ଦେବୀ ଅନୂଢ଼ା ଅବସ୍ଥାରୁ ସିଦ୍ଧିତାପ୍ରାପ୍ତି କରି ସାରି ଥାନ୍ତି । ଗ୍ରାମରେ ମଧ୍ୟ ତାଙ୍କର ଏବଂବିଧ କୀର୍ତ୍ତିକଳାପ ଟୋକା, ବୁଢ଼ା ସବୁଶ୍ରେଣୀରେ ଏପରି ପ୍ରଚୁର ଲାଭ କରିଥାଏ ଯେ, କନ୍ୟା ଖୋଜିବା ଅଥବା ଦେଖିବା ପାଇଁ ଆସିଥିବା ଲୋକଙ୍କ କାନରେ ଏହା ଆଗେ ପଡ଼ିଯାଏ । ଶୁଣାଯାଇଛି, ଥରେ ଜଣେ ହତଭାଗ୍ୟ ବର ସ୍ୱୟଂ କନ୍ୟା ଦେଖିବା ପାଇଁ ବିନୋଦିନୀ ଦେବୀଙ୍କର ଘରକୁ ଆସିଥିଲେ । କନ୍ୟା ଅନ୍ୟ ଜାତି କି ନା ବର ଏହା ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ବିନୋଦିନୀଙ୍କ ମୁଖ-ଚନ୍ଦ୍ରରୁ ଏପରି ସ୍ୱରତରଙ୍ଗ ବିନିର୍ଗତ ହେଲା ଯେ, ତା ଧକ୍କାରେ ବିଚରା ଆଗନ୍ତୁକ ଦଶହାତ ଦୂରରେ ଥିବା ଅଗଣା ଉପରେ ଛିଟିକି ପଡ଼ିଲେ । ସେଠାରୁ ଉଠି ଏକମୁହାଁ ହୋଇ ଦୌଡ଼ି ଦୌଡ଼ି ଗାଆଁ ସୀମାପାର ହୋଇ ସେଠାରେ ପୁଣି ଜ୍ଞାନ ହରାଇ କଚାଡ଼ି ପଡ଼ିଲେ । ତହିଁ ଉତ୍ତାରୁ ତାଙ୍କ ସନ୍ଧାନ ଏ ଗାଆଁରେ ଆଉ କାହାରି କୌଣସି ଦିନ ଦେଖା ହୋଇ ନ ଥିଲା ।

ଏ ଧରଣର କୀର୍ତ୍ତିରାଜି ଯୋଗୁଁ ବିନୋଦିନୀ ଦେବୀଙ୍କ ବିବାହ ବୟସ ଅତିକ୍ରାନ୍ତ ହୋଇଥିଲା । ନକୁଳବାବୁ ବିପତ୍ନୀକ ହେବାର ସୁଯୋଗ ଜଣି ତାଙ୍କ ଅଫିସର ଜଣେ କିରାଣୀ ଘଟକତ୍ୱ ସ୍ଥାପନ କରିବା ଫଳରେ ନକୁଳବାବୁ ବିନୋଦିନୀ ଦେବୀଙ୍କ ପାଣିଗ୍ରହଣ କରିଥିଲେ । ସେହିଠାରୁ ତାଙ୍କର ଗାର୍ହସ୍ଥ୍ୟ ଜୀବନରେ ଭଟଷ୍ଟୁରଣ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଜଳନ୍ତ ମ ବିନୋଦିନୀଙ୍କ ନିରବଚ୍ଛିନ୍ନ ଜିହ୍ୱା ତାଡ଼ନା ଫଳରେ ସ୍ଥିତପ୍ରଜ୍ଞତା ଲାଭ କରିଥିଲେ ।

ଯେଉଁ ଦିନ ଜଣେ ବୁଢ଼ା ଲୋକ ନକୁଳବାବୁଙ୍କ ଘରକୁ ଆସି କୁମର ବିବାହ ପ୍ରସ୍ତାବ ଆରମ୍ଭ କଲା ସେହି ଦିନଠାରୁ ବିନୋଦିନୀ ଦେବୀଙ୍କ ମୁଣ୍ଡବ୍ୟଥାର ସୂତ୍ରପାତ ।

ବୁଢ଼ା ଜଣକର ପୁଅ ବି. ଏ. ପାସ୍ କରି ନକୁଳବାବୁଙ୍କ ଅଫିସରେ ନୂଆ ହୋଇ ଏଲ୍. ଡି. ଆସିଷ୍ଟେଣ୍ଟ କାମ କରୁଛନ୍ତି । ଯୁବକମାନେ ତ ଆଦର୍ଶବାଦୀ । ଏ ଜଣକ ମନେ ମନେ ସ୍ଥିର କଲା ଯେ, ସେ ଗୋଟାଏ ଯୌତୁକହୀନ ବିବାହ କରିବ । ତେବେ ତ ବିବାହକୁ ମନ୍ତ୍ରୀମାନେ

ଆସିବେ । ସାପ ଆସିଲେ ଲଙ୍ଗୁଳ ଆସିବା ପରି ମନ୍ତ୍ରୀ ଆସିଲେ ସେକ୍ରେଟେରିମାନେ ଆସିବେ । ଖବରକାଗଜରେ ନାଆଁ ବାହାରିବ ।

ରାଜଧାନୀର ସବୁଘର ସରକାରୀ । ସବୁର ଆକାର ସମାନ । ଚଉଡ଼ା ରାସ୍ତା, ତା ପାଖରେ ଗଳି । ଗଳି ଦୁଇପାଖେ ଘର । ସବୁ ଘରେ ନମ୍ବର ଚିହ୍ନ, ତା ଉପରକୁ ଗଳିର ନମ୍ବର, ରାସ୍ତାର ନମ୍ବର, ୟୁନିଟ୍ ନମ୍ବର । ରାଜଧାନୀ ତିନିଟା ୟୁନିଟରେ ଆରମ୍ଭ ହୋଇଥିଲା; ବର୍ତ୍ତମାନ ତାହା ନଅଟାରେ ପହଞ୍ଚିଲାଣି । ସାରା ସହରଟା ତ ଯୁକ୍ତିଆ ନଗର, ଏଠାରେ ସାହି ବା ବସ୍ତିର ନାମ ଆସିବ କୁଆଡ଼ୁ ? ସବୁ ସହର ପରି ଏଥିରେ ବଜାର ନାହିଁ—ସବୁ କାରବାର ସରକାରୀ ହାଟରେ ଚଳେ । ତେଣୁ ବଜାରର ନାମ ଧରି ଘର ଖୋଜି ପାଇବା ସମ୍ଭବ ନୁହେଁ । ତେଣୁ ଅଙ୍କଶାସ୍ତ୍ରର ଆଶ୍ରୟ ନିଆ ଯାଇଛି । ରାଜଧାନୀରେ ଯେପରି ସାହି ସବୁର ନମ୍ବର ଅଛି, କାଶିପୂ ଜନସୁମାରିରେ ହେଲପରି ପ୍ରତି ନାଗରିକର ନମ୍ବର ପାଖକୁ ନାମ ଅଛି । ନାମ ଯୋଗରୁ ସିନା କିଏ ବ୍ରାହ୍ମଣ, କିଏ ଭଣ୍ଡାରୀ, କିଏ କରଣ, କିଏ ତେଲି, କିଏ ପାଣ, କିଏ ପଠାଣ, କିଏ ହରିଜନ, କିଏ ଗିରିଜନ ଭେଦ ଜଣାପଡ଼ୁଛି; ନାମ ପରିବର୍ତ୍ତେ କାଶିପୂ ନମ୍ବର ଚଳାଇଦେଲେ ଭେଦଭାବ ଭାଙ୍ଗିଯିବା ସଙ୍ଗେ ସଙ୍ଗେ କାଶିପୂ ସଂହତି ସ୍ଥାୟୀ ସ୍ଥାଏଁ ପ୍ରତିଷ୍ଠିତ ହୋଇଯିବ । ଯେଉଁମାନେ ଟଙ୍କାକ ୬୪ ପଇସା ବଦଳରେ ଶହେ ପଇସା କରିଦେଲେ, ସେର ପରିବର୍ତ୍ତେ କିଲୋ ଚଳାଇଲେ, ମାଇଲ ବଦଳରେ କିଲୋମିଟର କଲେ, ସେମାନଙ୍କ ଆଖିକୁ ଏ ସହଜ କଥାଟା ଏ ଯାଏଁ ଯେ ଦିଶି ନାହିଁ, ଏହା ହିଁ ଆଶ୍ଚର୍ଯ୍ୟର କଥା । କୌଣସି ଜଗନ୍ନାଥ ଦେଶାଙ୍କ ନାମ ପରିବର୍ତ୍ତେ ଯଦି ୨୨୭୭୯୧୯୦୨ ଦିଆଯାଏ, ବା ଯଦି କୌଣସି ଶ୍ରୀମାନଙ୍କୁ ନାମ ପରିବର୍ତ୍ତେ ୯୪୭୫୩୬୦୬ ନମ୍ବର ବୋଲି ଡକାଯାଏ, ତେବେ କାହାରି କିଛି କ୍ଷତି ହେବ ନାହିଁ ।

ଐତିହାସିକ ମନୋଭାବାପନ୍ନ ଜଣେ ମୁଖ୍ୟମନ୍ତ୍ରୀ ପୁରାଣ ଓ ଇତିହାସରୁ ନାଆଁ ସବୁ ଗୋଟି ଆଣି ରାଜଧାନୀର ବିଭିନ୍ନ ବସତିର ନାମକରଣ କରି କାଳେ କିଏ ଭୁଲିଯିବେ ବୋଲି ସିମେଣ୍ଟ ପଟାରେ ଖୋଳାଇ ଛକକୁ ଛକ ପୋତାଇ ଦେଇଥିଲେ; କିନ୍ତୁ କାଳକ୍ରମେ ଲୋକମୁଖରେ

ତାହା ଭିନ୍ନ ଆକାର ଧାରଣ କଲାଣି । ବାପୁଜୀ ନଗରରେ ବାବାଜୀ ନ ଥିଲେ ମଧ୍ୟ ତାହା ବାବାଜୀ ନଗର, ଅଶୋକ ନଗର—ଛକ ନଗର, ଖାରବେଳ ନଗର—ଖରବେଳ ନଗର, ଗୋପବନ୍ଧୁ ନଗର—ବନ୍ଧୁ ନଗର, ଶହୀଦ-ନଗର—ସରହଦ ନଗର, ସତ୍ୟ ନଗର—ସେଠୀ ନଗର ହୋଇଗଲାଣି; କିନ୍ତୁ ଶିଖିପୁର ଓ ନୂଆପଲ୍ଲୀରେ ବହୁତକାଳୁ ସୌଧମାଳା ନିର୍ମିତ ହୋଇଥିଲେ ମଧ୍ୟ ଲୋକଙ୍କଠାରେ ତାହା ସେହି ପୁରୁଣା ନାମରେ ପରିଚିତ—ଏ ଦୁଇଟି ସ୍ଥାନର ନାମ ଯଦି ମର୍କସ୍ ନଗର, ଲେନିନ୍ ଅଞ୍ଚଳ ବୋଲି କେହି କେବେ ଦେଇ ବସନ୍ତି, ତେବେ ତାହା ଯଥାକ୍ରମେ ମର୍କମରା ନଗର ଓ ଲୁଣା ଅଞ୍ଚଳ ଆକାର ଧାରଣ କରିବ ।

କଂସବର୍ଜନ (କୋନସ୍ ବର୍ଜନ) ନାମକ ଜଣେ ଜର୍ମାନୀ ଦେଶୀୟ ଇଞ୍ଜିନିୟର୍ ରାଜଧାନୀର ଯେଉଁ ମୂଳ ନକ୍ସା ତିଆରି କରିଥିଲେ ସେଥିରେ ସାନ ବଡ଼ ଘରଗୁଡ଼ାକ ସେ ଦେଶ ଡାଞ୍ଚରେ ତିଆରି ହେଲା । ଏଥିରେ ତାଙ୍କର ଦେଶ ଢଙ୍ଗରେ ରହିବା ବ୍ୟବସ୍ଥା ହୋଇଛି । ତାଙ୍କ ଦେଶରେ ତ ବାପା-ମାଆ, ପୁଅ-ବୋହୂ, ଦେଢ଼ଶୁର-ଭାଇବୋହୂ ଗୋଟାଏ ଘରେ, ଗୋଟାଏ ପରିବାରରେ ଚଳନ୍ତିନାହିଁ । ତେଣୁ ରାଜଧାନୀ ଘରେ ଏସବୁ ବ୍ୟବସ୍ଥା ନାହିଁ । ଅତିଥି ସେବା ଭାରତୀୟ ସଭ୍ୟତାର ପ୍ରଧାନ ଅଙ୍ଗ । ରାଜଧାନୀ ଘରେ ଅତିଥି ପାଇଁ ଆଶ୍ରୟ ସ୍ଥାନ ନାହିଁ । ଏ ଦେଶର ପ୍ରତ୍ୟେକ ପରିବାର ଘରେ ବଖରାଏ ଠାକୁର ଘର ଥାଏ । ରାଜଧାନୀ ଘରେ ତାହା ନାହିଁ ।

ସବୁଠାରୁ ମଜାର କଥା, ରାଜଧାନୀ ନକ୍ସାରେ ଶ୍ମଶାନ ପାଇଁ କୌଣସି ସ୍ଥାନ ରଖାଯାଇ ନାହିଁ । ଏ ପ୍ରକଳ୍ପ କରିବା ଲୋକେ ବୋଧହୁଏ ଧରି ନେଇଥିଲେ ଯେ, ସରକାରୀ କର୍ମଚାରୀମାନେ ସମସ୍ତେ ଅମର । ପରେ ଯେତେବେଳେ ଏ ଭ୍ରମ ସୁଧାରିବାକୁ ପଡ଼ିଲା, ସେତେବେଳେ ମଶାଣି ପଦାରେ କ୍ଷୀପ୍ର ସନ୍ଧିବର ଶୀଳରୋପଣ କରାଗଲା । ଧାଡ଼ି ହୋଇ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟାନଙ୍କ ପାଇଁ ମଶାଣିଭୂଇଁ ରହିଲା । ମଝିରେ କେବଳ ଗୋଟାଏ ପଥର କାନ୍ଥର ବ୍ୟବଧାନ । ହିନ୍ଦୁର ଶବ ପୋଡ଼ାହୋଇ ଆକାଶ-ମାର୍ଗକୁ ଗତି କରୁଥିବା ବେଳେ କାନ୍ଥ ଆରପଟେ ମୁସଲମାନ ଓ ଖ୍ରୀଷ୍ଟାନ ଶବ

ପୋତା ହୋଇ ପାତାଳଦେଶ ଆଡ଼କୁ ଗତି କରିବ; କିନ୍ତୁ ସରକାର ବ୍ୟବସ୍ଥା କରିବେ ଯେ; ସେ ସମସ୍ତଙ୍କ ମରଣୋତ୍ତର ପରପାରରେ ମଧ୍ୟ ଜାତୀୟ ସହିତ ସ୍ଥାପନ କରିବେ ।

ନକୁଳବାବୁ କାହା'ର ଘରକୁ ଯାଆନ୍ତି ନାହିଁ; ତାଙ୍କ ଘରକୁ କେହି କେବେ ଆସନ୍ତି ବୋଲି ପାଖପଡ଼ିଶା କୌଣସି ଦିନ ଜାଣନ୍ତି ନାହିଁ ।

ସେ ଦିନ ନକୁଳବାବୁ ରାତି ୯ଟାବେଳେ ଅଫିସରୁ ଫେରି ରନ୍ଧାଘରେ ଡେକ୍‌ଚିରେ ଭାତ ପାଣି ବସାଇ ଥିଲେ । ବିନୋଦିନୀ ଦେବୀ ସେତେବେଳକୁ ଗାଢ଼ନିଦରେ ଶୋଇପଡ଼ି ଥାଆନ୍ତି । ତାଙ୍କ ଦ୍ୱାରରେ ଜଣେ ବୁଢ଼ା ଭଦ୍ରଲୋକ ପହଞ୍ଚି ଡାକିଲେ । ନକୁଳବାବୁ ତରବରରେ ଛିଣ୍ଡା ମଇଳା ଗାମୁଛା ଖଣ୍ଡିକ ପାଲଟି ପକାଇ ବାହାରକୁ ଆସିଲେ ।

'ଆପଣ ନକୁଳବାବୁ ? ଭଦ୍ରଲୋକ ପଚାରିଲେ ।

'ହଁ ।' ନକୁଳବାବୁ ଉତ୍ତରଦେଲେ । ବାକ୍ ସଂଯମ ତାଙ୍କର ଅଭ୍ୟାସରେ ପରିଣତ ହୋଇସାରିଛି ।

'ମୁଁ ଜୀବନାନନ୍ଦର ବାପା । ଜୀବନାନନ୍ଦ ଆପଣଙ୍କ ଅଫିସରେ କାମ କରେ ।'

'ହଁ, ବସନ୍ତୁ ।' ନକୁଳବାବୁ ଉତ୍ତର ଦେଲେ ।

ବାରନ୍ଦାରେ ଦୁଇଖଣ୍ଡ ଦଉଡ଼ିଭଙ୍ଗା ଚୌକି ପଡ଼ିଥିଲା । ଦୁହେଁ ବସିଲେ । ଦୁହେଁ ଚୁପ୍ ।

ଭିତରୁ ଶୁଭିଲା, 'ଆଲୋ କୁମ, ଭାତ ହେଲାଣି ?'

ନକୁଳବାବୁ ଚମକିପଡ଼ିଲା ପରି ହେଲେ । ଦ୍ୱାର ପାଖରେ ବିନୋଦିନୀ ଦେବୀଙ୍କ ପଦଶବ୍ଦ ଶୁଣାଗଲା ।

ଆଗନ୍ତୁକ ଭଦ୍ରଲୋକଟି ଆରମ୍ଭ କଲେ, 'ମୁଁ ଗୋଟିଏ ପ୍ରସ୍ତାବ କରିବାକୁ ଆସିଛି ।'

ନକୁଳବାବୁଙ୍କ କଣ୍ଠରୁ ବାହାରିଲା, 'ହୁଁ ।'

'ଆପଣଙ୍କ ଝିଅ ସହିତ ମୋ ପୁଅର ବିବାହ ।'

'ନକୁଳବାବୁ କିଛି ନ ବୁଝିଲା ପରି କହିଲେ, 'ଏଁ ।'

'ବୁଝିପାରିଲେ ନାହିଁ ? ମୋ ପୁଅ ଜୀବନାନନ୍ଦ ଆପଣଙ୍କ ଝିଅକୁ ବାହା ହେବ ବୋଲି ମନେ ମନେ ଠିକ୍‌କରି ଆପଣଙ୍କ ପାଖକୁ ମୋତେ ପଠାଇଛି ।'

ନକୁଳବାବୁ ଅଭ୍ୟାସ ପରିଚାଳିତ ହୋଇ କହି ପକାଇଲେ, 'ହୁଁ ।'

ପରେ ଭାବି ଦେଖିଲେ ଏ ହୁଙ୍କାର ଧ୍ୱନିରେ ବିପଦ ଅଛି ।

ମା'ଆମର ଝିଅ । ବିମଳା ତା ପାଇଁ ଯେତେ ଦୁଃଖ କଷ୍ଟର ଆୟୋଜନ କରିଛି, ତାହା ଆଡ଼କୁ ନିରବରେ ସୁଦ୍ଧିଁ ୧୬ବର୍ଷ କାଳ ସେ ସବୁ ସହିଛି । ହାତକୁ ଦୁଇହାତ କରିଦେଲେ ସେ ଏ ଧାରାବାହିକ ଯନ୍ତ୍ରଣା କବଳରୁ ନିଷ୍କୃତି ପାଇବ, ନକୁଳବାବୁ ଯେ ଥରେ ଥରେ ଭାବି ନାହାନ୍ତି ତାହା ନୁହେଁ, କିନ୍ତୁ ଉପାୟ କଅଣ ? ହାତରେ ତ ପଇସାଟିଏ ନାହିଁ । କୌଣସି ଦିନ ଯେ ପଇସାଟିଏ ରହିବ, ଏପରି ଆଶା କରିବାର ଉପାୟ ମଧ୍ୟ ନାହିଁ । ତାଙ୍କ ଅବସ୍ଥା ତ ସମସ୍ତଙ୍କୁ ଜଣା । ସେହି କାରଣରୁ ବୋଧହୁଏ ଏ ପର୍ଯ୍ୟନ୍ତ କୌଣସି ପ୍ରସ୍ତାବ ତାଙ୍କ ପାଖକୁ ଆସି ନ ଥିଲା; ନିଜ ଅବସ୍ଥା ଆଡ଼କୁ ଦୃଷ୍ଟି ଦେଇ ଏ ବିଷୟରେ କୌଣସି କଥା ସେ କାହାକୁ କହି ନ ଥିଲେ ।

ନକୁଳବାବୁ କିଛି ନ ଭାବି କହିଲେ, 'ମୋର ତ କିଛି ନାହିଁ ।'

ଭଦ୍ରଲୋକ ଜଣକ ବୋଧହୁଏ ସେଥିପାଇଁ ଆଗରୁ ପ୍ରସ୍ତୁତ ଥିଲେ । କହିଲେ, 'ଆଗେ ଆପଣ ରାଜି କି ନା, ସେ କଥା କହନ୍ତୁ ।'

ପୁଣି ନକୁଳବାବୁଙ୍କ ମୁହଁରୁ ବାହାରି ପଡ଼ିଲା, 'ହୁଁ ।'

ଭଦ୍ରଲୋକ ଜଣକ କହିଲେ, 'ଠିକ୍ । ତା ହେଲେ ଆସନ୍ତା ତିଥିରେ ବିବାହ ହେବ । ଆପଣ କିଛି ଭାବନ୍ତୁ ନାହିଁ ।'

ନମସ୍କାର କରି ସେ ଉଠିଲେ ।

ନକୁଳବାବୁ ଭଣ୍ଡାଘର ଆଡ଼କୁ ଗୁଲିଗଲେ, ବିନୋଦିନୀ ଡାକିଲେ, 'ଶୁଣୁଛ ! ମୁଁ ମୋ ବାପଘରକୁ ଯିବି ।'

ନକୁଳବାବୁ କହିଲେ, 'ହୁଁ ।'

'ବରଂ ମୋ ମୁଣ୍ଡ ଧରୁଛି । ବାପଘରକୁ ଯିବି ।' ବିନୋଦିନୀ ଘୋଷଣା କଲେ ।

ନକୁଳବାବୁଙ୍କଠାରୁ ଉତ୍ତର ମିଳିଲା, 'ହୁଁ ।'

ଚବିଶିଆର ଛନ ପିଲା ବୁବେଟିଙ୍କୁ ସାଙ୍ଗରେ ଧରି ସେ ତାଙ୍କ ପିତ୍ରାଳୟ ଅଭିମୁଖେ ଯାତ୍ରାକଲେ ।

ଶ୍ରୀବନାନନ୍ଦଙ୍କ ସହିତ କୁମର ବିବାହ ହୋଇଗଲା । ନକୁଳବାବୁଙ୍କ ଅଫିସର ସହକର୍ମୀମାନେ ଅଣ୍ଟାଭିଡ଼ି ଲାଗିପଡ଼ିଲେ; ଘର ସଜାଇଲେ, ଝୁଲୁଆ ଟାଙ୍ଗିଲେ, ଫାଟକ ବାନ୍ଧିଲେ, ସୁବେଶଧାରୀ ବାଜା ବାଲା ଡକାଇଲେ, ଅନନ୍ତ ବାସୁଦେବଙ୍କ ମନ୍ଦିରରୁ ମହାପ୍ରସାଦ ମଗାଇ ଭୋଜିକଲେ । ସେମାନେ ନିଜ ନିଜ ଭିତରେ ଆୟୋଜନ କରି କନ୍ୟାପାଇଁ ଏତେ ପ୍ରକାର ଜିନିଷପତ୍ର ଆଣିଲେ ଯେ, ନକୁଳବାବୁଙ୍କ ସରକାରୀ ଘର ଖଣ୍ଡ ସେଥିରେ ପୂରିଗଲା । ବର ଆସିଲା, ବେଦୀରେ ବସି ବିବାହ ହେଲା । ନକୁଳବାବୁ ନିଜେ ବସି କନ୍ୟାଦାନ କଲେ, ଯୌତୁକହୀନ ବିବାହ । ଜଣେ ଦୁଇଜଣ ମନ୍ତ୍ରୀ ଓ ନକୁଳବାବୁଙ୍କ ବିଭାଗର ସେକ୍ରେଟେରୀ ଏ ଉତ୍ସବରେ ଯୋଗଦାନ କରି ଉପସ୍ଥିତ ସମସ୍ତଙ୍କୁ କୃତାର୍ଥ କରିଥିଲେ ।

ବରକନ୍ୟା ବିଦାୟ ହେଲେ । ନକୁଳବାବୁ ଘରେ ଏକା । ବିବାହ ବେଳକୁ ଆସିବା ପାଇଁ ନକୁଳବାବୁ ବିନୋଦିନୀ ଦେବୀଙ୍କୁ ଚିଠି ଦେଇ-ଥିଲେ; ଉତ୍ତର ମିଳିଲା ଯେ ସେ ଆଉ ନକୁଳବାବୁଙ୍କ ଘରକୁ ଆସିବେ ନାହିଁ, ନକୁଳବାବୁ ସନ୍ଧ ମାସକୁ ସେ ଓ ତାଙ୍କର ଗୁରୋଟି ପିଲାଙ୍କ ପାଇଁ ଖୋରାକ ପୋଷାକ ବାବଦକୁ ଦୁଇଶହ ଟଙ୍କା ଲେଖାଏଁ ପଠାଇ ନ ଦିଅନ୍ତି, ତେବେ ସେ, ଶ୍ରୀମତୀ ବିନୋଦିନୀ ଦେବୀ ଓରଫ ବିନୋଦିନୀ ନାୟକ ଉଚିତ ଅଦାଲତରେ ମକଦ୍ଦମା କରି ତାହା ହାସଲ କରିବେ ।

ନକୁଳବାବୁ ଘରେ ଏକା । ସବୁଦିନ ପରି ସେ ଭାତ, ଡାଲି, ଆଳୁଭଜା ରନ୍ଧନ୍ତି, ଖାଆନ୍ତି, ଘରେ ତାଲା ପକାଇ ଠିକ୍ ଦଶଟାବେଳେ ଅଫିସକୁ ଯାଆନ୍ତି । ସେଇ ଭଙ୍ଗା କଲମ, ସେଇ ହାତରେ କାଳି, ସେଇ ଫାଇଲ କାମ; ସାଢ଼େ ପାଞ୍ଚଟାବେଳେ ଘରକୁ ଫେରନ୍ତି । ତାଙ୍କ ଚାରିଆଡ଼େ ସବୁ ଅଦଳ ବଦଳ ହୋଇଯାଇଛି । ତାଙ୍କର କିଛି ବଦଳି ନାହିଁ । ସେଇ ଷ୍ଟାଣ୍ଡ, ସେଇ ଦରମଇଲା, ହାଓ୍ୟମ, ସେଇ ଭଙ୍ଗାଛତା, ଆଉ ସେଇ ହାତମୁଣ୍ଡାରେ ଫାଇଲ୍ ।

ସେ ଦିନ ବ୍ବରିଷ୍ଟାବେଳେ ନକୁଳବାବୁ ବସାକୁ ଫେରୁଥିଲେ ।

ତାଙ୍କ ଦେହ ଅସୁଖ ଲାଗୁଛି ବୋଲି ବଡ଼ବାବୁଙ୍କୁ ଜଣାଇ ଆସି ଥିଲେ ।

ମାର୍କେଟ ଆଗରେ ରାଜପଥ, ତା କଡ଼ରେ କୃଷ୍ଣଚୂଡ଼ା ଗଛ । ଆସୁ ଆସୁ ନକୁଳବାବୁ ଗୋଟାଏ ଗଛମୂଳେ ବସିପଡ଼ିଲେ । ବସୁ ବସୁ ଶୋଇଲେ—ଚିରକାଳ ପାଇଁ ।

ଗୋଟାଏ ବଗ୍ଷ୍ଟକାପ୍ସ ସରକାରୀ ବସ୍ ଘର୍ଘରନାଦ କରି ରାସ୍ତାରେ ଚାଲିଗଲା ।

—

# ଢେଙ୍ଗୁରା ବାଜି

'ଖାଲି ଦୁଃଖ, ଦୁଃଖ, ଦୁଃଖ ! ଖାଲି ଭୋକିଲା ପେଟ, ଛିଣ୍ଡା ଲୁଗା ! ଏମିତି ଲୁହବୁହା କଥା ଶୁଣି ଶୁଣି ହାଲିଆ ଲାଗିଲାଣି ।'

'ତେବେ ?'

'ତେବେ— ? ଦୁନିଆରେ କଅଣ ଆମୋଦ ଆହ୍ଲାଦ ନାହିଁ ? ହସ ଖେଳ ନାହିଁ ମଉଜ ମଜଲିସ୍ ନାହିଁ ?'

'ଅଛି ।'

'ତେବେ ସେଇ ଗପ କହୁ ନା ! ଖାଲି ଦୁଃଖୀରଙ୍କୀଙ୍କ କଥା ?'

'କହିବି —କିନ୍ତୁ ତୁମେ ବୁଝିପାରିବ ନାହିଁ ।'

'ଅର୍ଥାତ୍ ?'

ଅର୍ଥାତ୍ ଯେଉଁମାନଙ୍କର ଆମୋଦ—ଆହ୍ଲାଦ, ହସ—ଖେଳ, ମଉଜ—ମଜଲିସ୍ ଭିତରେ ତୁମେ ବଢ଼ିଆସିଛ, ତାଙ୍କୁ ତୁମେ ବୁଝିପାରିବ; କିନ୍ତୁ ସେ ଆମୋଦ ଯେ କେତେ ଅସହାୟ ଲୁଣ୍ଠିତ ରକ୍ତରେ ତିଆରି, ସେ ହସ ପଛରେ ଯେ କେତେ ଶହ ଦୁଃଖୀର ତତଲା ଲୁହ ଜମି ରହିଛି, ସେ ମଜଲିସ୍ ଯେ କେତେ ଜୀଅନ୍ତା ମଣିଷର ଚର୍ବି ଜାଳି ଆଲୋକିତ ହୁଏ, ତାହା ତୁମେ ବୁଝିପାର ନା । ସେଥିପାଇଁ ତୁମେ ସୁଖୀ । ଆଉ ମୁଁ— ମୋ ଆଖିରେ ପଡ଼େ ବଡ଼ଲୋକର ଆମୋଦ ପ୍ରମୋଦ ପଛରେ ମନୁଷ୍ୟତାର ମହାଶ୍ମଶାନର ଦୃଶ୍ୟ । ତାରି ଭିତରେ ନାଚୁଥାଏ ବୁଭୁକ୍ଷିତର ପ୍ରେତ ସନ୍ତତ ଆର୍ତ୍ତିର ହାହାକାର । କଥା ଫୁଟେ ନା, ସରସୀ ମୁହଁରୁ କଥା ଫୁଟେ ନା ।'

'ଆଉ ଏ ତୁମର ଗରିବମାନେ—ତାଙ୍କର କଅଣ ହସ, ଖୁସି ନାହିଁ ? ସେ କଥା କହୁ ନା ?'

'କହିବି; କିନ୍ତୁ ତୁମେ ବୁଝିପାରିବ ନାହିଁ ; ତାଙ୍କ ହସକୁ ତୁମେ ଘୃଣାଚକ୍ଷୁରେ ଦେଖ । ତାଙ୍କ ମଉଜ ତ ତମର ତାଚ୍ଛଲ୍ୟର ବିଷୟ । ନୁଖୁରା

ମୁଣ୍ଡ, ଦେହରେ ମଳି ବସି ଫାଟିଯାଇଛି, ଦେହରେ ଛିଣ୍ଡା ଲୁଗା, ହାତରେ ପଟେ ଲେଖାଏଁ ପାଣି କାତ—ବୟସ ଚାରି ଧରି ସତର ବର୍ଷ। ଆଉ ଜଣେ ମଣିଷ—ପୁରୁଷ, ତେଇଶି ବର୍ଷପୂର୍ବେ ତା'ର ଜନ୍ମ। ଖାଦ୍ୟ ଅଭାବରେ ଛାତିର ହାଡ଼, ହାତରେ ଶିରା ଦେଖାଦେଉଛି। ଖଣ୍ଡେ ଛିଣ୍ଡା କନାଦ୍ୱାରା ନଗ୍ନତା ଆବରଣ କରିଛି। ଏ ଦୁହିଁଙ୍କୁ ତୁମେ ସୁନ୍ଦରୀ ଯୁବକ କହିବ? ନା। ଆଚ୍ଛା, ଆଉ ଗୋଟିଏ କଥା ମନେକରି ନିଅ ଚୈତ୍ର ମାସର ଦ୍ୱିପହରର ଖରା ଟଡ଼କ ମାରୁଛି। ଦୁହେଁ ଗୋଡ଼ଆଉଁଳୁ ଗୁହିଁ ଆସି ବାଟ ପାଖରେ ଗୋଟାଏ ବରଗଛ ମୂଳେ ଆଶ୍ରୟ ନେଲେ। ଦୁହିଁଙ୍କ ପେଟରେ କାଲି ଦ୍ୱିପହରୁ ଦାନା ମୁଠାଏ ପଡ଼ିନାହିଁ। ବସନ୍ତର ସ୍ପର୍ଶ ଲାଗି ବରଗଛ ପତ୍ର ଝଡ଼ିଯାଇଛି। ଫୁଟି ଆସୁଛି କଅଁଳପତ୍ର। ତେଣୁ ଏମାନେ ବସିଛନ୍ତି ସେ ଗଛ ଛାଇରେ ନୁହେଁ—ଖରାରେ। ପୁରୁଷଟି କହିଲା—ସୁଲି, କୁଆଡ଼େ ଯାଇଥିଲୁ?

ସ୍ତ୍ରୀଟି ହାତ ଠାରି କହିଲା—ସେ ଗାଆଁ ଆଡ଼େ।

ପୁରୁଷଟି କହିଲା—କିଛି ମିଳିଲା?

ସ୍ତ୍ରୀଟି କହିଲା—ଦ୍ୱି ପୋଷ ଖଣ୍ଡେ।

ପୁରୁଷ କହିଲା—ଗଉନାୟକଙ୍କ ସ୍ତ୍ରୀଙ୍କୁ ଦେଖିଛୁ?

ସ୍ତ୍ରୀ—ହଁ।

ପୁରୁଷ—କେମିତି?

ସ୍ତ୍ରୀ—ସିମିତି ନୁହେଁ ତ, ଖାଅନ୍ତା ଧାନଉଳଆ! ସତେ ଯେମିତି ହାତୀ! ତୁ ଦେଖିଛୁ ପରା—କମିତି ସେ କହିଲୁ?

ପୁରୁଷ—ଗଉନାୟକଙ୍କ ସ୍ତ୍ରୀର ଆକାର ସତେ ଯେମିତି ତିନି ଶହ ବର୍ଷ ତଳର ସେ ଗଛର ଗଣ୍ଡି।

ଦୁହେଁ ହସି ପକାଇଲେ ଦୁହିଁଙ୍କୁ ଚାହିଁ। ଉଦାହରଣଟା ଏଇଠି ଥାଉ। ଏଥିରେ କଅଣ ଖୁସି କଥା ନାହିଁ? ପୂରା ପେଟରେ ହସିବା ଖୁସି ହେବା ସହଜ; କିନ୍ତୁ ଭୋକିଲା ପେଟ ଯେଉଁ ହସକୁ ଦବାଇ ଦେଇପାରିଲା ନାହିଁ, କଷ୍ଟର ଅଭାବ ଯେଉଁଠି ଖୁସିକୁ ଚୂର୍ଣ୍ଣୀଭୂତ କରି ଦେଇପାରିଲା ନାହିଁ, ସାଧାରଣ ହସ ଖୁସିଠାରୁ ତାହା କେତେ ଶକ୍ତିଶାଳୀ, କେତେ

ଉଚିତ ରେ ଅବସ୍ଥିତ, ଏ କଥା ହୁଏତ ତୁମେ ବୁଝିପାରିବ ନାହିଁ ।

ସରସୀ କିଛି କହିଲା ନାହିଁ; ମନେ ମନେ ସ୍ତବ୍ଧ ହେଲା ।

ରବିବାରଆ ଦ୍ୱିପ୍ରହର । ବସି ବସି ଗଳ୍ପ ହେଉଥିଲା ସରସୀଙ୍କ ଘରେ । ସେ ମୋଠୁଁ ଗଳ୍ପ ଶୁଣିବାକୁ ଭଲପାଏ । ସେ ତାର ସମାଲୋଚନା କରେ; ସେଥିପାଇଁ ତା ମତ ଅନୁସାରେ ଗଳ୍ପ ଶୁଣିବା ପାଇଁ ତାର ଧାରା । ବଡ଼ଲୋକର ବୈଠକଖାନା ଭିତରେ ପ୍ରକୃତରେ ଦୁଃଖୀର ହା-ହାକାର ବଡ଼ ବେଖାପ ଜଣେ ଷ । ବୈଠକଖାନା ଦୁଆରୁବନ୍ଦ ଆଲୁପାଖରେ ଦୁଃଖୀର ସ୍ଥାନ, ଦୁଃଖର ଛବିର ମଧ୍ୟ । ସେଥିପାଇଁ ସରସୀ ପକ୍ଷରେ ମନ୍ଦିର ଜ୍ୟୋସ୍ନା ଉଚ୍ଛନ୍ନ ମଳୟ, ଗୋଲାପୀ ଅଞ୍ଚଳ ପଛେ ପଛେ ହାଲୁକା ପ୍ରେମର ଗୋଟାଏ ବିକୃତ ସମାବେଶ, ସତ୍ୟର ନଗ୍ନଡ଼ମ୍ବର ସରଳ ମୂର୍ତ୍ତିଠାରୁ ଆଦରଣୀୟ ଦୁନିଆର ଶତକଡ଼ା ଅନେଶ୍ୱର ଭାଗଟା ପ୍ରତି ଆଖି ବୁଜିଦେଇ ଅବଶିଷ୍ଟ ଗୋଟାକର ଅପ୍ରାକୃତିକ ଅସ୍ତିତ୍ୱକୁ ଉପଭୋଗ କରିବାକୁ ସର୍ବଦା ଅଭ୍ୟସ୍ତ । ତେଣୁ ସେମାନଙ୍କ ରୁଚିରେ ବୈକୃତ୍ୟ ଉପସ୍ଥିତ ହେବା ହିଁ ସ୍ୱାଭାବିକ ।

ମୃଣାଳିନୀ ଦେଖିଲା, ଆଜିର ରବିବାରଆ ଦ୍ୱିପ୍ରହରଟା ମାଟି ହେବାକୁ ବସିଛି । ପକ୍କା ଓଡ଼ିଶାଲର ପକ୍କା ଗୃହିଣୀ ସେ । କଥାର ଗତି ଫେରାଇ ଦେବା ପାଇଁ କହିଲା, 'ଆପଣଙ୍କ ନିଜର କଅଣ କିଛି ଅନୁଭୂତି ନାହିଁ ? ସେ କଥା କହୁ ନାହାନ୍ତି ?'

କହିଲି, 'ହୁଏତ ଅଛି । ଜୀବନର ଖାତାକୁ କୌଣସି ଦିନ ଲେଉଟାଇ ଦେଖିନାହିଁ—ଦେଖିବାର ଆବଶ୍ୟକତା ପଡ଼ିନାହିଁ । ମୋ ପକ୍ଷରେ ବର୍ତ୍ତମାନ ଗୋଟାଏ ନିଷ୍ଠୁର ସତ୍ୟ । ତାକୁ ସମ୍ଭାଳିବା କଷ୍ଟକର— କାରଣ ଅନାଗତ ସହିତ ତାର ସମ୍ପର୍କ ଅତି ଘନିଷ୍ଠ । ବିଗତ ବର୍ତ୍ତମାନ ଓ ବିଗତତର ଭବିଷ୍ୟତ ହିଁ ମୋର ଚିନ୍ତାଧାରାର କ୍ରୀଡ଼ା କ୍ଷେତ୍ର । ଅତୀତର ଇତିହାସ-ଦେଇ ଘାଣ୍ଟି ଦେଖିବାର ଅବସର ହୋଇନାହିଁ; କିନ୍ତୁ ଅତୀତର ଗୋଟାଏ ଘଟଣା ବେଳେ ବେଳେ ସ୍ମୃତି ଭିତରେ ଗଭୀର ରେଖାପାତ କରିଯାଏ । ସେଇ କଥାଟି ଆଜି କହୁଛି ।'

'ଉତ୍ତମା ସୁନ୍ଦରୀ ।'

ସରସୀ ଉତ୍ତେଜିତ ହୋଇ କହିଲା, 'ସମାଲୋଚନାର ଗୁରୁତ୍ୱ ନ ଜାଣିଲେ କି ଚଳେ ? ଏଥର ଠିକ୍ ବାଟକୁ ଆସିଲେ ।'

'ଆମ୍ବ ଖାଆ' ଭଗି ପଧାନର ସେ ଗୋଟିଏ ମାତ୍ର ଝିଅ । ଭଗିଆ ବୁଢ଼ାର ଦୁନିଆରେ ସେ ଗୋଟିକ ମାତ୍ର ଅବଶିଷ୍ଟ ରହିଥାଏ । ବୁଢ଼ାରି ଘର ଘୁ—ଘୁ ଡ଼ କରୁଥିଲା । ବୁଢ଼ୀ ଥିଲା, ଗୁଡ଼ାଏ ପୁଅ ଝିଅ ଥିଲେ, ଜମିବାଡ଼ି ଥିଲା, ହଳବଳଦ ଥିଲା । ବର୍ଷେ ଗାଆଁରେ ସଂହାରକ ହଇଜା ଲାଗିଲା । ବୁଢ଼ା ଘରୁ ବୁଢ଼ୀ ଆଉ ତାର ଗୁଡ଼ାଏ-ଗୁଡ଼ାଏ ଝିଅଣ୍ଟିଆ ପୁଅ ମଶାଣିକୁ ଗଲେ । କର୍ପୂର ଯେପରି କ୍ରମେ କ୍ରମେ ଉଡ଼ିଯାଏ, ଭଗି ପ୍ରଧାନର ସମ୍ପତ୍ତିବାଡ଼ି କ୍ରମେ କ୍ରମେ ସେହିପରି ଉଡ଼ିଗଲା । ଦୁନିଆରେ ରହିଲେ ବୁଢ଼ା, ତା ଝିଅ ଉମା ।

ସରସୀ ବ୍ୟଙ୍ଗ ସ୍ୱରରେ କହିଲା—'ଆଉ ସେମାନେ ଖାଇବାକୁ ପାଇଲେ ନାହିଁ । ଲୁହଙ୍ଗର କାହାଣୀ—Rotten stuff ।'

'ଉମା ସୁନ୍ଦରୀ । ତା ମାନେ ତୁମେମାନେ ଯାହା ତାକୁ ସୁନ୍ଦରୀ ବୋଲି ମନେ କର—କୁହ । ଗରିବ ଚଷାର ଝିଅ ଯହିଁ ସୁନ୍ଦରୀ ହୋଇପାରେ ବୋଲି ତୁମର ଧାରଣା ହୋଇପାରେ—କହି ପାର । ତା'ର ନୀଳଭ୍ରମରଙ୍କିମା ବେଣୀ ଆନ୍ଦୋଳିତ ହେବାର ସୁବିଧା ନ ଥିଲା, ହେୟାର୍ ଅଏଲ୍ ନ ଥିଲା, ଷାମ୍ପୁ ପାଉଡ଼ର ନ ଥିଲା, ହେୟାର୍ ଫିକସ୍ ନ ଥିଲା, ଆଉ ବେଣୀ ବାନ୍ଧିବା ପାଇଁ ପୁରୁଷେ ଉଚ୍ଚ ଆଇନା ବା ଡ୍ରେସିଂ ଟେବୁଲ ରହିବାପାଇଁ ଭଗି ପ୍ରଧାନ ଘରେ ସ୍ଥାନ ଆସିବ କୁଆଡ଼ୁ ? ପୋମେଟମ, ପାଉଡ଼ର, ସ୍ନୋ, ଲିପଷ୍ଟିକର ସ୍ୱପ୍ନ ସେ କୌଣସି ଦିନ ଦେଖି ପାରି ନ ଥିଲା, ଆଉ ରଙ୍ଗ ବେରଙ୍ଗର ଶାଢ଼ୀ, ବଡ଼ିସ୍, ବ୍ଲାଉଜ, ସାୟା, ସେମିଜ ସେ କୌଣସି ଦିନ ଦେଖି ନାହିଁ । ତରଳ ଅଳତା ଓ ସୁନେଲି ଚପଲ ତାର ଶ୍ରୀଚରଣରେ ଶୋଭା ବର୍ଦ୍ଧନ କରିବାର ସୁବିଧା ପାଇନାହିଁ କିମ୍ବା ଫ୍ରେଞ୍ଚ ପର୍ଫ୍ୟୁମ୍ କୌଣସି ଦିନ ମନୁଷ୍ୟଠାରେ କସ୍ତୁରୀମୃଗତ୍ୱ ପ୍ରତିପାଦନ କରିବାର ସୁବିଧା ପାଇ ନାହିଁ ତା'ଠାରେ ।'

ମୃଣାଳିନୀ କହିଲା—'ଆପଣ ବଡ଼ ନିଷ୍ଠୁର ଭାବରେ ସରସୀଙ୍କୁ ଆଘାତ କରୁଛନ୍ତି ।'

ମୁଁ କହି ଗଲି—'କ୍ଷମାଭିକ୍ଷା କରୁଛି; କିନ୍ତୁ ଉମା ଥିଲା ସୁନ୍ଦରୀ । ଗରିବ ଘରର ଝିଅ ସେ. ଛିଣ୍ଡା [illegible] ହିଁ ତାର ସମ୍ବଳ । ମୁଣ୍ଡରେ ମାସକରେ ଥରେ ତେଲ ପଡ଼େ କି ନା ସନ୍ଦେହ । ତାର ସୌନ୍ଦର୍ଯ୍ୟ ତରଳ ସୁନାପରି ପ୍ରାକୃତିକ ଆଉ ନିଷ୍କଳଙ୍କ ।'

'ଗାଁ ପାଖରେ ସାନ ନଈଟିଏ । ତା କୂଳରେ ତୋଠ । ସେଇ ତୋଠ । ସେଇ ତୋଠରେ ବସି ସମୟ କଟାଇ ଦେବା ମୋର ଅଭ୍ୟାସ ।

'ଉମା କାଖରେ ମାଠିଆଟିଏ ଧରି ଆସେ ପାଣି ନେବାକୁ, ଫେରିଯାଏ । ମୁଁ ଗାଁରେ ବଡ଼ଲୋକ ପିଲା କି ନା; ମୋତେ କୌଣସି ଦିନ ମୁହଁଟେକି ପଦେ କଥା କହିବା ସାହସ ସେ ସଂଗ୍ରହ କରିପାରି ନାହିଁ ।'

'ଦିନେ ସକାଳୁ ଉଠି ଦେଖେଁ, ଉମା ଆମ ଦ୍ୱାର ପାଖରେ ଛିଡ଼ା ହୋଇଛି ଅତି ସନ୍ତର୍ପଣରେ ।'

ପଚାରିଲି—'କୁଆଡ଼େ ଆସିଚୁ ଉମା ?'

ସେ ତଳକୁ ଅନାଇ କହିଲା—'ବାପାକୁ ପାଞ୍ଚ ଦିନ ହେଲାଣି ଜ୍ୱର । ସେ ବକାବକି କରୁଛନ୍ତି ।'

ବୁଝିଲି ଔଷଧ ପାଇଁ ଆସିଛି । ଭଗିଆ ବୁଢ଼ାଟା ପ୍ରତି ପିଲାଦିନୁ ମୋର ଗୋଟାଏ ସମ୍ମାନ ଥାଏ । ସେ ଖାଣ୍ଟି ସିଧା ମଣିଷ । ଭାବିଲି, ଡାକ୍ତର ତ ନୁହେଁ ଯେ ଔଷଧ ପାନେ ପକାଇ ଦେଇ ନିଶ୍ଚିନ୍ତ ରହିବି ।

କହିଲି—'ତୁ ଯା, ମୁଁ ଯାଇ ଦେଖିବି ।'

ଭଗିଆ ବୁଢ଼ା ବଞ୍ଚିଗଲା । ସେହି ଦିନୁ ଉମା ନିକଟରେ ବୋଧହୁଏ ମୁଁ ଗୋଟିଏ ବିଶିଷ୍ଟ ରୂପ ଧରି ଛିଡ଼ାହେଲି ।

ଉମା ଆଗ ପରି ଯାଏ ପାଣି ଆଣିବାକୁ । ମୋତେ ବି ଦେଖେ, ଆଗ ପରି କିଛି କହେ ନାହିଁ; କିନ୍ତୁ ମୋର ମନେହୁଏ ଫେରିଲାବେଳେ ତା ମୁଣ୍ଡଟି କେତେ ଝୁଙ୍କି ପଡ଼େ ଆଗରୁ ।

କୌଣସି ଦିନ ମୁହଁଖୋଲି ସେ ମୋତେ ପଦେ କଥା କହି ନାହିଁ । ବାଟରେ ଦେଖା ହେଲେ ସେ ଲାଜରେ ନଇଁପଡ଼ି ବାଡ଼ମୂଳରେ ଛିଡ଼ା ହୁଏ;

କିନ୍ତୁ କେବେ ବେଳେ ବେଳେ ତାଙ୍କର ମନେହୁଏ, ତାର ଶୂନ୍ୟପୂର୍ଣ୍ଣ ଦୃଷ୍ଟି ମୋ ପଛେ ପଛେ ଧାଇଁ ଆସେ ।

ସେ ବର୍ଷ ଗାଆଁରେ ଲାଗିଲା ଭୀଷଣ ବସନ୍ତ । ପୁଞ୍ଜା ପୁଞ୍ଜା ହୋଇ ମଣିଷ ଝଡ଼ିପଡ଼ିଲେ ।

ମେଲା ଘରେ ବସି ଖବରକାଗଜ ପଢୁଥିଲି, ଧନିଆ ଭଣ୍ଡାରୀ ଆସି ପିଣ୍ଡାତଳେ ଛିଡ଼ାହେଲା ।

ଡାକିଲି—'ଉପରକୁ ଆ ।'

ସେ କହିଲା—'ନାହିଁ ବାବୁ । ଭଗି ପ୍ରଧାନ ଝିଅକୁ ମାଆ ଦୟା ହୋଇଛନ୍ତି ।'

'କେତେ ଦିନ ହେଲା ରେ ।'

'ଆଜକୁ ସାତଦିନ ହେଲା । ଘର ମା ହୋଇଛନ୍ତି । ପିଲାଟା ପାଟିରୁ ରକ୍ତ ବାହାରୁଛି । କାଲିଠୁଁ ମାଆ ଆପଣଙ୍କୁ ଦେଖିବେ ବୋଲି ବ୍ୟସ୍ତ ହେଉଛନ୍ତି ।'

'ଔଷଧ ପାଇଁ ହୋଇଥିବ । କି ଔଷଧ ଅଛି ଏ ରୋଗକୁ ? ହୁଏତ ବା ପ୍ରକୋପ ।'

କହିଲି—'ଚାଲ ।'

ଘରେ ଯାଇ ଦେଖେଁ, ଅତି ସାଂଘାତିକ ରକମର ବସନ୍ତ ତାକୁ । ବଞ୍ଚିବା ଅସମ୍ଭବ ।

ପ୍ରଳାପ କରୁଛି ଉମା । ତା ମୁଣ୍ଡ ଉପରେ ଠାକୁରାଣୀ ସ୍ଥାପନା ହୋଇଛି ।

କିଛି ଦୂରରେ ବସିଲି, ଘର ଭିତରେ ।

ସାନ ଘରଟାର ବାୟୁମଣ୍ଡଳ ଭିତରେ ଥାଏ ଗୋଟାଏ ଉତ୍କଟ ଭୀଷଣତା । ମନୁଷ୍ୟର ଏ ଯନ୍ତ୍ରଣା ଦେଖି ତୁନି ହୋଇ ବସି ରହିବା ଭଳି କ୍ଷମତା ମନୁଷ୍ୟ ପକ୍ଷରେ ଅଭିଶାପ ବୋଲି ମନେ ହୁଏ ।

ଅନେକ ସମୟ ପରେ ଉମା ଆଖି ପିଟାଇ ଚାହିଁଲା ମୋ ଆଡ଼କୁ

ତା ଦୃଷ୍ଟିରେ କି ବିହ୍ୱଳତା ! ଏତେ ବର୍ଷ ପରେ ମଧ୍ୟ ଆଜି ତାହା ଭୁଲି ପାରିନାହିଁ ।

ତା ପାଖକୁ ଗଲି । କହିଲି—'ଉମା, କଅଣ କହୁଚୁ ?'

ସେ ମୋ ଆଡ଼କୁ ବିହ୍ୱଳ ଦୃଷ୍ଟିରେ ଚାହିଁଲା । ଧୀରେ ଧୀରେ କହିଲା—"ଏ ଜୀବନରେ ହୋଇପାରିଲା ନାହିଁ ।"

ତାର ଦମ ବନ୍ଦ ହୋଇ ଆସୁଥାଏ । ଆସ୍ତେ ଆସ୍ତେ କହିଲା—ଗୋଡ଼...... ।'

ଧନ ଚାକର ପାଟି କରି ଉଠିଲା—'ହାଁ ହାଁ, ବାବୁଙ୍କୁ ଛୁଅଁ ନାହିଁ ।'

ମୋର କୋଳରେ ମୁଣ୍ଡ ରଖି ସେ ନିଶ୍ଚିନ୍ତ ହୋଇଗଲା ।

× × × × × × × × × ×

ଚାହିଁ ଦେଖେ, ସରସୀ ଲୁଗାକାନିରେ ଆଖି ପୋଛୁଛି ।

❋